# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୨/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, January 12/2021 | ★★★★★★

୪୭ଶ ଭାଗ ୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ବିପର୍ଯ୍ୟୟ ଘଟାଇଲେ ସାକାରି**

ଆବୁଧାବି ଓପନ୍ ଟେନିସ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆନ ଓପନ୍ ଚାମ୍ପିୟନ ସୋଫିଆ କେନିନ୍‌ଙ୍କୁ ହରାଇ ମାରିଆ ସାକାରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

୧୬

୧୪

**କନ୍ୟା ସନ୍ତାନର ମା’ ହେଲେ ଅନୁଷ୍କା**

ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ସୋମବାର ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ବିରାଟ କୋହଲି ଟୁଇଟ୍ କରି ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି।






# କୃଷି ଆଇନ ସ୍ଥଗିତ ରଖ

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

- ପୂର୍ବତନ ସିଜେଆଇ ଲୋଧା ହୋଇପାରନ୍ତି ବିଶେଷଜ୍ଞ କମିଟି ଅଧ୍ୟକ୍ଷ
- ଚାଷୀଙ୍କ ସହ ବୁଝାମଣା ପ୍ରକ୍ରିୟାରେ ଅସନ୍ତୋଷ ବ୍ୟକ୍ତ କଲେ

**ନୂଆଦିଲ୍ଲୀ, ୧୧।୧**

ନୂଆ କୃଷି ଆଇନ ବିରୋଧରେ ଚାଷୀ ଆନ୍ଦୋଳନ ଜାରି ରହିଥିବାବେଳେ ଏହାର ସମାଧାନ କରିବାରେ କେନ୍ଦ୍ର ସରକାର ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ ସୋମବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୩ ବିବାଦୀୟ ଆଇନକୁ ସ୍ଥଗିତ ରଖିବ ନା ଆମେ ସ୍ଥଗିତାଦେଶ ଜାରି କରିବୁ ବୋଲି ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି। ଆନ୍ଦୋଳନଜନିତ ଅଚଳାବସ୍ଥାର ସମାଧାନ ପାଇଁ ପୂର୍ବତନ ସିଜେଆଇ ଆର୍.ଏମ୍. ଲୋଧାଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ କମିଟି ଗଢ଼ିବା ଲାଗି ଅଦାଲତ ପ୍ରସ୍ତାବ ଦେଇଛନ୍ତି।

ଦେଢ଼ ମାସରୁ ଉର୍ଦ୍ଧ୍ୱ ସମୟ ଧରି ହଜାର ହଜାର ଚାଷୀ ଦିଲ୍ଲୀ ସୀମାର ବିଭିନ୍ନ ସ୍ଥାନରେ ହାଡ଼ଥରା ଶୀତ ଓ ବର୍ଷାରେ ପଡ଼ିରହିଥିବାରୁ ସର୍ବୋଚ୍ଚ ଅଦାଲତ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାର ଯେଉଁଭଳି ଢଙ୍ଗରେ ବୁଝାମଣା ପ୍ରକ୍ରିୟା ଚଳାଇଛନ୍ତି, ତାହା ଅତ୍ୟନ୍ତ ଦୁଃଖଦାୟକ। କୃଷି ଆଇନକୁ ଚ୍ୟାଲେଞ୍ଜ ଓ ଦିଲ୍ଲୀ ସୀମାରେ ଚାଷୀଙ୍କ ଆନ୍ଦୋଳନକୁ ବିରୋଧ କରି ଦାଏର ଏକାଧିକ ପିଟିଶନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଏହା କହିଛନ୍ତି। ରାଜ୍ୟଗୁଡ଼ିକ କେନ୍ଦ୍ର ଆଇନ ବିରୋଧରେ ବିଦ୍ରୋହ କରୁଛନ୍ତି। ଏସବୁ କ’ଣ ଚାଲିଛି ବୋଲି ଅଦାଲତ ପ୍ରଶ୍ନ କରିଥିଲେ।



ଯଦି କିଛି ଅଘଟଣ ଘଟେ, ସେଥିପାଇଁ ଆମ ସମସ୍ତଙ୍କୁ ଦାୟୀ ରହିବାକୁ ପଡ଼ିବ। ଆମ ହାତରେ କେହି ଆହତ ହୁଅନ୍ତୁ ବା ରକ୍ତପାତ ଘଟୁ, ଏହା ଆମେ ଚାହୁଁନା ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ କେନ୍ଦ୍ରକୁ କହିଥିଲେ। ଆନ୍ଦୋଳନର ସମାଧାନ ପାଇଁ ସରକାର ଅଧିକ ସମୟ ମାଗିବାରୁ ସିଜେଆଇ କହିଥିଲେ, ଯଥେଷ୍ଟ ସମୟ ଦିଆଗଲାଣି। ପ୍ରସଙ୍ଗକୁ ପ୍ରଭାବଶାଳୀ ଢଙ୍ଗରେ ପରିଚାଳନା କରୁଥିବା ଆମେ ଅନୁଭବ କରୁନାହୁଁ। ପ୍ରକୃତରେ ସରକାର ସମସ୍ୟାର ଅଂଶବିଶେଷ ନା ସମାଧାନର, ତାହା ଆମେ ଜାଣିପାରୁନାହୁଁ। ଏଭଳି ସ୍ଥିତି ଲାଗି ରହିଲେ ଦିନେ ନା ଦିନେ ନିଶ୍ଚୟ ଶାନ୍ତି ଭଙ୍ଗ ହେବ। ରକ୍ତପାତ ପାଇଁ କିଏ ଦାୟୀ ରହିବ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ।

ସର୍ବୋଚ୍ଚ ଅଦାଲତ ☞ପୃଷ୍ଠା–୪

### ସୁପ୍ରିମକୋର୍ଟ ରାୟ ମାନିନେବୁ: ତୋମାର

କୃଷି ଆଇନ ସମ୍ପର୍କିତ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏହା ଉପରେ ମନ୍ତବ୍ୟ ଦିଆଯାଇ ପାରିବ ନାହିଁ। ଏହି ପ୍ରସଙ୍ଗରେ ମଙ୍ଗଳବାର ଶୀର୍ଷ ଅଦାଲତ ଯାହା ନିଷ୍ପତ୍ତି ନେବେ କେନ୍ଦ୍ର ସରକାର ତାକୁ ସହୃଦୟରେ ମାନିନେବେ ବୋଲି କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଚାଷୀଙ୍କ ପ୍ରତି ସମ୍ବେଦନଶୀଳ ନୁହନ୍ତି। କେନ୍ଦ୍ରର ମୁକାବିଲା ମନୋଭାବ ଚାଷୀଙ୍କ ପ୍ରତି ଅପମାନ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ସମାଲୋଚନା କରିଛନ୍ତି।

### ବୈଧତାର ଶୁଣାଣି କରାଯାଉ: କଂଗ୍ରେସ

କୃଷି ଆଇନ ଦେଶର ୬୫ ପ୍ରତିଶତ ଜନସଂଖ୍ୟା ଉପରେ ପ୍ରଭାବ ପକାଇଥିବାରୁ ସୁପ୍ରିମକୋର୍ଟ ଏହାର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ସହ ସାମ୍ବିଧାନିକ ବୈଧତାର ଶୁଣାଣି କରନ୍ତୁ ବୋଲି କଂଗ୍ରେସ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମନିଷ ତିୱାରୀ କହିଛନ୍ତି। ଯଦି ସରକାର ଆଇନକୁ ସ୍ଥଗିତ ନ ରଖନ୍ତି, ତେବେ ଆମେ ଏହାର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଦେବୁ ବୋଲି ସୁପ୍ରିମକୋର୍ଟ ଶୁଣାଣି ବେଳେ କହିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ଶୁଣାଣି ଓ ମତାମତ ଭାଜପା ସରକାରଙ୍କୁ ସମ୍ପୂର୍ଣ୍ଣ ପଦାରେ ପକାଇଛି ବୋଲି କଂଗ୍ରେସ ମୁଖପାତ୍ର ଜୟବୀର ଶେରଗିଲ୍ ଟୁଇଟ୍ କରିଛନ୍ତି।

### ଆଇନ ସ୍ଥଗିତ ରହିଲେ ବି ଜାରି ରହିବ ଆନ୍ଦୋଳନ: ବିକେୟୁ

ନୂଆ କୃଷି ଆଇନ କାର୍ଯ୍ୟକାରିତାକୁ ସ୍ଥଗିତ ରଖିଦେବା ସମାଧାନ ନୁହେଁ। ସରକାର କିମ୍ବା ସୁପ୍ରିମକୋର୍ଟ ଆଇନକୁ ସ୍ଥଗିତ ରଖିଲେ ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ନେତାମାନେ କହିଛନ୍ତି। ସୁପ୍ରିମକୋର୍ଟଙ୍କ ମତାମତକୁ ସ୍ୱାଗତ କରୁଛୁ, କିନ୍ତୁ ଆନ୍ଦୋଳନ ବନ୍ଦ କରିବା ଏକ ବିକଳ୍ପ ନୁହେଁ। ସ୍ଥଗିତ ସୀମିତ ସମୟ ପାଇଁ ବୋଲି ହରିୟାଣା ଭାରତୀୟ କିଷାନ ୟୁନିୟନ(ବିକେୟୁ) ସଭାପତି ଗୁର୍‌ନାମ ସିଂ ଚଡୁନି କହିଛନ୍ତି।

## ଏଥର କାଗଜବିହୀନ ବଜେଟ

### କରୋନା ପ୍ରଭାବ

**ନୂଆଦିଲ୍ଲୀ,୧୧।୧:** ଆର୍ଥିକ ବର୍ଷ ୨୦୨୧-୨୨ ଲାଗି ଫେବୃୟାରୀ ପହିଲାରେ ଆସିବାକୁଥିବା ସାଧାରଣ ବଜେଟ କାଗଜବିହୀନ ହେବ। କରୋନା ମହାମାରୀ ପ୍ରଭାବକୁ ଧ୍ୟାନରେ ରଖି ବଜେଟ ଦସ୍ତାବିଜ ଲାଗି ଏଥର କୌଣସି କାଗଜ ବ୍ୟବହାର କରାଯିବ ନାହିଁ। ଭାରତ ଇତିହାସରେ ପ୍ରଥମ ଥର ଲାଗି ବଜେଟ ପ୍ରିଣ୍ଟ ନ ହୋଇ ପେପରଲେସ୍ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ପାର୍ଲାମେଣ୍ଟର ଉଭୟ ସଦନ ଲାଗି ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ କେନ୍ଦ୍ର ସରକାର ଅନୁମତି ଲାଭ କରିଛନ୍ତି। କୋଭିଡ୍-୧୯ର ଦ୍ୱିତୀୟ ଲହର ଆସିଥିବାରୁ ଏହାକୁ ନେଇ ବର୍ତ୍ତମାନ ଆଶଙ୍କା ପ୍ରକାଶ ପାଇଛି। ବଜେଟ ଛାପିବା ଲାଗି ପ୍ରାୟ ୧୦୦ ଲୋକ ପ୍ରିଣ୍ଟିଂ ପ୍ରେସ୍‌ରେ ୧୫ ଦିନ ଯାଏ ରହିଥାନ୍ତି। ☞ପୃଷ୍ଠା–୪

## ୨ ଦିନରେ ଆସିବ କୋଭିଡ୍ ଟିକା

### ୧୬ରୁ କୋଭିଡ୍ ଯୋଦ୍ଧାଙ୍କୁ ଦିଆଯିବ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ସାରା ଦେଶରେ ୧୬ତାରିଖରୁ ଟିକାକରଣ ହେବାକୁ ଥିବାବେଳେ ଓଡ଼ିଶାରେ ମଧ୍ୟ ସେହିଦିନଠାରୁ ଟିକାକରଣ ହେବ ବୋଲି ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏପରି କି ଏହି ଟିକା ଦୁଇ ତିନି ଦିନ ମଧ୍ୟରେ ରାଜ୍ୟକୁ ଆସିବ। ଟିକାକରଣକୁ ପରିଚାଳନା କରିବା ପାଇଁ ରାଜ୍ୟସ୍ତରରେ ଷ୍ଟେଟ୍ ମନିଟରିଂ ଟିମ୍ ଗଠନ ହୋଇଛି। ସେମାନେ ଜିଲାସ୍ତରରେ ଯାଇ ମନିଟରିଂ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। କରୋନା ଟିକାକରଣ ପାଇଁ ୧୭,୧୮ ଓ ୧୯ରେ ହେବାକୁ ଥିବା ପଲ୍‌ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି ବୋଲି ପାଣିଗ୍ରାହୀ କହିଛନ୍ତି।

**ପଲ୍‌ସ ପୋଲିଓ ଟିକାକରଣ ସ୍ଥଗିତ**

ଟିକାକରଣ ପାଇଁ ରାଜ୍ୟର ୧୬୦ଟି କେନ୍ଦ୍ର ଚିହ୍ନଟ ହୋଇଛି। ସେଥିମଧ୍ୟରୁ ଭୁବନେଶ୍ୱର ଓ ସୁନ୍ଦରଗଡ଼ ଜିଲା ସଦର ମହକୁମା ହସ୍ପିଟାଲ ମଧ୍ୟରେ ତଥ୍ୟ ସରବରାହ ପାଇଁ ଭିଡିଓ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ନେବା ନା ନ ନେବା





**Bhubaneswar:** Trinity ŠKODA: 9937000695, 1800 1038 001; **Jamshedpur:** Imperial Vehicles: 1800 1237 499, 9835180205; **Kolkata:** Global Motocorp LLP: 9073962605, 1800 1230 737; **Rajasthan: Jaipur:** Saisha ŠKODA: Jawahar Circle: 7574999339; **Jodhpur:** Jai Cars: Pali Road: 7574066622; **Udaipur:** Jai Cars: RIICO Ind Area: 7574066688 **Branches: Ranchi:** Imperial Vehicles: 1800 1237 499, 9835180200; **Alwar:** Saisha Motors: Old Delhi Road: 7574999339; **Sikar:** Saisha Motors: Jaipur Jhunjhunu Bypass: 7574999339; **Kota:** Saisha Motors: G-2, Automobile Zone, IPIA: 7574999339

ŠKODA CORPORATE BENEFIT ₹15 000 | ŠKODA EXCHANGE BONUS ₹15 000 | 6 YEAR WARRANTY#

Specifications given differ from model to model. Accessories shown may not be part of standard equipment. Always insist on genuine ŠKODA Auto parts and accessories available at authorized sales and service centres. Information relating to colours, prices, construction, technical details and equipment was valid at the time of issuance and these are subject to changes without any prior notice. All disputes are subject to the Courts in Aurangabad Jurisdiction only. Terms and conditions apply. #**ŠKODA Warranty** - 4 years/1 00 000km; **ŠKODA Assist** - 4 years unlimited kms. **ŠKODA Maintenance Package** - 4 years/60 000km; Four periodic maintenance services at the interval of 15 000km or one year (whichever comes first from the date of delivery), available at an attractive price. Promotional/paid offer, Additional Warranty 5th & 6th year with Road Side Assistance. *Loan at the sole discretion of Financial Institution. All offers from dealer. *Complimentary on select VINs

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ଜାନୁୟାରୀ, ୨୦୨୧

## ପାକିସ୍ତାନକୁ ଗୁପ୍ତ ତଥ୍ୟ ଦେଇ ଗିରଫ

ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇକୁ ଭାରତୀୟ ସେନାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ ଅଭିଯୋଗରେ ରାଜସ୍ଥାନ ବାସିନ୍ଦା ସତ୍ୟନାରାୟଣ ବାଲିୱାଲଙ୍କୁ ଗିରଫ କରାଯାଇଛି। ୪୨ ବର୍ଷୀୟ ସତ୍ୟନାରାୟଣଙ୍କୁ ହନି ଟ୍ରାପ୍ କରାଯାଇ ଫସା ଯାଇଥିବା ପୋଲିସ କହିଛି। ତାଙ୍କୁ ଯୁବତୀଙ୍କ ନଗ୍ନ ଫଟୋ ଦେଖାଯାଇ ପ୍ରଲୋଭିତ କରାଯାଉଥିଲା। ସୀମା ଏବଂ ପୋଖରାନ ଫାୟାରିଂ ରେଞ୍ଜରେ ଯବାନଙ୍କ ଗତିବିଧି ସମ୍ପର୍କରେ ସେ ଆଇଏସ୍ଆଇକୁ ତଥ୍ୟ ଯୋଗାଉଥିଲେ।



## ସଂକ୍ଷେପରେ

### କରୋନା ଉତ୍ସ ସନ୍ଧାନ: ୧୪ରେ ଚାଇନା ଯିବ ଟିମ୍

ବେଜିଂ, ୧୧।୧(ପି.ଟି.): କରୋନା ଭୂତାଣୁର ଉତ୍ସ ସନ୍ଧାନ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ର ଏକ ବିଶେଷଜ୍ଞ ଟିମ୍ ୧୪ରେ ଚାଇନାରେ ପହଞ୍ଚିବ। କେଉଁଠୁ କରୋନା ଭୂତାଣୁ ଆସିଲା ତାହା ଜାଣିବା ଲାଗି ସାରା ବିଶ୍ୱରେ ଉତ୍କଣ୍ଠା ଲାଗି ରହିଥିବାବେଳେ ତଦନ୍ତରେ ଅନିଶ୍ଚିତତା ଓ ବିଳମ୍ବକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମାଲୋଚିତ ହୋଇଥିଲା। ଚାଇନା ସମର୍ଥିତ ବିଭିନ୍ନ ଦେଶର ବୈଜ୍ଞାନିକ ଭୂତାଣୁ ସଂକ୍ରମଣର ମୂଳ ଜାଣିବା ଲାଗି ବିଶ୍ୱସ୍ତରୀୟ ଅଧ୍ୟୟନ କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି। ତେବେ ବିଶେଷଜ୍ଞ ଟିମ୍ ଉହାନ ଇନ୍ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି (ଡବ୍ଲ୍ୟୁଆଇଭି)କୁ କେବେ ଯିବା ପାଇଁ ଅନୁମତି ପାଇବେ ସେ ନେଇ ସେ କିଛି କହିନାହାନ୍ତି।

### ଉର୍ଦ୍ଦୁ କବି ନାସିର ତୁରାବିଙ୍କ ପରଲୋକ



କରାଚୀ, ୧୧।୧:ଭାରତ ଜନ୍ମିତ ପାକିସ୍ତାନର ଖ୍ୟାତାନାମା ଉର୍ଦ୍ଦୁ କବି ନାସିର ତୁରାବିଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ହୃଦ୍‌ଘାତ ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା 'ଦ ଡନ୍' ଖବରକାଗଜରେ ପ୍ରକାଶ ପାଇଛି। ହାଇଦ୍ରାବାଦର ଡେକାନଠାରେ ସେ ଜନ୍ମ ଗ୍ରହଣ କରିଥିଲେ। ପିତା ଆଲାମା ରସିଦ ତୁରାବି ଜଣେ ଜଣାଶୁଣା ଧର୍ମୀୟ ପଣ୍ଡିତ ଥିଲେ। ୧୯୪୭ରେ ଦେଶ ବିଭାଜନ ପରେ ରସିଦ୍ ପାକିସ୍ତାନ ଯାଇ କରାଚିରେ ଅବସ୍ଥାନ କରିଥିଲେ। କରାଚି ବିଶ୍ୱ ବିଦ୍ୟାଳୟରୁ ନାସିର ସାମ୍ବାଦିକତାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। 'ୱ ହମ୍ ସଫର ଥା' ତାଙ୍କ ପ୍ରସିଦ୍ଧ କବିତା ମଧ୍ୟରୁ ଅନ୍ୟତମ।

### ସୋମନାଥ ଭାରତୀ ଗିରଫ



ଆମେଠି, ୧୧।୧(ପି.ଟି.): ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ଆମ୍ ଆଦ୍‌ମୀ ପାର୍ଟି ବିଧାୟକ ସୋମନାଥ ଭାରତୀଙ୍କୁ ସୋମବାର ଉତ୍ତରପ୍ରଦେଶର ରାଏବରେଲିରୁ ଗିରଫ କରାଯାଇଛି। ଗିରଫ ପୂର୍ବରୁ ତାଙ୍କ ଉପରକୁ ଜଣେ ଯୁବକ ସ୍ୟାହି ଫିଙ୍ଗିଥିଲେ। ଧମକ ଦେବା ଓ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା ଅଭିଯୋଗରେ ଏଏପି ନେତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରାଜ୍ୟର ହସ୍ପିଟାଲଗୁଡ଼ିକୁ ଲକ୍ଷ୍ୟ କରି ମନ୍ତବ୍ୟ ଦେଇଥିଲେ। ହସ୍ପିଟାଲରେ ଜନ୍ମ ହେଉଥିବା ପିଲା କୁକୁର ଛୁଆ ବୋଲି ସୋମନାଥ କହିଥିଲେ। ତାଙ୍କ ଉପରକୁ କାଳି ଫିଙ୍ଗାଯିବା ଘଟଣାର ତଦନ୍ତ ହେଉଛି।

# ଲୋଗୋ ବ୍ୟାଗ୍ ବିକି ଦେଢ଼ ଲକ୍ଷ ଜରିମାନା

ହାଇଦ୍ରାବାଦ୍, ୧୧।୧: ଲୋଗୋ ଥିବା ପ୍ଲାଷ୍ଟିକ ବ୍ୟାଗକୁ ୬ ଟଙ୍କାରେ ବିକ୍ରି କରି ଏକ ଷ୍ଟୋର ମାଲିକଙ୍କୁ ଦେଢ଼ ଲକ୍ଷ ଟଙ୍କା ଜରିମାନା ଭରିବାକୁ ପଡ଼ିଛି। ହାଇଦ୍ରାବାଦର ୱାଇ ସଞ୍ଜୟ ନାମକ ଜଣେ ବ୍ୟକ୍ତି ଏ ନେଇ ଅଭିଯୋଗ କରିବା ପରେ ସମ୍ପୃକ୍ତ ଦୋକାନ ଉପରେ ଖାଉଟି କମିଶନ ପକ୍ଷରୁ ଜରିମାନା ଲଗାଯାଇଛି। ୨୦୧୯ ମେ ୩୧ରେ ସଞ୍ଜୟ ସୁପରମାର୍କେଟରୁ କିଛି ଖାଦ୍ୟ ସାମଗ୍ରୀ କିଣିବା ପରେ ଦୋକାନୀ ତାଙ୍କୁ ଏକ ପ୍ଲାଷ୍ଟିକ୍ ବ୍ୟାଗ ଦେଇଥିଲେ, ଯେଉଁଥିରେ ବିଜ୍ଞାପନ ପାଇଁ ସେହି ଷ୍ଟୋରର ଲୋଗୋ ରହିଥିଲା। ଏଥିପାଇଁ ୬ ଟଙ୍କା ଦାବି କରିବାରୁ ସଞ୍ଜୟ ଏହାର ପ୍ରତିବାଦ କରିଥିଲେ। ପ୍ଲାଷ୍ଟିକ ଜରି ପରିବେଶ ପାଇଁ ହାନିକାରକ। ଏଥିସହ ଏଥିରେ ନିଜର ବିଜ୍ଞାପନ ଛାପି ଟଙ୍କା ଦାବି କରିଥିବାରୁ କମିଶନ ସମ୍ପୃକ୍ତ ଷ୍ଟୋରକୁ ଦେଢ଼ ଲକ୍ଷ ଜରିମାନା ଲାଗୁ କରିବା ସହ ଅଭିଯୋଗକାରୀଙ୍କୁ ୧୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଥିଲେ।



# ସାଉଦି ସହରରେ ଚାଲିବନି କାର୍

ରିୟାଦ, ୧୧।୧: ସାଉଦି ଆରବରେ ବିନା ରାସ୍ତାରେ ନୂଆ ସହର ନିର୍ମାଣ କରିବାକୁ ଯାଉଛନ୍ତି ପ୍ରିନ୍ସ ମହମ୍ମଦ ବିନ୍ ସଲମାନ। ଶୂନ କାର୍ବନ ଗ୍ୟାସ୍ ନିର୍ଗମନ ଲକ୍ଷ୍ୟରେ ଏହି ସହରରେ କୌଣସି କାର୍ ଚାଲିବନି ବୋଲି ପ୍ରୋଜେକ୍ଟର ଲକ୍ଷ୍ୟ ରହିଛି। ୨୬,୫୦୦ ବର୍ଗ କିମି ଏରିଆରେ ବସିବାକୁ ଥିବା ସହରର ଦୀର୍ଘତା ପ୍ରାୟ ୧୭୦ କିମି ରହିବ। ଲାଲ ସାଗର ତଟ କୂଳରେ ଚଳିତ ବର୍ଷ ପ୍ରଥମ ତ୍ରୈମାସିକରେ ସହରର ନିର୍ମାଣ କାମ ଆରମ୍ଭ ହେବ। ଏହି ସହରକୁ ତୈଳ ବ୍ୟବହାର ମୁକ୍ତ କରିବାକୁ ଲକ୍ଷ୍ୟ ରହିଛି। ଏଠାରେ ପ୍ରାୟ ୧୦ ଲକ୍ଷ ଲୋକ ବସବାସ କରିବେ। ସହରରେ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯିବା ସହ ଚାଷ ପାଇଁ ବ୍ୟବସ୍ଥା ରହିବ। ୩ ଲକ୍ଷ ୮୦ ହଜାର ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ। ସମ୍ପୂର୍ଣ୍ଣ ଭିତ୍ତିଭୂମି ପାଇଁ ପ୍ରାୟ ୨ ଶହ ବିଲିୟନ ଡଲାର ଖର୍ଚ୍ଚ ହେବ ।



# ପ୍ରଥମ ପର୍ଯ୍ୟାୟ ଟିକା ଖର୍ଚ୍ଚ କେନ୍ଦ୍ର ଦେବ

ନୂଆଦିଲ୍ଲୀ, ୧୧।୧(ପି.ଟି.)

ଆସନ୍ତା ୧୬ ତାରିଖରୁ ଦେଶରେ କୋଭିଡ୍ ଟିକାକରଣ ଆରମ୍ଭ ହେବାକୁ ଯାଉଥିବାବେଳେ ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୩ କୋଟି ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀମାନଙ୍କୁ ଟିକା ଦିଆଯିବ। ପ୍ରଥମ ପର୍ଯ୍ୟାୟ ଟିକାଦାନ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା ବେଳେ ଘୋଷଣା କରିଛନ୍ତି। ଭାରତରେ ବିଶ୍ୱର ସର୍ବବୃହତ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଥିଲାବେଳେ ଆଗାମୀ କିଛି ମାସ ମଧ୍ୟରେ ୩୦ କୋଟି ଲୋକଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯିବ। ବର୍ତ୍ତମାନ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଦେଶରେ ଟିକାକରଣ ଆରମ୍ଭ ହୋଇଥିଲେ ହେଁ ମାତ୍ର ୨.୫ କୋଟି ଏହି ଟିକା ନେଇଛନ୍ତି। ଅନ୍ୟ ଦେଶଗୁଡ଼ିକର ଟିକାଠାରୁ ଭାରତରେ ପ୍ରସ୍ତୁତ ଓ ବ୍ୟବହାରିକ ଅନୁମୋଦନ ପାଇଥିବା ଦୁଇଟି ଟିକା ଯଥେଷ୍ଟ ଶସ୍ତା। ଦେଶରେ କରୋନା ସ୍ଥିତି ଓ ଟିକାକରଣ ଆରମ୍ଭ ସମ୍ପର୍କରେ ଆଲୋଚନା ଲାଗି ପ୍ରଧାନମନ୍ତ୍ରୀ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ଡାକିଥିଲେ।

ଭାରତର ସିରମ୍ ଇନ୍ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ୍ ଟିକା ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ପାଇଥିବାବେଳେ ଅନ୍ୟ ୪ଟି ଟିକା ପରୀକ୍ଷା ପର୍ଯ୍ୟାୟରେ ରହିଛି। ଟିକାକରଣ ସହ କରୋନା ମହାମାରୀ ବିରୋଧରେ ଭାରତର ଲଢ଼େଇ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶବାସୀଙ୍କୁ ପ୍ରଭାବୀ ଟିକା ପ୍ରଦାନ ନେଇ ବୈଜ୍ଞାନିକମାନେ ସମସ୍ତ ସାବଧାନତା ଅବଲମ୍ବନ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆମ ପାଇଁ ଗର୍ବର ବିଷୟ ହେଲା, ଦୁଇଟିଯାକ କୋଭିଡ୍ ଟିକା ଭାରତରେ ପ୍ରସ୍ତୁତ ହୋଇଛି। ବିଦେଶୀ ଟିକା ଉପରେ ନିର୍ଭର କରିବାକୁ ହୋଇଥିଲେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାନ୍ତା। ପ୍ରଥମ ପର୍ଯ୍ୟାୟ ଟିକା କେବଳ ସ୍ୱାସ୍ଥ୍ୟ କର୍ମୀ ଓ ଆଗଧାଡ଼ିର କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଅନ୍ୟ କୌଣସି ବ୍ୟକ୍ତି ଏହାକୁ ପାଇବା ପାଇଁ ଆଗ୍ରହ ପ୍ରକାଶ କରିବା ଉଚିତ ନୁହେଁ, ଏପରିକି ଜନ ପ୍ରତିନିଧିମାନେ ମଧ୍ୟ ଏଥିରେ ସାମିଲ ନ ହେବାକୁ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ପ୍ରସ୍ତାବ ଦେଇଛନ୍ତି।

### କିଛି ମାସରେ ୩୦ କୋଟିଙ୍କୁ ଟିକା: ମୋଦି



## ଟିକା ପଠାଇଲା ସିରମ୍

### ୧୧ ନିୟୁତ ଭାକ୍ସିନ୍ ପାଇଁ ଅର୍ଡର

ସିରମ୍ ଇନ୍ଷ୍ଟିଚ୍ୟୁଟରୁ ୧୧ ନିୟୁତ କୋଭିଶିଲ୍ଡ ଟିକା କିଣିବା ଲାଗି କେନ୍ଦ୍ର ସରକାର ସୋମବାର ଅର୍ଡର କରିବା ପରେ ଉକ୍ତ ସଂସ୍ଥା ଟିକା ପଠାଇବା ଆରମ୍ଭ କରିଛି। ପୁଣେସ୍ଥିତ ଉକ୍ତ କମ୍ପାନୀ ସୋମବାର ସନ୍ଧ୍ୟାରେ କେତେକ ରେଫ୍ରିଜରେଟର ଟ୍ରକ୍‌ରେ ଟିକା ପଠାଇଛି। ଏହାକୁ କଡ଼ା ସୁରକ୍ଷା ମଧ୍ୟରେ ବିମାନବନ୍ଦରକୁ ନିଆଯାଇଥିଲା। ସେଠାରୁ ଦେଶର ବିଭିନ୍ନ ସ୍ଥାନକୁ ଟିକା ପଠାଯିବା ଲାଗି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରତି ଟିକା ଦାମ୍ ୨୦୦ ଟଙ୍କା ରହିଥିବାବେଳେ ଜିଏସ୍‌ଟି ସହ ଦାମ୍ ୨୧୦ ଟଙ୍କା ରଖାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏଚ୍ଏଲ୍ଏଲ୍ ଲାଇଫ୍‌କେୟାର ଲିମିଟେଡ୍ ନାମକ ରାଷ୍ଟ୍ରାୟତ୍ତ ସଂସ୍ଥା ଏହି ସପ୍ଲାଏ ଅର୍ଡର ଦିଆଯାଇଥିଲା।



ସିରମ ଇନ୍ଷ୍ଟିଚ୍ୟୁଟ ପରିସରରୁ ରେଫ୍ରିଜରେଟର ଟ୍ରକ୍‌ରେ କୋଭିଶିଲ୍ଡ ଟିକା ପଠାଯାଉଛି।

## 'ଟ୍ରମ୍ପଙ୍କୁ ବହିଷ୍କାର ନ କଲେ ମହାଭିଯୋଗ'



ନାନ୍ସି ପେଲୋସି

ନ୍ୟୁୟର୍କ, ୧୧।୧(ଆଇଏଏନ୍ଏସ୍)

ଆମେରିକା ଉପରାଷ୍ଟ୍ରପତି ମାଇକ୍ ପେନ୍ସ ଓ କ୍ୟାବିନେଟ ସାମ୍ବିଧାନିକ କ୍ଷମତାର ଉପଯୋଗ କରି ୨୪ ଘଣ୍ଟା ମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବହିଷ୍କାର କରନ୍ତୁ। ନଚେତ୍ ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ଅଣାଯିବ ବୋଲି ପ୍ରତିନିଧି ସଭା ସ୍ପିକର ନାନ୍ସି ପେଲୋସି ଉପରାଷ୍ଟ୍ରପତି ଓ କ୍ୟାବିନେଟକୁ ନୋଟିସ ଦେଇଛନ୍ତି। ସମ୍ବିଧାନର ୨୫ତମ ସଂଶୋଧନରେ ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବା କ୍ଷମତା ଉପରାଷ୍ଟ୍ରପତି ଓ କ୍ୟାବିନେଟକୁ ପ୍ରଦାନ କରାଯାଇଛି। ଏହି କ୍ଷମତାର ଉପଯୋଗ ଦାବିରେ ପ୍ରତିନିଧି ସଭାରେ ସଂକଳ୍ପ ଆଣିବା ଲାଗି ପେଲୋସି ତାଙ୍କ ଡେମୋକ୍ରାଟିକ୍ ପାର୍ଟି ସହକର୍ମୀମାନଙ୍କୁ ରବିବାର ପତ୍ର ଲେଖିଥିଲେ। ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଲାଗି ଆମକୁ ତୁରନ୍ତ ପଦକ୍ଷେପ ନେବାକୁ ହେବ। କାରଣ ବର୍ତ୍ତମାନର ରାଷ୍ଟ୍ରପତି ଉଭୟ ପାଇଁ ବିପଦ। ରାଷ୍ଟ୍ରପତି ଭାବେ ସେ କର୍ତ୍ତବ୍ୟ ପାଳନ ଲାଗି ଅସମର୍ଥ ଘୋଷଣା କରି ତାଙ୍କୁ ବହିଷ୍କାର କରିବା ଲାଗି ଉପରାଷ୍ଟ୍ରପତି ଓ କ୍ୟାବିନେଟ ଉଦ୍ଦେଶ୍ୟରେ ସଂକଳ୍ପ ଅଣାଯିବ ବୋଲି ପେଲୋସି କହିଥିଲେ। ପ୍ରସ୍ତାବ ଉପରେ ମଙ୍ଗଳବାର କିମ୍ବା ବୁଧବାର ଭୋଟ ନିଆଯିବ।



ଇଣ୍ଡୋନେସିଆର ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷ ଖୋଜିବାରେ ନିୟୋଜିତ ନୌସେନା ଜାହାଜ।

## ହ୍ୱାଟ୍ସଆପ୍ ଛାଡ଼ୁଛନ୍ତି ୟୁଜର୍ସ

ମୁମ୍ବାଇ, ୧୧।୧

- ତଥ୍ୟ ଗୋପନୀୟତାକୁ ନେଇ ଚିନ୍ତା
- ପସନ୍ଦ ତାଲିକାରେ 'ସିଗ୍‌ନାଲ'

ନୂଆ ପ୍ରିଭେସି ପଲିସି ୟୁଜର୍ସଙ୍କ ପାଇଁ ବାଧ୍ୟତାମୂଳକ କରାଯିବା ପରେ ଏବେ ବିକଳ୍ପ ବାଛିବାରେ ବ୍ୟସ୍ତ ହ୍ୱାଟ୍ସଆପ୍ ବ୍ୟବହାରକାରୀ। ଅପଡେଟ୍ ପରେ ମୂଳ କମ୍ପାନୀ ଫେସ୍‌ବୁକ୍ ସହ ହ୍ୱାଟ୍ସଆପ୍ ୟୁଜର୍ସ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଶେୟାର ହେବା ସର୍ତ୍ତକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସେଥିପାଇଁ ଏହି ପ୍ଲାଟଫର୍ମରୁ ଲୋକେ ମୁହଁ ଫେରାଉଛନ୍ତି। ଏହି ମେସେଜିଂ ଓ ଅଡିଓ/ଭିଡିଓ କଲିଂ ପ୍ଲାଟଫର୍ମ ବଦଳରେ ବହୁଳ ସଂଖ୍ୟାରେ ଲୋକେ 'ସିଗ୍‌ନାଲ' ଆପ୍ଲିକେଶନକୁ ବାଛୁଥିବା ଦେଖାଯାଇଛି। କିଛିଦିନ ମଧ୍ୟରେ ଆପ୍ ଷ୍ଟୋରରୁ 'ସିଗ୍‌ନାଲ'କୁ ବ୍ୟାପକ ମାତ୍ରାରେ ଡାଉନଲୋଡ୍ କରାଯାଇଥିବାରୁ ଏହାକୁ ହ୍ୱାଟ୍ସଆପ୍‌ର ପ୍ରତିଦ୍ୱନ୍ଦ୍ୱୀ ମଧ୍ୟ କୁହାଯାଉଛି। ଏଥିସହ ଟେଲିଗ୍ରାମ ମଧ୍ୟ ଆଉ ଏକ ବିକଳ୍ପ ହୋଇପାରେ। ହ୍ୱାଟ୍ସଆପ୍ ଅପଡେଟ୍‌ରେ ୟୁଜର୍ସ କେତେ ପରିମାଣରେ ଇଣ୍ଟରନେଟ ଡାଟା ବ୍ୟବହାର କରୁଛନ୍ତି, ସେମାନଙ୍କ ଲୋକେଶନ, କଣ୍ଟାକ୍ଟ ଲିଷ୍ଟ, ଷ୍ଟାଟ୍‌ସ ଅପଡେଟ୍, ଟଙ୍କା ନେଣଦେଣ ଡାଟା ଆଦିକୁ ଫେସ୍‌ବୁକ୍ ବ୍ୟବହାର କରିପାରିବ। ପ୍ରତ୍ୟେକ ହ୍ୱାଟ୍ସଆପ୍ ବ୍ୟବହାରକାରୀ ଫେବୃୟାରୀ ୮ ମଧ୍ୟରେ ସମସ୍ତ ସର୍ତ୍ତ ମାନିବାକୁ ବାଧ୍ୟ। ନଚେତ୍ ସେମାନଙ୍କୁ ଏହି ପ୍ଲାଟଫର୍ମ ଛାଡ଼ିବାକୁ ପଡିବ। ଅନ୍ୟପକ୍ଷରେ କେବଳ ୟୁରୋପିଆନ ୟୁନିୟନ ଲୋକଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଏଭଳି ପଲିସିକୁ ଅଧିକାଂଶ ସମାଲୋଚନା କରିଛନ୍ତି। ଏପରିକି ସ୍ପେସ୍‌ଏକ୍ସର ସିଇଓ ଏଲନ ମସ୍କ ମଧ୍ୟ ହ୍ୱାଟ୍ସଆପ୍ ଛାଡି ସିଗ୍‌ନାଲ, ଟୁଇଟର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି।

## କୃଷି ସଂସଦୀୟ କମିଟି ବୈଠକ ବେଳେ କକ୍ଷତ୍ୟାଗ

ନୂଆଦିଲ୍ଲୀ, ୧୧।୧(ପି.ଟି.)

ସୋମବାର କୃଷି ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ବୈଠକ ଚାଲିଥିବାବେଳେ କଂଗ୍ରେସ ଏମ୍‌ପି ପ୍ରତାପ ସିଂ ବାଜୱା, ଛାୟା ବର୍ମା ଓ ପୂର୍ବତନ ଅକାଳୀ ଦଳ ନେତା ସୁଖଦେବ ସିଂ ଧିଣ୍ଡସା ଅଧାରୁ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ସେମାନେ ୩ କୃଷି ଆଇନ ଓ ଏହା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଆଲୋଚନା ଚାହୁଁଥିବାବେଳେ କମିଟି ଅଧ୍ୟକ୍ଷ ଭାଜପା ଏମ୍‌ପି ପି.ସି. ଗଡ୍ଡିଗୌଦର ସେଥିପାଇଁ ଅନୁମତି ନ ଦେବାରୁ ପ୍ରତିବାଦ ସ୍ୱରୂପ ସେମାନେ ବୈଠକରୁ ଉଠିଯାଇଥିଲେ।

# ଦିଲ୍ଲୀ ସମେତ ୧୦ ରାଜ୍ୟରେ ବାର୍ଡ ଫ୍ଲୁ

ନୂଆଦିଲ୍ଲୀ, ୧୧।୧

କରୋନା ମହାମାରୀ ଦୂର ହୋଇ ନ ଥିବାବେଳେ ଏବେ ବାର୍ଡ ଫ୍ଲୁ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଇତିମଧ୍ୟରେ ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ୧୦ଟି ରାଜ୍ୟକୁ ବ୍ୟାପି ସାରିଲାଣି। ଉତ୍ତରପ୍ରଦେଶ, କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶ, ହିମାଚଳପ୍ରଦେଶ, ହରିୟାଣା ଓ ଗୁଜରାଟରେ ବାର୍ଡ ଫ୍ଲୁ ହୋଇଥିବା ସରକାର ସ୍ପଷ୍ଟ କରିଥିବାବେଳେ ଏବେ ଏହା ଦିଲ୍ଲୀ ସମେତ ମହାରାଷ୍ଟ୍ର ଓ ଉତ୍ତରାଖଣ୍ଡକୁ ବ୍ୟାପିଛି। ଫଳରେ ବହୁସଂଖ୍ୟାରେ ଦେଶୀ ଓ ବିଦେଶୀ ପକ୍ଷୀ ପ୍ରତିଦିନ ପ୍ରାଣ ହରାଉଛନ୍ତି। ଭୋପାଳ ଲାବରେଟୋରୀକୁ ଦିଲ୍ଲୀରୁ ପଠାଯାଇଥିବା ନମୁନାଗୁଡ଼ିକ ବାର୍ଡ ଫ୍ଲୁ ପଜିଟିଭ୍ ଜଣାପଡ଼ିଛି। ହରିୟାଣାରେ ସର୍ବାଧିକ ୪ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ମୃତ୍ୟୁ ହେଲାଣି। ଜମ୍ମୁ-କଶ୍ମୀର ଓ ଛତିଶଗଡ଼କୁ ମଧ୍ୟ ଆଲର୍ଟରେ ରଖାଯାଇଛି।



ଦିଲ୍ଲୀ ସରକାର ପକ୍ଷୀ ଆମଦାନୀକୁ ନିଷିଦ୍ଧ କରିଥିବାବେଳେ ଗାଜିପୁରରେ ଥିବା ସର୍ବବୃହତ୍ ପଲ୍‌ଟ୍ରି ହୋଲ୍‌ସେଲ୍ ବଜାରକୁ ସାମୟିକ ଭାବେ ବନ୍ଦ କରିଦିଆଯିବାରୁ ୨.୫ କୋଟି ଟଙ୍କା କ୍ଷତି ହୋଇଥିବା ଆକଳନ କରାଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ରାଜ୍ୟର ବାର୍ଡ ଫ୍ଲୁ ସ୍ଥିତିର ସମୀକ୍ଷା କରିଛନ୍ତି। ଦୁଇଦିନରେ ମହାରାଷ୍ଟ୍ରର ପର୍‌ଭାନିରେ ୮୦୦ କୁକୁଡ଼ା ମଲେଣି। ଫ୍ଲୁ ବ୍ୟାପିଥିବା ଅଞ୍ଚଳରେ କୁକୁଡ଼ାମରା ଅଭିଯାନ ଜାରି ରହିଛି। ସେହିପରି କେରଳରେ ୧୨ ହଜାର ବତକ ଫ୍ଲୁରେ ମରିବା ପରେ ସେଠାରେ ହଜାର ହଜାର ପକ୍ଷୀଙ୍କୁ ମାରିଦିଆଗଲାଣି। ହରିୟାଣାରେ ୧.୬ ଲକ୍ଷରୁ ଅଧିକ ପକ୍ଷୀଙ୍କୁ ମରାଯାଇଛି।

### ମଣିଷ ସଂକ୍ରମିତ ହେବାର ରିପୋର୍ଟ ନାହିଁ: ଗିରିରାଜ

ନୂଆଦିଲ୍ଲୀ, ୧୧।୧: ବାର୍ଡ ଫ୍ଲୁ ମଣିଷ ଶରୀରକୁ ସଂକ୍ରମିତ ହେବାର କୌଣସି ବିଜ୍ଞାନସମ୍ମତ ରିପୋର୍ଟ ନ ଥିବା ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି। ତେଣୁ ଚିକେନ୍ ବିକ୍ରି ଉପରେ କଟକଣା ନ ଲଗାଇବାକୁ ସେ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଗ୍ରାହକମାନେ ଭୟ କରିବାର କୌଣସି କାରଣ ନାହିଁ। ପ୍ରୋସେସ୍‌ଡ ଏବଂ ପ୍ୟାକିଂ ଚିକେନ ଆମଦାନୀ ଓ ବିକ୍ରି ଉପରେ ଦିଲ୍ଲୀ ସରକାର କଟକଣା ଲଗାଇବା ପରେ ଗିରିରାଜ ଏହା କହିଛନ୍ତି।

# ୪୦ ବର୍ଷ ପରେ ନ ଥିବ ଆମାଜନ

ବ୍ରାଜିଲିଆ, ୧୧।୧

ବିଶ୍ୱର ସବୁଠାରୁ ବଡ଼ ଟ୍ରପିକାଲ ଜଙ୍ଗଲ ଆମାଜନ ଏବେ ବିପଦରେ। ବଦଳୁଥିବା ପାଣିପାଗ, ବ୍ୟାପକ ଗଛ କଟା ଯୋଗୁ ଏହି ଜଙ୍ଗଲର ଅସ୍ତିତ୍ୱ ଉପରେ ସଙ୍କଟ ଘନେଇଛି। ଏପରିକି ଆଗାମୀ ୪୦ ବର୍ଷ ପରେ ଆମାଜନ୍ ନିଜର ସତ୍ତା ହରାଇପାରେ ବୋଲି ଆଶଙ୍କା କରିଛନ୍ତି ବୈଜ୍ଞାନିକ। ଏଭଳି ହେଲେ ପୁରା ମାନବ ଜାତି ସଙ୍କଟରେ ପଡ଼ିବ ବୋଲି ନିକଟରେ ଦି ପିର ଏନଭାଇରନମେଣ୍ଟାଲ ଜର୍ନାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବୈଜ୍ଞାନିକ ରବର୍ଟ ୱାକର ଚେତାବନୀ ଦେଇଛନ୍ତି।

ବ୍ରାଜିଲ, କଲମ୍ବିଆ, ପେରୁ ଏବଂ ଅନ୍ୟ ଦକ୍ଷିଣ ଆମେରିକୀୟ ଦେଶକୁ ବ୍ୟାପିଥିବା ଆମାଜନ ସାରା ବିଶ୍ୱକୁ ୨୦ ପ୍ରତିଶତରୁ ଅଧିକ ଅମ୍ଳଜାନ ଯୋଗାଇଥାଏ। ଅଙ୍ଗାରକାମ୍ଳ ମାତ୍ରା କମାଇବା, ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ସହ ଠିକ୍ ସମୟରେ ବର୍ଷା ତଥା ଜଳବାୟୁକୁ ଜୀବଜଗତ ପାଇଁ ଅନୁକୂଳ ରଖିବାରେ ଏହି ଜଙ୍ଗଲର ଅବଦାନ ଅନେକ। କିନ୍ତୁ କ୍ରମାଗତ ଭାବେ ଜଙ୍ଗଲ ନଷ୍ଟ, ଜଳବାୟୁ ପରିବର୍ତ୍ତନ ଯୋଗୁ ମରୁଡ଼ି ପରିସ୍ଥିତି ଏବେ ନୂଆ ଜଙ୍ଗଲ ସୃଷ୍ଟିରେ ବାଧା ହୋଇ ଛିଡ଼ାହୋଇଛି। ଏହା ଲାଗି ରହିଲେ ୨୦୬୪ ସୁଦ୍ଧା ଆମାଜନ ନିଜ ଅସ୍ତିତ୍ୱ ହରାଇବ ବୋଲି ରବର୍ଟ ୱାକର କହିଛନ୍ତି। ଆମାଜନ ଜିଓ-ରେଫରେନ୍ସଡ୍ ସୋସିଓ ଏନଭାଇରନମେଣ୍ଟାଲ ନେଟୱର୍କ ସୂଚନା ମୁତାବକ, ଗତ ୧୮ ବର୍ଷରେ ଜଙ୍ଗଲର ୮ ପ୍ରତିଶତ ଅଞ୍ଚଳରୁ ଗଛ କଟାସରିଛି, ଯାହାର ଆକାର ସ୍ପେନ ଭଳି ଦେଶଠାରୁ ଅଧିକ ଅଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହା ଗଭୀର ଚିନ୍ତାର କାରଣ। ଏବେଠାରୁ ସଚେତନ ନ ହେଲେ ଆଗାମୀ ଦିନ ସମ୍ପୂର୍ଣ୍ଣ ଜୀବଜଗତର ଅସ୍ତିତ୍ୱ ସଙ୍କଟରେ ପଡ଼ିପାରେ ବୋଲି ୱାକର ଚେତାଇଦେଇଛନ୍ତି।



### ବୈଜ୍ଞାନିକଙ୍କ ଚେତାବନୀ

- ୧୮ ବର୍ଷରେ କଟାଗଲାଣି ୮%
- ଅମ୍ଳଜାନ ଅଭାବ ଚିନ୍ତା ବଢ଼ାଇବ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୦୮,୫୯,୬୫୪ | ୧୯,୪୬,୩୩୭ | ୬,୪୯,୬୦,୯୫୫ |
| ଭାରତ | ୧,୦୪,୭୩,୬୯୬ | ୧,୫୧,୨୬୫ | ୧,୦୧,୦୦,୦୫୩ |
| ଓଡ଼ିଶା | ୩,୩୨,୧୦୬ | ୧୮୯୨(+୫୩) | ୩,୨୮,୨୭୧ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ବିଜୁ ସେତୁ ଭୁଶୁଡ଼ିବା ଘଟଣା**

# ୩ଜଣଙ୍କ ନାମରେ ମାମଲା ରୁଜୁ

ନବରଙ୍ଗପୁର/ଉମରକୋଟ, ୧୧।୧(ବି.ପ୍ର./ସ୍ୱ.ପ୍ର.)



ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

- ଘଟଣାସ୍ଥଳରେ ସୁନାବେଡା ଅଧୀକ୍ଷଣ ଯନ୍ତ୍ରୀଙ୍କ ତଦନ୍ତ
- କଂକ୍ରିଟ୍ ଢଳେଇ ନମୁନା ସଂଗ୍ରହ

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡକୁମାରୀ ପଞ୍ଚାୟତ ଅଧୀନ ତାଲାପଦର ନାଗୀନଦୀ ଉପରେ ନିର୍ମାଣାଧୀନ ବିଜୁ ସେତୁ ଭୁଶୁଡିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଜନ(୨)ର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ସାମଲ ଉମରକୋଟ ଥାନାରେ ରବିବାର ବିଳମ୍ବିତ ରାତିରେ ସହକାରୀ ଯନ୍ତ୍ରୀ ଅସିତ କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ସାହୁ ଓ ଠିକାଦାର ଆଶିଷ କୁମାର ବିଶ୍ୱାଳଙ୍କ ନାମରେ ଏତଲା ଦେଇଛନ୍ତି। ଏ ନେଇ ଉମରକୋଟ ଥାନାରେ ୧୨/୨୧ରେ ମାମଲା ରୁଜୁ ହୋଇଛି। ସୋମବାର ସୁନାବେଡା ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ଜେନା ଓ କ୍ୱାଲିଟି କଣ୍ଟ୍ରୋଲ ଦଳ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ଛାତ କିଭଳି ପଡିଥିଲା, ସେଟ୍ରିଙ୍ଗ୍ ପୋଲ ମଧ୍ୟରେ କେତେ ବ୍ୟବଧାନ ରହିଛି ସେ ସବୁ ତଦାରଖ କରାଯାଇଛି। ଏଥିସହ ଭୁଶୁଡ଼ିପଡ଼ିଥିବା ସ୍ଥାନରୁ କିଛି ସିମେଣ୍ଟ କଂକ୍ରିଟ୍ ଢଳେଇର ନମୁନା ସମେତ କାମରେ ବ୍ୟବହୃତ ହେଉଥିବା ବାଲି, ସିମେଣ୍ଟ, ଚିପ୍ସ ଆଦିର ନମୁନା ମଧ୍ୟ ସଂଗ୍ରହ କରିଛନ୍ତି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଏକ ରିପୋର୍ଟ ଦାଖଲ କରିବାକୁ ବିକାଶ କମିଶନର ଇଞ୍ଜିନିୟର-ଇନ୍-ଚିଫ୍ (ଇଆଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ସବୁ ନମୁନା ସଂଗ୍ରହ କରାଯାଇଛି ତାହାର ଯାଞ୍ଚ କରାଯିବ। ନିମ୍ନମାନର କାମ, ଦୁର୍ବଳ ସେଟ୍ରିଙ୍ଗ୍ ଓ ସେତୁ ତଳ ଅଂଶରେ ମାଟି ଉପରେ ସିଧା ସଳଖ କଂକ୍ରିଟ କରାଯାଇଛି, ତେଣୁ ଏହା ଦବି ଯାଇଥାଇପାରେ ବୋଲି ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି। ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ପୋଲ କାମ ନିମ୍ନମାନର ହୋଇଛି। ଏହାକୁ ସମ୍ପୂର୍ଣ୍ଣ ଭାଙ୍ଗି ପୁନଶ୍ଚ ତିଆରି କରାଯାଉ ବୋଲି ସେ ଦାବି କରିଥିଲେ। ଘଟଣାରେ ମୃତ ଅସ୍ଥାୟୀ କର୍ମଚାରୀ ମହେନ୍ଦ୍ର ମାଳୀଙ୍କ ମୃତଦେହ ରବିବାର ବିଳମ୍ବିତ ରାତିରେ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ରଶାସନ ପକ୍ଷରୁ ମହାପ୍ରୟାଣ ଗାଡିର ବ୍ୟବସ୍ଥା କରାଯାଇଥିଲା। ମୃତଦେହ ସତ୍କାର ପାଇଁ ପ୍ରଶାସନ ପକ୍ଷରୁ ୨୦ ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜିଲାପାଳ ଅଜିତ୍ କୁମାର ମିଶ୍ର କହିଛନ୍ତି। ସୋମବାର ତାଙ୍କ ଭିଟାମାଟି ରାଇଘରରେ ମୃତଦେହ ସତ୍କାର କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ସେମାନେ ନିଶ୍ଚିତଭାବେ ଦଣ୍ଡ ପାଇବେ। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ସହାୟତା ମିଳିବ। ଏଥିସହ ଅନ୍ୟ ସହାୟତା ପ୍ରଦାନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଏମ୍‌ପି କହିଛନ୍ତି। ସେ ମୃତକଙ୍କ ପରିବାରକୁ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି ଘଟଣାରେ ଗୁରୁତର ଶ୍ରମିକଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ରାଉରକେଲାରୁ ବିଜେଡି ନେତା ଗିରଫ

ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୧୧।୧(ସ୍ୱ.ପ୍ର.)

**ମାହାଙ୍ଗା ଡବଲ ମର୍ଡର**

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ଗ୍ରାମାଞ୍ଚଳ ପୋଲିସ ସୋମବାର ଅଭିଯୁକ୍ତ ବିଜେଡି ନେତା ଭିକାରୀ ସ୍ୱାଇଁଙ୍କୁ ଗିରଫ କରିଥିବା ଜଣାପଡ଼ିଛି। କିନ୍ତୁ ପୋଲିସ ଏନେଇ ମୁହଁ ଖୋଲୁନାହିଁ। ଏ ସମ୍ପର୍କରେ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି ଯେ, ତାଙ୍କ ପାଖରେ ଅଭିଯୁକ୍ତ ନ ପହଞ୍ଚିବାଯାଏ ସେ କୌଣସି ମତ ରଖିବେ ନାହିଁ। ଭିକାରୀ ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଥିଲେ। ତାଙ୍କୁ ମିଶାଇ ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇଥିବାବେଳେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ଆହୁରି ୫ଜଣ ଅଭିଯୁକ୍ତ ଅଛନ୍ତି। ଭିକାରୀଙ୍କୁ ରାଉରକେଲାରୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସେ ୨୦୧୨ରେ ଘଟିଥିବା ବିକାଶ ଜେନା ହତ୍ୟା ଘଟଣାର ମଧ୍ୟ ଅନ୍ୟତମ ଅଭିଯୁକ୍ତ।

ସୂଚନାଥାଉ କି, ମାହାଙ୍ଗା ଥାନା ନୃତାଙ୍ଗସ୍ଥିତ ଯଁକୁଟି ନିକଟରେ ଭାଜପା ନେତା କୁଳମଣି ବରାଳ(୬୨) ଓ ଦିବ୍ୟସିଂହ ବରାଳ(୭୦)ଙ୍କୁ ଶନିବାର ହତ୍ୟା କରାଯାଇଥିଲା। କୁଳମଣିଙ୍କ ପୁଅ ରମାକାନ୍ତ ବରାଳଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୧୩ ଜଣଙ୍କ ନାମରେ ୫/୨୧ନମ୍ବରରେ ମାମଲା ରୁଜୁ କରିଛି। ମନ୍ତ୍ରୀ ଜେନାଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଭାଜପା ଓ କଂଗ୍ରେସ ଆନ୍ଦୋଳନ କରିଆସୁଛନ୍ତି। ଭାଜପା ପକ୍ଷରୁ ଡିଜିପି ଅଫିସ ଘେରାଉ କରାଯାଇଥିଲା। ୧୦ ଦିନ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିଜିପି ଅଭୟ ପ୍ରତିଶ୍ରୁତି ଦେଇଥିଲେ।

# ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ଉପରେ ପାରଦ

**ଶୀତ ଗାଏବ**

**ଭୁବନେଶ୍ୱର,୧୧।୧(ବ୍ୟୁରୋ):** ଗତ କିଛି ଦିନ ହେବ ରାଜ୍ୟରେ ହଠାତ ଶୀତ ଗାଏବ ହୋଇଯାଇଛି। ଆଉ ଶୀତ ବସ୍ତ୍ରର ଆବଶ୍ୟକତା ପଡୁନାହିଁ। ଜାନୁୟାରୀ ପ୍ରଥମ ସପ୍ତାହରୁ ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀକୁ ଛୁଇଁଲାଣି। ପାରଦ ସ୍ୱାଭାବିକ ତାପମାତ୍ରାଠାରୁ ୩ରୁ ୫ ଡିଗ୍ରୀ ସେଲସିୟସ ଉପରେ ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୮ରୁ ୨୦ ଡିଗ୍ରୀ ସେଲସିୟସ ରହିଥିବାବେଳେ ଉପକୂଳ ଓଡ଼ିଶାରେ ୧୫ରୁ ୧୮ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ଉତ୍ତର ପୂର୍ବ ଦିଗରୁ ବାୟୁ ପ୍ରବାହ ନ ହେବା ଯୋଗୁ ରାଜ୍ୟରେ ଶୀତ କମିଯାଇଛି। ତେବେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପାଗରେ ପରିବର୍ତ୍ତନ ହେବ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩ ରୁ ୫ ଡିଗ୍ରୀ ସେଲସିୟସ ଯାଏ ତଳକୁ ଖସିବା ବେଳେ ଉପକୂଳ ଓଡ଼ିଶାରେ ୨ରୁ ୩ ଡିଗ୍ରୀ ସେଲସିୟସ ତଳକୁ ଖସିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ.ଆର.ବିଶ୍ୱାସ କହିଛନ୍ତି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଶୁଖିଲା ପାଗ ରହିଛି। ସୋମବାର ଭୁବନେଶ୍ୱର, ପାରାଦୀପରେ ଘନକୁହୁଡ଼ି ହୋଇଛି। ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ହୋଇଥିବା ବିଶ୍ୱାସ ସୂଚନା ଦେଇଛନ୍ତି। ଆସନ୍ତା ୧୪ ତାରିଖରୁ ୨୦ ତାରିଖ ଯାଏ ଉତ୍ତର ପଶ୍ଚିମ ଦିଗରୁ ପବନ ବହିବ। ରାଜ୍ୟର କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୮ରୁ ୧୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ସମ୍ବଲପୁର, ବରଗଡ଼, ଅନୁଗୋଳ, ମୟୂରଭଞ୍ଜ ଆଦି ଜିଲାରେ ଥଣ୍ଡା ହେବ। ଏହା ପରେ ରାଜ୍ୟର ଅନ୍ୟାନ୍ୟ ଭାଗରେ ଶୀତ ବଢ଼ିବା ସମ୍ଭାବନା ରହିଛି। ଆସନ୍ତା ଦୁଇଦିନ ଯାଏ ନୟାଗଡ଼, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ଜଗତସିଂହପୁର, କଟକ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ପୋଲିସ ହାଜତରେ ମୃତ୍ୟୁ ହୋଇନି: ସରକାର

**ପୁରୀ ହାଜତ ମୃତ୍ୟୁ ମାମଲା**

**କଟକ ଅଫିସ୍,୧୧।୧:** ପୁରୀ ବାସେଳିସାହି ଥାନା ହାଜତରେ ଅଭିଯୁକ୍ତ କେ. ରମେଶ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ସୋମବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଏଥିସହିତ ପୋଷ୍ଟମର୍ଟମ ରିପୋର୍ଟ ମଧ୍ୟ ଦାଖଲ କରିଛନ୍ତି। ରମେଶଙ୍କ ହାଜତରେ ମୃତ୍ୟୁ ହୋଇନାହିଁ ବୋଲି ସରକାର ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨ରେ ହେବ। ସେହିଦିନ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପୁରୀର ଆଇନଜୀବୀ ଶରତ କୁମାର ରାୟଗୁରୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏଥିରେ ସେ ହାଜତ ମୃତ୍ୟୁ ଘଟଣାର ତଦନ୍ତ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ କରିବା ସହ ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନ କରିଛନ୍ତି। ପ୍ରକାଶ ଯେ, ଗତ ନଭେମ୍ବର ୧୮ରେ ବାସେଳିସାହି ଥାନାରେ ପୋଲିସ ମାଡ଼ରେ ଲୋକନାଥ ରୋଡ୍ ଅଞ୍ଚଳର ରମେଶଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା।

# ସୁନା ଲୁଟ୍ ପରେ ବୃଦ୍ଧାଙ୍କୁ ହତ୍ୟା

ପାତ୍ରପୁର,୧୧।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଜରଡ଼ା ଥାନା ମହାଦେଇପୁରଠାରେ ସୋମବାର ସୁନା ଲୁଟ୍ ପରେ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ମୁକୁତା ପ୍ରଧାନ(୬୫)। ସ୍ୱାମୀ ପର୍ଶୁରାମ ପ୍ରଧାନଙ୍କ ମୃତ୍ୟୁ ପରେ ମୁକୁତା ସାନପୁଅ କୃଷ୍ଣଙ୍କ ସହ ମହାଦେଇପୁରଠାରେ ରହୁଥିଲେ। ସୋମବାର ପୁଅବୋହୂ ନ ଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ମଧ୍ୟାହ୍ନରେ ତାଙ୍କ ଘରେ ପଶିଥିଲେ। ମୁକୁତା ପିନ୍ଧିଥିବା ସୁନା ଅଳଙ୍କାର ଲୁଟି ନେବା ସହ ତାଙ୍କୁ ହତ୍ୟା କରି ପଳାଇଥିଲେ। ଘର କବାଟ ଖୋଲା ଥିବାରୁ ଗ୍ରାମବାସୀ ଭିତରକୁ ଯିବାରେ ମୁକୁତାଙ୍କ ମୃତଦେହ ପଡ଼ିଥିବା ଓ ସେ ପିନ୍ଧିଥିବା ସୁନା ଅଳଙ୍କାର ନ ଥିବା ଦେଖିଥିଲେ। ଘର କାନ୍ଥରେ ରକ୍ତ ଛିଟା ଲାଗିବା ସହ ସେଠାରେ ଚୁଡ଼ି ପଡ଼ିଥିବା ଦେଖି ଏହା ଏକ ହତ୍ୟାକାଣ୍ଡ ଓ ଏଥିରେ କୌଣସି ମହିଳା ସମ୍ପୃକ୍ତ ଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଖବରପାଇ ଜରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଘଟଣାର ସତ୍ୟତା ଜାଣିବା ପାଇଁ ପୋଲିସ ତଦନ୍ତ ଚଳାଇଛି।




**ଆଜିର ମନ୍ତବ୍ୟ**

"ଭାରତୀୟ କୋଭିଡ୍ ଟିକା ବିଶ୍ୱର ଅନ୍ୟ ସମସ୍ତ ଭାକ୍ସିନ୍‌ଠାରୁ ଶସ୍ତା।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଆଲେକ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାକୁ ୨୫୭୮.୪୫ କୋଟିର ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ,୧୧।୧**



ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣର ୧୧ତମ କିସ୍ତି ଭାବେ କେନ୍ଦ୍ର ସରକାର ସୋମବାର ଆଉ ୬ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ବାବଦକୁ ଓଡ଼ିଶା ଏବେ ସୁଦ୍ଧା ୨୫୭୮.୪୫ କୋଟି ଟଙ୍କା ଲାଭ କରିଛି। ଅପରପକ୍ଷରେ ୨୮୫୮ କୋଟି ଟଙ୍କାର ଋଣ କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ଏହି ରାଜ୍ୟକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବର୍ତ୍ତମାନର ୬ ହଜାର କୋଟି ଟଙ୍କା ମଧ୍ୟରୁ ୨୩ ରାଜ୍ୟ ୫,୫୧୬.୬୦ କୋଟି ଟଙ୍କା ପାଇଛନ୍ତି। ସେହିଭଳି ଦିଲ୍ଲୀ, ଜମ୍ମୁ କଶ୍ମୀର ଏବଂ ପୁଡୁଚେରୀକୁ ୪୮୩.୪୦ କୋଟି ଟଙ୍କା ମିଳିଛି। ଅରୁଣାଞ୍ଚଳ ପ୍ରଦେଶ, ମଣିପୁର, ମିଜୋରାମ, ନାଗାଲାଣ୍ଡ, ସିକିମ ଭଳି ୫ ରାଜ୍ୟ ରାଜସ୍ୱ କ୍ଷତି ସହିନାହାନ୍ତି। ଫଳରେ ଉକ୍ତ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦିଆଯାଇନାହିଁ। ନିର୍ଦ୍ଧାରିତ ଜିଏସ୍‌ଟି କ୍ଷତିପୂରଣର ୬୦% ରାଜ୍ୟଗୁଡ଼ିକୁ ଏବେ ସୁଦ୍ଧା ପ୍ରଦାନ କରାଯାଇଛି।

ସ୍ୱତନ୍ତ୍ର ଋଣ ୱିଣ୍ଡୋରୁ ସରକାର ୧.୧୦ ଲକ୍ଷ କୋଟି ଟଙ୍କା ଋଣ କରି ରାଜ୍ୟଗୁଡ଼ିକୁ ପ୍ରଦାନ କରୁଛନ୍ତି। ସେହିଭଳି ରାଜ୍ୟଗୁଡ଼ିକ ୧.୦୬ ଲକ୍ଷ କୋଟି ଟଙ୍କା ଋଣ ଉଠାଣ କରିପାରିବେ ବୋଲି କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ଜିଏସ୍‌ଟି କ୍ଷତିପୂରଣ ରାଶି ଭରଣା ଲାଗି ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ୨ଟି ବିକଳ୍ପ ଦେଇଥିଲେ। ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି କିମ୍ବା ଖୋଲା ବଜାରରୁ ମୋଟ ୨.୩୫ ଲକ୍ଷ କୋଟି ଟଙ୍କାର ଋଣ ଉଠାଣ ନେଇ ରାଜ୍ୟଗୁଡ଼ିକୁ ବିକଳ୍ପ ଦିଆଯାଇଥିଲା। କ୍ଷତିପୂରଣ ରାଶିକୁ ନେଇ କେନ୍ଦ୍ର ରାଜ୍ୟ ମଧ୍ୟ ଟଣାଓଟରା ଲାଗି ରହିଥିଲା। ପ୍ରଥମ ବିକଳ୍ପ ରାଶିକୁ କେନ୍ଦ୍ର ସରକାର ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱକୁ ବଢ଼ାଇଛନ୍ତି। ଅପରପକ୍ଷରେ ପ୍ରଥମ ବିକଳ୍ପକୁ ସବୁ ରାଜ୍ୟ ପସନ୍ଦ କରିଛନ୍ତି। ଏହି ବିକଳ୍ପ ନେଇଥିବା ସବୁ ରାଜ୍ୟ ଅତିରିକ୍ତ ୧.୦୬ ଲକ୍ଷ କୋଟି ଟଙ୍କା ଉଠାଣ କରିବାକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ରାଜ୍ୟ ସେମାନଙ୍କ ମୋଟ ଘରୋଇ ଉତ୍ପାଦ(ଏସ୍‌ଜିଡିପି)ର ୦.୫୦% ଋଣ ଉଠାଇ ପାରିବେ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି।

# ବିଜୁ ପଟ୍ଟନାୟକଙ୍କ ନାଁରେ ଇଣ୍ଡୋନେସିଆ ଦୂତାବାସ ପ୍ରକୋଷ୍ଠ ନାମିତ

**ନୂଆଦିଲ୍ଲୀ, ୧୧।୧**



ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ସ୍ମରଣୀୟ କରିବାକୁ ସୋମବାର ନୂଆଦିଲ୍ଲୀସ୍ଥିତ ଇଣ୍ଡୋନେସିଆ ଦୂତାବାସର ଏକ ପ୍ରକୋଷ୍ଠ ତାଙ୍କ ନାମରେ ନାମିତ କରାଯାଇଛି। ଏହି ସମାରୋହରେ ବିଜୁବାବୁଙ୍କ ପୁଅ ପ୍ରେମ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୁତୁରା ଅରୁପ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଇଣ୍ଡୋନେସିଆ ବିଜୁ ପଟ୍ଟନାୟକଙ୍କ ଦ୍ୱିତୀୟ ଘର ଥିଲା। ଏହି ପ୍ରକୋଷ୍ଠ ତାଙ୍କ ନାମରେ ନାମିତ ହେବା ଗର୍ବର କଥା ବୋଲି ପ୍ରେମ ପଟ୍ଟନାୟକ କହିଛନ୍ତି। ଦୂତାବାସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପ୍ରକୋଷ୍ଠରେ କର୍ମଚାରୀଙ୍କ ବୈଠକ ଆୟୋଜିତ ହୋଇପାରିବ। ଏହି କୋଠରୀରେ ବିଜୁ ପଟ୍ଟନାୟକଙ୍କ ଅନେକ ଚିତ୍ର ପ୍ରଦର୍ଶିତ ହୋଇଥିଲା। ଇଣ୍ଡୋନେସିଆ ପକ୍ଷରୁ ଓଡ଼ିଶାରେ ଭବିଷ୍ୟତରେ ହେବାକୁ ଥିବା ପୁଞ୍ଜିନିବେଶ ବିଷୟରେ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସିଦ୍ଧାର୍ଥୋ ଆର୍. ସୂର୍ଯ୍ୟଦୀପୁରୋ କହିଛନ୍ତି, ମହାମାରୀ ଶେଷ ହେବା ପରେ ବାଲିଯାତ୍ରା ଭଳି ଉତ୍ସବରେ ଅଂଶଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଶା ରହିଛି। ଏହା ଓଡିଶା ଏବଂ ଇଣ୍ଡୋନେସିଆ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରିପାରିବ।

# ଭୁବନେଶ୍ୱରରେ ମାରି ଗଞ୍ଜାମରେ ଫିଙ୍ଗିଥିଲେ

## ଘର କାମ ମନା କରିବାରୁ ଯୁବତୀଙ୍କ ତଣ୍ଟି ଚିପିଥିବା ଦମ୍ପତି ଗିରଫ

**ଜଗନ୍ନାଥପ୍ରସାଦ,୧୧।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଭୂଷଣ୍ଡପାଳ ଛକ ନିକଟ ଧାନବିଲରୁ ଗତ ଡିସେମ୍ବର ୨ରେ ଯୁବତୀଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ ହୋଇଛି। ମୃତ ଯୁବତୀ ଜଣକ ହେଲେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ମାହାନା ଗ୍ରାମର ପୂଜା ସେଠୀ। ୫ ବର୍ଷ ହେଲା ପୂଜା ଭୁବନେଶ୍ୱରର ଖଣ୍ଡଗିରି ଅଞ୍ଚଳରେ ରହୁଥିବା ମାନସ ରଞ୍ଜନ ପାଇକରାୟଙ୍କ ଘରେ ସହାୟିକା ଭାବେ କାମ କରୁଥିଲେ। ଆଉ କାମ କରିବେନି ବୋଲି ସେ ବାରମ୍ବାର କହୁଥିଲେ ମଧ୍ୟ ମାନସ ଓ ସ୍ତ୍ରୀ ସରୋଜିନୀ ତାଙ୍କୁ ଛାଡୁ ନ ଥିଲେ। ଏହାକୁ ନେଇ ଦମ୍ପତି ଓ ପୂଜାଙ୍କ ମଧ୍ୟରେ ସବୁବେଳେ ଯୁକ୍ତିତର୍କ ହେଉଥିଲା। ଗତ ଡିସେମ୍ବର ୧ ସନ୍ଧ୍ୟାରେ ଏହା ଉଗ୍ରରୂପ ନେଇଥିଲା। ପୂଜା ଘର ଛାଡ଼ି ପଳାଇବେ ବୋଲି ଜିଦ୍ ଧରିବାରୁ ଦମ୍ପତି ତାଙ୍କୁ ମାଡ଼ମାରି ତଣ୍ଟି ଚିପି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ପୂଜାଙ୍କ ମୃତ୍ୟୁ ଘଟିଥିଲା। ପରେ ଦମ୍ପତି ରାତି ପ୍ରାୟ ୧୦ଟାରେ ମୃତଦେହକୁ ଏକ ଓଲା କାର(ନଂ ଓଡ଼ି୩୩ ଏମ୩୦୧୪)ରେ ଅନ୍ୟତ୍ର ଫୋପାଡ଼ିବାକୁ ନେଇଥିଲେ। ଜାଗା ଖୋଜିଖୋଜି ସେମାନେ ଭୁବନେଶ୍ୱରରୁ ୧୫୦ କି.ମି. ଦୂର ଆସି ଭୂଷଣ୍ଡପାଳ ଛକ ନିକଟ ଧାନ ବିଲରେ ମୃତଦେହ ପକାଇ ଚାଲିଯାଇଥିଲେ। ଅଭିଯୁକ୍ତ ଦମ୍ପତି ମାନସ ଓ ସରୋଜିନୀଙ୍କୁ ସୋମବାର ଜଗନ୍ନାଥପ୍ରସାଦ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ସୂଚନା ଦେଇଛନ୍ତି।

ଏସ୍‌ପି ଆହୁରି କହିଛନ୍ତି, ପୂଜାଙ୍କ ମୃତଦେହରେ କୌଣସି କ୍ଷତ ଚିହ୍ନ ନ ଥିଲା। ପାଟିଓ ନାକରୁ ରକ୍ତ ବାହାରିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା। ଜଗନ୍ନାଥପ୍ରସାଦ ଥାନାରେ ଏ ନେଇ ଆଇପିସି ଦଫା ୩୦୨/୨୦୧ ଅନୁଯାୟୀ ମାମଲା (ନଂ.୨୮୪/୨୨୦) ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ମୃତଦେହ ଚିହ୍ନଟ ପାଇଁ ଭଞ୍ଜନଗର ମେଡିକାଲରେ ୭୨ଘଣ୍ଟା ପର୍ଯ୍ୟନ୍ତ ରଖାଯାଇଥିଲା। ତଥାପି ଚିହ୍ନଟ ହୋଇ ନ ପାରିବାରୁ ୫ଟି ପୋଲିସ ଟିମ୍ ଗଠନ କରାଯାଇ ବିଭିନ୍ନ ଥାନା ଅଞ୍ଚଳକୁ ପଠାଯାଇଥିଲା। ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ ଏହାର ତଦାରଖ କରୁଥିଲେ। ପୋଲିସ ଟିମ୍ ବିଭିନ୍ନ ସମୟରେ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, ପୁରୀ, କନ୍ଧମାଳ, ରାୟଗଡା, କୋରାପୁଟ ଜିଲାର ପ୍ରାୟ ୧୦୦ ଥାନାକୁ ଯାଇ ମୃତ ଯୁବତୀଙ୍କ ଫଟୋ ଦେଖାଇ ଚିହ୍ନଟ କରିବାକୁ ଚେଷ୍ଟା କରିଥିଲେ। ଏପରିକି ପୋଲିସର ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମଧ୍ୟ ଫଟୋ ସେୟାର କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ କେତେଜଣଙ୍କୁ ସନ୍ଦେହରେ ଉଠାଇ ପଚରାଉଚୁରା ହୋଇଥିଲା। ବାଲେଶ୍ୱର ଅଞ୍ଚଳର ଜଣେ ବ୍ୟକ୍ତି ମୃତା ଯୁବତୀଙ୍କୁ ଚିହ୍ନଟ କରିଥିଲେ। ପୂଜାଙ୍କ ବାପା ଫଟୋ ଦେଖି ଝିଅକୁ ଚିହ୍ନଟ କରିଥିଲେ। ଭୁବନେଶ୍ୱରରେ ଜଣେ ବାବୁଙ୍କ ଘରେ ଝିଅ ରହୁଥିବା ଓ ତାଙ୍କୁ ସେ ଚିହ୍ନି ନ ଥିବା ବାପା କହିଥିଲେ। ପରେ ପୋଲିସ ଟିମ ବାରମ୍ବାର ଭୁବନେଶ୍ୱରକୁ ଯାଇ ତଦନ୍ତ କରିବା ପରେ ଅଭିଯୁକ୍ତ ଦମ୍ପତିଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତ ମାନସଙ୍କ ଘର ନୟାଗଡ଼ ଜିଲାର ଫତେଗଡ଼ ଥାନା ଅନ୍ତର୍ଗତ ପଥରପୁଞ୍ଜି ଗ୍ରାମ ଓ ସରୋଜିନୀଙ୍କ ଘର କଟକ ଜିଲାର ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ଗ୍ରାମରେ ବୋଲି ଜେରା ବେଳେ ଜଣାପଡ଼ିଛି। ଜଗନ୍ନାଥପ୍ରସାଦ ପୋଲିସର ଏଭଳି ସଫଳତା ପାଇଁ ଏସ୍‌ପି ୧୦୦୦ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଘ ଘୋଡ଼େଇଲା ଜହ୍ନ;**
**ଚିତ୍ତ– ଚୋର ଏବେ ରହିଲେ କାହିଁ,**
**କେମନ୍ତେ ସରିବ ଦିନ?**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷ ସହ ସୁଖରେ ଘର ସଂସାର କରିବାକୁ ମନସ୍ଥ କରିଥିବା ନାରୀ ଏଥିରୁ ବଞ୍ଚିତା ହେଲେ ସବୁ ସୋହାଗ ସରାଗ ତା'ର ମରିଯାଇଥାଏ। ପ୍ରିୟର ମଣିଷ ପାଇଁ ଦୀର୍ଘ ପ୍ରତୀକ୍ଷାରତା ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତାର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁହଁ କରିଥାଏ ବମି,**
**ଆଇଁଷ ପାଣିରୁ ଟୋପାଏ ପାଇଲେ,**
**ଭାତ ଦଉଥାଏ ଗେମି।**

କିଛି ବ୍ୟକ୍ତି ଅତ୍ୟନ୍ତ ଆମିଷଲୋଭୀ ହୋଇଥାନ୍ତି। ଖାଇବାବେଳେ ଆମିଷ ଟିକେ ପାଟିରେ ନ ବାଜିଲେ, ତାଙ୍କୁ ଖାଦ୍ୟ ଆଦୌ ରୁଚି ନ ଥାଏ। ଆଇଁଷରଙ୍କୁଣା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# classifieds Everyday
0674-2580101, 2549302



**SALE**

ପିପିଲି ଫାୟାର ଷ୍ଟେସନ ସାମ୍ନାରେ ୫୨୦୦ sqft. ଘରବାଡ଼ି ଡିହ ଜାଗା (ପଟ୍ଟା ସହିତ) ତୁରନ୍ତ ବିକ୍ରିହେବ। ଯୋଗାଯୋଗ: ୯୦୪୦୪୪୫୦୨୦. ଧ–୧୯୫୫୭

ଭୁବନେଶ୍ୱର Sum Hospital ରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30' ରାସ୍ତା ଥାଇ sqft. 1200/- plot ମିଳୁଛି। 9090963952. D-70154

Bhubaneswar ସୁନ୍ଦରପଦା Xavier University ନିକଟରେ 2000sqft. plot 6,50,000/- (32 plot available) LIPSA. 9938016295. D-70151

କଟକ Highcourtରୁ 8K.M. ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ 200mtr ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 6372930002. D-70148

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ 800mtr 100ft ପିଚୁରୋଡ୍‌କୁ ଲାଗି 30'ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ boundary plot ବିକ୍ରିହେବ। 9439116553. D-70147

Contact for House Construction (Simplex/ Duplex/ Apartment) with Interior Design from the experts. MPlanets-7008550473. D-19527

ପିପିଲି ବଜାରରେ ସଙ୍ଗେସଙ୍ଗେ ଘର କରିବା ପାଇଁ ପ୍ଲଟ୍ କିଣନ୍ତୁ। 8249776268, 8327774136. D-69360

ଭୁବନେଶ୍ୱର ପଟିଆ Rly.station 1.5k.m. 1200ବର୍ଗଫୁଟକୁ 6,60,000/- ଦେଇ ତୁରନ୍ତ ଘର କରନ୍ତୁ। 8249005131, 9583328312. D-70144

Bhubaneswar Sum Hospital Gurukul ପାଖରେ yellowzone gharabari plot ବିକ୍ରି କରାଯାଉଅଛି। 9439206202. D-70150

ଭୁବନେଶ୍ୱର ପାହାଳ NH side ଘରବାରି yellowzone fully developed demarcated ବାସୋପଯୋଗୀ plot road, electricity ଥାଇ ତୁରନ୍ତ ଘର କରନ୍ତୁ। PUJA- 6371970725. D-70145

Demarcated gharabari corner plot area 12000sqft. at Gudiapokhari opposite lifestyle, Lordsway Apartment. 7008563697. D-19485

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Commercial space 2500sqft. ground floor, first floor, Bapuji Nagar, Bhubaneswar. 7683912628. D-70213

To let 1 room, kitchen, bathroom. Srivihar, Patia. 9437017426, 7205859421. D-69672



Newly open full body massage ladies and gents. 9337349409. D-70406

Revitalize your self with our ayurvedic massage and refreshment, Call: 7381239385. D-70082

Swarna SPA newly open positively health benefits with expert therapist. 9556978408. D-70088

Rejuvenate and Ayurvedic full body massage by smart therapist. 9348123330. D-70089

Experience full body massage with expert therapists. Call: 7377048581. D-70083

Refreshing your mind & body with best therapy at Lotus SPA. 8018234866. D-70405

Newly open full body massage Saikrupa Panchakarma and Spa. Contact: 8984068077. D-19492

Newly open SPA offer @788/-, positively health benefits, Jaydevbihar. 8114970372. D-19466

**AFFIDAVIT**

By virtue of affidavit, I, Sangram Keshari Mohanty have changed my son's name from Anshuman Mohanty to Sharaansh Mohanty. D-19550

**ତୃତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା**





**ଆଲେକ୍ସ ସାମଲ**
ଭୁବନେଶ୍ୱର

ଧନ! ଆଜି ତୁମର ତୃତୀୟ ଶୁଭ ଜନ୍ମଦିନରେ ପ୍ରଭୁ ପରମେଶ୍ୱର ଯୀଶୁବାବାଙ୍କ ପାଖରେ ପ୍ରାର୍ଥନା କରୁଛି ତୁମ ଚଲାପଥକୁ କୁସୁମିତ କରନ୍ତୁ ଆଉ ତୁମକୁ ଦୀର୍ଘାୟୁ କରନ୍ତୁ।

–:ଶୁଭେଚ୍ଛା ସହ:–
ଆଣ୍ଟୋନୀ ଅଙ୍କଲ, ଶିବାଆଣ୍ଟି, ରିଚାର୍ଡ ଭାଇ।
ଧ–୧୯୪୯୧

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com


**ପ୍ରଥମ ପୃଷ୍ଠାରୁ...**

## କୃଷି ଆଇନ...

ତରବରିଆ ଭାବେ ରାୟ ପ୍ରଦାନ କରିବାକୁ ନେଇ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ପ୍ରଶ୍ନ ଉଠାଇବାରୁ ଜଷ୍ଟିସ୍ ବୋବ୍‌ଡେ କହିଥିଲେ, ଧୈର୍ଯ୍ୟ ଉପରେ ଆମକୁ ଭାଷଣ ଦିଅନ୍ତୁ ନାହିଁ। ଆନ୍ଦୋଳନ ସ୍ଥଳରୁ ବରିଷ୍ଠ ନାଗରିକମାନେ ଘରକୁ ଫେରିଯିବା ଲାଗି ମଧ୍ୟ ସିଜେଆଇ ବ୍ୟକ୍ତିଗତ ଭାବେ ଅନୁରୋଧ କରିଥିଲେ। ଚାଷୀମାନଙ୍କୁ ଆଶ୍ୱାସନା ଦେଇ ସେ କହିଥିଲେ, ସେମାନଙ୍କ ଉଦ୍‌ବେଗ ଅଶୁଣା ରହିବ ନାହିଁ। ଆପଣମାନଙ୍କର ବିଶ୍ୱାସ ଥାଉ କି ନ ଥାଉ, ଅଦାଲତ ତାଙ୍କର କର୍ତ୍ତବ୍ୟ ନିର୍ବାହ କରିବେ ବୋଲି ସିଜେଆଇ କହିଥିଲେ। ୩ କୃଷି ଆଇନ ପ୍ରତ୍ୟାହାର ଚାଷୀ ସଂଗଠନଗୁଡ଼ିକର ମୁଖ୍ୟ ଦାବି ହୋଇଥିବାବେଳେ ଏଥିପାଇଁ କୃଷି ଆଇନ ଉପରେ ଏକ କମିଟିର ଆବଶ୍ୟକତା ରହିଥିବା ଖଣ୍ଡପୀଠ କହିଥିଲେ। କମିଟି ପରାମର୍ଶ ଦେଲେ, ତେବେ ଅଦାଲତ ଆଇନର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବେ। ପୂର୍ବତନ ସିଜେଆଇଙ୍କ ନେତୃତ୍ୱରେ କମିଟି ଗଠନ କରିବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେବା ସହ ସେଥିରେ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍)ର ବିଶେଷଜ୍ଞମାନଙ୍କୁ ନେବାକୁ କହିଥିଲେ। କୃଷି ଆନ୍ଦୋଳନର ସମାଧାନ ସୂତ୍ର ଉକ୍ତ କମିଟି ବାହାର କରିପାରିବ ବୋଲି ଖଣ୍ଡପୀଠ କହିଥିଲେ।

ଗତବର୍ଷ ସେପ୍ଟେମ୍ବରରେ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ଗୃହୀତ କରାଇଥିବା ୩ କୃଷି ଆଇନକୁ ବିରୋଧ କରି ନଭେମ୍ବର ୨୬ରୁ ଦିଲ୍ଲୀ ସୀମାରେ ୪୦ରୁ ଊର୍ଦ୍ଧ୍ୱ କୃଷକ ସଂଗଠନ ଆନ୍ଦୋଳନ ଜାରି ରଖିଛନ୍ତି। ଏହାର ସମାଧାନ ଲାଗି ସରକାର ଚାଷୀ ସଂଗଠନଗୁଡ଼ିକ ସହ ଇତିମଧ୍ୟରେ ୮ ଥର ଆଲୋଚନା କଲେଣି। କିନ୍ତୁ ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ଅଡ଼ିବସିଥିବାବେଳେ ସରକାର ଏହାକୁ ଫେରାଇ ନ ନେବା ଜିଦ୍‌ରେ ଅଟଳ ରହିଥିବାରୁ ସମାଧାନର ସୂତ୍ର ବାହାରିପାରୁନାହିଁ। ଗତ ଦୁଇମାସରେ ଅନେକ ଚାଷୀ ପ୍ରାଣ ହରାଇଲେଣି। ଡିଏମ୍‌କେ ଏମ୍‌ପି ତିରୁଚି ଶିବା ଏବଂ ଆରଜେଡି ନେତା ମନୋଜ କେ. ଝାଙ୍କ ସମେତ ଏକାଧିକ ବ୍ୟକ୍ତି ୩ କୃଷି ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରିବା ସହ ଦିଲ୍ଲୀ ସୀମାରୁ ଚାଷୀ ଆନ୍ଦୋଳନ ହଟାଇବା ପାଇଁ ଆବେଦନ କରିଥିଲେ। ସିଜେଆଇଙ୍କ ନେତୃତ୍ୱରେ ୩ ଜଣିଆ ବେଞ୍ଚ୍ ପିଟିଶନଗୁଡ଼ିକର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି।

## ୨ ଦିନରେ...

କନ୍‌ଫରେନ୍ସ ବ୍ୟବସ୍ଥା କରାଯାଇଛି। ଏହି ଦୁଇ ସ୍ଥାନରେ କେନ୍ଦ୍ରସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସିଧାସଳଖ ଟିକା ସମ୍ପର୍କରେ ଫିଡ୍‌ବ୍ୟାକ୍ ନେଇପାରିବେ। କୋଭିଡ୍-୧୯ ଟିକାକରଣ ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଜିଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟ ପାଇଁ ବିଭିନ୍ନ ଜିଲାରେ କେନ୍ଦ୍ର ଚିହ୍ନଟ ହୋଇଛି। ଚିହ୍ନଟ ହୋଇଥିବା ୧୬୦ କେନ୍ଦ୍ର ମଧ୍ୟରେ ୩୦ଟି ଜିଲାରେ ୧୪୫ କେନ୍ଦ୍ର ଥିବାବେଳେ ୫ଟି ମହାନଗର ନିଗମରେ ୧୫ଟି କେନ୍ଦ୍ର ରହିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି।

## ଏଥର କାଗଜବିହୀନ...

ବଜେଟ ଦସ୍ତାବିଜ ପ୍ରିଣ୍ଟ, ସେଗୁଡିକୁ ସିଲ୍ କରି ବଜେଟ ଆସିବାର ଧାର୍ଯ୍ୟ ଦିନରେ ହସ୍ତାନ୍ତର ନ କଲା ଯାଏ କର୍ମଚାରୀ ସେହି ସ୍ଥାନରେ ରହିଥାନ୍ତି। ଚଳିତ ବର୍ଷ କର୍ମଚାରୀଙ୍କୁ ପ୍ରିଣ୍ଟିଂ ପ୍ରେସ୍‌ରେ ନ ରଖିବା ଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଦସ୍ତାବିଜର ସଫ୍ଟ କପି କରାଯିବା ସହ ଏହାକୁ ପାର୍ଲାମେଣ୍ଟର ଉଭୟ ଗୃହରେ ସଦସ୍ୟଙ୍କୁ ବଣ୍ଟାଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଜଣାପଡିଛି। ବଜେଟ ପେପର ପାର୍ଲାମେଣ୍ଟର ନର୍ଥ ବ୍ଲକ୍‌ରେ ରହିଥିବା ଅର୍ଥ ମନ୍ତ୍ରଣାଳୟର ନିଜସ୍ୱ ପ୍ରେସ୍‌ରେ ଛପାଯାଇଥାଏ। ଚଳିତ ବର୍ଷ ବିଭିନ୍ନ ନିୟମାବଳୀ ପାଳନକୁ ମଧ୍ୟ କଡ଼ାକଡ଼ି କରାଯିବ ନାହିଁ। ସେହିଭଳି ପୂର୍ବରୁ ପ୍ରଚଳିତ ହାଲ୍‌ୱା ସେରିମନି ମଧ୍ୟ ହୋଇ ନ ପାରେ ବୋଲି କୁହାଯାଉଛି। କିଛି କିଛି କାର୍ଯ୍ୟକ୍ରମ ସ୍ୱଳ୍ପ ସଂଖ୍ୟକ ଲୋକଙ୍କୁ ନେଇ କରାଯିବାକୁ ମଧ୍ୟ ଯୋଜନା ରଖାଯାଇଥିବା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଚଳିତ ବର୍ଷ ଜାନୁୟାରୀ ୨୯ରୁ ବଜେଟ ଅଧିବେଶନ ଆରମ୍ଭ ହୋଇ ଏପ୍ରିଲ ୮ ଯାଏ ଚାଲିବ। ଏହା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଚଳିତ ମାସ ୨୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟର ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ଏହା ପରେ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରାଯିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମାଧିପ ବ୍ୟୟାଧିପ ଯୁକ୍ତ ହେତୁ ସବୁ ସୁବିଧା ଥାଇ ମଧ୍ୟ ବିନା ଖର୍ଚ୍ଚରେ କିଛି କରିପାରିବେ ନାହିଁ। ଯାତ୍ରା କରିବେ କିନ୍ତୁ ସାଧାରଣ କଥାରେ ବନ୍ଧୁ ସମ୍ପର୍କ ଫିକା ପଡିଯାଇପାରେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବ। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** – ଶନି ଓ ବୃହସ୍ପତିଙ୍କ ସମ୍ବନ୍ଧରୁ କର୍ମ କ୍ଷେତ୍ରରେ ଯାହାକୁ ଯାହା କହିଲେ ସେହି ବ୍ୟକ୍ତି ତାହାକୁ ଓଲଟା ଅର୍ଥରେ ଗ୍ରହଣ କରିବ। ପରିବାରରେ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ଅବଶ୍ୟ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରିଯିବ।

**ମିଥୁନ** – ରାହୁ ଦ୍ୱାଦଶ ସ୍ଥାନରେ ରହିଥିବାରୁ ଆକସ୍ମିକ ଭାବରେ ଖର୍ଚ୍ଚଭାର ବୃଦ୍ଧି ପାଇବା କାରଣରୁ ଚିନ୍ତା ପ୍ରକଟ କରିବେ। ଆକସ୍ମିକଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି। ନିଜ ଗୃହ ସମସ୍ୟାକୁ ସଜାଡିବାକୁ ଯାଇ ବହୁତ ହଇରାଣ ହେବାକୁ ପଡିପାରେ।

**କର୍କଟ** – ରାଶ୍ୟାଧିପ ଷଷ୍ଠଭାବରେ ରହିଥିବାରୁ ଆଜି ଯେକୌଣସି ସମସ୍ୟା ଆସିଲେ ତାହାକୁ ସାମ୍ନା କରିବେ। ବନ୍ଧୁଙ୍କ ପରାମର୍ଶରେ ନୂଆ ଯୋଜନା ଆରମ୍ଭ କରିପାରନ୍ତି। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ ପଶ୍ଚାତ୍ତାପର କାରଣ ହୋଇପାରେ। ଦୀର୍ଘଦିନରୁ ଋଣ ପରିଶୋଧ ନ କରିପାରିବା କାରଣରୁ କରଜଦାତାଙ୍କ ଚାପ ବୃଦ୍ଧି ପାଇବ।

**ସିଂହ** – ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। କେତୁ ଚତୁର୍ଥସ୍ଥ ହେତୁ ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ। ଆଇନ ଅଦାଲତର ରାୟ ସପକ୍ଷରେ ଯିବାରୁ ସାମୟିକ ଖୁସି ରହିବେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** – ପରିବାରରେ କିଛିଟା ଗୋଳମାଳିଆ ପରିସ୍ଥିତି ନୂତନ ସମସ୍ୟା ସୃଷ୍ଟି କରିବ। ଶନି ଓ ବୃହସ୍ପତିଙ୍କ ସଂଯୋଗରୁ ପିଲାଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡିବ। ଦୀର୍ଘପଥ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘରେ ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିବେ।

**ତୁଳା** – ତୃତୀୟାଧିପ ନୀଚସ୍ଥ ଯୋଗୁଁ ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥକୁ ନେଇ ବାକ୍‌ବିତଣ୍ଡା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ବହୁତ କାମ ହାତକୁ ନେଇ ବ୍ୟଥିତ ହେବେ। ଅପ୍ରିୟ ସତ କହିବା ହେତୁ ପରୋକ୍ଷ ଶତ୍ରୁତା ସୃଷ୍ଟି ହେବ। ଅପରାହ୍ନରେ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** – ରାଶିରେ ମୁଣ୍ଡ ନ ଥିବା ଗ୍ରହ ଅବସ୍ଥାନ କରିଥିବାରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯେକୌଣସି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କଲେ ଲାଭ ହେବନି। ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାର ନିରାକରଣ ପାଇଁ ନିଜକୁ ହଇରାଣ ହେବାକୁ ପଡିପାରେ। ଏଜେନ୍ସିପ୍, ସାମ୍ବାଦିକତା, ରାଜନୀତି, କଳା,ସାହିତ୍ୟ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ** – ରାଶିରେ ଶୁକ୍ରଙ୍କ ସ୍ଥିତିରୁ ପରୋକ୍ଷଶତ୍ରୁତାର ପ୍ରଭାବ ଅନୁଭବ କରିବାକୁ ପଡିପାରେ। ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇପାରନ୍ତି। ଆଜି ସହକର୍ମୀ, ଭାଇ ଭଉଣୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଅନ୍ୟମାନଙ୍କଠାରୁ ଅର୍ଥ, କାମ, ଆଦାୟ କରିବାରେ ସଫଳ ହେବେ।

**ମକର** – ନୀଚସ୍ଥ ତୃତୀୟାଧିପ ହେତୁ କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ କାମରେ ଅସନ୍ତୁଷ୍ଟ ହୋଇପାରନ୍ତି। ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସୁଫଳ ପାଇବେ। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟହାସଲ କରିବାର ଅପଚେଷ୍ଟା କରିପାରନ୍ତି।

**କୁମ୍ଭ** – ପାରିବାରିକ କ୍ଷେତ୍ରରେ ପୂର୍ବରାଗକୁ ନେଇ କାହା କଥାକୁ କିଏ ସମର୍ଥନ କରିବେ ନାହିଁ। ପାପଗ୍ରହ କର୍ମସ୍ଥ ଯୋଗୁଁ କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଯାତ୍ରାରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଘରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢିଯିବ।

**ମୀନ** – ବନ୍ଧୁଙ୍କ ନିକଟରୁ ଯାହା ଆଶା କରୁଥିଲେ ସେତିକି ନ ପାଇ ଅସନ୍ତୁଷ୍ଟ ହେବେ। ସମ୍ପର୍କୀୟଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। ଦୁର୍ବଳ ବୃହସ୍ପତି ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ପୌଷ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ମଙ୍ଗଳବାର, ଗୃହୀଣାଂ ବକୁଳଲାଗି। ଜାନୁୟାରୀ ୧୨ ତାରିଖ। ଜାତୀୟ ଯୁବ ଦିବସ। ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ। ରାଶି ନକ୍ଷତ୍ର–ପୂର୍ବଷାଢ଼ା/ଧନୁ, ମକର ରାଶିର ଘାତବାର। ଚତୁର୍ଦ୍ଦଶୀରେ ଏକୋଦ୍ଦିଷ୍ଟ ଓ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୭.୧୧ମି. ମଧ୍ୟେ, ଘ.୦୭.୫୫ମି. ଗତେ ଘ.୧୧.୩୩ମି. ମଧ୍ୟେ ଅମୃତ ବେଳା। ସନ୍ଧ୍ୟା ଘ.୦୫.୨୨ମି. ଗତେ ଘ.୦୭.୫୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୨.୩୮ମି. ଗତେ ଘ.୦୪.୦୦ମି. ମଧ୍ୟେ ରାହୁକାଳ।

## ନଦୀରେ ଯୁବତୀ ଖସିପଡ଼ିବା ଭିଡିଓ ଭାଇରାଲ



**ବାଲିଶଙ୍କରା:** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଇବ୍‌ନଦୀର ଘୋଘର କନାକୁଣ୍ଡ ଘାଟରେ ଗତ ୩ ତାରିଖରେ ପିକ୍‌ନିକ୍ କରିବାକୁ ଯାଇଥିବା ଯୁବତୀ କନ୍ୟା ଅନୁପମା ପ୍ରଜାପତି (୨୪) ସେଲ୍‌ଫି ନେବାବେଳେ ନଦୀ ଭିତରେ ଖସିପଡ଼ି ପ୍ରାଣ ହରାଇଥିଲେ। ସେ ନଦୀ ଭିତରେ ଖସି ପଡ଼ିବା ସମୟର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜଣେ ଯୁବକ ପଡ଼ିଯିବାରୁ ତାଙ୍କ ହାତ ସେଲ୍‌ଫି ନେଉଥିବା ଅନୁପମାଙ୍କ ଦେହରେ ବାଜିଥିଲା। ଫଳରେ ସେ ନଦୀକୁ ଖସି ପଡ଼ିଥିବା ଭିଡିଓରେ ଦେଖିବାକୁ ମିଳିଛି।

# ୧୩ରେ ପେନ୍‌ସନ୍, ଜିପିଏଫ୍ ଅଭିଯୋଗ ଶୁଣାଣି ହେବ

**ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

**ଭୁବନେଶ୍ୱର,୧୧।୧(ବ୍ୟୁରୋ):** କରୋନା ସମୟରେ ବିଭିନ୍ନ କାର୍ଯ୍ୟାଳୟ ବନ୍ଦ ଯୋଗୁ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ସେମାନଙ୍କର ପେନ୍‌ସନ୍ ଓ ଭବିଷ୍ୟନିଧି ପାଣ୍ଠି(ଜିପିଏଫ୍) ପ୍ରାପ୍ୟ ଠିକ୍ ସମୟରେ ପାଇପାରି ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଧାନ ମହାଲେଖାକାର(ଏ.ଜି.)ଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୩ ଓ ୨୦ ତାରିଖରେ ସ୍ୱତନ୍ତ୍ର ଭବିଷ୍ୟନିଧି ପ୍ରକୋଷ୍ଠ ଖୋଲାଯିବ। ଏ.ଜି .ସମ୍ମିଳନୀ କକ୍ଷରେ ସକାଳ ୧୧ଟା ୩୦ରୁ ୧୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ଅଭିଯୋଗ ଶୁଣାଣି କରାଯିବ। ଅବସରକାଳୀନ ପ୍ରାପ୍ୟ ଠିକ୍ ସମୟରେ ପାଇପାରି ନ ଥିବା କର୍ମଚାରୀମାନେ ପେନ୍‌ସନ୍ ଓ ଭବିଷ୍ୟନିଧି ସମ୍ବନ୍ଧୀୟ ଦସ୍ତାବିଜ ସହ ଅଭିଯୋଗ ପ୍ରକୋଷ୍ଠରେ ନିଜର ଆବେଦନ କରିପାରିବେ ବୋଲି ପ୍ରଧାନ ମହାଲେଖାକାର(ଲେଖା ଓ ହକ୍‌ଦାରି) କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ସହକାରୀ ଲେଖା ଅଧିକାରୀ ସୁଶୀଲ ମିଶ୍ରଙ୍କୁ ମୋବାଇଲ ନଂ.– ୯୪୩୮୦୩୮୩୪୩ରେ କାର୍ଯ୍ୟାଳୟ ସମୟରେ ଯୋଗାଯୋଗ କରିବାକୁ କୁହାଯାଇଛି। ଶୁଣାଣିବେଳେ କୋଭିଡ୍ ଗାଇଡଲାଇନକୁ ଅନୁସରଣ କରାଯିବ ବୋଲି ଏ.ଜି.ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## । ପିକ୍‌ନିକ୍ ସ୍ପଟ୍ ।

# ଖଣ୍ଡାଧାର ଜଳପ୍ରପାତ


ଖଣ୍ଡାଧାର ଜଳପ୍ରପାତ

କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ ଅନ୍ତର୍ଗତ କାଦକଲାଠାରେ ପ୍ରାକୃତିକ ସବୁଜିମା ପରିବେଶ ମଧ୍ୟରେ ରହିଛି ଖଣ୍ଡାଧାର ଜଳପ୍ରପାତ। ଏହି ପ୍ରକୃତିଦତ୍ତ ଜଳପ୍ରପାତ ଓ ଏଠାକାର ଥଣ୍ଡା ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଠାରେ ପ୍ରାୟ ୭ଶହ ଫୁଟ୍ ଉପରୁ ଲମ୍ଫ ପ୍ରଦାନ କରୁଥିବା ଜଳରାଶି ତଳେ ପାହାଡ଼ କାନ୍ଥ ଓ ପଥରରେ ପିଟି ହୋଇ କୁହୁଡିଆ ପରିବେଶ ସୃଷ୍ଟି କରିଥାଏ। ଏହି ଜଳରାଶି ଉପରେ ସୂର୍ଯ୍ୟଙ୍କ ତୀର୍ଯକ କିରଣ ପଡିଲେ ଭାସମାନ ଇନ୍ଦ୍ରଧନୁର ମନୋରମ ଦୃଶ୍ୟ ଅତ୍ୟନ୍ତ ରୋମାଞ୍ଚକର। ବିଶେଷ କରି ଶୀତଋତୁରେ ଜିଲା ଓ ଜିଲା ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ବୁଲିବା ସହ ଏହି ଜଳପ୍ରପାତରେ ଗାଧୋଇବା, ତଳକୁ ପ୍ରବାହିତ ନଦୀ କୂଳରେ ପିକ୍‌ନିକ୍ କରିବାର ଅନୁଭୂତି ନିଆରା। ପର୍ଯ୍ୟଟନ ବିଭାଗ, ବନ ବିଭାଗ ତଥା ସ୍ଥାନୀୟ ଲୋକଙ୍କ ସହାୟତାରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବହୁ ବିକାଶମୂଳକ କାର୍ଯ୍ୟ କରାଯାଇଛି। ଜଙ୍ଗଲ ଓ ପାହାଡ଼ ପରିବେଷ୍ଟିତ ଅଙ୍କାବଙ୍କା ରାସ୍ତାରେ ଯିବା ସମୟରେ ସବୁଜ ପରିବେଶ , ପାହାଡ଼ିଆ ଝରଣା, ହଳଦୀ ରଙ୍ଗର ସୋରିଷ ବା ରାଶି ଫୁଲ ତଥା ପାହାଡ଼ୀ ଫୁଲର ନିଆରା ଦୃଶ୍ୟ ଦେଖିବାକୁ ମିଳିଥାଏ। ଖଣ୍ଡା ସଦୃଶ ଜଳରାଶି ସୁଉଚ୍ଚରୁ ତଳକୁ ଖସି ପଡୁଥିବା ଏବଂ ସୂର୍ଯ୍ୟକିରଣ ପଡି ଜଳଧାର ଚକ୍ ଚକ୍ କରୁଥିବାରୁ ଏହାର ନାମକରଣ ଖଣ୍ଡାଧାର ହୋଇଛି ବୋଲି ଅନେକେ ମତବ୍ୟକ୍ତ କରିଛନ୍ତି। ସେଠାରେ ଏକ ଶିବମନ୍ଦିର ଅଛି। ଯେଉଁଠି ମକର ସଂକ୍ରାନ୍ତି, ଶିବରାତ୍ରି ଆଦି ସମୟରେ ପୂଜାର୍ଚ୍ଚନା ହୋଇଥାଏ ଏବଂ ମେଳା ବସେ।

### କେମିତି ଯିବେ

ଭୁବନେଶ୍ୱର ଠାରୁ ପ୍ରାୟ ୨୮୫ କି.ମି. ଓ କେନ୍ଦୁଝର ଜିଲା ମୁଖ୍ୟାଳୟ ଠାରୁ ପ୍ରାୟ ୬୦ କି.ମି. ଦୂରରେ ରହିଛି ଏହି ମନୋରମ ସ୍ଥାନ। ଭୁବନେଶ୍ୱରରୁ ରାସ୍ତାପଥ ବା ରେଳ ପଥରେ କେନ୍ଦୁଝର ଆସି ସେଠାରୁ ଖଣ୍ଡାଧାରକୁ ଯିବାକୁ ପଡ଼ିଥାଏ। କେନ୍ଦୁଝର ସହରରେ ରହିବା ପାଇଁ ବଡ଼ ବଡ଼ ହୋଟେଲ ଓ ପର୍ଯ୍ୟଟନ ବିଭାଗର ପାନ୍ଥଶାଳା ରହିଛି।

– ରିପୋର୍ଟ: ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ସ୍ୱର୍ଗତ ପ୍ରତୀକ ମହାପାତ୍ର

ଆର୍ବିଭାବ - ୦୪.୦୨.୧୯୯୯
ତିରୋଧାନ - ୧୭.୧୨.୨୦୧୭
(ବକୁଳ ଅମାବାସ୍ୟା)
ଦୀର୍ଘଶ୍ୱାସର ବର୍ଷଟିଏ ପୁଣି ବିତିଗଲା। ସୁନ୍ଦର ସୁରଭିତ ଫୁଲଟିଏ ହୋଇ ବାସ ଚହଟେଇବାର ଆଶାଥିଲା ତୋ'ର। ମାତ୍ର କିଏ ତୋତେ ବୃନ୍ତରୁ ଛିଣ୍ଡେଇନେଲା ଅକାଳରେ ? ସ୍ୱପ୍ନ ତୋ'ର ଥିଲା ସମୁଦ୍ର ପରି ଦିଗନ୍ତବିସ୍ତାରୀ, ତେଣୁ ସାଗର ସରାଗରେ ତୋତେ କୋଳ କରିନେଲା। ଅମାବାସ୍ୟାର ନିର୍ଜନ୍ମ ରିକ୍ତ ଆକାଶର ଭାଗ୍ୟନେଇ ମୁଁ ଖୋଜୁଛି ତତେ ପ୍ରତିଟି ନକ୍ଷତ୍ର ଭିତରେ। ଯେଉଁଠି ଯେମିତି ଅଛୁ ଭଲରେ ଥା। ପ୍ରଭୁଙ୍କ ପାଖରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ ମା (ଦୁର୍ଗେଶ ନନ୍ଦିନୀ) ଓ ପରିବାରବର୍ଗ

ABS INTERNATIONAL SCHOOL
CHOUDWAR
*We wish all the Students, Parents and School Functionaries a Happy and Prosperous New Year. Let 2021 brings happiness and fearlessness for all.*
BAIKUNTHA BIHARI MOHANTY
Principal
MANOJ KUMAR BISOI
Secretary
Managing Committee

ପ୍ରକୃତ ପ୍ରେମର ଆରମ୍ଭ,
ଏଚ୍.ଆଇ.ଭି.ର ଏକ ପରୀକ୍ଷା ସହିତ

ଏହି ପରୀକ୍ଷା ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ବିନାମୂଲ୍ୟରେ ଉପଲବ୍ଧ ।
ଅସୁରକ୍ଷିତ ଯୌନ ସଂପର୍କରୁ ଦୂରେଇ ରୁହନ୍ତୁ
ଏଚ୍.ଆଇ.ଭି. ସଂକ୍ରମିତ ଛୁଂଚି ବ୍ୟବହାର କରନ୍ତୁ ନାହିଁ
ଏଚ.ଆଇ.ଭି. ସଂକ୍ରମିତ ବ୍ୟକ୍ତି ନିୟମିତ ଔଷଧ ସେବନ କରି ସୁସ୍ଥ ରୁହନ୍ତୁ
ଅଧିକ ଜାଣିବା ପାଇଁ ଦେୟମୁକ୍ତ ଟେଲିଫୋନ ନମ୍ବର 1097 ରେ ଯୋଗାଯୋଗ କରନ୍ତୁ
ୱେବସାଇଟ- www.osacs.nic.in
OSACS ଓଡ଼ିଶା ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତି (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା ସରକାର)


DHARITRI Career appointment Every Wednesday and Saturday

DSPL - 142
ରକ୍ତଦାନ କରନ୍ତୁ
ଅନ୍ୟର ଜୀବନ ବଞ୍ଚାଇବାରେ ସହାୟକ ହୁଅନ୍ତୁ
ODISHA STATE
NATIONAL HEALTH MISSION
ସରକାରୀ ଡାକ୍ତରଖାନା ଗୁଡିକରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ବିନା ମୂଲ୍ୟରେ ରକ୍ତ ଯୋଗାଇ ଦିଆଯାଉଛି ।
ଥାଲାସେମିଆ, ସିକିଲ୍‌ସେଲ୍, ହିମୋଫିଲିଆ ଆଦି ରୋଗୀମାନଙ୍କୁ ଡାକ୍ତରଖାନା ଯିବା ଆସିବା ନିମନ୍ତେ ମାସିକ ୫୦୦ ଟଙ୍କା ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି ।
ବୁନ୍ଦାଏ ରକ୍ତ ପାଇଁ
ହୁଏତ କିଏ ନା କିଏ କେଉଁଠି ଆପଣଙ୍କୁ ଅପେକ୍ଷା କରିଛି...
National Youth Day
ରକ୍ତଦାନ କରନ୍ତୁ
ଶୁଖିଲା ମୁହଁରେ ହସ ଭରନ୍ତୁ
ଅଧିକ ସୂଚନା ପାଇଁ ଜିଲ୍ଲା / ଉପଖଣ୍ଡସ୍ତରୀୟ ରକ୍ତ ଭଣ୍ଡାର କିମ୍ବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ, ଭୁବନେଶ୍ୱରଙ୍କ ସହ ପରାମର୍ଶ କରନ୍ତୁ

ଜାତୀୟ ଯୁବ ଦିବସ
NATIONAL YOUTH DAY
OIPR-10080/13/0001/2021
http://www.health.odisha.gov.in./
facebook.com/HFWOdisha
@HFWOdisha
DONATE BLOOD SAVE LIFE
ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

DSPL-144
5T TRANSPARENCY TECHNOLOGY TEAMWORK TIME TRANSFORMATION
ମୋ ସରକାର 14545
ରାଜ୍ୟସରକାରଙ୍କ 5T କାର୍ଯ୍ୟକ୍ରମ ଅଧୀନରେ ନାଗରିକଙ୍କ ନିମନ୍ତେ ନୂତନ ଅନଲାଇନ ସେବାର ପ୍ରଚଳନ
ଅନଲାଇନ ରେସନ କାର୍ଡ ପରିଚାଳନା ବ୍ୟବସ୍ଥା
ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ, ରାଜ୍ୟବାସୀଙ୍କ ସୁବିଧା ପାଇଁ ସରକାର ନିମ୍ନଲିଖିତ ଅନଲାଇନ ସେବା ଆରମ୍ଭ କରିଛନ୍ତି :
୧. ନୂତନ ରେସନ କାର୍ଡ ନିମନ୍ତେ ଆବେଦନ କରିପାରିବେ;
୨. ରେସନ କାର୍ଡରେ କୌଣସି ସଦସ୍ୟଙ୍କୁ ଯୋଗ କରିପାରିବେ କିମ୍ବା ବାଦ୍ ଦେଇପାରିବେ;
୩. ସଂପୂର୍ଣ୍ଣ ରେସନ କାର୍ଡକୁ ତାଲିକାରୁ କାଟି ପାରିବେ;
୪. ରେସନ କାର୍ଡକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରିପାରିବେ;
୫. ରେସନ କାର୍ଡରୁ କୌଣସି ସଦସ୍ୟ ଯଦି ବିବାହ ଯୋଗୁଁ ଅଥବା ସ୍ୱାମୀ ପରିତ୍ୟକ୍ତା ହୋଇ କିମ୍ବା ଅଧ୍ୟୟନ ନିମନ୍ତେ ଅନ୍ୟତ୍ର ଯାଇଛନ୍ତି ତାହେଲେ, ଗନ୍ତବ୍ୟ ସ୍ଥଳର ରେସନ କାର୍ଡରେ ଯୋଗ ହୋଇପାରିବେ;
୬. ରେସନ କାର୍ଡରେ ଥିବା ଅନ୍ୟାନ୍ୟ ତଥ୍ୟ ମଧ ସଂଶୋଧନ କରିପାରିବେ;
୭. ରେସନ କାର୍ଡ ଡାଉନଲୋଡ କରିପାରିବେ ।
ଏହି ଅନଲାଇନ ସୁବିଧା ବ୍ୟତୀତ, ଆବେଦନକାରୀ, ବ୍ଲକ କିମ୍ବା ପୌରାଞ୍ଚଳ ରେ ଥିବା ରେସନ କାର୍ଡ ପରିଚାଳନା କେନ୍ଦ୍ର ଗୁଡିକରେ ପୂର୍ବଭଳି ମଧ ଆବେଦନ କରିପାରିବେ ।
ଏହି ସେବା ଗୁଡିକ, www.foododisha.in କିମ୍ବା http://www.food.odisha.gov.in > Online Services > Citizen Services ଲିଙ୍କ ରେ ଉପଲବ୍ଧ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର
OIPR-07001/13/0007/2021

ଧରିତ୍ରୀ DHARITRI
ମଙ୍ଗଳବାର, ୧୨ ଜାନୁୟାରୀ, ୨୦୨୧

କ୍ରମବିକାଶର ଶେଷ ହୋଇନାହିଁ। ପ୍ରକୃତିର ଶେଷକଥା ମଧ୍ୟ ମନୁଷ୍ୟର ବୌଦ୍ଧିକ ମନନଶୀଳତା ନୁହେଁ। ପଶୁ ଭିତରୁ ଯେପରି ମଣିଷ ଉଠି ଆସିଛି- ସେହିପରି ମଧ୍ୟ ମଣିଷ ଭିତରୁ ଅତିମାନବ ଉଠିଆସୁଛି। -ଶ୍ରୀଅରବିନ୍ଦ



# ନେବା ନା ନ ନେବା

ଜାନୁୟାରୀ ୧୬ରେ ଦେଶର ଅଗ୍ରାଧିକାର ବର୍ଗର ୩ କୋଟି ଲୋକଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଥିଲେ। ୧୧ ଜାନୁୟାରୀରେ ଏହାର ପ୍ରକ୍ରିୟା କିଭଳି ସୁଗମ ହୋଇପାରିବ ତାହା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଭିଡିଓ କନଫରେନ୍ସ ଯୋଗେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟ ଟିକାକରଣ ଖର୍ଚ୍ଚ କେନ୍ଦ୍ର ବହନ କରିବ। ଏହି ପର୍ଯ୍ୟାୟରେ ୧ କୋଟି ସ୍ୱାସ୍ଥ୍ୟ କର୍ମୀ ଓ ସମ୍ମୁଖ ଭାଗରେ ଥିବା ୨ କୋଟି ବ୍ୟକ୍ତିଙ୍କୁ ଟିକା ଦିଆଯିବ। ଏଥିରୁ ବୁଝିବାକୁ ହେବ ଯେ, ପ୍ରଥମ ପର୍ଯ୍ୟାୟ ପରେ ରାଜ୍ୟ ସରକାରଗୁଡ଼ିକ ଖର୍ଚ୍ଚ ବହନ କରିବେ। ଏହି ପ୍ରଥମ ପର୍ଯ୍ୟାୟରେ ୩ କୋଟି ଲୋକଙ୍କୁ ଟିକା ଦିଆଯିବା ପରେ କେନ୍ଦ୍ର ସରକାର ଅନ୍ୟ କ'ଣ ପଦକ୍ଷେପ ନେବେ ତାହା ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିନାହାନ୍ତି। ସେଥିରୁ ବୁଝି ହେବ ଯେ, ଏହି ପର୍ଯ୍ୟାୟ ପରେ କେନ୍ଦ୍ର ସରକାର ଏ ଦିଗରେ କୌଣସି ଅର୍ଥ ଖର୍ଚ୍ଚ କରିବେ ନାହିଁ। ସମ୍ପୂର୍ଣ୍ଣ ମାନଚିତ୍ର ପ୍ରସ୍ତୁତ କରାଯାଇ ନ ଥିବା ହେତୁ ଅନୁମାନ କରାଯାଇପାରେ ଯେ, ରାଜ୍ୟ ସରକାରଗୁଡ଼ିକ ଉପରେ ପରବର୍ତ୍ତୀ ଟିକାକରଣ ଖର୍ଚ୍ଚ ଲଦି ଦିଆଯିବ। ଆଜିର ସ୍ଥିତିରେ ଜିଏସ୍‌ଟି ସଂଗ୍ରହ ରାଶିରୁ ଉପଯୁକ୍ତ ଭାଗ ପାଇବାରେ ବଞ୍ଚିତ ରାଜ୍ୟ ସରକାର କୋଭିଡ୍ ମହାମାରୀ ଯୋଗୁ ନଇଁପଡ଼ିଥିବା ବେଳେ କିଭଳି ଏହି ଖର୍ଚ୍ଚ ବହନ କରିପାରିବେ ତାହା ବଡ଼ ପ୍ରସଙ୍ଗ ହୋଇପାରେ।

ଭାରତର ଅସଂଖ୍ୟ ଲୋକଙ୍କୁ ଟିକା ଦେବା ଏକ କଷ୍ଟକର ବ୍ୟାପାର। କେନ୍ଦ୍ର ଦ୍ୱାରା ଏହି ବିଶାଳ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲେ ମଧ୍ୟ ତାହାକୁ ରାଜ୍ୟଗୁଡ଼ିକ କାର୍ଯ୍ୟକାରୀ କରିବେ। ଟିକାଗୁଡ଼ିକ ରଖିବା ଲାଗି ଠିକ୍ ଭାବେ କୋଲ୍ଡଚେନ୍ ଉପଯୋଗ ହେଉଛି କି ନାହିଁ, ବ୍ୟବହୃତ ଶିଶିଗୁଡ଼ିକୁ ନଷ୍ଟ କରିବା ଦିଗରେ କେଉଁଭଳି ଉପାୟ ଅବଲମ୍ବନ କରାଯାଉଛି ଆଦି ଦିଗକୁ ଗୁରୁତ୍ୱ ଦିଆଯିବା କଥା। ଭାରତର ଗ୍ରାମାଞ୍ଚଳରେ ବହୁ ଅନଭିଜ୍ଞ କର୍ମୀ ବିଭିନ୍ନ ସମୟରେ ଅନେକ ଟିକା ଦେଇଛନ୍ତି, ଯେଉଁଥିରେ ଅସ୍ୱାଭାବିକ ସ୍ଥିତି ଉପୁଜିଥିବାର ଦେଖାଯାଇଛି। ପୂର୍ବରୁ ଦିଆଯାଇଥିବା ଟିକା ନିର୍ଦ୍ଦିଷ୍ଟ ବର୍ଗ ଲାଗି ଉଦ୍ଦିଷ୍ଟ ଥିଲା, ଯେପରି ପୋଲିଓ କେବଳ ଛୁଆଙ୍କୁ ଦିଆଯାଇଥାଏ। କୋଭିଡ୍-୧୯ କ୍ଷେତ୍ରରେ ସମୁଦାୟ ଜନସଂଖ୍ୟାକୁ ଟିକା ଦିଆଯିବାର ଚିନ୍ତା କରାଯାଇଥିବାରୁ ସେହିଭଳି ବ୍ୟବସ୍ଥା ବିକଶିତ କରାଯିବା ଦରକାର। ଭାରତରେ କୌଣସି କାର୍ଯ୍ୟ ବ୍ୟବସ୍ଥିତ ଢଙ୍ଗରେ ଏବଂ ବିଚାରବିମର୍ଶ କରାଯାଇ ହେଉ ନ ଥିବାରୁ ତାହାର ଖରାପ ପ୍ରଭାବ ପରିଲକ୍ଷିତ ହୋଇଥାଏ। ଅତୀତରେ ବିମୁଦ୍ରୀକରଣ ଓ ଜିଏସ୍‌ଟି ପ୍ରଚଳନ ବେଳେ ଅଚାନକ ନିଷ୍ପତ୍ତି ଦେଶର ଅର୍ଥନୀତିକୁ କେଉଁଭଳି ସ୍ତରରେ ପହଞ୍ଚାଇ ଦେଇଥିଲା, ତାହାର କୁପ୍ରଭାବ ଦେଶବାସୀ ଭୋଗି ଚାଲିଛନ୍ତି।

୨୦୨୦ ଜାନୁୟାରୀ ୧୧ରେ କରୋନା ଭୂତାଣୁ ଯୋଗୁ ଚାଇନାରେ ପ୍ରଥମ ମୃତ୍ୟୁ ଦେଖାଦେଇଥିଲା। ବର୍ଷକ ମଧ୍ୟରେ ଟିକା ପ୍ରସ୍ତୁତ ହୋଇଯିବା ଓ ତାହାକୁ ଲୋକଙ୍କ ଉପରେ ପ୍ରୟୋଗ କରାଯିବା ସକାଶେ ତାରିଖ ଘୋଷଣା କେବଳ ଭାରତ ନୁହେଁ, ବିଶ୍ୱବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। କାରଣ ଟିକା କେତେଦୂର ଫଳପ୍ରଦ ହେବ ସେଥିନେଇ ପର୍ଯ୍ୟାପ୍ତ ପ୍ରମାଣ ମିଳିପାରି ନାହିଁ। ବରଂ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କରୋନା ଟିକା କୋଭାକ୍ସିନ୍ ନେଇଥିବା ଭୋପାଳର ଜଣେ ସ୍ୱେଚ୍ଛାସେବୀ ୪୨ ବର୍ଷୀୟ ଦୀପକ ମାର୍ୱିଙ୍କ ପ୍ରାଣହାନି ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସେ ଡିସେମ୍ବର ୧୨ରେ ଟିକା ନେଇଥିଲେ ଓ ତାଙ୍କର ଡିସେମ୍ବର ୨୧ରେ ମୃତ୍ୟୁ ଘଟିଛି। ଏହି ଖବର ପ୍ରସାରିତ ହେବା ପରେ ଲୋକଙ୍କ ମନରେ ଶଙ୍କା ପଶିଛି। ଅନେକ ସୂତ୍ରରୁ ଶୁଣିବାକୁ ମିଳିଲାଣି ଯେ, ଲୋକେ ଟିକା ନେଇ ସାରନ୍ତୁ, କିଛି ଦିନ ଗଡ଼ିଯାଉ ସ୍ଥିତି ଦେଖି ନେବା କି ନ ନେବା ବିଚାର କରିବା। ଏଥିରୁ ବୁଝିବାକୁ ହେବ ଯେ, ଟିକା ଉପରେ ଜନସାଧାରଣ ଭରସା କରିପାରୁ ନାହାନ୍ତି। ଏଥିସହିତ ଯେଉଁ ପ୍ରସଙ୍ଗ ଏବେ ଆଲୋଚନା ପରିସରକୁ ଆସିଛି ତାହା ହେଲା ଅନ୍ୟ ଦେଶ ତୁଳନାରେ ଭାରତରେ କରୋନାଜନିତ ମୃତ୍ୟୁସଂଖ୍ୟା କମ୍ ରହିଛି। ଏହାର କାରଣ ଏଠାରେ ଲୋକଙ୍କ ମଧ୍ୟରେ ନାଚୁରାଲ ଇମ୍ୟୁନିଟି ପାୱାର ବା ପ୍ରାକୃତିକ ରୋଗ ପ୍ରତିରୋଧକ ଶକ୍ତି ଅଧିକ ବୋଲି କୁହାଯାଉଛି। ତେବେ ଭାରତରେ କରୋନାଜନିତ ମୃତ୍ୟୁର ସଂଖ୍ୟାକୁ ସବୁ ରାଜ୍ୟରେ ହ୍ରାସ କରି ପ୍ରଚାରିତ କରାଯାଉଛି। ବାସ୍ତବରେ ଯଦି ସଂଖ୍ୟା କମ୍ ହୋଇଥାଏ, ତାହା ହେଲେ ସବୁ ଲୋକଙ୍କୁ ଟିକା ଦେବାର ଆବଶ୍ୟକତା ନାହିଁ। ଅପରପକ୍ଷରେ ଯଦି ମନ୍ଦ ଉଦ୍ଦେଶ୍ୟ ରଖାଯାଇ ମୃତ୍ୟୁ ସଂଖ୍ୟାକୁ ସରକାରୀ ସ୍ତରରେ ହ୍ରାସ କରାଯାଇଛି, ସମସ୍ତଙ୍କୁ ଟିକା ଦେବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିବ। ଏହି ବୃହତ୍ କାର୍ଯ୍ୟ କରାଇବା ଏବଂ ସେଥିପାଇଁ ଯେଉଁ ବିପୁଳ ଅର୍ଥ ଖର୍ଚ୍ଚ ହେବ, ତାହା ରାଜ୍ୟ ସରକାରଗୁଡ଼ିକ ଯୋଗାଡ଼ କରିବା ଏକ ବିରାଟବଡ଼ ଚ୍ୟାଲେଞ୍ଜ ହୋଇ ଛିଡ଼ା ହେଲାଣି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | 8 | | C | | | B |
| | 1 | | | | 4 | 9 | | | 7 | | | 0 | 2 | |
| A | | | | C | 9 | | D | | E | | | | 8 | 5 |
| | 9 | 6 | | D | | | | 3 | | 2 | | 1 | | A |
| 3 | 8 | | | | | | E | 0 | 4 | | | | | D |
| | | | | 7 | 6 | B | 5 | | | | | | 1 | |
| | | | | | B | | | | | A | | 2 | | |
| | 3 | | A | 1 | | 7 | | | | 5 | | | E | |
| E | | | | | | | | 6 | 1 | 7 | | B | C | |
| 6 | 7 | | | | 2 | | C | | | E | 9 | | 5 | 4 |
| | A | | | | C | 8 | 7 | | | | | D | B | 2 |
| | | 1 | | 8 | | | | C | | | 3 | | | |
| B | | | | | | D | 6 | | | | | | 9 | |
| | | | 6 | | 5 | | 0 | | | | | | | |
| | C | 4 | | 0 | E | 3 | | 9 | | | | | A | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 7 | 9 | E | 1 | 8 | 6 | 4 | 0 | D | C | 2 | B | A | 5 |
| 6 | B | 1 | 3 | C | A | 8 | D | 5 | 0 | 9 | E | 2 | 7 | 4 |
| 0 | 4 | C | 9 | 5 | 6 | 7 | A | 2 | 8 | B | 1 | D | 3 | E |
| 8 | D | A | 4 | 7 | 2 | E | B | C | 6 | 3 | 5 | 0 | 1 | 9 |
| 5 | E | 2 | 0 | B | D | 3 | 1 | 9 | A | 4 | 7 | 6 | 8 | C |
| 4 | 0 | D | 5 | E | 1 | 9 | 8 | A | 7 | 6 | B | 3 | C | 2 |
| B | 5 | 6 | A | 0 | 4 | 1 | 2 | D | 3 | 8 | C | E | 9 | 7 |
| A | 9 | E | 6 | 3 | B | C | 0 | 7 | 2 | 1 | 4 | 8 | 5 | D |
| 7 | 1 | 8 | 2 | D | C | 5 | 3 | E | 9 | A | 0 | 4 | B | 6 |
| C | 2 | 3 | 8 | 9 | 7 | B | 6 | 4 | 5 | E | D | A | 0 | 1 |
| 1 | A | 4 | B | 2 | 5 | 0 | C | 3 | E | D | 9 | 7 | 6 | 8 |
| E | 6 | 7 | 1 | A | 0 | 4 | 5 | B | C | 2 | 8 | 9 | D | 3 |
| 9 | 8 | B | C | 4 | 3 | D | E | 6 | 1 | 7 | A | 5 | 2 | 0 |
| D | 3 | 0 | 7 | 8 | E | 2 | 9 | 1 | B | 5 | 6 | C | 4 | A |
| 2 | C | 5 | D | 6 | 9 | A | 7 | 8 | 4 | 0 | 3 | 1 | E | B |

ଗତକାଲିର ଉତ୍ତର

# ଯୁବଶକ୍ତି ରାଷ୍ଟ୍ରଶକ୍ତି



ଡ. ମନୋରଞ୍ଜନ ପ୍ରଧାନ

୧୮୯୩ ସେପ୍ଟେମ୍ବର ୧୧ରେ ଚିକାଗୋ ବିଶ୍ୱଧର୍ମ-ମହାସମ୍ମେଳନୀରୁ ଫେରି ସାରା ଭାରତ ଭ୍ରମଣ କରି ସ୍ୱାମୀ ବିବେକାନନ୍ଦ ଭାରତବର୍ଷର ମହାନତା, ସନାତନ ଧର୍ମ ଓ ସଂସ୍କୃତିର ପବିତ୍ରତା ସମ୍ପର୍କରେ ଦେଶବାସୀଙ୍କୁ କହୁଥାନ୍ତି- ପାଶ୍ଚାତ୍ୟ ଦେଶକୁ ଯିବା ପୂର୍ବରୁ ମୁଁ ଭାରତକୁ ଭଲ ପାଉଥିଲି ; କିନ୍ତୁ ବର୍ତ୍ତମାନ ଭାରତର ଧୂଳିକଣାଟି ପର୍ଯ୍ୟନ୍ତ ମୋ ପାଖରେ ପବିତ୍ର ; ଭାରତର ବାୟୁ ମୋ ନିକଟରେ ପବିତ୍ର। ଭାରତ ପୁଣ୍ୟଭୂମି,ମହାତୀର୍ଥ। ସ୍ୱାମିଜୀଙ୍କ ପ୍ରେରଣାଦାୟୀ ତଥା ଓଜସ୍ୱୀ ଅଭିଭାଷଣରେ ସମବେତ ଜନତା ନିଜକୁ ଏକ ପବିତ୍ର ଦେଶର ସନ୍ତାନ ଭାବେ ଗର୍ବ କରୁଥିବାବେଳେ ଜଣେ ଯୁବକ ପ୍ରଶ୍ନ କଲେ-ହେ ସ୍ୱାମିଜୀ, ନିଜର ଜ୍ଞାନଗରିମା ଓ ଓଜସ୍ୱୀ ଭାଷଣ ବଳରେ ନିଜକୁ ବିଶ୍ୱବିଜୟୀ ପ୍ରମାଣିତ କରିବା ସହ ଭାରତର ବିଜୟବୈଜନ୍ତି ତ ସାରା ବିଶ୍ୱରେ ଉଡେଇଦେଲେ, ହେଲେ ଦେଇପାରିବେ ଭାରତର ସ୍ୱାଧୀନତା ? ଯୁବକର ନିର୍ଭୀକ ପ୍ରଶ୍ନ ଶୁଣି ଯୁବସମାଜର ଆଦର୍ଶ ତଥା ବିପ୍ଲବୀ ଯୁବ ସନ୍ନ୍ୟାସୀ ବିବେକାନନ୍ଦ ନିମିଷକ ପାଇଁ ନୀରବ ରହି ଉତ୍ତର ଦେଲେ- ହେ ଯୁବକ ଆସନ୍ତା ସୂର୍ଯ୍ୟୋଦୟ ପୂର୍ବରୁ ମୁଁ ତୁମ ହାତରେ ଭାରତର ସ୍ୱାଧୀନତା ଅର୍ପଣ କରିବି କିନ୍ତୁ ଗୋଟିଏ ସର୍ତ୍ତରେ। ସର୍ତ୍ତ ହେଉଛି ମୋତେ ଦରକାର ଶହେ ଜଣ ଯୁବକ, ଯେଉଁମାନଙ୍କ ପ୍ରାଣ କାନ୍ଦୁଥିବ ଏ ଦେଶପାଇଁ ଆଉ ପ୍ରତିକ୍ଷଣ ସଜାଗ ରହିଥିବେ ଏ ଦେଶବାସୀଙ୍କ ନିମନ୍ତେ ପ୍ରାଣବଳୀ ଦେବାଲାଗି। ଦେଇପାରିବ ଏଭଳି ଶହେ ଜଣ ଯୁବକ! ନୀରବ ନିରୁତ୍ତର ରହିଲେ ଯୁବକ ଜଣକ । ଅତ୍ୟନ୍ତ ଭାବପ୍ରବଣ ହୋଇ ସ୍ୱାମିଜୀ ଚିତ୍କାର କରି କହିଲେ- ମନୁଷ୍ୟ ଦରକାର। ମନୁଷ୍ୟ ଦରକାର; ଆଉ ସବୁ ହୋଇଯିବ। ବୀର୍ଯ୍ୟବାନ, ସମ୍ପୂର୍ଣ୍ଣ ଅକପଟ, ତେଜସ୍ୱୀ, ବିଶ୍ୱାସୀ ଯୁବଗଣ ଆବଶ୍ୟକ। ଏହିପରି ଶହେ ଯୁବକ ହେଲେ ସମଗ୍ର ଜଗତକୁ ପରିବର୍ତ୍ତନ କରାଯାଇପାରେ। ସ୍ୱାମିଜୀଙ୍କ ଏହି ଉଦ୍‌ବୋଧନ ସ୍ପଷ୍ଟ ଦର୍ଶାଉଛି ଯୁବସମାଜ ଉପରେ ଥିବା ତାଙ୍କ ଆସ୍ଥା, ବିଶ୍ୱାସ ଓ ପ୍ରତିବଦ୍ଧତାକୁ।

ଏକଥା ଅକାଟ୍ୟ ସତ୍ୟ ଯେ ଗୋଟିଏ ରାଷ୍ଟ୍ରର ଭାଗ୍ୟ ଓ ଭବିଷ୍ୟତ, ପ୍ରଗତି ଅଥବା ଦୁର୍ଗତି, ବିକାଶ ବା ବିନାଶ, ସୌଭାଗ୍ୟ ଅଥବା ଦୁର୍ଭାଗ୍ୟ ତା'ର ଯୁବ ସମାଜ ଉପରେ ନିର୍ଭରଶୀଳ। ଯୁବଗୋଷ୍ଠୀ ଯଦି ବିବେକୀ, ଗୁଣଗ୍ରାହୀ, କର୍ତ୍ତବ୍ୟନିଷ୍ଠ, ଶୃଙ୍ଖଳିତ, ସଂଯମୀ, ସଂସ୍କାରୀ, ସଂସ୍କୃତିସମ୍ପନ୍ନ, ରାଷ୍ଟ୍ରପ୍ରେମୀ ତଥା ସମର୍ପିତ ହେବେ, ତେବେ ସେ ଦେଶ ସବୁ କ୍ଷେତ୍ରରେ ସଫଳତା ପାଇପାରିବ। ଅପରପକ୍ଷେ, ଯୁବସମାଜ ଯଦି ଅପାଠୁଆ, ଅଶିକ୍ଷିତ, ସ୍ୱାର୍ଥପର, ସଂସ୍କାରହୀନ, ନିଶାସକ୍ତ ତଥା ବିବେକରହିତ ହୋଇ ନିଜ ଲାଭ ଓ ଲୋଭ କଥା ଚିନ୍ତା କରନ୍ତି, ତେବେ ସେ ଦେଶକୁ ଧ୍ୱଂସ ମୁଖରୁ କେହି ରକ୍ଷାକରିପାରିବେ ନାହିଁ। ସେଥିପାଇଁ ଯୁବଶକ୍ତିକୁ ରାଷ୍ଟ୍ରଶକ୍ତି ବୋଲି କୁହାଯାଏ। ସ୍ୱାମୀ ବିବେକାନନ୍ଦ କହନ୍ତି- ସ୍ୱାଭିମାନୀ ଓ ଚରିତ୍ରବାନ ଯୁବକ କେବଳ ରାଷ୍ଟ୍ରନିର୍ମାଣ କାହିଁକି ସାରା ବିଶ୍ୱନିର୍ମାଣର ବିଶ୍ୱକର୍ମା ହୋଇ ଶାନ୍ତି, ମୈତ୍ରୀ,ସଂହତି ଓ ସମୃଦ୍ଧି ସ୍ଥାପନ କରିପାରିବ। ତେଣୁ ସେ ଦେଶର ଯୁବଶକ୍ତିକୁ ଲୌହର ମାଂସପେଶୀ, ଇସ୍ପାତର ଉପାଦାନରେ ଗଠିତ ସ୍ନାୟୁମଣ୍ଡଳୀ ଓ ଉନ୍ନତ ମସ୍ତିଷ୍କ ହେବା ପାଇଁ ଆହ୍ୱାନ ଦେଇ କହନ୍ତି- ଆମର ଯୁବକମାନଙ୍କୁ ବଳିଷ୍ଠ ହେବାକୁ ପଡିବ, ଧର୍ମ ପରେ ଆସିବ। ହେ ମୋର ଯୁବ ବନ୍ଧୁଗଣ, ତୁମ୍ଭେମାନେ ବଳବାନ ହୁଅ- ଏହା ହିଁ ତୁମମାନଙ୍କ ପ୍ରତି ମୋର ଉପଦେଶ। ଗୀତାପାଠ ଅପେକ୍ଷା ଫୁଟବଲ ଖେଳିଲେ ତୁମେ ସ୍ୱର୍ଗର ଅଧିକତର ସମୀପବର୍ତ୍ତୀ ହେବ। ମୋତେ ସାହାସପୂର୍ବକ କଥାଗୁଡିକ କହିବାକୁ ପଡୁଛି ; କିନ୍ତୁ ନ କହି ରହିପାରୁନି। ମୁଁ ତୁମକୁ ଭଲପାଏ। ମୁଁ ଜାଣେ ଜୋତାର କେଉଁ ଜାଗା ପାଦକୁ ପୀଡ଼ା ଦେଉଛି। ମୋର କିଛି ଅଭିଜ୍ଞତା ଅଛି। ତୁମ ଶରୀର ଟିକେ ଶକ୍ତ ହୋଇଗଲେ ତୁମେ ଗୀତା ଭଲରୂପେ ବୁଝିପାରିବ। ଯେତେବେଳେ ତୁମମାନଙ୍କ ରକ୍ତ ଟିକେ ତାଜା ହୋଇଯିବ, ଶ୍ରୀକୃଷ୍ଣଙ୍କ ମହତୀ ପ୍ରତିଭା ଓ ମହାନ୍ ବୀର୍ଯ୍ୟ ଭଲ କରି ବୁଝିପାରିବ। ଯେତେବେଳେ ତୁମ ଶରୀର ପାଦ ଉପରେ ଦୃଢଭାବରେ ଅବସ୍ଥିତ ହେବ, ସେତେବେଳେ ତୁମେ ନିଜକୁ ମଣିଷ ବୋଲି ଜାଣିପାରିବ ଏବଂ ଉପନିଷଦ ଓ ଆତ୍ମାର ମହିମା ଭଲଭାବରେ ବୁଝିପାରିବ।



ଜାତୀୟ ଯୁବ ଦିବସ ଉପଲକ୍ଷେ

ଯୁବଗୋଷ୍ଠୀ ପାଇଁ ସ୍ୱାମିଜୀଙ୍କ ସ୍ପଷ୍ଟ ବାର୍ତ୍ତା ପ୍ରେରଣାଦାୟୀ ନିଶ୍ଚୟ। ହେଲେ ଏହି ତେଜସ୍ୱୀ ପରାମର୍ଶର ମହତ୍ତ୍ୱ ଉଭୟ ଯୁବସମାଜ ଓ ସେମାନଙ୍କ ମାତାପିତା, ଅଭିଭାବକ ଓ ଶିକ୍ଷକ ସମାଜ ଉପଲବ୍ଧି କରିବା ଉଚିତ। ଶାରୀରିକ ଶିକ୍ଷାକୁ ଅଦରକାରୀ ଓ ଅଲୋଡା ଭାବି ଶିଶୁ ଅବସ୍ଥାରୁ ପିଲାମାନଙ୍କୁ ତଥ୍ୟ ଘୋଷାଇ ପରୀକ୍ଷା ଓ ମାର୍କସର୍ବସ୍ୱ ପ୍ରତିଯୋଗିତାରେ ଜଣେ ଜଣେ ପ୍ରତିଭାଗୀ କରାଇ ଦେଶର ଭାଗ୍ୟ ଏବଂ ଭବିଷ୍ୟତମାନଙ୍କୁ ଶାରୀରିକ ଭାବେ ଏକପ୍ରକାର ଦୁର୍ବଳ ଓ ନିସ୍ତେଜ କରିଦେଉଥିବା ଅଭିଭାବକମାନେ ଏହା ଅନୁଭବ କରିବା ଉଚିତ। କାରଣ ଶିକ୍ଷାର ଅର୍ଥ ତଥ୍ୟ ଆତ୍ମସାତ ନୁହେଁ। ଅଭିଭାବକମାନଙ୍କ ବ୍ୟାକୁଳ ମାନସିକତା ଓ ଶିକ୍ଷାଦାନର ସ୍ୱରୂପକୁ ଲକ୍ଷ୍ୟ କରି ସ୍ୱାମିଜୀ କହନ୍ତି- କଠୋର ପ୍ରହାର ଦ୍ୱାରା ଗଧକୁ ଘୋଡ଼ାରେ ପରିଣତ କରିବାର ଅପଚେଷ୍ଟା କଲାଭଳି ଶିଶୁକୁ ଶିକ୍ଷାଦେବା ପାଇଁ ଯେଉଁ ପଦ୍ଧତିର ଲକ୍ଷ୍ୟ, ସେପରି ଶିକ୍ଷା ପଦ୍ଧତି ଅନାବଶ୍ୟକ। ମାତାପିତାଙ୍କ ଅତ୍ୟଧିକ ଅମନଯୋଗିତା ହେତୁ ଆମ ଶିଶୁମାନେ ସେମାନଙ୍କ ଅଭିବୃଦ୍ଧି ନିମନ୍ତେ ମୁକ୍ତ ଅବକାଶ ପାଆନ୍ତି ନାହିଁ। ତେଣୁ ମାତାପିତାମାନେ ବୁଝିବା ଦରକାର କି ସେମାନଙ୍କ ପିଲାମାନେ ଭଲ ମାର୍କ ରଖି ଅଧିକ ଟଙ୍କା ଉପାର୍ଜନକାରୀ ବଡ ଚାକିରିଆ ହେବା ପରିବର୍ତ୍ତେ ଭଲ ମଣିଷ ହୁଅନ୍ତୁ। ସେଥିପାଇଁ ସେମାନେ ପିଲାମାନଙ୍କର ଦୃଢ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ମାର୍ଗଦର୍ଶନ କରନ୍ତୁ। ସ୍ୱାମିଜୀଙ୍କ ଭାଷାରେ- ଇଚ୍ଛା ସବୁଠାରୁ ଅଧିକ ବଳବାନ୍। ଇଚ୍ଛାଶକ୍ତି ସପକ୍ଷରେ ଅନ୍ୟ କିଛି ତିଷ୍ଠିପାରେ ନାହିଁ; କାରଣ ଏହା ଈଶ୍ୱରଙ୍କ ନିକଟରୁ ଆସିଅଛି। ଅପରପକ୍ଷେ, ପୃଥିବୀ ଇତିହାସ ହେଉଛି ଅଳ୍ପ କେତେଜଣ ଆତ୍ମବିଶ୍ୱାସୀ ମଣିଷଙ୍କ ଇତିହାସ। ସେହି ବିଶ୍ୱାସ ଭିତରେ ଦେବତ୍ୱ ଜାଗ୍ରତ କରେ। ତେଣୁ ଆତ୍ମବିଶ୍ୱାସୀ ହୁଅ।

ଆନନ୍ଦର ବିଷୟ ଆଜି ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ତିଥି। ଭାରତର ମୋଟ ଜନସଂଖ୍ୟାର ପ୍ରାୟ ପଞ୍ଚଷଠ ପ୍ରତିଶତ ଯୁବଶକ୍ତି। ସେମାନଙ୍କ ହାତରେ ଏକ ଶ୍ରେଷ୍ଠ ଭାରତର ଚାବିକାଠି। ସେମାନଙ୍କ ତ୍ୟାଗ, ତପସ୍ୟା ଓ ସମର୍ପଣ ହିଁ ଏ ଦେଶକୁ ପୁନଃ ବିଶ୍ୱଗୁରୁର ଆସନରେ ବସେଇପାରିବ। ସ୍ୱାମିଜୀଙ୍କ କହିବା ଅନୁସାରେ ଯୁବ ସମାଜ ବିଜ୍ଞାନ ସହ ବୈଦିକ ଜ୍ଞାନ, ଆଧୁନିକତା ସହ ଆଧ୍ୟାତ୍ମିକତା ତଥା ପ୍ରାଚ୍ୟ ଦର୍ଶନ ସହ ପାଶ୍ଚାତ୍ୟର ଆଧୁନିକ ବିଜ୍ଞାନ ସମ୍ବନ୍ଧରେ ଗଭୀର ଅନୁଶୀଳନ ପୂର୍ବକ ଦେଶର ପ୍ରତ୍ୟେକ ନାଗରିକଙ୍କ ସେବାରେ ନିଜକୁ ସମର୍ପିତ ହେବାକୁ ପଡିବ। ସ୍ୱାମିଜୀଙ୍କ ଚିନ୍ତାଧାରା ଓ ଦର୍ଶନ ଯୁବପିଢ଼ିର ଜୀବନାଦର୍ଶ ହେବା ଉଚିତ। ଜଡ଼ବାଦୀ ଭୌତିକ ସୁଖରେ ଅନ୍ଧ ନ ହୋଇ ଯୁବଗଣ ସମାଜ ତଥା ବିଶ୍ୱକଲ୍ୟାଣର ଜଣେ ଜଣେ ମହାରଥୀ ହେବା ପାଇଁ ପ୍ରସ୍ତୁତ ହେବା ଉଚିତ। ଯୁବଗୋଷ୍ଠୀ ଯଦି ନିଜ ପ୍ରାରବ୍ଧ, ପୁରୁଷାର୍ଥ ଓ ପ୍ରବଳ ପ୍ରଚେଷ୍ଟା ବଳରେ ଦେଶ ଓ ଦେଶବାସୀଙ୍କ ପାଇଁ କିଛି କରିବାର ମାନସିକତା ରଖିବେ, ତେବେ ଆମ ଦେଶ ଆତ୍ମନିର୍ଭର ଭାରତରେ ପରିଣତ ହେବା ସହ ସମ୍ପୂର୍ଣ୍ଣ ମାନବଜାତିର ମଙ୍ଗଳ କରିପାରିବ। କାରଣ ବିଶ୍ୱ କଲ୍ୟାଣ ଆମ ଭାରତୀୟମାନଙ୍କର ଜନ୍ମଗତ ସଂସ୍କାର। କୋଟିକୋଟି ଯୁବତୀଯୁବକ ନିଜକୁ ଆତ୍ମବିଶ୍ୱାସୀ,ଦୃଢ ମନୋବଳ ବିଶିଷ୍ଟ କର୍ମବୀର ଓ ତ୍ୟାଗୀ ତଥା ପରୋପକାରୀ ଭାରତପ୍ରେମୀ ଭାବେ ପ୍ରସ୍ତୁତ କରିପାରିଲେ ରାଷ୍ଟ୍ରଋଷି ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନ ଓ ସଂକଳ୍ପ ପୂର୍ଣ୍ଣ ହୋଇପାରିବ। ବିଶେଷକରି, ଯୁବଗୋଷ୍ଠୀ ସ୍ୱାମିଜୀଙ୍କୁ ଯେତେ ଅଧିକ ବୁଝିବେ, ଜାଣିବେ, ଆବିଷ୍କାର କରିବେ, ନିଜ ଭିତରେ ସ୍ୱାମିଜୀଙ୍କୁ ଖୋଜିବେ, ଦେଖିବେ, ନିଜକୁ ଗଢିବେ, ବଞ୍ଚିବାର ଯୋଜନା ପ୍ରସ୍ତୁତି କରିବା ଆରମ୍ଭ କରିବେ, ତାହା ହେବ ତାଙ୍କ ପାଇଁ ଶ୍ରେଷ୍ଠ ସମର୍ପଣ ଓ ଶ୍ରଦ୍ଧା ସୁମନ। ସେଥିଲାଗି କବିଗୁରୁ ରବୀନ୍ଦ୍ର ନାଥ କହନ୍ତି- ଯଦି ତୁମେ ଭାରତକୁ ଜାଣିବାକୁ ଚାହୁଁଛ, ବିବେକାନନ୍ଦଙ୍କୁ ଅଧ୍ୟୟନ କର। ଏପରି କି ଥରେ ଜାମସେଦଜୀ ଟାଟା କହିଥିଲେ, ଭାରତରେ ପ୍ରଯୁକ୍ତି ବିଦ୍ୟା ଏବଂ ବିଜ୍ଞାନ ଉନ୍ନତି ପାଇଁ ଟାଟା ଯାହା କରିଛି, ଏହା ପଛରେ ସ୍ୱାମିଜୀଙ୍କ ପ୍ରେରଣା ଓ ନିଷ୍ପତ୍ତି ଥିଲା।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ,
ଜୟପୁର, କୋରାପୁଟ
ମୋ: ୯୪୩୭୯୧୪୮୧୮

# ଶିଶୁ କନ୍ୟା ଅଲୋଡ଼ା କି



ବୈକୁଣ୍ଠନାଥ ମିଶ୍ର

ପ୍ରାଚୀନ କାଳରେ ନାରୀ ଶିକ୍ଷାରହିତ ଭାବେ କେବଳ ପୁରୁଷର ସମସ୍ତ ଉଦାସୀନତାର ଶିକାର ହୋଇ ଆସିଥିଲା । କ୍ରମେ ସମୟ ପରିବର୍ତ୍ତନ ହେଲା ଓ ନାରୀ ପ୍ରତି ସମାଜର କଠୋରତାରେ ସାମାନ୍ୟ ହ୍ରାସ ଘଟିଲା। ନାରୀ ଯେ ପୁରୁଷର ସମକକ୍ଷ- ଏଇ କଥାକୁ ପ୍ରମାଣିତ କରିବାକୁ ନାରୀକୁ କମ୍ ସଂଘର୍ଷ କରିବାକୁ ପଡ଼ିନାହିଁ। ତଥାପି ଏ ସଂଘର୍ଷର ଅନ୍ତ ଘଟିନାହିଁ । ଏବେ ନାରୀକୁ ପ୍ରତି ମୁହୂର୍ତ୍ତରେ ସଂଘର୍ଷର ସାମ୍ନା କରିବାକୁ ପଡୁଛି ; ଯଦିଓ ସେ ପୂର୍ବାପେକ୍ଷା ଅଧିକ ସଶକ୍ତ ହୋଇଛି ।

ନାରୀ ସିନା ଏକ, ହେଲେ ତା'ର ଭୂମିକା ଅନେକ। ସେ ଜନନୀ ରୂପେ ସ୍ନେହ ମମତାର ମନ୍ଦାକିନୀ ବୁହାଇଦିଏ ତ କେବେ ଭଗ୍ନୀରୂପେ ଭାଇ ହାତରେ ରାଖୀଟିଏ ବାନ୍ଧିଦେଇ ତା'ଠାରୁ ଦାବିକରେ ସର୍ବବିଧ ସୁରକ୍ଷା। ପୁଣି ସ୍ତ୍ରୀ ଭାବେ ସ୍ୱାମୀ ସହ ସଂସାର ବାନ୍ଧେ ଓ ସମକର୍ମ, ସମଧର୍ମରେ ଦୀକ୍ଷିତ ହୋଇ ସଂସାରର ଦନ୍ତୁରିତ ଓ କଣ୍ଟକିତ ପଥକୁ ସରଳ ସୁଗମ କରିଦିଏ। ଏ ସବୁର ନିର୍ଯ୍ୟାସ ହେଲା ଆମ ପାଇଁ ନାରୀଟିଏ ଆବଶ୍ୟକ ମାତା, ଭଗିନୀ ଓ ଜାୟାର ଭୂମିକା ନିଭାଇବା ପାଇଁ । କିନ୍ତୁ ସେହି ନାରୀ କନ୍ୟାସନ୍ତାନ ରୂପେ ଆମକୁ ପ୍ରାପ୍ତ ହେଲେ ସବୁ ଅଙ୍କ ଯେମିତି ଭୁଲ ହୋଇଯାଏ । କନ୍ୟା ସନ୍ତାନଟିଏ ଭୂମିଷ୍ଠ ହେଲେ ମାତାପିତା ଓ ପରିବାରର ତା'ପ୍ରତି ଭୃକୁଞ୍ଚନ ସୃଷ୍ଟିହୁଏ। ଆକାଶଟା ଯେମିତି ମୁଣ୍ଡ ଉପରେ ଛିଡ଼ିପଡ଼େ। ଅଧିକାଂଶ କ୍ଷେତ୍ରରେ କନ୍ୟା ସନ୍ତାନଟି ଏ ଦୁନିଆର ଆଲୋକ ଦେଖିବା ପୂର୍ବରୁ ମାତୃଗର୍ଭରୁ ହିଁ ତାକୁ ନିଃଶେଷ କରିଦିଆଯାଏ । ଭ୍ରୂଣ ଚିହ୍ନଟ ଯଦିଓ ନିଷେଧ ହୋଇଛି ଅଧିକାଂଶ କ୍ଷେତ୍ରରେ ଅସାଧୁ ନିରୀକ୍ଷଣକାରୀଙ୍କ ସହାୟତାରେ ଏହା ସମ୍ଭବ ହେଉଛି। ପୁତ୍ର ପ୍ରାପ୍ତିର ଲାଳସା ଆମ ମନ ଓ ହୃଦୟକୁ ପୁଲକିତ କରୁଛି । ପୁତ୍ରର ବୃଦ୍ଧ ମାତାପିତାଙ୍କ ପ୍ରତି ନିର୍ଯାତନାର କରୁଣ କାହାଣୀ ଶ୍ରୁତିଗୋଚର ହେଉଥିଲେ ମଧ୍ୟ, ପୁତ୍ର ସନ୍ତାନ ପ୍ରାପ୍ତି ନିମିତ୍ତ କି ପ୍ରଚଣ୍ଡ ଅଭୀପ୍ସା ! ଫକୀରମୋହନଙ୍କ କାଳଜୟୀ 'ଡାକମୁନ୍‌ସୀ'ରେ ପୁତ୍ର ଗୋପାଳବାବୁଙ୍କର ରୁଗ୍‌ଣ ପିତା ହରି ସିଂହଙ୍କ ପ୍ରତି ନିର୍ଯାତନାର କାହାଣୀ ଆମ ସମ୍ମୁଖରେ ଥାଇ ମଧ୍ୟ ପୁତ୍ରମୋହ ତଥାପି ଆମ ମନପ୍ରାଣକୁ ଆଚ୍ଛାଦିତ କରୁଛି ।

ନାରୀ ହେଉଛି ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ନିଜେ ଅନାହାର ଓ ଅର୍ଦ୍ଧାହାରରେ ରହି ପରିବାରର ପେଟଚିନ୍ତା କରିବା ନାରୀ ଚରିତ୍ରର ଏକ ବୈଶିଷ୍ଟ୍ୟ । ସଂସାରର ସମସ୍ତ ପ୍ରତିକୂଳତାକୁ ସାମ୍ନାକରି ସନ୍ତାନକୁ ଭଲ ମଣିଷଟିଏ କରିବାର କାମନା କରିଥାଏ। ଏସବୁ ସତ୍ତ୍ୱେ ନିସ୍ତାର ମିଳୁନାହିଁ ଏ ନାରୀ ସମାଜକୁ। କୁନି କୁନି କନ୍ୟାମାନେ ସ୍ୱର୍ଗ ରାଜ୍ୟର ପରୀ ସଦୃଶ। କିଛି ବର୍ଷ ହେଲା ସେହି ପରୀମାନେ ସମାଜରୁ ଅନ୍ତର୍ନିହିତ ହୋଇ ଯାଉଥିବାର ଖବର ନିତି ଶ୍ରୁତିଗୋଚର ହେବାରେ ଲାଗିଛି ।

ଏ ବିଷୟରେ ଜାତୀୟ କ୍ରାଇମ୍ ରେକର୍ଡସ ବ୍ୟୁରୋ (ଏନ୍‌ସିଆର୍‌ବି)ର ରିପୋର୍ଟ ଅତ୍ୟନ୍ତ ଉଦ୍‌ବେଗଜନକ। ବିଗତ ୫ବର୍ଷ ମଧ୍ୟରେ ଅପହୃତ ଶିଶୁଙ୍କ ସଂଖ୍ୟା ଅକଳ୍ପନୀୟ ଭାବେ ବୃଦ୍ଧି ପାଇଛି। ସେମାନେ ଏବେ କେଉଁଠି ଓ କିପରି ଅଛନ୍ତି, ତା'ର ହିସାବ କାହା ପାଖରେ ନାହିଁ। ନିଃସଙ୍ଗତାର ସୁଯୋଗ ନେଇ ଛୋଟଛୋଟ ଝିଅମାନଙ୍କୁ କୌଶଳରେ ଅପହରଣ କରାଯାଇ ଅଜ୍ଞାତବାସରେ ରଖାଯାଉଛି। ଅପହର୍ତ୍ତା ସେମାନଙ୍କୁ ମୋଟାଅଙ୍କରେ ବିକିଦେଉଛନ୍ତି। ଏଥିରେ କେତେକ ର୍‍ୟାକେଟ ସମଗ୍ର ଭାରତରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି । ସେହି କୁନିକୁନି ଝିଅମାନଙ୍କୁ ସାଧାରଣ ଖାଦ୍ୟ ପୋଷାକ ଦିଆଯାଇ ଛୋଟମୋଟ କାମରେ ନିଯୁକ୍ତି କରାଯାଉଛି। କେତେକଙ୍କୁ ଦାଦନ ଖଟାଯାଉଛି ତ ଆଉ କାହାକୁ ବୟସାଧିକ ପୁରୁଷଙ୍କ ସହ ବିବାହ କରିଦିଆଯାଉଛି। ଦାଦନ ଖଟୁଥିବା ଝିଅମାନଙ୍କୁ ମଧ୍ୟ ଯୌନ ଉତ୍ପୀଡ଼ନରୁ ମୁକ୍ତି ମିଳୁନାହିଁ। ସବୁଠାରୁ ଭୟଙ୍କର କଥା ହେଉଛି ସେମାନଙ୍କ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗକୁ ବହୁମୂଲ୍ୟରେ ବିକ୍ରି କରିଦିଆଯାଉଛି। ଜାତୀୟ କ୍ରାଇମ ରେକର୍ଡସ ବ୍ୟୁରୋର ତଥ୍ୟ ଅନୁସାରେ କେବଳ ଓଡ଼ିଶାରେ ୨୦୧୯ରେ ନିଖୋଜ ହୋଇଛନ୍ତି ୫୫୦୩ ଜଣ ଶିଶୁକନ୍ୟା। ୨୦୧୫ପରଠାରୁ ଓଡ଼ିଶାରେ ନିରୁଦ୍ଦିଷ୍ଟ ଶିଶୁକନ୍ୟାଙ୍କ ସଂଖ୍ୟା ପ୍ରାୟ ୭୫ପ୍ରତିଶତ ବୃଦ୍ଧିପାଇଛି।

ସର୍ବୋଚ୍ଚ ନ୍ୟାୟାଳୟ ଏକ ଜନସ୍ୱାର୍ଥ ମାମଲାର ବିଚାରକରି ଭାରତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ନିଖୋଜ ଶିଶୁମାନଙ୍କୁ ଯଥାଶୀଘ୍ର ଉଦ୍ଧାର କରିବାକୁ। ନିଖୋଜ ଶିଶୁମାନଙ୍କ ଉଦ୍ଧାର ପାଇଁ ଅପରେଶନ 'ମୁସ୍କାନ''ସ୍ମାଇଲ'ଏବଂ 'ପରୀ ପାଇଁ କଥାଟିଏ' ଭଳି ସମସ୍ତ ପ୍ରକଳ୍ପ ଓ ତା'ସହ ସୁପ୍ରିମ୍‌କୋର୍ଟଙ୍କ କଡ଼ା ଚେତାବନୀ ପୂର୍ଣ୍ଣଫଳପ୍ରଦ ହୋଇପାରିନାହିଁ। ଉପରୋକ୍ତ ଅଭିଯାନ ଦ୍ୱାରା ଉଦ୍ଧାର ହୋଇଛନ୍ତି ୧୪୯୦ଜଣ ପରୀ। ଜାତୀୟ କ୍ରାଇମ ରେକର୍ଡସ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶରେ ବର୍ଷକୁ ନିଖୋଜ ଶିଶୁଙ୍କ ସଂଖ୍ୟା ୧ଲକ୍ଷ ୩୫ହଜାର। ଅର୍ଥାତ ପ୍ରତି ଘଣ୍ଟାରେ ନିଖୋଜ ହେଉଛନ୍ତି ପ୍ରାୟ ୧୫ଶିଶୁକନ୍ୟା। ପରିସ୍ଥିତି ଏତେ ଗମ୍ଭୀର ଯେ, ଭବିଷ୍ୟତରେ ପୁଅମାନଙ୍କ ବିବାହ ପାଇଁ ଝିଅଟିଏ ମିଳିବା କଷ୍ଟକର।

ଭାରତ ସରକାରଙ୍କର ଏକ ସର୍ଭେ ରିପୋର୍ଟ ଅନୁସାରେ ଦେଶର ସବୁ ରାଜ୍ୟରେ କନ୍ୟାଭ୍ରୂଣ ହତ୍ୟା ଚାଲିଛି। ଉକ୍ତ ରିପୋର୍ଟ କହେ ବିଗତ ୩୫ବର୍ଷ ମଧ୍ୟରେ ହତ୍ୟା କରାଯାଇଛି ପ୍ରାୟ ୩କୋଟି ୫୦ଲକ୍ଷ କନ୍ୟାଭ୍ରୂଣ । ଏମାନେ ବଞ୍ଚିଥିଲେ ଦେଶର ବିକାଶରେ କିଛି ନା କିଛି ସହଭାଗୀ ହୋଇଥାନ୍ତେ। ରେକର୍ଡ ଅନୁଯାୟୀ ବର୍ତ୍ତମାନ ସର୍ବଭାରତୀୟ ସ୍ତରରେ ପ୍ରତି ୧୦୦୦ପୁରୁଷରେ ନାରୀ ସଂଖ୍ୟା ୯୭୦। ଆଶ୍ୱସ୍ତିକର କଥା ଏହି ଯେ ବଣପାହାଡ଼ ଘେରା ଆଦିବାସୀ ଜନଜାତିଙ୍କ ମଧ୍ୟରେ କନ୍ୟାଭ୍ରୂଣ ହତ୍ୟା ପ୍ରାୟତଃ ଦେଖାଯାଏ ନାହିଁ । ସଭ୍ୟ ଶିକ୍ଷିତ ବୋଲାଉଥିବା ଜନସମାଜରେ ଏହା ଏକ ସଂକ୍ରାମକ ବ୍ୟାଧିପରି ମାଡି ଚାଲିଛି। କନ୍ୟାଭ୍ରୂଣ ହତ୍ୟା ସହ କୁନିକୁନି ଝିଅମାନଙ୍କୁ ଅପହରଣ ଓ ହତ୍ୟା ମଧ୍ୟ କରାଯାଉଛି । ଏହାର କିଛି ପ୍ରତିକାର ନାହିଁ ।

ମହାତ୍ମା ଗାନ୍ଧୀ କହିଥିଲେ, ''ନାରୀ ହେଉଛି ପୁରୁଷର ସମାନ ମାନସିକ ଦକ୍ଷତା ରଖୁଥିବା ସାଥୀ, ଯାହାର କି ପୁରୁଷର ପ୍ରତ୍ୟେକ ଗତିବିଧି ସହ ସମାନ ଅଂଶଗ୍ରହଣ କରିବାର ଅଧିକାର ରହିବା ସହିତ ପୁରୁଷ ସହ ତା'ର ସମାନ ସ୍ୱାଧୀନତା ଓ ସ୍ୱତନ୍ତ୍ରତାର ଅଧିକାର ମଧ୍ୟ ରହିଛି।'' ନାରୀ ହେଉଛି ଶକ୍ତି ପ୍ରଦାୟିନୀ, ପ୍ରିୟଦର୍ଶିନୀ । ସେ ସରସ୍ୱତୀ, ଲକ୍ଷ୍ମୀ, କରୁଣାମୟୀ। ସେ ସ୍ମୃତି, ମେଧା, ଧୃତି, କ୍ଷମା, ସ୍ନିଗ୍ଧା, ଅଭୟା । ସେ ଧରିତ୍ରୀ, ସର୍ବଂସହା । ନାରୀ ପ୍ରତି କୌଣସି ଅଶୋଭନୀୟ ଆଚରଣ କେବେ ବି ଗ୍ରହଣୀୟ ନୁହେଁ । ନାରୀ ଅମର୍ଯ୍ୟାଦା ବିନାଶର ଦ୍ୱାର ଉନ୍ମୁକ୍ତ କରେ । ସୁତରାଂ ନାରୀକୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ସର୍ବାଦୌ ଗ୍ରହଣୀୟ । ଆମ ଶିଶୁକନ୍ୟାମାନେ ଯେ ଅଲୋଡ଼ା ନୁହନ୍ତି -ଏ କଥା ଆମକୁ ହୃଦୟଙ୍ଗମ କରିବାର ଅଛି ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

## ଏଇ ଭାରତରେ

ବହୁ ସମୟରେ ବନ୍ୟପ୍ରାଣୀଙ୍କ ଜୀବନ ନିଜ ଜୀବିକାଠାରୁ ଅଧିକ ହୋଇଯାଏ, ଯାହାର ପ୍ରମାଣ ମିଳିଛି ଛତିଶଗଡ଼ ଏମ୍.ସୂରଜଙ୍କ କାର୍ଯ୍ୟରୁ। ଚାକିରି ଛାଡି ସୂରଜ ବାଘ ଜୀବନ ରକ୍ଷା କରିବାରେ ନିଜ ଜୀବନ ଉତ୍ସର୍ଗ କରିଦେଇଛନ୍ତି। ଯୁବା ବୟସରେ ବନ୍ୟଜୀବ ସୁରକ୍ଷା ଏବେ ତାଙ୍କ ପାଇଁ ଏକ ଆହ୍ୱାନ ପାଲଟିଛି। ଛତିଶଗଡ଼ର ଉଦନ୍ତି ସୀତା ନଦୀ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲରେ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ୩୦ ବର୍ଷ ବୟସ୍କ ସୂରଜ ଏକ ଇଞ୍ଜିନିୟରିଂ କଲେଜରୁ ଅଧ୍ୟାପକ ଚାକିରି ଛାଡି ଏହି କାର୍ଯ୍ୟରେ ଲାଗିଛନ୍ତି। ଏଥିପାଇଁ ସେ ଏକ ଟିମ୍ ବି ଗଠନ କରିଛନ୍ତି। ଏହି ଟିମ୍‌ରେ ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ, ରାଜ୍ୟ ବନ ବିଭାଗ ଏବଂ ଡ୍ୟାଭିଡ ସିପର୍ଡ ୱାଇଲ୍ଡ ଲାଇଫ ଫାଉଣ୍ଡେଶନର କର୍ମଚାରୀମାନେ ସାମିଲ ହୋଇଛନ୍ତି। ଏବେ ସୁଦ୍ଧା ସୂରଜ ଏମାନଙ୍କ ସାହାଯ୍ୟରେ ଅଭୟାରଣ୍ୟର ୩୦୦ଟି ସ୍ଥାନକୁ ସର୍ଚ୍ଚକରିଛନ୍ତି। ଏହି ସମୟରେ ସେ ଶିକାରୀମାନଙ୍କ ଦ୍ୱାରା ବସାଯାଇଥିବା ୧୫୦ରୁ ଊର୍ଦ୍ଧ୍ୱ ଯନ୍ତା ଜବତ କରି ପ୍ରାଣୀଙ୍କ ଜୀବନ ବଞ୍ଚାଇପାରିଛନ୍ତି। କାଠ, ଜାଲ, ଷ୍ଟିଲ ତାର, ମାଉଥ ବମ୍ ଆଦି ଜବତ କରିବାରେ ସକ୍ଷମ ହୋଇଛନ୍ତି। ପ୍ରଥମେ ସେ କେବଳ ସାପ ଜୀବନ ବଞ୍ଚାଉଥିଲେ। ପରେ ଚିତାବାଘ ସହ ହରିଣ, ହେଟାବାଘ, ମାଙ୍କଡ଼ ଏବଂ ବିଭିନ୍ନ ପକ୍ଷୀଙ୍କ ସଂରକ୍ଷଣରେ ଲାଗିଛନ୍ତି। ଏବେ ସେ ସରକାରଙ୍କ ସହାୟତାରେ ଭୋରାମ୍‌ଦେଓ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଆଉ ଏକ ଅଭିଯାନ ଆରମ୍ଭ କରିଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜାନୁୟାରୀ ୧୯୯୬

- ଚୀନର ଦକ୍ଷିଣ-ପଶ୍ଚିମ ଜିୟାଙ୍ଗକ୍ସି ପ୍ରଦେଶର ୟାନଜଏ ନଦୀର ୨ଟି ବନ୍ଦ ଭୁଶୁଡ଼ି ୨୬ ମୃତ।
- କଞ୍ଜରଭେଟିଭ୍ ଲିବରାଲ ଡେମୋକ୍ରାଟିକ ପାର୍ଟିର ସଭାପତି ରୁଟାରୋ ହାସିମୋଟୋ ଜାପାନର ନୂଆ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ।
- ସ୍ଥଳ ପରିବହନ, ଟେଲିଯୋଗାଯୋଗ ଏବଂ ପେଟ୍ରୋଲିୟମ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଭାରତ ଓ କାନାଡ଼ା ମଧ୍ୟରେ ୫ଟି ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ନ ପାରେଁ ବୁଝି କିଏ ସେ ମୁହିଁ
କିଏ ବା ତୁମେ ଛଇଳ-ମୁହୀ
ନ ପାରେଁ ବୁଝି ଏକ କି ଦୁଇ ସଙ୍ଗିନୀ
ଆସ ଗୋ ଆସ, ହୁଅ ପରାଣ-ବନ୍ଦିନୀ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସରକାରୀ ପ୍ରତାରଣା

ମହାଶୟ,

ପେଟ୍ରୋଲ ଓ ଡିଜେଲ ଦର ଏବେ ଆକାଶଛୁଆଁ । ଏହା ଖାଉଟିଙ୍କ ନିଦ ହଜେଇ ଦେଇଛି । ଏବେ ଦେଶର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୮୫ ଓ ୮୦ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଛି । ଜଣାପଡିଛି ଯେ, ପେଟ୍ରୋଲର ଲିଟର ପିଛା ଦର ଉତ୍ପାଦ ଶୁଳ୍କ ଓ ଭ୍ୟାଟ ଲାଗୁ ହେବା ପୂର୍ବରୁ ୩୦ଟଙ୍କାରୁ କମ୍ ରହିଛି । ଏହା ଉପରେ ଉତ୍ପାଦ ଶୁଳ୍କ ପାଖାପାଖି ୩୩ଟଙ୍କା ଏବଂ ଭାଟ୍ ୧୯ଟଙ୍କା ଲାଗୁ କରାଯାଉଛି । ଏବେ କୁହାଯାଉଛି ଯେ,ବିଶ୍ୱବଜାରରେ ଅଶୋଧିତ ତୈଳଦର ବୃଦ୍ଧି ପାଉଥିବାରୁ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଉଛି। ଯେତେବେଳେ ଅଶୋଧିତ ତୈଳଦର ବିଶ୍ୱବଜାରରେ ହ୍ରାସ ପାଉଥିଲା ସେତେବେଳେ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ବୃଦ୍ଧି କରି ତୈଳଦରକୁ ଉଚ୍ଚସ୍ତରରେ ରଖିଥିଲେ କାହିଁକି ? ନିର୍ବାଚନ ବେଳେ ତୈଳଦର ବଢୁ ନାହିଁ । ଏହା ସରିଗଲା ମାତ୍ରେ ତୈଳଦର ବୃଦ୍ଧି ହେଉଛି । ଏହା ସରକାରୀ ପ୍ରତାରଣା ନୁହେଁ କି?

-ଅକ୍ଷୟ ମହାନ୍ତି, ହାଜିପୁର, ବିରିଡ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଲାଞ୍ଚ ନେବାବେଳେ ତହସିଲ କିରାଣି ଗିରଫ**

**ବଲାଙ୍ଗୀର ଅଫିସ:** ଜଣେ ବ୍ୟକ୍ତିଙ୍କ ଜମି ରେକର୍ଡ ଅଫ୍ ରାଇଟ୍ (ଆରଓଆର) କରାଇ ଦେବାକୁ କହି ୨୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବଲାଙ୍ଗୀର ଜିଲା ମୁରିବାହାଲ ତହସିଲ ଅଫିସର ବରିଷ୍ଠ କିରାଣି ତଥା ରେକର୍ଡ କିପର ଅସିତ୍ କୁମାର ଯୋଷୀ ସୋମବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଲିମପଡା ଗ୍ରାମର ଥବିର ସାହୁ ଆରଓଆର ପାଇଁ ବାରମ୍ବାର ତହସିଲ ଅଫିସକୁ ଦୌଡୁଥିଲେ। ଏହାକୁ କରାଇଦେଲେ ଟଙ୍କା ହେବାକୁ ପଡିବ ବୋଲି କିରାଣି ଯୋଷୀ କହିଥିଲେ। ଏ ସମ୍ପର୍କରେ ସାହୁ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସର ଯୋଜନା ଅନୁଯାୟୀ ସାହୁ ସୋମବାର ପୂର୍ବାହ୍ନରେ ଅଫିସକୁ ଯାଇ ପ୍ରତିଶ୍ରୁତି ମୁତାବକ ଯୋଷୀଙ୍କୁ ୨୮ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଟଙ୍କା ସହ ତାଙ୍କୁ ଗିରଫ କରିଥିଲେ।

# କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ନାଏକ ଗୁରୁତର

**ଦୁର୍ଘଟଣାରେ ସ୍ତ୍ରୀଙ୍କ ସମେତ ୨ ମୃତ**



ନୂଆଦିଲ୍ଲୀ, ୧୧।୧: କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ନାଏକଙ୍କ କାର୍ ସୋମବାର ରାତିରେ କର୍ନାଟକରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେ ଗୁରୁତର ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଓ ବ୍ୟକ୍ତିଗତ ସଚିବଙ୍କ ମୃତ୍ୟୁ ଘଟିଛି। ଗୋଆ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆୟୁଷ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଶ୍ରୀପଦ ବିପଦମୁକ୍ତ ଥିବା ଜଣାପଡିଛି। କର୍ନାଟକର ଉତ୍ତର କନ୍ନଡ ଜିଲା ଅନ୍ତର୍ଗତ ଅଙ୍କୋଲାରେ ସୋମବାର ରାତିରେ ଏହି ଦୁର୍ଘଟଣା ଘଟିଛି। ମନ୍ତ୍ରୀ ତାଙ୍କ ସ୍ତ୍ରୀ ବିଜୟା ଓ ସଚିବ ଦୀପକଙ୍କ ସହ ୟେଲ୍ଲାପୁରରୁ ଗୋକର୍ଣ୍ଣ ଯାଉଥିଲାବେଳେ ଦୁର୍ଘଟଣା ଘଟିଥିଲା। ବିଜୟାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ମୃତ୍ୟୁ ହୋଇଥିଲା। ସେହିପରି ଗୁରୁତର ଆହତ ଦୀପକ ମଧ୍ୟ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ୟୁରପ୍ପା ଶୋକବ୍ୟକ୍ତ କରିବା ସହ ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ପଥ ଓଗାଳିଛି ଆର୍ଇଟି ସର୍ଭେ

**ଯାଜପୁର ଅଫିସ,୧୧।୧**

**ବିରଜାକ୍ଷେତ୍ରକୁ ରେଳପଥ ସଂଯୋଗ**

- ସର୍ଭେରେ ବାସ୍ତବତାଠାରୁ ଭିନ୍ନ ରିପୋର୍ଟ
- ଆଗାମୀ ରେଳ ବଜେଟରେ ମଞ୍ଜୁର ଦାବି

ପୂର୍ବତଟ ରେଳପଥ ଅଧୀନ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନଠାରୁ ଧାମରା ପର୍ଯ୍ୟନ୍ତ ପ୍ରସ୍ତାବିତ ନୂତନ ରେଳଲାଇନ ପ୍ରକଳ୍ପକୁ ଆରଇଟି(ରିକନାସ୍ ଇଞ୍ଜିନିୟରିଂ-କମ୍-ଟ୍ରାଫିକ) ସର୍ଭେ ରିପୋର୍ଟରେ ସ୍ଥଗିତ ରଖାଯାଇଛି। ରେଳଲାଇନର କ୍ଷମତା ଅନୁସାରେ ବର୍ତ୍ତମାନ ପରିପ୍ରେକ୍ଷୀରେ ନୂତନ ରେଳଲାଇନର ଆବଶ୍ୟକତା ନାହିଁ ବୋଲି ଆରଇଟି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ତଦନୁଯାୟୀ ରେଲୱେ ବୋର୍ଡର ୱାର୍କ-୨ ନିର୍ଦ୍ଦେଶକ ଧନଞ୍ଜୟ ସିଂ ପୂର୍ବତନ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ୧୮।୭।୨୦୧୮ରେ ସୂଚନା ଦେଇଛନ୍ତି। ଏହି ମର୍ମରେ ସୂଚନା ଅଧିକାର ଆଇନ(ଆରଟିଆଇ)ରେ ତଥ୍ୟ ମିଳିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଆସନ୍ତା ଫେବୃୟାରୀରେ ହେବାକୁ ଥିବା ରେଳବଜେଟରେ ଏହି ପ୍ରକଳ୍ପକୁ ନେଇ ଅର୍ଥ ମଞ୍ଜୁର ନ କଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଉଦ୍‌ବେଗ ପ୍ରକାଶ ପାଇଛି।

ଯାଜପୁର-କେନ୍ଦୁଝରରୋଡ୍ ଷ୍ଟେଶନଠାରୁ ଧାମରା ଭାୟା ଯାଜପୁର ଓ ଆରଡି ପର୍ଯ୍ୟନ୍ତ ୯୫.୯୫୦ କିମି ନୂତନ ରେଳପଥ ପାଇଁ ୨୦୧୨-୧୩ରେ ସର୍ବେକ୍ଷଣ ହୋଇଛି। ୨୦୧୫ ଏପ୍ରିଲରେ ରେଲୱେ ବୋର୍ଡ ନିକଟରେ ନଥିପତ୍ର ଦାଖଲ କରାଯାଇସାରିଛି। ଏହି ରେଳପଥ ନିର୍ମାଣ ପାଇଁ ୧୦୪୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ମଧ୍ୟ ହୋଇଛି। ଏହା ନିର୍ମାଣ ହେଲେ ପୂର୍ବତଟ ରେଲୱେ ବର୍ଷକୁ ୩୩ ପ୍ରତିଶତ ଲାଭବାନ ହେବ ବୋଲି ସର୍ଭେ କରିଥିବା ଅଧିକାରୀମାନେ ଜଣାଇଛନ୍ତି। ଯାଜପୁରରେ ମା’ ବିରଜାଙ୍କ ଶକ୍ତିପୀଠ ଥିବାବେଳେ ଭଦ୍ରକ ଜିଲା ଆରଡ଼ିଠାରେ ଆଖଣ୍ଡଳମଣୀ ଧାମ ରହିଛି। ଏହି ୨ ସ୍ଥାନକୁ ପ୍ରତ୍ୟେକ ଦିନ ଦେଶ ବିଦେଶରୁ ଶ୍ରଦ୍ଧାଳୁମାନେ ଆସି ଦର୍ଶନଲାଭ କରିଥାନ୍ତି। ଉକ୍ତ ରେଳପଥ ଦ୍ୱାରା ପର୍ଯ୍ୟଟନ କ୍ଷେତ୍ରର ବିକାଶ ସମ୍ଭବ ହେବ। ଯାଜପୁର ଜିଲାର କଳିଙ୍ଗନଗର ଏସିଆ ମହାଦେଶର ଇସ୍ପାତ ରାଜଧାନୀଭାବେ ପରିଗଣିତ ହୋଇସାରିଲାଣି। ଏଠାରୁ ଧାମରା ଦେଇ ଦେଶ ବିଦେଶକୁ ମାଲ ପରିବହନ କରିବା ପାଇଁ ସୁଗମ ହେବ। ଜିଲାର ଉତ୍ପାଦିତ କୃଷିଜାତ ଦ୍ରବ୍ୟର ପରିବହନରେ ଉନ୍ନତି ଆସିବା ସହିତ ଖାଉଟି ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ଅଧିକ ସୁବିଧାଜନକ ହେବ ବୋଲି ଦାବି ହୋଇ ଆସିଛି। ବିଗତ ବର୍ଷଗୁଡ଼ିକରେ ରେଳ ବଜେଟରେ ଏହି ପ୍ରକଳ୍ପକୁ ସ୍ଥାନ ମିଳି ନ ଥିବାରୁ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ଆରଟିଆଇର ତଥ୍ୟକୁ ଅବଲୋକନ କଲେ ଏହି ପ୍ରକଳ୍ପ ନିର୍ମାଣକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଆରଟିଆଇ ତଥ୍ୟରେ ରେଲୱେ ବୋର୍ଡ ପକ୍ଷରୁ ହୋଇଥିବା ଆରଇଟି ସର୍ଭେରେ ଏହି ପ୍ରକଳ୍ପକୁ ନେଇ ନକାରାତ୍ମକ ଉତ୍ତର ଦିଆଯାଇଛି। ଉକ୍ତ ଉତ୍ତରରେ ଭଦ୍ରକଠାରୁ ଧାମରା ବନ୍ଦରକୁ ୬୫ କିମି ଦୂର ପୂର୍ବରୁ ରେଳସଂଯୋଗ ରହିଛି। ଅତିରିକ୍ତ ରେଳସଂଯୋଗର ଆବଶ୍ୟକତା ନାହିଁ। ରେଳଲାଇନର କ୍ଷମତାର ୬୬ ପ୍ରତିଶତ ଏବେ ବ୍ୟବହାର ହେଉଛି। ଯେତେବେଳେ ଏହାର କ୍ଷମତା ୮୦ରୁ ଊର୍ଦ୍ଧ୍ୱ ପ୍ରତିଶତକୁ ବୃଦ୍ଧି ହେବ ସେତେବେଳେ ଦ୍ୱିତୀୟ ରେଳଲାଇନର ଆବଶ୍ୟକତା ହେବ ବୋଲି ଆରଇଟି ସର୍ଭେରେ ଦର୍ଶାଯାଇଛି। କିନ୍ତୁ ବର୍ତ୍ତମାନ ଧାମରା ପୋର୍ଟରୁ ପରିବହନ କ୍ଷମତା ବହୁଗୁଣରେ ବୃଦ୍ଧି ଘଟିଛି। ଏହାସହ ପୂର୍ବରୁ ରହିଥିବା ରେଳଲାଇନରେ ଯାତ୍ରୀ ପରିବହନ ହେଉନାହିଁ। ବିରଜାକ୍ଷେତ୍ର ଓ ଆରଡି ପର୍ଯ୍ୟଟନସ୍ଥଳୀକୁ ଗୁରୁତ୍ୱ ଦେଲେ ନୂତନ ରେଳପ୍ରକଳ୍ପର ବହୁଗୁଣରେ ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତେଣୁ ଆସନ୍ତା ବଜେଟ ଅଧିବେଶନରେ ଏହି ପ୍ରକଳ୍ପ ଉପରେ ଜିଲାରୁ ନେତୃତ୍ୱ ନେଉଥିବା ଲୋକ ପ୍ରତିନିଧିମାନେ ପ୍ରଭାବୀ ଢଙ୍ଗରେ ଦାବି କରିବାକୁ ଜିଲାବାସୀ ଆହ୍ୱାନ କରିଛନ୍ତି। ରାଜନୈତିକ ବିଦ୍ୱେଷ ମନୋଭାବ ନ ରଖି ଏହି ଲୋକହିତକର ପ୍ରକଳ୍ପକୁ ଗମ୍ଭୀରତାର ସହ ଗ୍ରହଣ କରିବାକୁ ସତ୍ୟପ୍ରକାଶ ବେହୁରିଆ, ଦିଗାମ୍ବର ସାହୁ, ଦୁଷ୍ମନ୍ତ ରାଉତ ପ୍ରମୁଖ ସାମାଜିକ କର୍ମୀ ଦାବି କରିଛନ୍ତି।

ଏସଂକ୍ରାନ୍ତରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆରଇଟି ରିପୋର୍ଟ ସଂକ୍ରାନ୍ତରେ ସେ ଅବଗତ ନାହାନ୍ତି। ସେହି ରିପୋର୍ଟ ଅନୁଧ୍ୟାନ କରି ସେ ସଂସଦରେ ଉକ୍ତ ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି।



କେନ୍ଦୁଝର ରୋଡ୍ ରେଳପଥ।

# ଟିକା ସମ୍ପୂର୍ଣ୍ଣ ନିରାପଦ, ଫଳପ୍ରଦ

- ପ୍ରଥମେ କେବଳ କୋଭିଡ୍ ଯୋଦ୍ଧାଙ୍କୁ ଦିଆଯିବ ଟିକା
- ଟିକା ନେବାର ୨୮ ଦିନ ପରେ ଦ୍ୱିତୀୟ ଡୋଜ୍

**ଭୁବନେଶ୍ୱର, ୧୧।୧(ବ୍ୟୁରୋ):** ଓଡ଼ିଶା ସମେତ ସାରା ଦେଶରେ ଆସନ୍ତା ୧୬ ତାରିଖରୁ କରୋନା ଟିକାକରଣ ଆରମ୍ଭ ହେବ। ଏଥିପାଇଁ ରାଜ୍ୟରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପ୍ରଥମେ କେବଳ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟିକା ଦିଆଯିବ। ମାତ୍ର ସେମାନଙ୍କ ପରିବାରକୁ ଟିକା ଦିଆଯିବ ନାହିଁ ବୋଲି ଏସ୍‌ସିବି ମେଡିସିନ ବିଭାଗର ମୁଖ୍ୟ ତଥା ରାଜ୍ୟ ସରକାରଙ୍କ ବୈଷୟିକ ପରାମର୍ଶଦାତା ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, କରୋନା ଟିକା ଦିଆଯାଇ ପ୍ରଥମେ ସ୍ୱାସ୍ଥ୍ୟ କର୍ମୀଙ୍କୁ ସୁରକ୍ଷିତ ରଖାଯିବ। ପରେ ତାଙ୍କ ପରିବାର ଲୋକଙ୍କୁ ସାମିଲ କରାଯିବ। ଯେଉଁମାନେ ଟିକା ନେବେ ତାହାର ୨୮ ଦିନ ପରେ ସେମାନେ ଟିକାର ୨ୟ ଡୋଜ୍ ନେବେ। ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡା. ପଣ୍ଡା କହିଛନ୍ତି ଯେ, ଏହି ଟିକା ସମ୍ପୂର୍ଣ୍ଣ ସୁରକ୍ଷିତ। କାରଣ ଭାରତୀୟ ଔଷଧ ମହାନିୟନ୍ତ୍ରକ ଏସବୁ ଟିକାର ପରୀକ୍ଷଣ କରି ସନ୍ତୁଷ୍ଟ ହେବା ପରେ ହିଁ ମଞ୍ଜୁରୀ ଦେଇଛନ୍ତି। ଗତ ୧୦ ମାସ ଧରି ଏସବୁ ଟିକାର ପୁଙ୍ଖାନୁପୁଙ୍ଖ ପରୀକ୍ଷଣ ଚାଲିଥିଲା। ତେଣୁ ଏହା ନିଶ୍ଚିତ ଭାବେ ନିରାପଦ ଓ ଫଳପ୍ରଦ ହେବ। କରୋନା ଟିକା ନିରାପଦ ଓ ଫଳପ୍ରଦ। ଟିକା ନେବା ଇଚ୍ଛାଧୀନ। ଏହା ବାଧ୍ୟତାମୂଳକ ନୁହେଁ। ମାତ୍ର ଯେଉଁମାନେ ନିଜକୁ ସୁରକ୍ଷିତ କରିବାକୁ ଚାହିଁବେ ଓ ସଂକ୍ରମଣକୁ ରୋକିବାକୁ ଚାହିଁବେ ସେମାନେ ଏହି ଟିକା ନେବା ଉଚିତ୍। ସେହିପରି ଯେଉଁମାନେ କୋଭିଡ୍ ଆକ୍ରାନ୍ତ ହୋଇ ଭଲ ହୋଇଛନ୍ତି, ସେମାନେ ଏହି ଟିକା ନେଇ ନିଜକୁ ସୁରକ୍ଷିତ କରିବା ଆବଶ୍ୟକ। ଯଦି ଆମେ କୋଭିଡ୍ ଟିକା ନେବା, ତା’ହେଲେ କରୋନାକୁ ବହୁ ମାତ୍ରାରେ ରୋକି ପାରିବା ବୋଲି ପଣ୍ଡା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, କରୋନା ଟିକା ପର୍ଯ୍ୟାୟକ୍ରମେ ଦେବାକୁ ନିଷ୍ପତ୍ତି ହୋଇଛି। ଯେଉଁମାନେ କରୋନା ଭୂତାଣୁ ସଂସ୍ପର୍ଶରେ ସିଧାସଳଖ ଆସୁଛନ୍ତି ଯଥା କୋଭିଡ୍ ଯୋଦ୍ଧା ଓ ବୟସ୍କ ତଥା ଶାରୀରିକ ଅସୁସ୍ଥ, ସେମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଟିକା ଦିଆଯିବ। ଏମାନଙ୍କ ପରେ ଅନ୍ୟମାନଙ୍କୁ ଟିକା ଦିଆଯିବ। ଟିକା ନେବାର ୨୮ ଦିନ ପରେ ୨ୟ ଡୋଜ୍ ଦିଆଯିବ। ଟିକା ପାଇଁ ପଞ୍ଜୀକରଣ ଜରୁରୀ। ପଞ୍ଜିକରଣ କଲେ ମେସେଜ୍ ଆସିବ। ମୋବାଇଲରେ କେଉଁଠି, କେଉଁ ଦିନ ଟିକା ଦିଆଯିବ ସେନେଇ ସୂଚନା ମେସେଜ ମାଧ୍ୟମରେ ଜଣାଇ ଦିଆଯିବ। ଆବଶ୍ୟକ ପରିଚୟପତ୍ର ଦେଖାଇ ଟିକାଦାନ କେନ୍ଦ୍ରରୁ ଟିକା ନେଇହେବ ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି।

# କେନ୍ଦୁପତ୍ର ତୋଳାଳି, କର୍ମଚାରୀଙ୍କୁ ୬୦ କୋଟିର ବୋନସ

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

**ମୃତ୍ୟୁ, ଅକର୍ମଣ୍ୟ ସହାୟତା ୨ ଲକ୍ଷକୁ ବୃଦ୍ଧି**

କେନ୍ଦୁପତ୍ର ତୋଳାଳି ଓ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯୨.୩୭ କୋଟି ଟଙ୍କାର ବୋନସ ଏବଂ ଅନ୍ୟାନ୍ୟ ସହାୟତା ଘୋଷଣା କରିଛନ୍ତି। ସେଥିରୁ କେବଳ ବୋନସ ପରିମାଣ ହେଉଛି ୫୯.୭୮ କୋଟି ଟଙ୍କା। ଏଥିସହିତ କେନ୍ଦୁପତ୍ର କର୍ମଚାରୀଙ୍କ ସହାୟତା ରାଶିକୁ ୧ ଲକ୍ଷରୁ ୨ ଲକ୍ଷ ଟଙ୍କାକୁ ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଛନ୍ତି। କେନ୍ଦୁପତ୍ର କର୍ମଚାରୀଙ୍କର ମୃତ୍ୟୁ କିମ୍ବା ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମ ହେଲେ ଅନୁକମ୍ପାମୂଳକ ସହାୟତା ବାବଦକୁ ୨ ଲକ୍ଷ ଟଙ୍କା ମିଳିବ। ସୋମବାର କେନ୍ଦୁପତ୍ର କଲ୍ୟାଣ ବୋର୍ଡରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି।

କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀଙ୍କ କଲ୍ୟାଣ ପାଇଁ ଚଳିତ ବର୍ଷ ବୋନସ, ଅନ୍ୟାନ୍ୟ ସହାୟତା ଓ ଭିତ୍ତିଭୂମି ବିକାଶ ଉଦ୍ଦେଶ୍ୟରେ ୯୨.୩୭ କୋଟି ଟଙ୍କା ବୋର୍ଡ ମଞ୍ଜୁର କରିଛି। କେନ୍ଦୁପତ୍ର ସଂଗ୍ରହ, ବନ୍ଧେଇ ଓ ପ୍ରକ୍ରିୟାକରଣ କାର୍ଯ୍ୟରେ ସାଧାରଣତଃ ଗରିବ ଲୋକମାନେ ନିୟୋଜିତ ହୋଇଥାଆନ୍ତି। ସେମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସବୁବେଳେ ଉଦ୍ୟମ ଜାରି ରଖିଛନ୍ତି। ୨୦୧୪ରେ ଏକ ଐତିହାସିକ ନିଷ୍ପତ୍ତି ନେଇ ରାଜ୍ୟ ସରକାର କେନ୍ଦୁପତ୍ର ବ୍ୟବସାୟରୁ ପାଉଥିବା ଲାଭାଂଶରେ କେନ୍ଦୁପତ୍ର ତୋଳାଳିମାନଙ୍କୁ ସାମିଲ କରିଛନ୍ତି। କୋଭିଡ୍ ମହାମାରୀ ସମୟରେ ବିଭାଗ ୬୦ ଲକ୍ଷରୁ ଅଧିକ କର୍ମ ଦିବସ ସୃଷ୍ଟି କରିପାରିଛି। ଏହାଦ୍ୱାରା ୭ ଲକ୍ଷ ୫୪ ହଜାର ୬୩୧ କେନ୍ଦୁପତ୍ର ତୋଳାଳି, ୧୮,୨୨୩ ବନ୍ଧେଇ ଶ୍ରମିକ ଏବଂ ୧୬,୫୩୩ ସାମୟିକ କର୍ମଚାରୀ ଉପକୃତ ହୋଇଛନ୍ତି। ୨୦୨୦ ଶସ୍ୟ ବର୍ଷରେ ଏ ବାବଦରେ ୨୫୦ କୋଟି ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ଜରିଆରେ ପଇଠ କରାଯାଇଛି।

ଏହି ବୈଠକରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ନିଜର ମତାମତ ରଖିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(କେନ୍ଦୁପତ୍ର) ପ୍ରଭାକର ବେହେରା ବୋର୍ଡର କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ଶର୍ଟ ସର୍କିଟରୁ ଜଳିଗଲା ବସ୍, ବର୍ତ୍ତିଲେ ଯାତ୍ରୀ



ଜଳୁଥିବା ବସ୍।

**ବାଲିଗୁଡା/କ.ନୂଆଗାଁ,୧୧।୧ (ଡି.ଏନ.ଏ.):** କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ କ.ନୂଆଗାଁ ବ୍ଲକ କଞ୍ଚାମେଣ୍ଡି ଛକରେ ସୋମବାର ସକାଳ ସାଢ଼େ ୮ଟାରେ ଏକ ବସ୍ ଶର୍ଟ ସର୍କିଟ ଯୋଗୁ ଜଳିଯାଇଛି। ଏଥିରେ ସମସ୍ତ ୨୨ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ରୁଦ୍ରକାଳୀ ବସ୍‌ଟି ବାଲିଗୁଡ଼ାରୁ ଭଞ୍ଜନଗର ଯାଉଥିଲା। ଜାତୀୟ ରାଜପଥ ଏନ୍‌ଏଚ୍-୫୯ କଞ୍ଚାମେଣ୍ଡି ଛକ ନିକଟରେ ଶର୍ଟ ସର୍କିଟ ଯୋଗୁ ହଠାତ୍ ବସ୍‌ରେ ନିଆଁ ଲାଗିଯିବାରୁ ଚାଳକ ଜଣକ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦେଇଥିଲେ। ପରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖବର ପାଇ ବାଲିଗୁଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ମାର୍ଚ୍ଚ ୨୭ରେ ରାଜ୍ୟ ବାର୍ କାଉନସିଲ ନିର୍ବାଚନ

**କଟକ ଅଫିସ, ୧୧।୧**

ଆସନ୍ତା ମାର୍ଚ୍ଚ ୨୭ରେ ରାଜ୍ୟ ବାର୍ କାଉନସିଲ୍‌ର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ବାର୍ କାଉନ୍‌ସିଲ ସହ ଅନୁବନ୍ଧିତ ସମସ୍ତ ବାର୍ କାଉନସିଲ୍‌କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ୱାନ ବାର୍ ୱାନ ଭୋଟ୍ ଆଧାରରେ ଏହି ନିର୍ବାଚନ ହେବ। ଏଥିପାଇଁ ପ୍ରତ୍ୟେକ ବାର୍ କାଉନସିଲ୍ ନିଜକୁ ଯଥାସମ୍ଭବ ପ୍ରସ୍ତୁତ କରନ୍ତୁ ବୋଲି ରାଜ୍ୟ ବାର୍ କାଉନସିଲ୍‌ର ସମ୍ପାଦକ ଜେ.କେ. ସାମନ୍ତସିଂହାର ସୂଚନା ଦେଇଛନ୍ତି।

# ମାର୍ଚ୍ଚ ୧୨ରୁ ସୈନ୍ୟ ନିଯୁକ୍ତି ରାଲି

**କଟକ ଅଫିସ, ୧୧।୧**

ଆସନ୍ତା ମାର୍ଚ୍ଚ ୧୨ରୁ ୨୪ ତାରିଖ ପର୍ଯ୍ୟନ୍ତ କଟକ ସୈନ୍ୟ ନିଯୁକ୍ତି କାର୍ଯ୍ୟାଳୟ ଦ୍ୱାରା ବ୍ରହ୍ମପୁରସ୍ଥିତ ଗୋପାଳପୁରରେ ସୈନ୍ୟ ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ସୋଲଜର ଜେନେରାଲ ଡ୍ୟୁଟି, ସୋଲଜର ଟେକ୍ନିକାଲ, ସୋଲଜର ଟେକ୍ନିକାଲ (ନର୍ସିଂ ଆସିଷ୍ଟାଣ୍ଟ), ସୋଲଜର କ୍ଲର୍କ/ଏସ୍‌କେଟି ଏବଂ ସୋଲଜର ଟ୍ରେଡସ୍‌ମ୍ୟାନ ଆଦି ପଦବୀ ନିମନ୍ତେ ନିଯୁକ୍ତି ରାଲି ହେବ। ଏଥିରେ କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଏବଂ ଭଦ୍ରକ ଜିଲାର ପ୍ରାର୍ଥୀମାନେ ଅଂଶଗ୍ରହଣ କରିପାରିବେ। ପ୍ରାର୍ଥୀମାନେ ସୈନ୍ୟ ନିଯୁକ୍ତି ନିର୍ଦ୍ଦେଶାଳୟ ୱେବସାଇଟ୍‌ରେ ଜାନୁୟାରୀ ୧୧ରୁ ଫେବୃୟାରୀ ୨୪ ତାରିଖ ପର୍ଯ୍ୟନ୍ତ ଆବେଦନ କରିବାକୁ କଟକସ୍ଥିତ ସୈନ୍ୟ ନିଯୁକ୍ତି କାର୍ଯ୍ୟାଳୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।


**BERHAMPUR UNIVERSITY**
BHANJA BIHAR, BERHAMPUR - 760007 (ODISHA)
No. 558/Finance (Cash)/BU/2021 Date: 08.01.2021
**EXPRESSION OF INTEREST**
Sealed quotations are invited from different banks as notified by the Finance Department, Government of Odisha vide Letter No. 32921/F dated 11.12.2020 (Selection of Banks for Holding Business and Deposits - can be seen in the University website: **www.bamu.nic.in**) indicating the rate of interest to be offered and other terms and conditions for Term Deposits/Special Term Deposits for a fixed period. The quotations should reach the undersigned by 31.01.2021 through Speed/Registered Post only.
By Order
Sd./- Comptroller of Finance

**COLLECTORATE, SUNDARGARH**
(ST & SC Dev. Section)
E-mail: dwosundargarh@gmail.com/Tel No. 06622-272309
No. 90/SSD Dated: 08.01.2021
**TENDER CALL NOTICE**
Sealed tenders are invited from reputed Authorized Firms/ Suppliers having PAN No., Income Tax Clearance & Provisional Registration Certificate of GST and all other document for supply of Amenities for functionalization of Urban Hostel Complex, Rourkela, Sundargarh. The details of tender are available in the district website i.e. **www.sundargarh.nic.in**.
Sd./- District Welfare Officer
Sundargarh

**ODISHA RENEWALBLE ENERGY DEVELOPMENT AGENCY**
S-3/59, Mancheswar Industrial Estate, Bhubaneswar - 751010
Phone: (0674) 2588260, 2586398, 2580554, Fax: 2586368
Website: www.oredaorissa.com
E-mail: ceoreda@oredaorissa.com
**NOTICE INVITING E-TENDER**
No. 122/OREDA Dated: 07.01.2021
ODISHA RENEWABLE ENERGY DEVELOPMENT AGENCY invites sealed e-tenders **in two part bidding system** from manufacturer, system integrator for Design, Manufacture, Supply, Installation (Erection), Testing, Commissioning, including Warranty and Comprehensive Maintenance Contract for a period of 5 years of Solar Energy based dual pump pipe water supply schemes in the State of Odisha under RWS&S (Non JJM) and other Govt. Depts. on rate contract.

| | |
|---|---|
| Date of release of bid | 08.01.2021 |
| Pre-bid video-conference: **https://meet.google.com/vnh-vskt-iig?hs=224** | 20.01.2021 at 11.30 A.M. |
| Revised & final online bid document hoisting | 21.01.2021 |
| Date and time of last submission | 05.02.2021 at 5.00 P.M. Online |
| Date and time of submission of hard copy of documents | 08.02.2021 at 3.30 P.M. |
| Opening of Techno-Commercial Bid (Part - I) | To be informed to the qualified bidders |
| Date of opening of the Price Bid (Part - II) | |

Interested prospective bidders may visit OREDA's website **www.oredaorissa.com** and **www.tenderwizard.com/OREDA** for details relating bidding process and all other terms and conditions. The bidders can view the tender documents from **www.oredaorissa.com** website free of cost. Amendments if any will be published in the OREDA website only. No further notification will be made in the Newspaper.
Sd./- Chief Executive, OREDA

**PANCHAYAT SAMITI OFFICE, KOSAGUMUDA**
DISTRICT: NABARANGPUR
E-mail ID: ori_kosagumuda@nic.in
No. 142/2021 Dev. Dtd.08.01.2021
**TENDER CALL NOTICE No. 2/2020-21**
The Block Development Officer, Kosagumuda invites sealed tenders for supply of Pictorial Tiles having Szie 15" × 15" (Ceramic) printed with PMAY(G)/NSPGY & BPGY Logo in Multi Coloured as prescribed by Govt. as per specifications from reputed registered firms/agencies for affix at the entrance of houses under Rural Housing Scheme of Kosagumuda Block through bid system for 10,998 houses including cost of carriages & all taxes etc. The delivery of the Logos is required to be made at GP Headquarters Level (26 GPs). The offers are liable for rejection if found incomplete in any respect.
Detailed tender documents comprising of having valid documents like Registration Certificates, GST, PAN, 3 years annual turnover, works experience certificates for the following items accompanied with non-refundable Demand Draft of Rs.5000/- only towards Bid cost & EMD of Rs.5000/- only duly pledged in favour of BDO, Kosagumuda. The tender can be downloaded from district website **www.nabarangpur.nic.in** from Dt.11.01.2021 to 17.01.2021.
The last date for submitting the tender paper is Dt.18.01.2021 by 4.00 P.M. by Speed Post/Regd. Post. The tender papers will be opened on Dt.19.01.2021 at 11.00 A.M. in the Mini Conference Hall of Block Development Office, Kosagumuda in presnece of the Tender Committee & the Bidders/their authorised representatives.
The authority reserves the right to accept/reject any or all the tenders without assigning any reasons thereof.

| Sl. No. | Name of the Work | EMD to be Deposited (in Rs.) | Cost of Tender Paper (Non-refundable) (in Rs.) |
|---|---|---|---|
| 1 | 2 | 3 | 4 |
| 1 | Supply of Pictorial Tiles printed with PMAY(G)/ NSPGY & BPGY Logo in Multi Coloured as prescribed by Govt. having size 15" × 15" (Ceramic) | 5000.00 | 5000.00 |

Sd./- Block Development Officer, Kosagumuda

DSPL-143
ବାର୍ତ୍ତା



ପ୍ରତିବର୍ଷ ସାରା ଦେଶରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ଜାନୁଆରୀ ୧୨ ତାରିଖଟିକୁ ‘ଜାତୀୟ ଯୁବ ଦିବସ’ ରୂପେ ପାଳନ କରାଯାଉଛି । ଏହି ଅବସରରେ ସ୍ୱାମୀଜୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।
ସ୍ୱାମୀ ବିବେକାନନ୍ଦଙ୍କ ମତରେ ଯୁବ ଶକ୍ତି ହେଉଛି ବିକାଶର କର୍ଣ୍ଣଧାର ।
ରକ୍ତଦାନ ମହାପୁଣ୍ୟ । କରୋନା ମହାମାରୀ ସଙ୍କଟ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କର ଦୁର୍ଲ୍ଲଭ ଜୀବନ ବଞ୍ଚାଇବାରେ ସହଯୋଗ କରିଥିବା ସମସ୍ତ ସ୍ୱେଚ୍ଛାକୃତ ଯୁବ ରକ୍ତଦାତାମାନଙ୍କୁ ଏହି ଅବସରରେ ମୋର ଆନ୍ତରିକ ଅଭିନନ୍ଦନ ।
ଆସନ୍ତୁ, ଆଜିର ଏହି ଦିବସରେ ସମସ୍ତେ ଶପଥ ନେବା, ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଞ୍ଚାଇବା ସହିତ ସୁସ୍ଥ ଓ ନିରାମୟ ସମାଜ ଗଠନରେ ସହଯୋଗର ହାତ ବଢ଼ାଇବା ।
ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-10080/13/0002/2021

DSPL-143
ବାର୍ତ୍ତା



ଜାନୁଆରୀ ୧୨ ତାରିଖ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସକୁ ‘ଜାତୀୟ ଯୁବ ଦିବସ’ ରୂପେ ପାଳନ କରାଯାଉଛି । ଆଜିର ଏହି ଦିବସରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ଯୁବ ରକ୍ତଦାତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
ସୁସ୍ଥ ସମାଜ ଗଠନ, ଦେଶର ସୁରକ୍ଷା ଓ ବିକାଶ, ସୁଖ ସମୃଦ୍ଧି ଏପରିକି ଦେଶର ସର୍ବାଙ୍ଗୀନ ଉନ୍ନତିରେ ଯୁବ ଶକ୍ତିର ଅବଦାନ ଅତୁଳନୀୟ ।
ରକ୍ତଦାନ କ୍ଷେତ୍ରରେ ଯୁବ ଶକ୍ତିର ଭୂମିକା ଅତ୍ୟନ୍ତ ମହନୀୟ । ରକ୍ତଦାନ ଜୀବନ ଦାନ । ଚିକିତ୍ସା କ୍ଷେତ୍ରରେ ରକ୍ତର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀ ଅଟେ । ୧୮ ବର୍ଷରୁ ଅଧିକ ଯୁବକ ଓ ଯୁବତୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡ଼ି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ସୁସ୍ଥ ସମାଜ ଗଠନରେ ସହାୟକ ହେବା । କରୋନା ମହାମାରୀ ସଙ୍କଟ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ସହାୟକ ହେଉଥିବା ସମସ୍ତ ସ୍ୱେଚ୍ଛାକୃତ ଯୁବ ରକ୍ତଦାତାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ଆସନ୍ତୁ, ଆଜିର ଏହି ଦିବସରେ ସମସ୍ତେ ଶପଥ ନେବା, ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ରାଜ୍ୟରେ ଆବଶ୍ୟକ ପଡୁଥିବା ରକ୍ତର ପରିମାଣକୁ ଭରଣା କରି ଏକ ସୁସ୍ଥ ସମାଜ ଗଠନରେ ସହଯୋଗର ହାତ ବଢ଼ାଇବା । ଏପରି ପୁଣ୍ୟ କାମ କରୁଥିବା ସମସ୍ତ ଯୁବ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ।
(ନବ କିଶୋର ଦାସ)
ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା
OIPR-10080/13/0002/2021

## ବଚସାରୁ ମାରପିଟ, ଜଣେ ଗିରଫ

ଭୁବନେଶ୍ୱର (ବ୍ୟୁରୋ) : ସାମାନ୍ୟ ବଚସାରୁ ମାରପିଟ ଘଟଣାରେ ଖାରବେଳନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ୟୁନିଟ୍-୯ ସୁଧାନିଧିଶ୍ୱର ବସ୍ତିର ଆର୍.ବିନୋଦ କୁମାର। ଏ ନେଇ ପୋଲିସ ୩୧୦/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ରାଜକୁମାର ବସ୍ତିରେ ରହୁଥିବା ଜିତୁ ସେଠୀ ଓ ବିନୋଦ ଦୁହେଁ ସାଙ୍ଗ। ଗତ ଡିସେମ୍ବର ୨୦ରେ ସେମାନେ ଜିତୁ, ବିନୋଦ ଓ ତାଙ୍କର ଅନ୍ୟ ଦୁଇ ଜଣ ସାଙ୍ଗ ଛିଡ଼ା ହୋଇ କଥା ହେଉଥିଲେ। କୌଣସି କାରଣକୁ ନେଇ ଜିତୁ ଓ ବିନୋଦଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ବିନୋଦ ଜିତୁଙ୍କୁ ମାଡ଼ ମାରିଥିଲେ।

### ସଂକ୍ଷେପରେ

## ଚାକିରି ଦେବାକୁ କହି ୫୯ ହଜାର ଠକେଇ

ଭୁବନେଶ୍ୱର,୧୧।୧(ବ୍ୟୁରୋ): ଚାକିରି ଦେବା ନାଁରେ ଟଙ୍କା ଠକେଇ ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ସୋମବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କଟକ ସିଡିଏ ଅଞ୍ଚଳର ଚୌଧୁରୀ ଚରଣ ସାହୁ। ଅଭିଯୁକ୍ତ ଚାକିରି କରାଇଦେବାକୁ କହି ଜଣେ ଯୁବକଙ୍କଠାରୁ ୫୯ ହଜାର ୮୦୦ ଟଙ୍କା ନେଇଥିଲେ। ପୋଲିସ ଅଭିଯୁକ୍ତଙ୍କ ଠାରୁ ସମସ୍ତ ଟଙ୍କା ଜବତ କରିଛି।

## ୨ ଲୁଟେରା ଗିରଫ: ୫ ମୋବାଇଲ, ବାଇକ୍ ଜବତ

ଭୁବନେଶ୍ୱର,୧୧।୧(ବ୍ୟୁରେ): ମୋବାଇଲ୍ ଫୋନ୍ ଲୁଟ୍ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସୋମବାର ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଏୟାରପୋର୍ଟ ଥାନା ଅଞ୍ଚଳର ଅସୀମ କୁମାର ସାହୁ ଓ ଖଣ୍ଡଗିରି ଥାନା ଶିରିପୁର ଅଞ୍ଚଳର ଶୁଭକାନ୍ତ ସାହୁ। ଏମାନଙ୍କ ନିକଟରୁ ୫ଟି ମୋବାଇଲ ଓ ଏକ ବାଇକ ଜବତ କରାଯାଇଛି। ପୋଲିସ ଏ ନେଇ କେସ୍ ନଂ. ୭୧୬/୨୦୨୦ ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି। ଅସୀମଙ୍କ ନାଁରେ ପୂର୍ବରୁ ଖଣ୍ଡଗିରି ଓ ଏୟାରଫିଲ୍ଡ ଥାନାରେ ଲୁଟ୍‌ପାଟ୍, ଚୋରି ଭଳି ୩ଟି ଅଭିଯୋଗ ରହିଛି।ଗତ ନଭେମ୍ବର ୩୦ରେ ଏହି ଲୁଟ ଘଟଣା ଘଟିଥିଲା। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅସୀମ ଓ ଶୁଭକାନ୍ତଙ୍କୁ ଚିହ୍ନଟ କରିବା ପରେ ଉଭୟଙ୍କୁ ଗିରଫ କରିଥିଲା।

## ଆଉ ୨ଦିନିଆ ରିମାଣ୍ଡରେ ଅଭିଯୁକ୍ତ

### ନୟାପଲ୍ଲୀ ଲୁଟ୍, ହତ୍ୟା ଘଟଣା

ଭୁବନେଶ୍ୱର,୧୧।୧(ବ୍ୟୁରୋ): ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତୁଳସୀ ଦେଈ ଲୁଟ୍ ଓ ହତ୍ୟାକାଣ୍ଡରେ ଗିରଫ ଅଭିଯୁକ୍ତ ଗଞ୍ଜାମ ପୋଲସରା ମଠସାହିର ନାରାୟଣ ମହାନ୍ତି ଓରଫ ନାରୁଙ୍କୁ ନୟାପଲ୍ଲୀ ଥାନା ପୋଲିସ ସୋମବାର ଆଉ ୨ଦିନିଆ ରିମାଣ୍ଡରେ ନେଇଛି। ଅନ୍ୟପକ୍ଷେ ଗତ ଅଗଷ୍ଟ ମାସରେ ଜେଲ୍‌ରୁ ମୁକୁଳିଥିବା ନାରାୟଣଙ୍କ ପ୍ରେମିକା ପ୍ରିୟଙ୍କା ମହାନ୍ତିଙ୍କୁ ପୋଲିସ ସୋମବାର ହେପାଜତକୁ ନେଇ ପଚରାଉଚରା କରୁଛି। ଉଭୟଙ୍କୁ ପୋଲିସ ନୟାପଲ୍ଲୀ ଥାନାରେ ମୁହାଁମୁହିଁ ବସାଇ କରିଛି। ଜେରାର ପ୍ରଥମ ଦିନରେ ପ୍ରିୟଙ୍କା ନିକଟରେ ବିପୁଳ ପରିମାଣର ସୁନା ଥିବା ପୋଲିସ ଜାଣିବାକୁ ପାଇଛି। ଏସମସ୍ତ ସୁନା ଉକ୍ତ ପ୍ରେମୀଯୁଗଳ ରାଜଧାନୀର ଲୋକଙ୍କ ନିକଟରୁ ଲୁଟିଥିବା ଥାନାର ଜଣେ ପୋଲିସ କର୍ମଚାରୀ ସୂଚନା ଦେଇଛନ୍ତି। ପୋଲିସ ସମସ୍ତ ସୁନା ଜବତ କରିବାକୁ ଚେଷ୍ଟା ଚଳାଇଥିବାବେଳେ ନାରାୟଣଙ୍କ ଆଉ କେଉଁ ଘଟଣାରେ ସମ୍ପୃକ୍ତି ରହିଛି ସେ ନେଇ ପୋଲିସ ତଦନ୍ତ କରୁଛି। ଶନିବାର ପ୍ରଥମେ ରିମାଣ୍ଡ ସମୟରେ ପୋଲିସ ନାରୁଙ୍କୁ ତୁଳସୀଙ୍କ ହତ୍ୟା ସହ ଅନ୍ୟ ଘଟଣା ନେଇ ମଧ ମାରାଥନ ଜେରା କରିଥିଲା। ଏଥିରେ ପୋଲିସ ନାରୁଙ୍କ ପାଖରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡ଼ିବା ପରେ ତାଙ୍କୁ ପୁଣି ଦୁଇଦିନିଆ ରିମାଣ୍ଡରେ ଆଣିଛି।

## ବାବା ସୋମନାଥଙ୍କ ପ୍ରବେଶ ତୋରଣ ଉଦ୍‌ଘାଟିତ

ବାରଙ୍ଗ,୧୧।୧(ଡି.ଏନ୍.ଏ.)- ପଟିଆ ଅଞ୍ଚଳର ଆରାଧ ଦେବତା ବାବା ସୋମନାଥ ଦେବଙ୍କ ପ୍ରବେଶ ତୋରଣ ସୋମବାର ଉଦ୍‌ଘାଟନ ହୋଇଯାଇଛି। ଉତ୍ସବରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ତୋରଣକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଶିଳ୍ପପତି ଅର୍ଜୁନ ମହାରଣା, ଖବରଦାତା ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇ ବାବା ସୋମନାଥ ଦେବଙ୍କ ମହିମା ଓ ଅଲୌକିକ କଥାବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ। ବାବା ସୋମନାଥ ସେନା ଓ ନାରୀ ଜାଗରଣ ମଞ୍ଚର ତତ୍ତ୍ୱାବଧାନରେ ୫୩ଫୁଟ୍ ଉଚ୍ଚ ଓ ୪୦ ଫୁଟ ଚଉଡ଼ା ବିଶିଷ୍ଟ ତୋରଣ ନିର୍ମାଣ ହୋଇଛି । ପରେ ସୋମନାଥ ମହିମାକୁ ନେଇ 'ହେ ସୋମନାଥ' ନାମକ ଏକ ଭିଡିଓ କ୍ୟାସେଟ ଉନ୍ମୋଚନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜୋନ ୬ ଏସିପି ପ୍ରକାଶ ଚନ୍ଦ୍ର ପାଲ, ନନ୍ଦନକାନନ ଥାନାଧିକାରୀ ବିଶ୍ୱରଞ୍ଜନ ସେନାପତି, ବାରଙ୍ଗ ଥାନାଧିକାରୀ ଶଶିକାନ୍ତ ରାଉତ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାଜକିଶୋର ଜେନା ଓ ସତ୍ୟସନ୍ଧାନ ମୁଖ୍ୟ ସମ୍ପାଦକ ତ୍ରିଲୋଚନ ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

# ସାଇବର ଠକଙ୍କ ଆକାଉଣ୍ଟରୁ ୯ହଜାର ଫେରିଲା

ଭୁବନେଶ୍ୱର,୧୧।୧(ବ୍ୟୁରୋ)

### ୨ କାର୍ଡରୁ ନେଇଗଲେ ଅଢେଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ରାଜଧାନୀରେ ସୋମବାର ପୁଣି ଏକ ବଡ ଧରଣର ଠକେଇର ଶିକାର ହୋଇଛନ୍ତି ଶହୀଦ ନଗର ଥାନା କେଶୁରା ଅଞ୍ଚଳର ଜନୈକା ଯୁବତୀ। ସୋମବାର ଆରବିଏଲ୍ ବ୍ୟାଙ୍କର କ୍ରେଡିଟ କାର୍ଡ ବିଭାଗରୁ କହୁଛି କହି ତାଙ୍କର ଦୁଇଟି କାର୍ଡରୁ ପ୍ରାୟ ୨ଲକ୍ଷ ୫୮ ହଜାର ଟଙ୍କା କାଟିନେଇଛନ୍ତି। ସାଇବର ଠକ ତାଙ୍କ କାର୍ଡରୁ କିଛି ସମୟ ମଧ୍ୟରେ ୪ଟି ପର୍ଯ୍ୟାୟରେ ଏହି ଟଙ୍କା କଟିଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଯୁବତୀ ଜଣକ ଠକାମିର ଶିକାର ହୋଇଛନ୍ତି ବୋଲି ଜାଣିବାବେଳକୁ ଆଉ କିଛି ନ ଥାଏ। ଯୁବତୀ ଜଣକ ଏନେଇ ସାଇବର ସେଲ୍‌କୁ ଜଣାଇବା ସହ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ସାଇବର ହେଲ୍ପଡେସ୍କକୁ ମିଳିଲା ପ୍ରଥମ ସଫଳତା

ଦିନକୁ ଦିନ ବଢ଼ିବାରେ ଲାଗିଛି ସାଇବର ଠକେଇ। ଏହାକୁ ରୋକିବାକୁ କମିଶନରେଟ ପୋଲିସ ପକ୍ଷରୁ ସାଇବର ହେଲ୍ପ ଡେସ୍କ ମଧ ଗଠନ କରାଯାଇଛି। ହେଲେ ଲୋକଙ୍କ ଅନଭିଜ୍ଞତା ଏବଂ ଠିକ୍ ସମୟରେ ଅଭିଯୋଗ ହୋଇପାରୁ ନ ଥିବାରୁ ଅପରାଧୀଙ୍କୁ ଧରିବାରେ ପୋଲିସର ସାଇବର ହେଲ୍ପ ଡେସ୍କକୁ ଆଖିଦୃଶିଆ ସଫଳତା ମିଳିପାରୁ ନାହିଁ। ତେବେ ନିକଟରେ ୫୩ ହଜାର ଠକେଇର ଶିକାର ହୋଇଥିବା ଶହୀଦନଗର ଅଞ୍ଚଳର ଜଣେ ଯୁବକ ଗୋଲ୍‌ଡେନ ଆୱାର ବା ଠକେଇ ହେବାର ଘଣ୍ଟାକ ମଧ୍ୟରେ ପୋଲିସ ନିକଟରେ ଅଭିଯୋଗ କରିବାରୁ ପୋଲିସ ଠକଙ୍କ ଆକାଉଣ୍ଟକୁ ଟ୍ରାକ୍ କରି ସୋମବାର ୯ହଜାର ଟଙ୍କା ଫେରାଇ ଆଣିବାରେ ସଫଳ ହୋଇଛି। ସାଇବର ହେଲ୍ପ ଡେସ୍କର ଏହା ପ୍ରଥମ ସଫଳତା ବୋଲି କୁହାଯାଉଛି।

ଠକେଇର ଶିକାର ହେବା ପରେ ଯୁବକ ଜଣକଙ୍କ ତୁରନ୍ତ ପୋଲିସ ପକ୍ଷରୁ ଦିଆଯାଇଥିବା ସାଇବର ହେଲ୍ପ ନମ୍ବରରେ କଲ୍ କରି ଅଭିଯୋଗ କରିଥିଲେ। ତେଣୁ ପୋଲିସ ଯାଞ୍ଚ କରିବା ସହ ଯୁବକଙ୍କ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର ହୋଇଥିବା ଆକାଉଣ୍ଟରୁ ୯ହଜାର ଟଙ୍କା ରିଭର୍ସ ଆଣିପାରିଥିଲା। ଏଯାବତ୍ ସାଇବର ହେଲ୍ପ ନମ୍ବରକୁ ୪୦୦ରୁ ଊର୍ଦ୍ଧ୍ୱ ଠକେଇଜନିତ କଲ୍ ଆସିସାରିଲାଣି। ଅନ୍ୟପକ୍ଷେ ଠକାମିର ଶିକାର ହେବାର ଏକ ଘଣ୍ଟା ମଧ୍ୟରେ କଲ୍ କରି ଜଣାଇବାକୁ କମିଶନରେଟ୍ ପୋଲିସ ପକ୍ଷରୁ ସଚେତନ କରାଯିବା ସହ ଲୋକଙ୍କୁ ଅନୁରୋଧ କରାଯାଇଛି। ୧ଘଣ୍ଟା ମଧ୍ୟରେ ଜଣାଇଲେ ଟଙ୍କା ଫେରିପାଇବାର ସମ୍ଭାବନା ଅଧିକ ଥିବା ବେଳେ ବିଳମ୍ବ ହେଲେ ଏହା କ୍ଷୀଣ ହୋଇଯାଇଥାଏ।

ସୂଚନାଯୋଗ୍ୟ, ଗତ ୯ତାରିଖରେ ଶହୀଦନଗର ଅଞ୍ଚଳର ଜଣେ ବ୍ୟକ୍ତି ୫୩ହଜାର ଟଙ୍କା ଠକେଇର ଶିକାର ହୋଇଥିଲେ। ସାଇବର ଠକ ଉକ୍ତ ଯୁବକଙ୍କୁ କଲ୍ କରି ନିଜକୁ ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ କଥା ହୋଇଥିଲେ। ଆପଣଙ୍କ ଏଟିଏମ୍ କାର୍ଡ ଡିଆକ୍ଟିଭ୍ ହୋଇଯିବ, ତେଣୁ କାର୍ଡ ନମ୍ବର ଓ ପିନ୍ କୁହନ୍ତୁ ବୋଲି ଠକ ଉକ୍ତ ବ୍ୟକ୍ତିଙ୍କୁ କହିଥିଲେ। ବ୍ୟକ୍ତି ଜଣକ ତାଙ୍କ କଥାରେ ବିଶ୍ୱାସ କରି ବ୍ୟାଙ୍କ ଅଧିକାରୀଙ୍କୁ ଏଟିଏମ୍ କାର୍ଡ ସମେତ ପିନ୍ ନମ୍ବର ଦେଇଦେଇଥିଲେ। ପରେ ବ୍ୟକ୍ତିଙ୍କ ମୋବାଇଲ୍‌କୁ ଏକ ଓଟିପି ଆସିଥିଲା। ବ୍ୟକ୍ତି ଜଣକ ଓଟିପି ମଧ ଠକଙ୍କୁ ଦେଇଦେଇଥିଲେ। ଏହାର କିଛି ସମୟ ପରେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ପ୍ରଥମେ ୪୪ହଜାର ଟଙ୍କା କଟିଯାଇଥିଲା। ଠକାମିର ଶିକାର ହୋଇଥିବା ଜାଣିପାରି ବ୍ୟକ୍ତି ଜଣକ ତୁରନ୍ତ କମିଶନରେଟ୍ ପୋଲିସର ସାଇବର ହେଲ୍ପ ଡେସ୍କକୁ କଲ୍ କରି ଜଣାଇଥିଲେ। ସୂଚନା ପାଇବା ମାତ୍ରେ ପୋଲିସ ସାଇବର ଠକ ବ୍ୟବହାର କରୁଥିବା ଆକାଉଣ୍ଟକୁ ବ୍ଲକ୍ କରିଦେଇଥିଲେ। ଏହି ସମୟ ମଧ୍ୟରେ ସାଇବର ଠକ ଜଣଙ୍କ ଉକ୍ତ ୪୪ ହଜାର ଟଙ୍କାକୁ ଅନ୍ୟ ଏକ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟରୁ ୯ହଜାର ଟଙ୍କା କଟିଥିଲା। ହେଲେ ଏହି ଟଙ୍କାକୁ ଠକ ଜଣଙ୍କ ଆଉ ଟ୍ରାନ୍ସଫର କରିପାରି ନ ଥିଲେ। ପରେ ପୋଲିସ ଠକର ଆକାଉଣ୍ଟ ଯେଉଁ ବ୍ୟାଙ୍କରେ ରହିଛି, ସେହି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ଆବଶ୍ୟକ ତଥ୍ୟ ଦେଇ ପୋଲିସ ୯ହଜାର ଟଙ୍କା ଠକ ଆକାଉଣ୍ଟରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିବାରେ ସଫଳ ହୋଇଥିଲା।



କୋଭିଡ୍ ସହାୟତା ଏବଂ ଅନ୍ୟାନ୍ୟ ଦାବିରେ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ।

# ନୂତନ ପରୀକ୍ଷା କେନ୍ଦ୍ରର ଶିଳାନ୍ୟାସ



ଶିଳାନ୍ୟାସ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏବଂ ଅନ୍ୟ ଅତିଥି ।

ଭୁବନେଶ୍ୱର, ୧୧।୧(ବ୍ୟୁରୋ):

ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଭିତରେ ନିଜର ଉତ୍କର୍ଷତାକୁ ବଜାୟ ରଖିବା ସହ ଆଉ ଏକ ପାଦ ଆଗକୁ ବଢ଼ିଛି। ପ୍ରଥମ ଥର ପାଇଁ ଛାତ୍ରୀଛାତ୍ରଙ୍କ ସ୍ୱତନ୍ତ୍ରତାକୁ ଅଗ୍ରାଧିକାର ଦେଇ ଏକ ନୂତନ ପରୀକ୍ଷା ହଲ ନିର୍ମାଣ କରିବା ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୪ କୋଟି ୫୨ ଲକ୍ଷ ବ୍ୟୟ ବରାଦରେ ଏହି ପରୀକ୍ଷା କେନ୍ଦ୍ର ନିର୍ମାଣ କରାଯିବ। ବିଶ୍ୱବିଦ୍ୟାଳୟର କୁଳସଚିବ ଓ ପିଜି କାଉନସିଲ୍ ଅଧ୍ୟକ୍ଷଙ୍କ ଉପସ୍ଥିତିରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଶିଳାନ୍ୟାସ କରିଛନ୍ତି। ଏହି ହଲ କାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କୁଳପତି ନିର୍ଦ୍ଦେଶ ଦେଇଛନ୍ତି। ୨୬ ହଜାର ବର୍ଗଫୁଟ ବିଶିଷ୍ଟ ଏହି ହଲରେ ୩୦୦ ଛାତ୍ରୀଛାତ୍ରମାନେ ଏକସଙ୍ଗେ ବସି ପରୀକ୍ଷା ଦେଇପାରିବେ। ବିଶ୍ୱ ବ୍ୟାଙ୍କ ଅନୁଦାନରେ ନିର୍ମାଣ ହେବାକୁ ଯାଉଥିବା ଏହି ହଲ ନିର୍ମାଣ ଦାୟିତ୍ୱ ଓଡ଼ିଶା ପୋଲିସ୍ ହାଉସିଂ ୱେଲଫେୟାର କର୍ପୋରେଶନ୍ ନେଇଛି। ହଲ ସମ୍ମୁଖରେ ଏକ ଫୁଲ ବଗିଚା କରାଯିବାର ଯୋଜନା ରହିଛି ବୋଲି କୁଳସଚିବ ଡ. ଅଭୟ କୁମାର ନାୟକ କହିଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ପୋଲିସ ହାଉସିଂ କର୍ପୋରେଶନର ଜଏଣ୍ଟ ମ୍ୟାନେଜର ଅବେଶ କୁମାର ମହାନ୍ତି, ଡେପୁଟି ମ୍ୟାନେଜର ସୁନୀଲ କୁମାର ରାୟ ଓ ଆସିଷ୍ଟାଣ୍ଟ ମ୍ୟାନେଜର ଆଶିଷ ରାୟ ଉପସ୍ଥିତ ଥିଲେ।

## ବିଇଓ ଅଫିସ ଆଗରେ ବିକ୍ଷୋଭ

ନିଶ୍ଚିନ୍ତକୋଇଲି,୧୧।୧(ସ୍ୱ.ପ୍ର.)

ସ୍କୁଲ ବନ୍ଦ ନିଷ୍ପତ୍ତିକୁ ଅଲଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ ବିରୋଧ କରି ସୋମବାର ନିଶ୍ଚିନ୍ତକୋଇଲି ବିଇଓ ଅଫିସ ସମ୍ମୁଖରେ ବିକ୍ଷୋଭ କରିଛି। ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍କୁଲ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ନିଶ୍ଚିନ୍ତକୋଇଲି ବଜାର ବିଜୁ ପଟ୍ଟନାୟକ ଛକରୁ ବାହାରି ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଅର୍ଗାନାଇଜେଶନର କଟକ ଜିଲା ସଭାପତି ଭାଗ୍ୟରାତ୍ରି ଦାସ, ସମ୍ପାଦକ ମଣ୍ଡଳି ସଭ୍ୟ ଅମରେନ୍ଦ୍ର ନାୟକ, ପରମାନନ୍ଦ ସେଠୀ, ମଧୁସ୍ମିତା ନନ୍ଦ, ରାଜଲକ୍ଷ୍ମୀ ନାୟକ ଓ ସସ୍ମିତା ବେହୁରା ପ୍ରମୁଖ ସ୍କୁଲଗୁଡ଼ିକୁ ପୁନର୍ବାର ଖୋଲିବା ପାଇଁ ଦାବି କରିଥିଲେ। ଏବିଇଓଙ୍କୁ ଏକ ଦାବିପତ୍ର ଦେଇଥିଲେ।

## ଲୁଟେରା ଗିରଫ: ୩ ସୁନାଚେନ୍, ବୁଲେଟ୍ ଜବତ

ଭୁବନେଶ୍ୱର,୧୧।୧(ବ୍ୟୁରୋ):

ସୁନାଚେନ୍ ଲୁଟ୍ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ମାଲଗୋଦାମ ଅଞ୍ଚଳର ପାର୍ଥସାରଥି ବେହେରା। ତାଙ୍କଠାରୁ ୩ଟି ସୁନାଚେନ୍ ଓ ଗୋଟିଏ ବୁଲେଟ୍ ଜବତ କରାଯାଇଥିଲା। ଏନେଇ ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପାର୍ଥସାରଥିଙ୍କ ନାମରେ କଟକ ମର୍କତନଗର ଥାନାରେ ଲୁଟ୍‌ପାଟ୍ ଭଳି ଏକାଧିକ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ନଭେମ୍ବର ୧୦ରେ ମଞ୍ଚେଶ୍ୱର ଥାନା ଅଞ୍ଚଳର ଭୁବନାନନ୍ଦ ମିଶ୍ର ସ୍ଥାନୀୟ ଅଞ୍ଚଳରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ପାର୍ଥସାରଥି ବୁଲେଟରେ ଆସି ତାଙ୍କ ବେକରୁ ସୁନାଚେନ ଝିମ୍ପି ନେଇ ପଳାଇଥିଲେ। ଏନେଇ ଭୁବନାନନ୍ଦ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(୩୮୫/୨୦୨୦) ରୁଜୁକରିବା ସହ ଘଟଣାର ତଦନ୍ତ କରିଥିଲା।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପହଞ୍ଚିବା ପରେ ନିଷ୍ପତ୍ତି: ମନ୍ତ୍ରୀ

### ସ୍କୁଲ ଫି' ଛାଡ଼ ପ୍ରସଙ୍ଗ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଘରୋଇ ସ୍କୁଲ ଫି' ଛାଡ଼ ପ୍ରସଙ୍ଗରେ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ କହିଛନ୍ତି। ଏହି ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ଗଣମାଧ୍ୟମ ଜରିଆରେ ଏହି କଥା ଆମ ନଜରକୁ ଆସିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପହଞ୍ଚିବା ପରେ ଏହାର ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଦାଶ କହିଛନ୍ତି। ଅପରପକ୍ଷରେ ହାଇକୋର୍ଟଙ୍କ ରାୟ ପରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଓ ଆଇନଜୀବୀ ବିଭୂତି ଭୂଷଣ ଚୌଧୁରୀ କହିଛନ୍ତି, ହାଇକୋର୍ଟଙ୍କ ରାୟ ଅନୁଯାୟୀ ଘରୋଇ ସ୍କୁଲ ସରକାରଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ଶିକ୍ଷା ଆଇନ ୧୯୬୯ ଅନୁସାରେ ହୋଇଥିବା ରିଜୋଲ୍ୟୁଶନ ଏବଂ ୨୩ ସେପ୍ଟେମ୍ବର ୧୯୯୬ ଧାରା ୪-ଆଇ ଅନୁସାରେ ସ୍କୁଲର ଫି' କୁ ସରକାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବେ। ରିଜୋଲ୍ୟୁଶନ ଅନୁସାରେ, ସ୍କୁଲ ଦେଉଥିବା ସମସ୍ତ ସୁବିଧା ସୁଯୋଗ ଅନୁଯାୟୀ ଅଭିଭାବକଙ୍କ ସମ୍ମତି ସହିତ ଗଣଶିକ୍ଷା ବିଭାଗ ସ୍କୁଲ ଅନୁଯାୟୀ ଫି' ନିର୍ଦ୍ଧାରଣ କରିବେ। ସ୍କୁଲ ନ ମାନିଲେ ସରକାର ସେମାନଙ୍କ ଏନ୍‌ଓସି କିମ୍ବା ସ୍ୱୀକୃତି ପ୍ରତ୍ୟାହାର କରିପାରିବେ। ଆଡଭୋକେଟ ଜେନେରାଲଙ୍କ ଅନୁରୋଧକ୍ରମେ କୋର୍ଟଙ୍କ ନିର୍ଦ୍ଦେଶରେ ମହାମାରୀ ପାଇଁ ଫି' ର ରିହାତି ସମ୍ପର୍କରେ ଆପୋଷ ସମାଧାନ ପ୍ରମୁଖ ସାଶନ ସଚିବଙ୍କ ମଧ୍ୟସ୍ଥତାରେ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏମ୍‌ଓୟୁରେ ଗଣଶିକ୍ଷା ବିଭାଗ ପ୍ରମୁଖ ସାଶନ ସଚିବଙ୍କ ମଧ୍ୟସ୍ଥତାରେ ୧୪ଜଣ ଆବେଦନକାରୀ ହସ୍ତାକ୍ଷର କରିଥିଲେ। ତେଣୁ ଏବେ ଏହାର ପାଳନ ଦାୟିତ୍ୱ ରାଜ୍ୟ ସରକାରଙ୍କ ବୋଲି ଅଭିଭାବକ ମହାସଂଘ କହିଛି।

## ମଠରୁ ମୂର୍ତ୍ତି ଚୋରି: ୨ ଗିରଫ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ପୁରୁଣା ଭୁବନେଶ୍ୱର ଶିବତୀର୍ଥ ମଠରୁ ସିଂହ ମୂର୍ତ୍ତି ଚୋରି ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ସୋମବାର ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ନରେଶ ବେହେରା ଓରଫ କାଉ (୨୫) ଓ ଜମ୍ବେଶ୍ୱର ପାଟଣାର ବବୁଲ ସାହୁ ଓରଫ ଗାଣ୍ଡୁ (୩୦)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଚୋରି ମୂର୍ତ୍ତି ଜବତ କରିଛି। ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ନାଁରେ କମିଶନରେଟ୍ ପୋଲିସର ବିଭିନ୍ନ ଥାନାରେ ଏକାଧିକ ଲୁଟ୍‌ପାଟ୍, ଚୋରି ମାମଲା ରହିଛି।

## ରେଙ୍ଗାଲି ଦକ୍ଷିଣ କେନାଲ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ଜଙ୍ଗଲ ଜମି ଅଧିଗ୍ରହଣ ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ କରି ରେଙ୍ଗାଲି ଦକ୍ଷିଣ କେନାଲ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଲୋକସେବା ଭବନଠାରେ ସୋମବାର ରେଙ୍ଗାଲି ଦକ୍ଷିଣ କେନାଲ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମନ୍ତ୍ରୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସମଲ ବ୍ୟାରେଜରୁ ବାହାରିଥିବା ଏହି କେନାଲ ଦ୍ୱାରା ଢେଙ୍କାନାଳ, କଟକ, ଯାଜପୁର ଓ କେନ୍ଦୁଝର ଜିଲାର ୧୪ ବ୍ଲକ୍‌ର ପ୍ରାୟ ୮୪,୪୦୬ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରହିଛି। ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଜମି ଅଧିଗ୍ରହଣରେ ଉପୁଜୁଥିବା ସମସ୍ୟା ମଧ୍ୟରେ ବ୍ୟକ୍ତିଗତ ଦଖଲରେ ଥିବା ଜମି ଜଙ୍ଗଲ କିସମର ହୋଇଥିବାରୁ ହିତାଧିକାରୀ କ୍ଷତିପୂରଣ ପାଇ ପାରୁ ନାହାନ୍ତି। ଏହାର ସମାଧାନ ନିମନ୍ତେ ପଦକ୍ଷେପ ନେବା ପାଇଁ ସେ କହିଛନ୍ତି। ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ ୨୦୧୯ରେ ଷ୍ଟେଜ୍-୨ କ୍ଲିୟରାନ୍ସ ମିଳିଥିବା ସମସ୍ତ ଜଙ୍ଗଲ ଜମିକୁ ତୁରନ୍ତ ହସ୍ତାନ୍ତର କରି ପ୍ରକଳ୍ପ କାର୍ଯ୍ୟକୁ ଆଗେଇନେବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ଅଧିକାରୀଙ୍କୁ ମନ୍ତ୍ରୀ କହିଛନ୍ତି।

## ଚିତ୍ରକଳା ଶିବିର ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର, ୧୧।୧(ଡି.ଏନ.ଏ.)

ଇଷ୍ଟର୍ଣ୍ଣ ଫାଉଣ୍ଡେଶନ ଅଫ ଆର୍ଟ ଆଣ୍ଡ କଲଚର ଦ୍ୱାରା ଆୟୋଜିତ '୨୧ ସ୍ୱାଗତମ ୨୧' ଚିତ୍ରକଳା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଇଷ୍ଟର୍ଣ୍ଣ ଫାଉଣ୍ଡେଶନ ସଭାପତି ପ୍ରଦୀପ୍ତ ଦାସ ସମସ୍ତ ଚିତ୍ରଶିଳ୍ପୀଙ୍କୁ ସାଧୁବାଦ ଦେବା ସହିତ ନୂଆବର୍ଷର ମଙ୍ଗଳ କାମନା କରିଥିଲେ। ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ କଳାକୃତିର ପ୍ରଶଂସା କରିଥିଲେ। ଦିଲ୍ଲୀର ଚିତ୍ରଶିଳ୍ପୀ ଡ.ନିରଜା ପିଟର୍ସ ଇଏଫ୍‌ଏସିର ନିସ୍ୱାର୍ଥ ପ୍ରୟାସ ଯୋଗୁ ମହାମାରୀ ସମୟରେ ଶିଳ୍ପୀମାନେ ନୂଆ କାମ କରିବାର ପ୍ରେରଣା ପାଇଥିଲେ ବୋଲି କହିଥିଲେ। ଚଣ୍ଡିଗଡ଼ କଳା ମହାବିଦ୍ୟାଳୟର ଅଧ୍ୟାପକ ଲକ୍ୱିନ୍ଦର ସିଂ କଳାଶିବିର ଉତ୍ସାହ ପ୍ରଦାନ କରିଛି ବୋଲି କହିବା ସହିତ ଗ୍ରାଫିକସର ନୂଆ ଟେକନିକ୍ ସମ୍ବନ୍ଧରେ ଆଲୋଚନା କରିଥିଲେ। ଓଡ଼ିଶାର ବରିଷ୍ଠ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଏହି ଅନଲାଇନ ଶିବିର ଦ୍ୱାରା ନିଜର ଚିତ୍ର ପ୍ରଦର୍ଶନ ସହିତ ଭାରତର ବିଭିନ୍ନ ପ୍ରାନ୍ତରର ଶିଳ୍ପୀମାନେ ଗୁଗୁଲରେ ସମସ୍ତେ ନିଜର ଭାବନାକୁ କ୍ୟାନଭାସରେ ପ୍ରକାଶିତ କରିଥିଲେ। ନୋଏଡ଼ାର ପ୍ରଲୋୟ କୁଣ୍ଡୁ ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। କଳାକାର ଆର୍ଯ୍ୟପ୍ରଜ୍ଞା, କିଶୋର ନାୟକ, ଅନୁପମା ଦେ, କାମିନୀକାନ୍ତ ସ୍ୱାଇଁ, ଡ. ଶାଳିନୀ ସିଂ, ମାନସ ସେଠି, ସ୍ୱାତି ଜୈନ, ରାଜା ଗୋପାଳ, ସନ୍ଦୀପ ଦେବ, ରଘୁନାଥ ଜେନା, ଦେବଦତ୍ତ ସାହୁ, ଅରୁଣ ଚନ୍ଦ୍ର ବର୍ମଣ, ଅଜୟସିଂ ରାଜପୁରୋହିତ ପ୍ରମୁଖ ମତବ୍ୟକ୍ତ କରିଥିଲେ। ବାଲେଶ୍ୱର ନିକୁଞ୍ଜ ବିହାରୀ ଦାସ ଓଡ଼ିଆ ପରମ୍ପରାର କଥାବସ୍ତୁ ତପୋଇ ଉପରେ ଚିତ୍ର ଆଙ୍କି ପ୍ରଶଂସିତ ହୋଇଥିଲେ। ଫାଉଣ୍ଡେଶନର ସଭ୍ୟ ୟାଥୀଶ କସରଗଡ଼ ଏହି ଶିବିର ସଫଳ ହୋଇଛି ବୋଲି କହିଥିଲେ। ସମ୍ପାଦକ ମନୋଜ ଷଣ୍ଢ ସମସ୍ତ କଳାକାରଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରଥମଥର ପାଳନ ହେବ ଗାଁ ଦିବସ

ଭୁବନେଶ୍ୱର(ବ୍ୟୁରୋ)


ଗାଁ ଦିବସ ପାଳନ ପାଇଁ ଲୋଗୋ ଉନ୍ମୋଚନ କରାଯାଉଛି ।

'ଆସ ଗାଁକୁ ଯିବା, ପାଳିବା ଗାଁ ଦିବସ'। ଗାଁରେ କଳା ସଂସ୍କୃତିର ପ୍ରଚାର, ପ୍ରସାର ଓ ବିକାଶର ଆହ୍ୱାନ ନେଇ ପ୍ରଥମ ଥର ପାଇଁ ପାଳନ ହେବ ଗାଁ ଦିବସ। ସାଂସ୍କୃତିକ ସଙ୍ଗଠନ କଳାକ୍ଷେତ୍ର ପକ୍ଷରୁ ଏହି ଦିବସ ପାଳନ କରାଯିବା ନେଇ ଲୋଗୋ ଲୋକାର୍ପଣ ଉତ୍ସବରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ସଂସ୍କୃତି ନିର୍ଦ୍ଦେଶକ ଅମରେନ୍ଦ୍ର ପଟ୍ଟନାୟକ, ଉପଦେଷ୍ଟା ତଥା ଢେଙ୍କାନାଳ ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପସଭାପତି ଅବନୀ ମିଶ୍ର, ସମ୍ପାଦକ ବାସୁଦେବ ମାଳବିଶୋଇ, ଯୁଗ୍ମ ସମ୍ପାଦିକା ତଥା ଅଭିନେତ୍ରୀ ମଧୁମିତା ମହାନ୍ତି, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ସୁଜାତା ଦାସ, ଗିରିଶ ସାହୁ, ନାରାୟଣ ସ୍ୱାଇଁ କୋଷାଧ୍ୟକ୍ଷ, ସାଧାରଣ ପରିଷଦ ସଦସ୍ୟା ନିହାରିକା ପଟ୍ଟନାୟକ, ପଦ୍ମାବତୀ ଖେମୁଣ୍ଡୁ, ପ୍ରସନ୍ନ ପୃଷ୍ଟି, ବନବିହାରୀ ବେହେରା ପ୍ରମୁଖ ଏନେଇ ଘୋଷଣା କରିଛନ୍ତି। ଦିବସ ପାଳନ ସମ୍ପର୍କରେ ସୂଚନା ଦେଇ ସମ୍ପାଦକ ମାଳବିଶୋଇ କହିଛନ୍ତି, ସବୁ ଦିବସ ପାଳନ ହେଉଛି ହେଲେ ଗାଁ ଦିବସ ନାହିଁ। ପ୍ରଥମ ଥର ପାଇଁ ଢେଙ୍କାନାଳ ଜିଲାର ଏକ ସଂସ୍କୃତି ସମ୍ପନ୍ନ ଗାଁରେ ଏହି ଦିବସର ଶୁଭାରମ୍ଭ କରାଯିବ। ଆସନ୍ତା ଫେବୃୟାରୀ ୨୭ ଓ ୨୮ ତାରିଖ ଦୁଇଦିନ ବ୍ୟାପି ଗାଁ ଦିବସ ପାଳନ ହେବ। ଏଥିରେ କଳା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋଚନା ହେବ। ଉଭୟ ରାଜ୍ୟସ୍ତରୀୟ ଓ ସ୍ଥାନୀୟ ଅଞ୍ଚଳର କଳାକାର, ସାହିତ୍ୟିକ ଓ ସାଂସ୍କୃତିକ ଦଳଗୁଡ଼ିକୁ ନେଇ ବହୁବିଧ କାର୍ଯ୍ୟକ୍ରମ ହେବ। ଗ୍ରାମାଞ୍ଚଳର ବିଶିଷ୍ଟ ପ୍ରତିଭାମାନଙ୍କୁ କଳାକ୍ଷେତ୍ର ସମ୍ମାନରେ ସମ୍ମାନିତ କରାଯିବ। ଦିବସ ପାଳନ ପରେ ସେହି ଗାଁର ବିକାଶ ଧାରାରେ ମଧ କଳାକ୍ଷେତ୍ର ସାମିଲ ହେବ। ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରି କଳାକ୍ଷେତ୍ର ଗାଁ ନାଁରେ ନାମିତ କରାଯିବ। ପ୍ରତି ଜିଲାରେ ଗୋଟିଏ ଗୋଟିଏ କଳାକ୍ଷେତ୍ର ଗାଁ ଗଢ଼ିବାକୁ ସରକାରଙ୍କୁ ଏନେଇ ପ୍ରସ୍ତାବ ଦିଆଯିବ। ଆସନ୍ତା ଜାନୁୟାରୀ ୧୭ରେ ଗାଁ ଦିବସ ସଙ୍ଗୀତ ଭିଡିଓ ଉନ୍ମୋଚନ ହେବାନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ଫ୍ୟାନରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି, (ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ଯୁବକ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବଡ଼ଷୀର ଗ୍ରାମର କରୁଣାକର ଚାନ୍ଦଙ୍କ ସାନପୁଅ ଅନିଲ (୨୮)। ଏନେଇ ତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାତିରେ ଖାଇ ସାରି ଅନିଲ ଶୋଇବାକୁ ଯାଇଥିଲେ। ମାତ୍ର ସକାଳୁ ସେ କବାଟ ଖୋଲି ନ ଥିଲେ। ପରିବାର ଲୋକେ କବାଟ ଭାଙ୍ଗିବା ପରେ ଅନିଲ ଫ୍ୟାନରେ ଝୁଲୁଥିବା ଜଣାପଡ଼ିଥିଲା। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ .୧/୨୧)ରୁଜୁ ହୋଇଛି।

## ସଂକ୍ଷେପରେ

### ଧବଳେଶ୍ୱର ପୀଠରେ ସର୍ବସାଧାରଣ ଦର୍ଶନ ଆରମ୍ଭ

**ଖୁଣ୍ଟୁଣୀ,୧୧।୧(ଡି.ଏନ.ଏ.):** ଧବଳେଶ୍ୱର ପୀଠରେ ସୋମବାରଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି। ପୀଠରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଗୁରୁଡିଝାଟିଆ ଥାନାଧିକାରୀ ସମୀର ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଅଳ୍ପ ସଂଖ୍ୟକ ଭକ୍ତ ଆସି ଧବଳେଶ୍ୱରଙ୍କୁ ଦର୍ଶନ କରିଛନ୍ତି। ପ୍ରତ୍ୟେକ ଭକ୍ତ ମୁହଁରେ ମାସ୍କ ଲଗାଇଥିଲେ। ଝୁଲାପୋଲ ନିକଟରେ ଥର୍ମାଲ ଟେଷ୍ଟିଂ କରାଯାଇଥିବା ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରି କହିଛନ୍ତି।

### ଚୋରା ବାଲିଚାଲାଣ ଘଟଣାରେ ୯ ଗିରଫ

**କଟକ ସଦର,୧୧।୧(ଡି.ଏନ.ଏ.):** କଟକ ସଦର ଥାନା ଅଧୀନ ୫୮ ନଂ. ୱାର୍ଡ ପାଇକସାହି ନିକଟ କୁଆଖାଇ ନଦୀରୁ ରବିବାର ୭ଟି ଟ୍ରାକ୍ଟରରେ ଚୋରା ବାଲି ଚାଲାଣ ହେଉଥିବାବେଳେ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ଚଢାଉ କରି ତାହାକୁ ଜବତ କରିଥିଲା। ଚୋରା ବାଲିଚାଲାଣ ଅଭିଯୋଗରେ ପୋଲିସ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେଲେଙ୍ଗାପେଣ୍ଠ ରାଜସ୍ୱ ନିରୀକ୍ଷକ ସିନି ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୩/୨୧) ରୁଜୁ କରିଛି।

### ଜେଲ ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କେନ୍ଦ୍ର ଖୋଲିଲା

**ଚୌଦ୍ୱାର,୧୧।୧(ଡି.ଏନ.ଏ.):** ଚୌଦ୍ୱାର ଜେଲ୍ ନିକଟରେ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜେଲ୍ ଅଧୀକ୍ଷକ ଶୁଭକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏହି କେନ୍ଦ୍ରରେ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ଜେଲର ଅବିନାଶ ବେହେରା, ଆସିଷ୍ଟାଣ୍ଟ ଜେଲର ସୁପକ ନାୟକ, ଜେଲ ବୈଷୟିକ ପ୍ରଶିକ୍ଷକ ଭାସ୍କର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସରକାରୀ ଛୁଟିଦିନ ବ୍ୟତୀତ ସବୁଦିନ ପୂର୍ବାହ୍ନ ୯ରୁ ୧୨ଟା ଏବଂ ଅପରାହ୍ନ ୩ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି କେନ୍ଦ୍ର ଖୋଲା ରହିବ ବୋଲି ଜେଲ ପକ୍ଷରୁ ସୂଚନା ଦିଆଯାଇଛି।

### ଗ୍ରାମ୍ୟ ବ୍ୟାଙ୍କ ଏଟିଏମ୍ ଉଦ୍‌ଘାଟିତ

**ଖୁଣ୍ଟୁଣୀ,୧୧।୧(ଡି.ଏନ.ଏ.):** ଗୁରୁଡିଝାଟିଆଠାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଏକ ଏଟିଏମ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟର ଜେନେରାଲ ମ୍ୟାନେଜର ବି.କେ. ପାତ୍ର ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଗୁରୁଡିଝାଟିଆ, କୁମାରପୁର, ଛଅଗାଁ, ଗୋବରା ପଞ୍ଚାୟତର ଉପଭୋକ୍ତାମାନେ ଉପକୃତ ହୋଇପାରିବେ ବୋଲି ଗୁରୁଡିଝାଟିଆ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ କ୍ଷମାସାଗର ବ୍ରହ୍ମା କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଆଞ୍ଚଳିକ ଶାଖାର ପରିଚାଳକ ଜତୀନ୍ଦ୍ର ନାଥ ଷଡଙ୍ଗୀ, ମୁଖ୍ୟ ପରିଚାଳକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜୀବ ଲୋଚନ ବେହେରା, ସାମାଜିକ କର୍ମୀ ସୁରେନ୍ଦ୍ର ଜେନା, ଶାରଦା ସାହୁ, ଓ ବିଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଟନ୍ ସାମଗ୍ରୀ ଜବତ, ୫୦ହଜାର ଜରିମାନା

### ଆଇଗିଣିଆ ପଲିଥିନ୍ ଗୋଦାମରେ ଚଢ଼ାଉ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ରାଜଧାନୀରେ ପୁଣି ଏକ ପଲିଥିନ୍ ଗୋଦାମ ଉପରେ ଚଢ଼ାଉ କରାଯାଇଛି। ସୋମବାର ଆଇଗିଣିଆ ଆଲୁଗଦି ନିକଟ ଏକ ପଲିଥିନ୍ ଗୋଦାମରେ ଚଢ଼ାଉ କରାଯାଇ ବେଆଇନ୍ ପଲିଥିନ ସାମଗ୍ରୀ ଜବତ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଦକ୍ଷିଣ-ପଶ୍ଚିମ ଜୋନ୍‌ର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ସେଣ୍ଟ୍ରାଲ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟ ସିକ୍ୟୁରିଟି ଏବଂ ବିଏମ୍‌ସି ଏସ୍‌ବିଏ ସେଲ୍‌ର ଏନ୍‌ଭାଇରନ୍‌ମେଣ୍ଟ ଇଞ୍ଜିନିୟର୍ କୀର୍ତ୍ତିମାନ୍ ଷଡ଼ଙ୍ଗୀ ଏହି ଗୋଦାମରେ ଚଢ଼ାଉ କରିଥିଲେ। ସେଠାରେ ବିପୁଳ ପରିମାଣର ବେଆଇନ ପଲିଥିନ୍ ଏବଂ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ୍/ଥର୍ମକୁଲ୍ ସାମଗ୍ରୀ ଦେଖି ଜୋନାଲ୍ ଡେପୁଟି କମିଶନର ରବି ନାରାୟଣ ଜେଠୀଙ୍କୁ ଜଣାଇଥିଲେ। ସମସ୍ତ ସାମଗ୍ରୀକୁ ତନଖି କରାଯାଇଥିଲା। ସମ୍ପୃକ୍ତ ଗୋଦାମ ସାହୁ ଟ୍ରେଡର୍ସଙ୍କ ପାଖରୁ ୨ଟନ୍‌ର ପଲିଥିନ୍ ବ୍ୟାଗ୍, ଡିସ୍‌ପୋଜେବୁଲ୍ ଗ୍ଲାସ୍ ଏବଂ ଥର୍ମକୁଲ୍‌ର ଥାଳି ଓ ଗିନା ଇତ୍ୟାଦି



ଜବତ କରାଯିବା ସହ ସମ୍ପୃକ୍ତ ମାଲିକଙ୍କୁ ୫୦ହଜାର ଟଙ୍କା ଜରିମାନା କରାଯାଇଛି। ଏଥିସହିତ ନୋଟିସ୍ ମଧ୍ୟ ଦିଆଯାଇଛି। ଭବିଷ୍ୟତରେ ଏପରି କାରବାର ନଜରକୁ ଆସିଲେ ସମ୍ପୃକ୍ତ ମାଲିକଙ୍କୁ ୧ ଲକ୍ଷ ଟଙ୍କାର ଜରିମାନା ସାଙ୍ଗକୁ ତାଙ୍କର ଗୋଦାମ ସିଲ୍ କରାଯିବ ଏବଂ ତାଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ବିଏମ୍‌ସି କର୍ତ୍ତୃପକ୍ଷ ଜଣାଇଛନ୍ତି।

ସୂଚନାଯୋଗ୍ୟ, ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ପରିଚାଳନାରେ ସ୍ୱତନ୍ତ୍ର ରଣନୀତିରେ ଭୁବନେଶ୍ୱରକୁ ପରିବେଶ ବନ୍ଧୁ ସହର ଭାବେ ଗଢ଼ି ତୋଳିବା ପାଇଁ ନିୟମିତ ପ୍ରଚାର ପ୍ରସାର ସାଙ୍ଗକୁ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

# ବିଭିନ୍ନ ଦାବିନେଇ ନିର୍ମାଣାଧୀନ ଟୋଲ ପ୍ଲାଜାରେ ବିକ୍ଷୋଭ



ନିର୍ମାଣାଧୀନ ଟୋଲପ୍ଲାଜା ନିକଟରେ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି।

**ଟାଙ୍ଗୀ,(କଟକ)୧୧।୧(ଡି.ଏନ.ଏ.)**

ଟାଙ୍ଗୀ ଥାନା ଅଧୀନ ବନ୍ଦାଲୋ ଗ୍ରାମ ସଲଗ୍ନ ରାଜପଥରେ ନିର୍ମାଣାଧୀନ ଟୋଲପ୍ଲାଜା ନିକଟରେ ବିଭିନ୍ନ ଦାବି ନେଇ ଗ୍ରାମବାସୀ ସୋମବାର ବିକ୍ଷୋଭ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ପ୍ରସ୍ତାବିତ ନୂତନ ଟୋଲ ଗେଟ୍ ଯୋଗୁ ବନ୍ଦାଲୋ ମୌଜାର ଅନେକ ଚାଷୀ ଜମି ହରାଇଛନ୍ତି। କ୍ଷତିପୂରଣ ଅର୍ଥକୁ ନେଇ ଅଦାଲତରେ ମାମଲା ବିଚାରଧୀନ ଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ନିଯୁକ୍ତି ଓ ଚାଷଜମିକୁ ହଳଲଙ୍ଗଳ ନବା ଆଣିବା ନିମନ୍ତେ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହିତ ଆଲୋଚନା କରିଥିଲା। ପରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ନିମନ୍ତେ ଥାନା ଅଧିକାରୀ ପଦାରବିନ୍ଦ ତ୍ରିପାଠୀଙ୍କୁ ଏକ ଲିଖିତ ଦସ୍ତାବିଜ ଗ୍ରାମବାସୀ ପ୍ରଦାନ କରିଥିଲେ। ଏହି ବିକ୍ଷୋଭରେ କଳିଙ୍ଗ ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ, କୃଷ୍ଣଚନ୍ଦ୍ର ନାୟକ ଓ ବିକ୍ରମ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଥିଲେ।

## ଦୁର୍ନୀତି ପ୍ରତିବାଦରେ ଭାଜପାର ଗଣଧାରଣା

**ଟାଙ୍ଗୀ,(କଟକ)୧୧।୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ସୋମବାର ଭାଜପା ଟାଙ୍ଗୀ ମଣ୍ଡଳ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଏମ୍‌ଜିଏନ୍‌ଆରଇଜିଏସ୍, ଜୀବିକାମିଶନ, ମିଶନଶକ୍ତି, ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ଆଲୋକୀକରଣ ଓ ପାଇଖାନା ନିର୍ମାଣ ଦୁର୍ନୀତିରେ ଶାସକ ଦଳର ନେତା ଓ ଅଫିସର ସାମିଲ ଥିବା ଅଭିଯୋଗ ହୋଇଥିଲା। ପଞ୍ଚାୟତ ଭାଜପା ସଭାପତି ମିହିର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଗଣଧାରଣାରେ ଟାଙ୍ଗୀ ମଣ୍ଡଳ ସଭାପତି ବିରଜା ପ୍ରସାଦ ରାଉତ, ଅମନ ବେଉରା, ଗୋଲାପ ଷଡ଼ଙ୍ଗୀ, ଆଇନଜୀବୀ ତାପସ ନାୟକ, ଦୁର୍ଗାମାଧବ ସାହୁ ଓ ପ୍ରବୀର ଦାଶଙ୍କ ସମେତ ଶତାଧୀକ କର୍ମୀ ଯୋଗଦେଇଥିଲେ। ଅନ୍ୟପକ୍ଷରେ ଗଣଧାରଣା ପୂର୍ବରୁ ଆୟୋଜିତ ଶୋଭାଯାତ୍ରାରେ ଜଣେ ନାବାଳିକା ସାମିଲ ଥିବା ଦେଖିବାକୁ ମିଳିଥିଲା। ନାବାଳିକା ମୁଣ୍ଡରେ ଦଳୀୟ ପତାକା ବନ୍ଧାଯିବା କେତେଦୂର ସମୀଚିନ ତାହାକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତ ଗିରଫ

### ୧୬୪ ଧାରାରେ ନାବାଳିକାଙ୍କ ବୟାନ ରେକର୍ଡ

**କଟକ ସଦର,୧୧।୧(ଡି.ଏନ୍.ଏ.)**

କଟକ ବଡ଼ଡାକ୍ତରଖାନା ପରିସରରେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାରେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ପୋଲିସ ଅଭିଯୁକ୍ତ ବାବୁ ସିଂ(୩୫) ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ରବିବାର ପୋଲିସ ବାବୁଙ୍କୁ ଧରି ପଚରାଉଚରା କରିଥିଲା। ପରେ ଉଭୟ ନାବାଳିକା ଓ ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଯାଇଥିଲା। ସରଳତାର ସୁଯୋଗ ନେଇ ନାବାଳିକାଙ୍କୁ ବଳାତ୍କାର କରିଥିବା ବାବୁ ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି। ସୋମବାର ନାବାଳିକାଙ୍କୁ ଜଗତ୍‌ସିଂହପୁର କୋର୍ଟରେ ହାଜର କରାଯାଇ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଥିଲା। ଏଥିସହ ଅଭିଯୁକ୍ତଙ୍କର କୋଭିଡ୍ ଟେଷ୍ଟ ମଧ୍ୟ କରାଯାଇଥିଲା।

ପୋଲିସ ସୂତ୍ରରୁ ପ୍ରକାଶ, ବିରିଡି ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କ ମାଆ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଫଳରେ ସେ ତାଙ୍କ ମାଆଙ୍କ ଦେଖାରଖା ପାଇଁ ଡାକ୍ତରଖାନା ଆସିଥିଲେ। ଅପରପକ୍ଷେ ବାବୁଙ୍କ ସ୍ତ୍ରୀ ମଧ ଚିକିତ୍ସା ପାଇଁ ବଡ଼ ଡାକ୍ତରଖାନାର ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ନାବାଳିକା ଓ ଅଭିଯୁକ୍ତ ଗୋଟିଏ ଅଞ୍ଚଳର ହୋଇଥିବାରୁ ଉଭୟଙ୍କ ମଧ୍ୟରେ ଚିହ୍ନା ପରିଚୟ ହୋଇଥିଲା। ଗତ ୬ ତାରିଖ ରାତି ୧୦ଟାରେ ଅଭିଯୁକ୍ତ ବାହାରକୁ ବୁଲିଯିବାର ବାହାନା ଦେଖାଇ ନାବାଳିକାଙ୍କୁ ଡାକିଥିଲେ। ପରେ ଭାଙ୍ଗ ଖାଇବାକୁ ଦେବାରୁ ନାବାଳିକା ଅଚେତ ହୋଇପଡିଥିଲେ। ଏହାପରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ନାବାଳିକା ଗାଁକୁ ଫେରିବା ପରେ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏ ନେଇ ନାବାଳିକାଙ୍କ ମାଆ ଗତ ୯ ତାରିଖରେ ବିରିଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭/୨୧) ରୁଜୁ କରିଥିଲା।

## ବ୍ଲକ କୃଷି ସୂଚନା କେନ୍ଦ୍ରରୁ ଚୋରି

**ଆଠଗଡ଼,୧୧।୧**

ଆଠଗଡ଼ ବ୍ଲକ କୃଷି ସୂଚନା କେନ୍ଦ୍ରରୁ ଚୋରି ହୋଇଥିବା ନେଇ ସୋମବାର ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଚାଷୀମାନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ, ୩୦ ହଜାର ଟଙ୍କା ଓ ୨ଟି କ୍ୟାମେରା ଚୋରି ହୋଇଛି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଶନିବାର ଓ ରବିବାର କାର୍ଯ୍ୟାଳୟ ବନ୍ଦ ରହିଥିଲା। ସୋମବାର କାର୍ଯ୍ୟାଳୟ ଖୋଲିବାବେଳକୁ ମୁଖ୍ୟ ଫାଟକ ସହ ଆଲମିରା ଓ ଡ୍ରୟାର ଆଦି ଭଙ୍ଗା ଯାଇଥିବା ଜଣାପଡ଼ିଥିଲା।

### ଯୁବ ଇଞ୍ଜିନିୟର ଅମୃତ ଦାସ ମୃତ୍ୟୁ ଘଟଣା

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ ଅଫିସ,୧୧।୧**

ଜଗତ୍‌ସିଂହପୁର ଜିଲା କୁଜଙ୍ଗର ଯୁବ ଇଞ୍ଜିନିୟର ଅମୃତ ଦାସଙ୍କ ମୃତ୍ୟୁ ମାମଲାରେ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଉକ୍ତ ମାମଲାରେ କେନ୍ଦ୍ର ସରକାରଙ୍କ ଗୃହ ବିଭାଗର ପ୍ରିନ୍ସିପାଲ ସଚିବ, ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ, ରାଜ୍ୟ ସରକାରଙ୍କ ଗୃହ ବିଭାଗର ପ୍ରିନ୍ସିପାଲ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ଜଗତ୍‌ସିଂହପୁର ଏସ୍‌ପି, ତିର୍ତ୍ତୋଲ ଥାନା ଅଧିକାରୀ, କୁଜଙ୍ଗ ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରି ସିବିଆଇ ତଦନ୍ତ ପାଇଁ ଦାବି କରାଯାଇଛି। ସୂଚନାଥାଉ କି, ଅମୃତଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ନୁହେଁ ବରଂ ଯୋଜନାବଦ୍ଧ ହତ୍ୟା ବୋଲି ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ୨୦୧୭।୨୦୧୯ରେ କେତେଜଣ ଦୁର୍ବୃତ୍ତ ଅମୃତଙ୍କୁ ଘରୁ ଡାକି ଆଣି ତିର୍ତ୍ତୋଲ ବାଲିପାଟଣା ନିକଟରେ ହତ୍ୟା କରିଥିଲେ। ଜଗତ୍‌ସିଂହପୁର ପୋଲିସ କେତେଜଣ ପ୍ରଭାବଶାଳୀ ନେତାଙ୍କ କଥାରେ ଆସି ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡକୁ ଦୁର୍ଘଟଣାର ରୂପ ଦେଇଥିବା ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଛନ୍ତି।

## ଫିଲିଂ ଷ୍ଟେଶନରେ ଅଗ୍ନିକାଣ୍ଡ

**ମାହାଙ୍ଗା,୧୧।୧(ସ୍ୱ.ପ୍ର)**

ମାହାଙ୍ଗା ବ୍ଲକ ଓଷଙ୍ଗ ପଞ୍ଚାୟତସ୍ଥିତ ବେଦେଇ ବାବା ଫିଲିଂ ଷ୍ଟେଶନରେ ସୋମବାର ଅଗ୍ନିକାଣ୍ଡ ଘଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। କୁଆଁପାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ନେତାଜୀଙ୍କ ଜନ୍ମପୀଠରେ ଧାରଣା

### ନୂତନ ଜୟନ୍ତୀ କମିଟି ଗଠନ ପାଇଁ କଂଗ୍ରେସର ଦାବି

**କଟକ ଅଫିସ, ୧୧।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଟକ ସହରରେ ଜନ୍ମଗ୍ରହଣ କରିବା ସହିତ ଶୈଶବ, ବାଲ୍ୟ ଓ କୈଶୋର ଅବସ୍ଥା ଅତିବାହିତ କରିଥିଲେ। ସେ ଓଡ଼ିଶାର ଗର୍ବ ଓ ଗୌରବ। ହେଲେ କେନ୍ଦ୍ର ସରକାର ନେତାଜୀଙ୍କ ଜୟନ୍ତୀ ପାଳନ ଜାତୀୟ କମିଟିରେ ଓଡ଼ିଶାରୁ ମାତ୍ର ୩ ଜଣଙ୍କୁ ସାମିଲ କରିଛନ୍ତି। କଟକ ସହରରୁ ବିଧାୟକଙ୍କ ସମେତ ଓଡ଼ିଶାର ବହୁ ଅନୁଭବୀ ବ୍ୟକ୍ତିଙ୍କୁ କମିଟିରେ ସାମିଲ କରା ନ ଯିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଉକ୍ତ କମିଟି ଗଠନ କରିଛନ୍ତି ବୋଲି କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ କଂଗ୍ରେସ ପକ୍ଷରୁ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମପୀଠରେ ଧାରଣା ଓ ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଥିଲା।



ନେତାଜୀଙ୍କ ଜନ୍ମପୀଠରେ ଧାରଣାରେ ବସିଥିବା କଂଗ୍ରେସ କର୍ମୀମାନେ।

ଏହି ସଭାରେ କମିଟିକୁ ବରଖାସ୍ତ କରି ନୂତନ କମିଟି ଗଠନ କରିବାକୁ ଦାବି କରାଯାଇଛି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅନିତା ନାୟକ, ସେକ୍ ସମ୍ଭିମଉଲ୍ଲା, କାଶୀନାଥ ମଲ୍ଲିକ, ଅଶ୍ୱିନୀ ମହାରଣା, ବିଶ୍ୱଜିତ୍ ଦାସ, ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ଆର୍ଯ୍ୟବୀର ଲେଙ୍କା, ବିଜୟ ବାରିକଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ସଂଖ୍ୟାଲଘୁ ସମ୍ପ୍ରଦାୟର ବିକ୍ଷୋଭ

### ମାହାଙ୍ଗା ଡବଲ ମର୍ଡର ଘଟଣା

**ନିଶ୍ଚିନ୍ତକୋଇଲି ୧୧।୧(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସୋମବାର ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତର କାଜିହାଟ ମଦ୍ରସା ନିକଟରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି। ଜାଣିଶୁଣି ବିରୋଧି ଦଳ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଟଣା ପରିସରକୁ ଟାଣୁଛି ବୋଲି ଅଭିଯୋଗ ହୋଇଛି। ସଭାରେ ମୌଲାନା ନକିବୁଲ ଅମିନ ବର୍କୀ ଯୋଗଦେଇ ଭାଜପାକୁ ସମାଲୋଚନା କରିଥିଲେ। ସଭାରେ ନାୟର ଫୟାଜ, ମହମ୍ମଦ ଜିଲାନି, ମହମ୍ମଦ ଆଦିଲ, ଜାହିର ଖାଁ, ଅବଦୁଲ ମାଲିକ ଖାଁ, ମିର୍ଜା ଅବୁଲ ବେଗ୍,ସେକ ଅଫତାଉଦ୍ଦିନ ପ୍ରମୁଖ ଯୋଗଦେଇଥିଲେ।

# ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚର ବିକ୍ଷୋଭ

**କଟକ ଅଫିସ, ୧୧।୧**

ମହାନଗର ନିଗମ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାରେ ୧୫,୧୫୯ ଜଣ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ହେଲେ ହିତାଧିକାରୀମାନଙ୍କୁ ପ୍ରମାଣପତ୍ର ଦିଆଯାଉନାହିଁ ବୋଲି ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ଯୋଜନାରେ ଚିହ୍ନିତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରମାଣପତ୍ର ଯୋଗାଇବା ଦାବିରେ ମଞ୍ଚ ପକ୍ଷରୁ ବାଦାମବାଡ଼ିସ୍ଥିତ ବିକାଶ ଭବନ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ମଞ୍ଚର ଏକ ୭ ଜଣିଆ ପ୍ରତିନିଧିମଣ୍ଡଳୀ ବସ୍ତି ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଇନଜୀବୀ ହେମେନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଜୟ



@ ବିଜୟଲକ୍ଷ୍ମୀ



@ ସୌଦାମିନୀ



@ ନୀହାର



@ ସୁଜିତ୍



@ ମନୋରଞ୍ଜନ



@ ଆଶୁତୋଷ



@ ସୁଭେନ୍ଦ୍ର

## ସଂକ୍ଷେପରେ

### ମକରମେଳା ପାଇଁ କାଳିଜାଈରେ ୧୪୪ ଧାରା

**ପୁରୀ ଅଫିସ,୧୧।୧:** ଆସନ୍ତା ୧୪ ତାରିଖରେ କାଳିଜାଈ ପୀଠରେ ମକର ମେଳା ପାଇଁ ଗହଳି ହେବାର ଆଶଙ୍କା ରହିଛି। ତେଣୁ ଏହି ପୀଠରେ ପୁରୀ ଜିଲା ପ୍ରଶାସନ ୧୪୪ ଧାରା ଜାରି କରିଛି। ତେବେ ମା'ଙ୍କ ନୀତିକାନ୍ତିରେ କୌଣସି ପ୍ରଭାବ ପଡ଼ିବ ନାହିଁ। ପୂର୍ବଭଳି ଚିରାଚରିତ ଭାବେ ଏସବୁ ଚାଲୁ ରହିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କାଳିଜାଈ ପୁରୀ ଜିଲାର ଏକ ପ୍ରସିଦ୍ଧ ପୀଠ। ଏଠାରେ ମକର ମେଳା ପାଳନ ବେଳେ କୋଭିଡ୍ ଗାଇଡ୍ ଲାଇନ ଭଙ୍ଗ ଆଶଙ୍କା ଥିବାରୁ ଜିଲା ପ୍ରଶାସନ ଦର୍ଶନ ଅନୁମତି ସପକ୍ଷରେ ନ ଥିବା ସ୍ପଷ୍ଟ କରିଛି। ତେଣୁ ଧାରା ୧୪୪ ଧାରା ଲାଗୁ କରାଯିବାକୁ ନିଷ୍ପତ୍ତି ହୋଇଛି।

### ୧୦ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ

**କଟକ ଅଫିସ, ୧୧।୧:** ଚାଉଳିଆଗଞ୍ଜ ପୋଲିସ ଏକ ଟ୍ରକରୁ ୧୦ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳର ବାପିନା ସେନାପତି ଓ କନ୍ଧମାଳ ଜିଲାର ଖଜୁରିପଡ଼ା ଥାନା ଅନ୍ତର୍ଗତ ମଦନ କୁମାର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ଚାଉଳିଆଗଞ୍ଜ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ନିର୍ଭରଯୋଗ୍ୟ ସୂତ୍ରରୁ ଖବରପାଇ ଏକ ଟ୍ରକ ଉପରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ଉକ୍ତ ଟ୍ରକରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପରେ ଉକ୍ତ ଟ୍ରକ୍ ସହ ଗଞ୍ଜେଇକୁ ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ବନ୍ଦ ହେଲା ପାଦଚଲା ବିହଙ୍ଗ ସରଣୀ

**ବାରଙ୍ଗ,୧୧।୧(ଡି.ଏନ୍.ଏ.):** ବିଭିନ୍ନ ରାଜ୍ୟରେ ଏବେ ବାର୍ଡ ଫ୍ଲୁ ଆତଙ୍କ ଦେଖାଦେଲାଣି। ଏହାକୁ ଦୃଷ୍ଟିରେ ରଖି ବାର୍ଡ ଫ୍ଲୁ ଆଶଙ୍କା ନେଇ ପ୍ରାଣୀ ଉଦ୍ୟାନ ନନ୍ଦନକାନନ କର୍ତ୍ତୃପକ୍ଷ ମଙ୍ଗଳବାରଠାରୁ ପାଦଚଲା ବିହଙ୍ଗ ସରଣୀକୁ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ କରିଛନ୍ତି। ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟତମ ଆକର୍ଷକ ସାଜିଥାଏ ପାଦଚଲା ବିହଙ୍ଗ ସରଣୀ। ଏଠାରେ ପର୍ଯ୍ୟଟକମାନେ ସିଧାସଳଖ ଭାବେ ପକ୍ଷୀମାନଙ୍କ ସଂସ୍ପର୍ଶରେ ଆସିଥାନ୍ତି। ମୁକ୍ତରେ ବିଚରଣ କରୁଥିବା ପକ୍ଷୀମାନଙ୍କ ସହ ପର୍ଯ୍ୟଟକମାନେ ଆସିବା ସହ ଜଙ୍ଗଲର ପରିବେଶକୁ କିଛି ସମୟ ପାଇଁ ଅନୁଭବ କରିଥାନ୍ତି। ତେବେ କେରଳ, ତାମିଲନାଡୁ, ଗୁଜରାଟ, ମଧ୍ୟପ୍ରଦେଶ ଭଳି ୧୦ଟି ରାଜ୍ୟରେ ବାର୍ଡ ଫ୍ଲୁ ଦେଖାଦେଇଛି। ତେବେ ଓଡ଼ିଶାରେ ବାର୍ଡଫ୍ଲୁର ଆଶଙ୍କା ନେଇ ନନ୍ଦନକାନନରେ ପକ୍ଷୀଶାଳର ପକ୍ଷୀମାନଙ୍କ ପାଇଁ ବିଶେଷଦୃଷ୍ଟି ଦିଆଯାଉଛି। ଏଥିପାଇଁ ମଙ୍ଗଳବାରଠାରୁ ସାମୟିକଭାବେ ପାଦଚଲା ବିହଙ୍ଗସରଣୀକୁ ବନ୍ଦ କରାଯାଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

### ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର

**ନିମାପଡ଼ା,୧୧।୧(ଡି.ଏନ୍.ଏ.):** ପୁରୀ ଜିଲା ନିମାପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଜଣେ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ସୋମବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦/୨୧) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଯୁବତୀଙ୍କୁ ଡାକ୍ତରୀ ମାଇନା ପାଇଁ ନିମାପଡ଼ା ମେଡିକାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ଯୁବତୀ ଜଣଙ୍କୁ ସମ୍ପୃକ୍ତ ଯୁବକ ପ୍ରେମ କରୁଥିଲେ। ଗତ ଡିସେମ୍ବରରେ ଏକ ସମ୍ପର୍କୀୟଙ୍କ ଭୋଜିରେ ଦୁହେଁ ଭେଟ ହୋଇଥିଲେ। ଏହି ସମୟରେ ଯୁବତୀଙ୍କ ଅନିଚ୍ଛାସତ୍ତ୍ୱେ ତାଙ୍କୁ ଯୁବକଜଣକ ବଳାତ୍କାର କରିଥିଲେ। ପରେ ଯୁବତୀ ବିବାହ ପାଇଁ ଜିଦ୍ ଧରିବାରୁ ଯୁବକ ବିଭିନ୍ନ ଧମକ ଦେଇଥିଲେ। ଏହି କଥା ଯୁବତୀଙ୍କ ପରିବାର ଲୋକ ଜାଣିବା ପରେ ଯୁବକଙ୍କ ଘରକୁ କଥା ହେବାକୁ ଯାଇଥିବାବେଳେ ସେ ମଧ୍ୟ ଗାଳିଗୁଲଜ କରିବାରୁ ଶେଷରେ ନ୍ୟାୟ ପାଇଁ ଯୁବତୀ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଖୋଲିଲା ଉଚ୍ଚ ଶିକ୍ଷାନୁଷ୍ଠାନ

**ରାଜଧାନୀ କଲେଜ ପରିଦର୍ଶନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ**

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**


ରାଜଧାନୀ କଲେଜ ପରିଦର୍ଶନ ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏକ ଶ୍ରେଣୀଗୃହରେ ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ସୋମବାର ଖୋଲିଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶେଷବର୍ଷ ପାଠପଢ଼ା ହେବ। ପ୍ରଥମ ପର୍ଯ୍ୟାୟରେ ୟୁଜି ଓ ପିଜି ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ହେବ। ଦୀର୍ଘ ୯ମାସ ପରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ପାଦ ଦେଇ ଛାତ୍ରୀଛାତ୍ରମାନେ ଖୁସି ବ୍ୟକ୍ତ କରିଛନ୍ତି। ଉଚ୍ଚଶିକ୍ଷାନୁଷ୍ଠାନ ଖୋଲିବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ପ୍ରଥମ ଦିନରେ ହିଁ କଲେଜ ପରିଦର୍ଶନ କରିଛନ୍ତି। ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ଶିକ୍ଷାନୁଷ୍ଠାନଗୁଡ଼ିକ କିପରି ପାଳନ କରୁଛନ୍ତି ତାହା ପରଖିବା ପାଇଁ ସେ ଭୁବନେଶ୍ୱରର ରାଜଧାନୀ କଲେଜ ପରିଦର୍ଶନରେ ଯାଇଥିଲେ। ସେଠାରେ ମନ୍ତ୍ରୀ ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିବା ସହିତ କଲେଜ କର୍ତ୍ତୃପକ୍ଷ, ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ପରିଦର୍ଶନ ପରେ ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି, କଲେଜରେ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବା ସହିତ ସମସ୍ତେ ମାସ୍କ ପରିଧାନ କରିଥିବା ଦେଖିଲି। ଅନ୍‌ଲାଇନ୍‌ରେ କିଛି କୋର୍ସ ସରିଯାଇଛି। ମାର୍ଚ୍ଚ ୧୬ରେ ସେମିଷ୍ଟର ପରୀକ୍ଷା ହେବ। ସେଥିପାଇଁ ଆଉ ଯାହା କୋର୍ସ ବାକି ରହିଛି ତାକୁ ପଢ଼ାଯାଉଛି ଓ ରିଭିଜନ୍ ମଧ୍ୟ କରାଯାଉଛି। ପରୀକ୍ଷା ପାଇଁ ଭଲ ଭାବେ ପ୍ରସ୍ତୁତ ଥିବା ଛାତ୍ରୀଛାତ୍ରମାନେ କହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ସେହିପରି ରାଜ୍ୟର ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ, ଓୟୁଏଟି ଏବଂ ସଂସ୍କୃତି ବିଶ୍ୱବିଦ୍ୟାଳୟ ମଧ୍ୟ ସୋମବାରଠାରୁ ଖୋଲିଛି। ଇଞ୍ଜିନିୟରିଂ ଓ ଡିପ୍ଲୋମା ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଫିଜିକାଲ କ୍ଲାସ୍ ହେବା ନେଇ ବୈଷୟିକ ଶିକ୍ଷା ବିଭାଗ ସୂଚନା ଦେଇଛି। ଶେଷବର୍ଷ ଛାତ୍ରୀଛାତ୍ରଙ୍କ ବାକି ଥିବା ସିଲାବସ୍ ସାରିବା ସହ ପରୀକ୍ଷା ପାଇଁ ପ୍ରସ୍ତୁତି କରାଯିବ। ଏ ନେଇ ରାଜ୍ୟର ସମସ୍ତ ସରକାରୀ ଇଞ୍ଜିନିୟରି, ଡିପ୍ଲୋମା କଲେଜ୍‌କୁ ନିର୍ଦ୍ଦେଶନାମା ଜାରି ହୋଇଛି। ସୂଚନାଯୋଗ୍ୟ, କରୋନା ଯୋଗୁ ଗତ ମାର୍ଚ୍ଚ ମାସରୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ଗତ ୮ତାରିଖରୁ ସ୍କୁଲ ଖୋଲିଯାଇଥିବା ବେଳେ ସୋମବାରଠାରୁ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିଛି। ୟୁଜିର ୫ମ ଓ ପିଜିର ୩ୟ ସେମିଷ୍ଟର ପାଇଁ ମାର୍ଚ୍ଚ ୧୫ତାରିଖ ପର୍ଯ୍ୟନ୍ତ କ୍ଲାସ ଚାଲିବ। ମାର୍ଚ୍ଚ ୧୬ରୁ ୩୧ତାରିଖ ପର୍ଯ୍ୟନ୍ତ ଉଭୟ ଶ୍ରେଣୀର ସେମିଷ୍ଟର ପରୀକ୍ଷା ହେବ। ସେହିପରି ଏପ୍ରିଲ ୨ରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ୟୁଜି ଓ ପିଜିର ଶେଷ ସେମିଷ୍ଟର କ୍ଲାସ ଚାଲିବ। ଜୁନ ୧୬ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ୟୁଜି ଓ ପିଜିର ଶେଷ ସେମିଷ୍ଟର ପରୀକ୍ଷା ହେବ। ତେବେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ରବିବାର, ସାଧାରଣତନ୍ତ୍ର ଦିବସ, ସରସ୍ୱତୀ ପୂଜା ଓ ଉତ୍କଳ ଦିବସରେ କ୍ଲାସ୍ ହେବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଖୋର୍ଦ୍ଧା ହସ୍ପିଟାଲ୍‌ରେ ବୁଲିଲା ଖଣ୍ଡା




**ଖୋର୍ଦ୍ଧା ଅଫିସ,୧୧।୧**

- ମାରଣାସ୍ତ୍ର ଜବତ, ଦୁର୍ବୃତ୍ତ ଫେରାର
- ଦାବି ସତ୍ତ୍ୱେ ପାଚେରି ଓ ଫାଣ୍ଡି ନିର୍ମାଣ ହେଉନି

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ମଙ୍ଗଳବାର ଦୁଇଜଣ ଦୁର୍ବୃତ୍ତ ଖଣ୍ଡା, ମାରଣାସ୍ତ୍ର ଧରି ମେଡିକାଲରେ ଆତଙ୍କ ଚଳାଇଥିଲେ। କାହାରିକୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ମେଡିକାଲରେ ଖଣ୍ଡା ବୁଲାଇ ଏପଟେ ସେପଟ ବୁଲିଥିଲେ। ବାହାରେ ଥିବା ରୋଗୀ ଏବଂ ସମ୍ପର୍କୀୟମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ରୋଗୀମାନେ ଭୟଭୀତ ହୋଇପଡିଥିଲେ। ଖବରପାଇ ଟାଉନ ପୋଲିସ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଛାଡି ସେଠାରୁ ପଳାଇଥିଲେ। ପୋଲିସ ମାରଣାସ୍ତ୍ର ଜବତ କରି ଥାନାକୁ ଆଣିଥିଲା। ତେବେ କିଏ ଏମାନେ, କାହାକୁ ଆକ୍ରମଣ କିମ୍ବା ଦାଦାବଟି ଆଦାୟ କରିବାକୁ ପଶିଥିଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଥାଉ କି, ମେଡିକାଲ ପରିସରରୁ ବାରମ୍ବାର ବାଇକ୍ ଚୋରି ନେଇ ଥାନାରେ ଅଭିଯୋଗ ହେଉଛି। ଗତ ବର୍ଷ ମେଡିକାଲ ପରିସରରେ ଜଣେ ମହିଳା ବ୍ରାଉନସୁଗାର ବିକ୍ରି କରୁଥିବା ଖବରପାଇ ଟାଉନ ପୋଲିସ ତାଙ୍କୁ ଗିରଫ କରିଥିଲା। କରୋନା ସମୟରେ ଦୁଇଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଜଣେ ଡାକ୍ତରଙ୍କୁ ଆକ୍ରମଣ ଲାଗି ଗୋଡ଼ାଉ ଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। କର୍ମଚାରୀଙ୍କ କ୍ୱାର୍ଟର୍ସରୁ ଚୋରି ହେଉଛି। ମେଡିକାଲ ପରିସରରେ ଏକ ଫାଣ୍ଡି ନିର୍ମାଣ ଲାଗି ଜିଲା ପ୍ରଶାସନ ଏବଂ ଏସ୍‌ପିଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ମେଡିକାଲରେ ପାଚେରି ନିର୍ମାଣ ଲାଗି ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସିଡିଏମଓ ବିଶ୍ୱରଞ୍ଜନ ପତି କହିଛନ୍ତି।

# ଭିଜିଲାନ୍ସ ପକ୍ଷରୁ କେସ୍ ଡାଏରୀ ଦାଖଲ

**କଟକ ଅଫିସ, ୧୧।୧**

**ଆଇଏଫ୍ଏସ୍ ଅଭୟକାନ୍ତ, ଆକାଶଙ୍କ ଜାମିନ ଆବେଦନ ମାମଲା**

ପୂର୍ବତନ ଆଇଏଫଏସ୍ ଅଭୟକାନ୍ତ ପାଠକ ଏବଂ ତାଙ୍କ ପୁଅ ଆକାଶ ପାଠକଙ୍କ ଜାମିନ ଆବେଦନ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ଏଥିରେ ଭିଜିଲାନ୍ସ ପକ୍ଷରୁ ହାଇକୋର୍ଟରେ କେସ୍ ଡାଏରୀ ଦାଖଲ କରାଯାଇଛି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାସ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୧୫ ତାରିଖ ଧାର୍ଯ୍ୟ କରିଛନ୍ତି। ସେହିଦିନ ଭିଜିଲାନ୍ସ ତା'ର ଜବାବ ରଖିବ ବୋଲି ଜଣାପଡିଛି।

ମାମଲାର ବିବରଣୀରୁ ପ୍ରକାଶ, ଅଭୟକାନ୍ତ ଓ ଆକାଶ ବହୁକୋଟି ଟଙ୍କା ଦୁର୍ନୀତି କରିଥିବା ଅଭିଯୋଗ ହୋଇଥିଲା। ଏପରି କି ମହାନଦୀ ଗ୍ରୀନ୍ ମିଶନ ନାଁରେ ଚାରା ରୋପଣରେ କୋଟିକୋଟି ଟଙ୍କାର ଘୋଟାଲା ହୋଇଥିବା ଅଭିଯୋଗ ହୋଇଥିଲା। କରୋନା ସମୟରେ ସେ ଅନେକ ଥର ଚାର୍ଟାର୍ଡ ଫ୍ଲାଇଟ୍ ବ୍ୟବହାର କରିଥିଲେ। ଏଭଳି ଅଭିଯୋଗ ତାଲିକା ଲମ୍ବି ଚାଲିଥିଲାବେଳେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଥିଲା। ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ସେ ଜାମିନ୍ ପାଇଁ ଆବେଦନ କରିଥିଲେ। ହେଲେ ସେଠାରେ ଜାମିନ୍ ଖାରଜ ହେବାପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପରି ଟାଟା କମ୍ପାନୀରେ ଚାକିରିର ଲୋଭ ଦେଖାଇ ଆକାଶ ଅନେକ ଲୋକଙ୍କଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଆକାଶଙ୍କୁ ଗିରଫ କରାଯିବା ପରେ କ୍ରାଇମ୍‌ବ୍ରାଞ୍ଚ୍ ତାଙ୍କୁ ରିମାଣ୍ଡରେ ନେଇଥିଲା। ସେ ନିମ୍ନ ଅଦାଲତରେ ଜାମିନ୍ ପାଇଁ ଆବେଦନ କରିଥିଲେ। ସେଠାରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ସୋମବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ନୟାଗଡ଼ରେ ପହଞ୍ଚିଲା ମାଳମାହାର୍ଦ୍ଦ

**ନୟାଗଡ଼ ଅଫିସ/ପୁରୀ ଅଫିସ୍, ୧୧।୧**


ନୟାଗଡ ଡିଏଫ୍ଓ ଏଚ.ଡି. ଧନରାଜ ଶ୍ରୀମନ୍ଦିରରୁ ଆସିଥିବା ମାଳମାହାର୍ଦ୍ଦକୁ ଗ୍ରହଣ କରୁଛନ୍ତି।

- ପୂଜାର୍ଚ୍ଚନା ପରେ ରଥକାଠ ଚିହ୍ନଟ କରାଯିବ
- ରଥ ନିର୍ମାଣ ପାଇଁ ୪ କିସମର ୧୨୮ ଖଣ୍ଡ କାଠ ଯିବ ପୁରୀ

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉଦ୍ଦେଶ୍ୟରେ ରଥକାଠ ନିମନ୍ତେ ପୁରୀର ଶ୍ରୀମନ୍ଦିରରୁ ପ୍ରତିନିଧି ମଣ୍ଡଳୀ ମହାପ୍ରଭୁଙ୍କ ମାଳମାହାର୍ଦ୍ଦ ସହ ଅଙ୍ଗବସ୍ତ୍ର, ପାଟପଟନୀ, ଧଣ୍ଡାମାଳ, ନଡିଆ, ବାନା ଇତ୍ୟାଦି ସାଙ୍ଗରେ ଧରି ସୋମବାର ସନ୍ଧ୍ୟାରେ ନୟାଗଡ ଡିଏଫ୍ଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ସେଠାରେ ଡିଏଫ୍ଓ ଏଚ.ଡି. ଧନରାଜଙ୍କୁ ପୁରୀ ଶ୍ରୀମନ୍ଦିରରୁ ଆସିଥିବା ମାଳମହାର୍ଦ୍ଦକୁ ପ୍ରତିନିଧିଦଳ ଦେଇଛନ୍ତି। ଏହି ଦଳରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ଅମିନ ମହାରଣା, ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ, ଶ୍ରୀମନ୍ଦିର କ୍ୟାମେରାମ୍ୟାନ ଅଙ୍କିତ କୁମାର ସାହୁ ଆସିଛନ୍ତି। ଚଳିତବର୍ଷ ୩ ରଥ ନିର୍ମାଣ ପାଇଁ ୮୯୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ୬୯ ଖଣ୍ଡ ବଳକା ରହିଛି। ଅବଶିଷ୍ଟ କାଠ ୭୯୬ ଖଣ୍ଡ ରାଜ୍ୟର ବିଭିନ୍ନ ବନଖଣ୍ଡରୁ ଯିବ। ତେବେ ନୟାଗଡ ବନଖଣ୍ଡରୁ ୧୨ ଫୁଟ ଲମ୍ବ ୩ ଫୁଟ ଓସାରର ଅସନ ୫ ଖଣ୍ଡ, ୧୨ ଫୁଟ ଲମ୍ବ ୩ ଫୁଟ ଓସାରର ଧଉରା ୩୬ ଖଣ୍ଡ, ୨୦ ଫୁଟ ଲମ୍ବ ୩ ଫୁଟ ଓସାରର ଅସନ ୨୫ ଖଣ୍ଡ, ଧଉରା କାଠ ୨୦ ଫୁଟ ଲମ୍ବ ୩ ଫୁଟ ଓସାରର ୯ଖଣ୍ଡ, ୨୦ ଫୁଟ ଲମ୍ବ ୪ ଫୁଟ ଓସାରର ୩୨ ଖଣ୍ଡ ଧଉରା, ୨୦ ଫୁଟ ଲମ୍ବ ୬ ଫୁଟ ଓସାରର ୧ ଖଣ୍ଡ ଧଉରା, ୪୦ ଫୁଟ ଲମ୍ବ ୩ ଫୁଟ ଓସାରର ୧ ଖଣ୍ଡ ଅସନ, ୪୦ ଫୁଟ ଲମ୍ବ ୪ ଫୁଟ ଓସାରର ୧ ଖଣ୍ଡ ଧଉରା, ୧୪ ଫୁଟ ଲମ୍ବ ୬ ଫୁଟ ଓସାରର ଫାସି କାଠ ୧୫, ସିମୁଳି କାଠ ୧୪ ଫୁଟ ଲମ୍ବ ୬ ଫୁଟ ଓସାରର ୩ ଖଣ୍ଡ ଏପରି ମୋଟରେ ୧୨୮ ଖଣ୍ଡ ଦିଆଯିବାକୁ ଚିହ୍ନଟ ହୋଇଛି। ଏ ନେଇ ମଙ୍ଗଳବାର ପୂର୍ବାହ୍ନରେ ଦଶପଲ୍ଲା ପୁରାତନ ଗଡ଼ଜାତ ରାଜ୍ୟର ଗଣିଆ ନିକଟବର୍ତ୍ତୀ ମହାନଦୀ ଅବବାହିକାର ବଡମୂଳସ୍ଥ ଗ୍ରାମ ଦେବତୀ ମା' ବଡ଼ରାଉଳଙ୍କ ପୀଠରେ ବିଧି ଅନୁଯାୟୀ ଏଠାରେ ପୂଜାର୍ଚ୍ଚନା କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି।

ସୋମବାରଠାରୁ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ଶ୍ରୀପଞ୍ଚମୀ ତିଥି ପୂର୍ବରୁ ପ୍ରଥମ ପର୍ଯ୍ୟାୟ କାଠ ଯିବ। ଶେଷ ପର୍ଯ୍ୟାୟ ଅକ୍ଷୟ ତୃତୀୟା ତିଥିରେ ସମସ୍ତ ଆବଶ୍ୟକ କାଠ ପୁରୀରେ ପହଞ୍ଚିବ। ପ୍ରକାଶଥାଉ କି ରଥକାଠ ଯୋଗାଣ ପରମ୍ପରା ପୁରୀର ଗଜପତି ମୁକୁନ୍ଦଦେବଙ୍କ ଅମଳରୁ ଦଶପଲ୍ଲା ଗଡ଼ଜାତ ରାଜ୍ୟର ୭ତମ ରାଜା ଚକ୍ରଧର ଭଞ୍ଜଦେଓଙ୍କ ସମୟରୁ ଦୀର୍ଘ ୩୫୦ ବର୍ଷ ହେଲା ରହିଆସିଛି। ପୂର୍ବେ ମହାନଦୀରେ ଭେଳା କରି ରଥକାଠ ନିଆଯାଉଥିବା ବେଳେ ସ୍ୱାଧୀନତା ପରେ ଟ୍ରକ୍ ସହାୟତାରେ ବଡ଼ବଡ଼ ରଥକାଠ ପରିବହନ କରାଯାଉଛି। ରଥ ସଂହିତା ଅନୁଯାୟୀ, ତିନି ରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଦରକାର ପଡ଼େ। ଗତ ବର୍ଷର ବଳକା ୬୯ ଖଣ୍ଡ କାଠ ଶ୍ରୀମନ୍ଦିର ପ୍ରଶାସନ ପାଖରେ ମହଜୁଦ ଥିବା ବେଳେ ଆଉ ୭୯୬ ଖଣ୍ଡ କାଠ ଆବଶ୍ୟକ ରହିଛି।

# ହୋଲ୍‌ସେଲ୍ ଗୋଦାମରେ ଜିଏସ୍‌ଟି ଚଢ଼ାଉ

**କଟକ ଅଫିସ, ୧୧।୧**

**ସାମଗ୍ରୀ, କାଗଜପତ୍ର ଯାଞ୍ଚ**

ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଅପର୍ଣ୍ଣାନଗର ଅଞ୍ଚଳରେ ଥିବା ଏକ ବଡ ହୋଲ୍‌ସେଲ୍ ଗୋଦାମ ଉପରେ ସୋମବାର କମର୍ସିଆଲ ଟ୍ୟାକ୍ସର ଜିଏସ୍‌ଟି ଟିମ୍ ପକ୍ଷରୁ ଚଢାଉ କରାଯାଇଥିଲା। ସେଠାରେ ଟିମ୍‌ର ଅଧିକାରୀମାନେ ବିଭିନ୍ନ ସାମଗ୍ରୀ ଓ ଜିଏସ୍‌ଟି କାଗଜପତ୍ର ଯାଞ୍ଚ କରିବା ସହ ଏପର୍ଯ୍ୟନ୍ତ କେତେ ଟଙ୍କାର ଠକେଇ ହୋଇ ତାହାକୁ ନେଇ ଖୋଳତାଡ କରୁଛନ୍ତି। ଏହି ଗୋଦାମରେ ସିଗାରେଟ୍, ଗୁଟ୍‌ଖା, ପାନମସଲା, ଜର୍ଦ୍ଦା, ବିଭିନ୍ନ ଡିଟରଜେଣ୍ଟ ପାଉଡର ସମେତ କିଛି ଖାଦ୍ୟ ସାମଗ୍ରୀର ମାଲ୍ ମହଜୁଦ ରହିଛି। ଏଠାରେ ବିନା ବିଲ୍‌ରେ ଜିନିଷ ବିକ୍ରି ଓ ଜିଏସ୍‌ଟି ଫାଙ୍କି କାରବାର କରାଯାଉଥିବା ନେଇ ଜିଏସ୍‌ଟି ଟିମ୍ ନିକଟରେ ଅଭିଯୋଗ ହୋଇଥିଲା। ତେବେ ସମସ୍ତ ଅଭିଯୋଗର ତଦନ୍ତ ଶେଷ ହେବା ପରେ ଏହି ଠକେଇ ବାବଦରେ ସୂଚନା ଦିଆଯିବ ବୋଲି ଜିଏସ୍‌ଟି ଟିମ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି।


ଗୋଦାମରେ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ଲାଞ୍ଚ ନ ଦେବାରୁ ବିଲ୍ ବନ୍ଦ ଅଭିଯୋଗ

**କୋଣାର୍କ,୧୧।୧(ଡି.ଏନ.ଏ.)**

**କୋଣାର୍କ ଏନ୍‌ଏସି କଲ୍ୟାଣ ମଣ୍ଡପ ବିବାଦ**

- ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ଜିଲାପାଳଙ୍କୁ ଜଣାଇଲେ ଠିକାଦାର
- ସହକାରୀ ଯନ୍ତ୍ରୀ ଏଡ଼ାଇଗଲେ, ନିର୍ବାହୀ ଅଧିକାରୀ କହିଲେ ତ୍ରୁଟି ରହିଛି

କୋଣାର୍କ ଏନ୍‌ଏସି ପକ୍ଷରୁ ରିଙ୍ଗ୍‌ରୋଡ୍‌ଠାରେ ୮୫ ଲକ୍ଷ ଟଙ୍କା ବ୍ୟୟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ୮ମାସ ତଳୁ କାର୍ଯ୍ୟ ସରିଥିଲେ ମଧ୍ୟ ଏଯାଏ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଏହା ପରିସର ଏବେ ଜଙ୍ଗଲିଆ ହୋଇଗଲାଣି। ଏପରିସ୍ଥଳେ ଏହାର ବିଲ୍ ପାସ୍‌କୁ ନେଇ ବିବାଦ ମୁଣ୍ଡ ଟେକିଛି। ଲାଞ୍ଚ ନ ଦେବାରୁ ବିଲ୍ ମିଳୁ ନ ଥିବା ଠିକାଦାର ସଞ୍ଜୟ କୁମାର ଖୁଣ୍ଟିଆ ଗୁରୁତର ଅଭିଯୋଗ ଆଣିଛନ୍ତି। ସହକାରୀ ଯନ୍ତ୍ରୀ ୩ଲକ୍ଷ ଟଙ୍କା ଉତ୍କୋଚ ଦାବି କରୁଥିବା ନେଇ ସେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ପୁରୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ନ୍ୟାୟ ନିବେଦନ କରିଛନ୍ତି।

ସଞ୍ଜୟ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସରକାରୀ ନିୟମ ଓ ଏଗ୍ରିମେଣ୍ଟ ଅନୁସାରେ ୮ ମାସ ତଳୁ କଲ୍ୟାଣ ମଣ୍ଡପ କାର୍ଯ୍ୟ ସାରିଛନ୍ତି। ଏଥିସହ ଅତିରିକ୍ତ ଭାବେ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ କାର୍ଯ୍ୟ କରିଛନ୍ତି। ଏହି ଅତିରିକ୍ତ କାର୍ଯ୍ୟ ପାଇଁ ବ୍ୟୟ ଅଟକଳ ହୋଇ ନ ଥିଲେ ମଧ୍ୟ ପରେ ଅତିରିକ୍ତ ଏଷ୍ଟିମେଟ୍ କରାଯାଇ ବିଲ୍ ଦିଆଯିବ ବୋଲି ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ ମିଶ୍ର ପ୍ରତିଶ୍ରୁତି ଦେବା ପରେ ସେ ଏହି କାର୍ଯ୍ୟ ଶେଷ କରିଥିଲେ। କଲ୍ୟାଣ ମଣ୍ଡପର ଫାଇନାଲ ବିଲ୍ ୨୦ଲକ୍ଷ ଓ ଅତିରିକ୍ତ କାର୍ଯ୍ୟର ବିଲ୍ ପାସ ପାଇଁ ଯନ୍ତ୍ରୀ ମିଶ୍ର ୩ ଲକ୍ଷ ଟଙ୍କା ଲାଞ୍ଚ ଦାବି କରି ତାଙ୍କୁ ବାରମ୍ବାର ଅଫିସ୍‌କୁ ଦୌଡାଇ ନିରାଶ କରୁଛନ୍ତି। ବିଲ୍ ମିଳୁ ନ ଥିବାରୁ କଞ୍ଚା ମାଲ୍ ଯୋଗାଇଥିବା ସଂସ୍ଥା ବକେୟା ରାଶି ଦେଇ ନ ପାରି ମାନସିକ ଆଘାତ ପାଉଛନ୍ତି। ତେଣୁ ବିଲ୍ ପାସ୍ ସହ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଛନ୍ତି। ରାଜ୍ୟବାସୀଙ୍କୁ ସ୍ୱଚ୍ଛ ଶାସନ ଓ ସେବା ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ସବୁବେଳେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ଏଥିସହ ଦୁର୍ନୀତି ହଟାଇବାକୁ '୫-ଟି' କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଛନ୍ତି। ହେଲେ ଅଧିକାରୀଙ୍କ ଦୁର୍ନୀତିଖୋର ମନୋବୃତ୍ତି ସରକାରୀ ଯୋଜନା ଲୋକଙ୍କ ହିତରେ ଲାଗିପାରୁନି। ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ନିଶ୍ଚିତ ଏହା ଉପରେ ପଦକ୍ଷେପ ନେବେ ବୋଲି ସଞ୍ଜୟ ଆଶା ରଖିଛନ୍ତି। ଏଥିସହ ସେ ମଧ୍ୟ ନଗର ଉନ୍ନୟନ ବିଭାଗ ସଚିବ, ନିର୍ଦ୍ଦେଶକ, ଏନ୍‌ଏସି ଦାୟିତ୍ୱରେ ଥିବା ପ୍ରଶାସକ, ପୁରୀ ଜିଲାପାଳ ଓ ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ବକେୟା ବିଲ୍ ପାସ୍ ପାଇଁ ନିବେଦନ କରିଛନ୍ତି।

ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ ମିଶ୍ର କହିଛନ୍ତି, ମୋ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ତଦନ୍ତ ହେଲେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବି। ତେବେ ବିଲ୍ ବନ୍ଦ ପ୍ରସଙ୍ଗକୁ ସେ ଏଡ଼ାଇଯାଇଥିଲେ। ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସଙ୍କୁ ପଚାରିବାରୁ କାର୍ଯ୍ୟରେ କିଛି ତ୍ରୁଟି ଥିବା ହେତୁ ଜେଇ ବିଲ୍‌ରେ ଦସ୍ତଖତ କରୁନାହାନ୍ତି ବୋଲି ସେ କହିଛନ୍ତି।


ଏନ୍‌ଏସି କଲ୍ୟାଣ ମଣ୍ଡପ।

**ସଂକ୍ଷେପରେ**

## ଯାନ ବିକ୍ରିରେ ଆସିଲା ଉନ୍ନତି

### ପ୍ରଥମ ଥର ଲାଗି ୧୧% ବିକ୍ରି ବଢ଼ିଲା

ଭୁବନେଶ୍ୱର,୧୧।୧: ଆର୍ଥିକ ବର୍ଷ ୨୦୨୦-୨୧ରେ ଡିସେମ୍ବରରେ ପ୍ରଥମ ଥର ଲାଗି ଯାନ ବିକ୍ରିରେ ଉନ୍ନତି ଆସିଛି। ଦେଶ ମଧ୍ୟରେ ୨୦୧୯ ବର୍ଷ ଡିସେମ୍ବର ତୁଳନାରେ ୨୦୨୦ ଡିସେମ୍ବରରେ ମୋଟ ଯାନ ବିକ୍ରି ୧୧% ବୃଦ୍ଧି ପାଇଛି। ପାର୍ବଣ ପର ଚାହିଦା ବଜାୟ ରହିବା ଏବଂ ୨୦୨୧ରେ ଗାଡି ମୂଲ୍ୟ ବଢ଼ିବାକୁ ଥିବାରୁ ଲୋକମାନେ ଯାନ କ୍ରୟ କରିବାରୁ ବିକ୍ରିରେ ଏଭଳି ବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୧୯ ଡିସେମ୍ବରରେ ୧୬.୬୧ ଲକ୍ଷ ଯାନ ବିକ୍ରି ହୋଇଥିଲା। ଏହା ୨୦୨୦ ଡିସେମ୍ବରରେ ୧୮.୪୪ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ୨ ଚକିଆ, ପାସେଞ୍ଜର ଯାନ ଏବଂ ଟ୍ରାକ୍ଟର ବର୍ଗରେ ବିକ୍ରି ଅଭିବୃଦ୍ଧି ଯଥାକ୍ରମେ ୧୧.୮%, ୨୪% ଏବଂ ୩୫.୫% ରହିଛି। ଅପରପକ୍ଷରେ ବାଣିଜ୍ୟିକ ଯାନ ଏବଂ ୩ ଚକିଆ ବର୍ଗରେ ବିକ୍ରି ଯଥାକ୍ରମେ ୧୩.୫% ଏବଂ ୫୨.୭% ନିମ୍ନରେ ରହିଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ପକ୍ଷରୁ ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ଫାଡା ସଭାପତି ଭିଙ୍କେଶ ଗୁଲାଟି କହିଛନ୍ତି, ପ୍ରଥମ ଥର ଲାଗି ଯାନ ପଞ୍ଜୀକରଣରେ ଉନ୍ନତି ପରିଲକ୍ଷିତ ହୋଇଛି ଯାହା ଅତ୍ୟନ୍ତ ଖୁସିର ବିଷୟ। ଭଲ ଅମଳ ଋତୁ, ୨ ଚକିଆ ଯାନରେ ଅଫର, ପାସେଞ୍ଜର ଏବଂ ୨ ଚକିଆ ଯାନର ନୂଆ ଲଞ୍ଚ ଏବଂ ଜାନୁୟାରୀରୁ ଗାଡି ମୂଲ୍ୟ ବଢ଼ିବାକୁ ଥିବାରୁ ଗାଡି ଚାହିଦା ବଢ଼ିଛି। ବାଣିଜ୍ୟିକ ଯାନ ବର୍ଗରେ ଚାହିଦା ଏବେ ମଧ୍ୟ ଚାପରେ ରହିଛି। ଅପରପକ୍ଷରେ ଟ୍ରାକ୍ଟର ବିକ୍ରିରେ ଉନ୍ନତି ବଜାୟ ରହିଥିବାରୁ ବଜାର ଟ୍ରାକ୍‌କୁ ଫେରୁଥିବା କୁହାଯାଉଛି। ସୂଚନାଯୋଗ୍ୟ, କରୋନା ଯୋଗୁ ଅଟୋମୋବାଇଲ ବଜାରର ସବୁ ବର୍ଗରେ ଗାଡି ବିକ୍ରି ପ୍ରଭାବିତ ହୋଇ ରହିଥିଲା।

## ୪୯ ହଜାର ପଏଣ୍ଟ ସ୍ତର ଛୁଇଁଲା ସେନ୍‌ସେକ୍ସ

ମୁମ୍ବାଇ,୧୧।୧: ସୋମବାର ଭାରତୀୟ ଶେୟାର ବଜାରର କାରବାର ବେଶ୍ ଉନ୍ନତ ରହିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ସୋମବାର ପ୍ରଥମ ଥର ଲାଗି ୪୯ ହଜାର ପଏଣ୍ଟ ସ୍ତର ଟପିଛି। ବିଶ୍ୱ ଶେୟାର ବଜାରରେ ଉନ୍ନତ ସ୍ଥିତି, ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ନିବେଶରେ ଉନ୍ନତି ଏବଂ ଆଇଟି ଷ୍ଟକ୍ କାରବାର ଭଲ ହେବାରୁ ଷ୍ଟକ୍ ବଜାରରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଦିନ ମଧ୍ୟରେ ୪୯,୨୫୨ ପଏଣ୍ଟ ସ୍ତର ଛୁଇଁଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି କାରବାର ୧୪,୪୦୦ ପଏଣ୍ଟ ସ୍ତର ଟପିଛି।

## ୨ ଗୁଣ ବଢ଼ିପାରେ ଏନ୍‌ପିଏ

ମୁମ୍ବାଇ,୧୧।୧: କୋଭିଡ୍-୧୯ ଯୋଗୁ ଘରୋଇ ବଜାର ଗଭୀର ଭାବେ ପ୍ରଭାବିତ ହୋଇଛି। ବଜାର ଧୀରେ ଧୀରେ ଟ୍ରାକ୍‌କୁ ଫେରୁଥିବା ବେଳେ ଦେଶର ବ୍ୟାଙ୍କଗୁଡିକରେ ଅନାଦାୟ ଋଣ(ଏନ୍‌ପିଏ) ଦୁଇଗୁଣ ବଢ଼ିପାରେ। ଆର୍ଥିକ କାର୍ଯ୍ୟକଳାପରେ ଉନ୍ନତି ସତ୍ତ୍ୱେ ଏଭଳି ସ୍ଥିତି ଉପୁଜିବାର ଆଶଙ୍କା ରହିଥିବା ସୋମବାର ପ୍ରକାଶିତ ରିଜର୍ଭ ବ୍ୟାଙ୍କର ଫାଇନାନ୍ସିଆଲ ଷ୍ଟାବିଲିଟି ଏବଂ ଡେଭଲପମେଣ୍ଟ କାଉନସିଲ ରିପୋର୍ଟରେ ପ୍ରକାଶ ପାଇଛି। ୨୦୨୦ ସେପ୍ଟେମ୍ବରରେ ବ୍ୟାଙ୍କଗୁଡିକର ମୋଟ ଏନ୍‌ପିଏ ୭% ସ୍ତରରେ ରହିଥିଲା। ମାତ୍ର ବଜାର ଚାପଗ୍ରସ୍ତ ହୋଇ ରହିଥିବାରୁ ଏହା ୧୪.୮% ବଢ଼ିବା ନେଇ ରିପୋର୍ଟରେ ପ୍ରକାଶ ପାଇଛି। ସେପ୍ଟେମ୍ବର ୨୦୨୧ ବେଳକୁ ଏହା ୧୩.୫% ସ୍ତରରେ ରହିପାରେ ବୋଲି କାଉନସିଲ ରିପୋର୍ଟରେ କୁହାଯାଇଛି। ଖରାପ ସ୍ଥିତି ବର୍ତ୍ତମାନ ଘେରି ରହିଛି। ସେହିଭଳି ଏଭଳି ସ୍ଥିତିରେ କେବେ ସୁଧାର ଆସିବ ଏବେ ମଧ୍ୟ ଅନିଶ୍ଚିତତା ଲାଗି ରହିଥିବା ରିପୋର୍ଟ ଉନ୍ମୋଚନ କରି ଗଭର୍ନର ଶକ୍ତିକାନ୍ତ ଦାସ ଏହା କହିଛନ୍ତି। ଭାରତୀୟ ଅର୍ଥ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆର୍ଥିକ ସ୍ୱାସ୍ଥ୍ୟକୁ ସୁଧାରିବା ବ୍ୟାଙ୍କଗୁଡିକର ମୁଖ୍ୟ କାମ ହୋଇଥିବା ବେଳେ ବିକଳ୍ପ ବାଣିଜ୍ୟ ମଡେଲ ଗ୍ରହଣ, ବଜାରରୁ ପୁଞ୍ଜି ଉଠାଣ ଏବଂ ସମ୍ପ୍ରସାରଣ ଦିଗରେ ମନୋନିବେଶ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ସେପ୍ଟେମ୍ବର ଅବଧିରେ ପୁଞ୍ଜି ଆବଶ୍ୟକତା ପୂରଣ କରିବା ଲାଗି ପ୍ରାୟ ୪ ବ୍ୟାଙ୍କ ବିଫଳ ହେବା ନେଇ ଏଥିରେ କୁହାଯାଇଛି। ପ୍ରାୟ ୯ ବ୍ୟାଙ୍କ ବିଭିନ୍ନ ସମସ୍ୟା ସାମ୍ନା କରିବେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

# ଭୁବନେଶ୍ୱରରେ ହିରୋ ଏକ୍ସଟ୍ରାକ୍ସ ଅର୍ବାନ

**ଭୁବନେଶ୍ୱର,୧୧।୧**

ବିଶ୍ୱର ସର୍ବବୃହତ୍ ୨ ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ପକ୍ଷରୁ ଏହାର ପ୍ରିମିୟମ ଯାନ ସେଗ୍‌ମେଣ୍ଟକୁ ଦୃଢ଼ୀକରଣ ଯୋଜନା ରଖାଯାଇଛି। କମ୍ପାନୀ ବର୍ତ୍ତମାନ ଏହି ବର୍ଗରେ ଏକ୍ସଟ୍ରିମ୍ ୧୬୦ ଆର୍, ଏକ୍ସଟ୍ରିମ୍ ୨୦୦ ଏସ୍, ଏକ୍ସପଲ୍‌ସ ୨୦୦ ମଡେଲ ଉପଲବ୍ଧ କରାଉଛି। ଭୁବନେଶ୍ୱର ଏବଂ କଟକର ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର ରାଇଡିଂ ଅଭିଜ୍ଞତା ପ୍ରଦାନ କରିବା ଲାଗି କମ୍ପାନୀ ପକ୍ଷରୁ ଭୁବନେଶ୍ୱରକୁ ଆସିଛି ହିରୋର ଏକ୍ସଟ୍ରାକ୍ସ ଅର୍ବାନ। ଏଥିଲାଗି ଫୁଲନଖରାସ୍ଥିତ ଓମ୍‌ଫେଡ୍ ଗ୍ରାଉଣ୍ଡ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୧୦୦ ପ୍ରିମିୟମ ବାଇକ ଉତ୍ସାହୀ ଯୋଗ ଦେଇଥିଲେ। ସେମାନେ କମ୍ପାନୀର ପ୍ରିମିୟମ ବାଇକ ୧୬୦ ଆର୍ ମଡେଲର




ଅଭିଜ୍ଞତା ନେଇଥିଲେ। ସକାଳ ୯ଟାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୨ କି.ମି. ଦୀର୍ଘ ଟ୍ରାକ୍‌ରେ ରାଇଡିଂ ଅଭିଜ୍ଞତା ଗ୍ରାହକ ନେଇଥିଲେ। ରାଇଡିଂ ଅଭିଜ୍ଞତା ବଢ଼ାଇବା ଲାଗି ବିଭିନ୍ନ କୌଶଳ ଉପରେ ଏଠାରେ ଗ୍ରାହକଙ୍କୁ ସଚେତନ କରାଯାଇଥିଲା। ସେହିଭଳି ସୁରକ୍ଷିତ ଗାଡି ଚାଳନା ଏବଂ ନିରାପତ୍ତା ଉପରେ ମଧ୍ୟ ଏଠାରେ ଗୁରୁତ୍ୱାରୋପ କରାଯାଇଛି। ହିରୋ ଟିମ୍‌ର ଅଭିଜ୍ଞ ରାଇଡରମାନେ ମଧ୍ୟ ଗ୍ରାହକଙ୍କ ନୂଆ ମଡେଲର ବିଭିନ୍ନ ଦିଗ ଉପରେ ଅବଗତ କରାଇଥିଲେ। କମ୍ପାନୀ ଏହାର ପ୍ରିମିୟମ ଯାନ ଉପରେ ଏବେ ଫୋକସ କରିଛି। ଏଥିଲାଗି ନୂଆ ନୂଆ ମଡେଲ ନିରନ୍ତର ଭିତ୍ତିରେ ଯୋଡୁଛି। ଗ୍ରାହକ ଏହି ମଡେଲଗୁଡିକରୁ କିଭଳି ଭଲ ଅଭିଜ୍ଞତା ଲାଭ କରିବେ ତାକୁ ମଧ୍ୟ ଧ୍ୟାନରେ ରଖିଥିବା କମ୍ପାନୀ କହିଛି। ଭାରତ ଭଳି ଏକ ଦ୍ରୁତ ଅଭିବୃଦ୍ଧିଶୀଳ ବଜାରରେ ଯୁବବର୍ଗଙ୍କ ମଧ୍ୟରେ ପ୍ରିମିୟମ ଯାନ ଚାହିଦା ଏବେ ବଢ଼ୁଛି। ଏହାକୁ ଧ୍ୟାନରେ ରଖି ହିରୋ ବିଭିନ୍ନ ପଦକ୍ଷେପ ହାତକୁ ନେଉଛି। ଏହି ବର୍ଗରେ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ମଧ୍ୟ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। କମ୍ପାନୀ ଚଳିତ ମାସ ଶେଷ ସୁଦ୍ଧା ଏହାର ପ୍ରିମିୟମ ଯାନ ଉପରେ ଲୟାଲ୍ଟି କିମ୍ବା ଏକ୍ସଚେଞ୍ଜ ଅଫର ବାବଦକୁ ପ୍ରାୟ ୪ ହଜାର ଟଙ୍କାର ରିହାତି ପ୍ରଦାନ କରୁଛି।

# ଭାରତର ପ୍ରଥମ ଆଣ୍ଟି-ଭାଇରସ୍ ଫ୍ୟାନ୍ 'ପୁରୋକୋଟ'

**ଭୁବନେଶ୍ୱର,୧୧।୧**

ପ୍ରମୁଖ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନକାରୀ କମ୍ପାନୀ ପଲିକ୍ୟାବ୍ ପକ୍ଷରୁ ପ୍ରସ୍ତୁତ ପ୍ରଥମ ଆଣ୍ଟି ଭାଇରସ୍ ଫ୍ୟାନ ପୁରୋକୋଟ ଭାରତ ବଜାରରେ ଶୁଭାରମ୍ଭ ହୋଇଛି। କମ୍ପାନୀର ଏହି ନୂତନ ପ୍ରଡକ୍ଟ ବ୍ୟାପକ ଗବେଷଣା ଏବଂ ବାସ୍ତବ ବିଶ୍ୱସ୍ତରୀୟ ପରୀକ୍ଷଣ ଦ୍ୱାରା ନାନୋଭା ହାଇଜେନ +ଟିଏମ୍ (TM) ର ବିକାଶ ଦିଗରେ ବେଶ୍ ସହାୟକ ହୋଇପାରିଛି। ଏହି ପଙ୍ଖାର ଉପରି ଭାଗରେ ଆଣ୍ଟି-ମାଇକ୍ରୋ ବାଇଆଲ ସ୍ତରର ଏକ ରାସାୟନିକ ପ୍ରଲେପ ଦିଆଯାଇଛି। ଯାହା ଭାଇରସ୍, ମାଇକ୍ରୋବ ଏବଂ ଅନ୍ୟ ମାରାତ୍ମକ ଜୀବାଣୁମାନଙ୍କୁ ଶକ୍ତିହୀନ କରି ହଟାଇ ଦେବାରେ ସକ୍ଷମ ହୋଇଥାଏ।




ଏ ସମ୍ପର୍କରେ କମ୍ପାନୀର ଉପସଭାପତି (ଫ୍ୟାନ୍ ଆଣ୍ଡ ଆପ୍ଲାଏନ୍ସ) ପୁଲକ ପତି କହିଛନ୍ତି, ନାନୋ ଟେକ୍ନୋଲୋଜି ହେଉଛି ମେଟାଲ ନୋନୋ ପାର୍ଟିକିଲ ଏବଂ କ୍ୟାୟୁଏଟିର ଏକ ଫଳପ୍ରଦ ମିଶ୍ରଣ ଯାହା ଭାଇରସ୍ ଦୂର କରିଦିଏ। ଯେତେବେଳେ ଭାଇରସ୍,ବ୍ୟାକ୍ଟେରିଆ କିମ୍ବା ଅନ୍ୟ ଯେକୌଣସି ଜୀବାଣୁଗୁଡିକ ଏହି ପଙ୍ଖା ଦେହରେ ବାଡେଇ ହୁଅନ୍ତି, ସେତେବେଳେ ଏହି ନାନୋଭା ଟେକ୍ନୋଲୋଜି ଦ୍ୱାରା ଭାଇରସ୍‌କୁ ଦୂରେଇ ଦେଇଥାଏ ଏବଂ ମେଟାଲ ନାନୋ ଖଣ୍ଡଗୁଡିକ ଏହାର ଆର୍‌ଏନ୍‌ଏ/ଡିଏନ୍‌ଏକୁ ଖଣ୍ଡ ବିଖଣ୍ଡିତ କରି ଦେବା ସହିତ ଜୀବାଣୁମାନଙ୍କର ନୂଆ ପ୍ରତିରୂପ ସୃଷ୍ଟି କରିବାରେ ବାଧା ସୃଷ୍ଟି କରିଥାଏ। ଫଳରେ ବ୍ୟାକ୍ଟେରିଆ ଏବଂ ଭାଇରଙ୍କ ବିରୁଦ୍ଧରେ ଏହି ନାନୋଭା ହାଇଜେନ +ଟିଏମ୍‌ର ପରୀକ୍ଷଣ ବିଭିନ୍ନ ତୃତୀୟ ପକ୍ଷ ଲାବ୍ (ରିପୋର୍ଟରେ ଉଲ୍ଲେଖିତ ଅନୁଯାୟୀ) ଗୁଡିକରେ କରାଯାଇଛି। ଯେତେବେଳେ ଏହା ଗ୍ଲୋବାଲ ଷ୍ଟାଣ୍ଡାର୍ଡ ଆଇଏସ୍‌ଓ-୨୧୭୦୨:୨୦୧୯ ଏବଂ ଜେଆଇଏସ୍ ଜେଡ୍ ୨୮୦୧:୨୦୧୦ଅନୁଯାୟୀ ପରୀକ୍ଷଣ କରାଯାଇଥିଲା ଏହାକୁ ୯୯% ସଫଳତା ମିଳିଛି। ଅନ୍ୟାନ୍ୟ ବୈଜ୍ଞାନିକ ପ୍ରକାଶନ ସଂସ୍ଥାଗୁଡିକଙ୍କ ମତରେ ସାମ୍ପ୍ରତିକ ନାନୋ ମଲିକୁଲଗୁଡିକ ଅନ୍ୟାନ୍ୟ ଭାଇରସ୍‌ଗୁଡିକ ବିରୋଧରେ ସମାନଭାବେ ଶକ୍ତିଶାଳୀ ବୋଲି ସେ ମତ ଦେଇଛନ୍ତି।

# ସ୍ୱାଇସ୍ ଅପ୍‌ର ବାର୍ଷିକ ସମ୍ମିଳନୀ



**ଭୁବନେଶ୍ୱର,୧୧।୧**

ପ୍ରମୁଖ ମୃଦୁପାନୀୟ କମ୍ପାନୀ'ସ୍ୱାଇସ୍ ଅପ୍'ର ନିର୍ମାତା 'ଓଡି ରାୟ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ତା'ର ୧୧ତମ ବାର୍ଷିକ ସମ୍ମିଳନୀ ପୁରୀ ବଳିଆ ପଣ୍ଡା ସ୍ଥିତ ହୋଟେଲ କ୍ରିଷ୍ଣା ସି ସାଇଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର ବିଭିନ୍ନ କାର୍ଯ୍ୟକ୍ରମ ଓ ଚଳିତ ବର୍ଷର ଖସଡା ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଦେବେନ ରାୟ, ଏଚ୍‌ଆର୍ ଓ ଫାଇନାନ୍ସ ମ୍ୟାନେଜର ଅପର୍ଣ୍ଣା ସିହ୍ନା, ରିଜିଓନାଲ ସେଲ୍ସ ମ୍ୟାନେଜର (ଓଡ଼ିଶା) ନରେନ୍ଦ୍ର କୁମାର ସାହୁ, ରିଜିଓନାଲ ସେଲ୍ସ ମ୍ୟାନେଜର (ୱେଷ୍ଟ ବେଙ୍ଗଲ) ସୁବ୍ରତ ଚକ୍ରବର୍ତ୍ତୀ, ବିଜ୍‌ନେସ ଡେଭଲମେଣ୍ଟ ମ୍ୟାନେଜର ମିହିର ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ କମ୍ପାନୀ ସହ ଯୋଡି ରହି ସହଯୋଗ କରିଥିବା ସମସ୍ତ ବିତରକ ବନ୍ଧୁଙ୍କୁ ଧନ୍ୟବାଦ ଜ୍ଞାପନ ସହ ଭଲ ପ୍ରଦର୍ଶନ କରିଥିବା ସମସ୍ତ ବିତରକଙ୍କୁ କମ୍ପାନୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଥିବା ବିତରକଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ସୁଦ୍ଧା କମ୍ୟୁନିକେଶନ , ଯାଜପୁରର ଶ୍ରୀରାମ ଟ୍ରେଡର୍ସ, ରାଉରକେଲାର ଲକ୍ଷ୍ମୀ ଏଣ୍ଟରପ୍ରାଇଜ, ପୁରୀର ଭାଇ-ଭାଇ ଟ୍ରେଡିଂ, ବଲାଙ୍ଗୀରର ବିଏସ୍ ଏଜେନ୍ସି, କଳାହାଣ୍ଡି ଜୁନାଗଡ଼ର ଗୌରବ ଏଜେନ୍ସି, ଭଦ୍ରକର ମା' ତାରିଣୀ ଏଜେନ୍ସି, ନୟାଗଡ଼ ଇଟାମାଟିର ବିନାୟକ ଏଣ୍ଟରପ୍ରାଇସ, କଟକ ଶିଖରପୁରର କେ.ସି. ଏଜେନ୍ସି, କଟକ ବକ୍ସିବଜାରର ସାଇ ଏଜେନ୍ସି, ଭୁବନେଶ୍ୱର ଶହୀଦନଗର କେ.କେ. ଟ୍ରେଡର୍ସ, ବୈଷ୍ଣବୀ ଏଣ୍ଡରପ୍ରାଇଜ ଜାମସେଦପୁର ରହିଛି। ସେହିପରି ପୁରସ୍କୃତ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ଅନିଲ କୁମାର ସାହୁ, ଦେବପ୍ରିୟ ମହାନ୍ତି, ସୁଜିତ କୁମାର ବାରିକ, ରମାକାନ୍ତ ପଟ୍ଟନାୟକ, ନିହାର ରଞ୍ଜନ ଦାସ, ସୁକାନ୍ତ ଚକ୍ରବର୍ତ୍ତୀ ଏବଂ ଜ୍ୟୋତିରଞ୍ଜନ ନାୟକ ରହିଛନ୍ତି।

## ୨୧୫ଙ୍କୁ ଗିରଫ କଲା ଜିଏସ୍‌ଟି ସ୍କ୍ୱାଡ

**ନୂଆଦିଲ୍ଲୀ,୧୧।୧:** ଜିଏସ୍‌ଟିଠକେଇ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ସରକାର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଏଭଳି ମାମଲା ସହ ସମ୍ପୃକ୍ତ ୨୧୫ ଜଣ ବ୍ୟକ୍ତି ବିଶେଷଙ୍କୁ ଜିଏସ୍‌ଟି ଏନଫୋର୍ସମେଣ୍ଟ ସ୍କ୍ୱାଡ ବର୍ତ୍ତମାନ ସୁଦ୍ଧା ଗିରଫ କରିଛି। ମାମଲାରେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଏବଂ କମ୍ପାନୀ ସେକ୍ରେଟାରୀ ମଧ୍ୟ ସାମିଲ ଅଛନ୍ତି। ଗତ ୨ ଦିନରେ ୧୭ ଜଣ ଗିରଫ ହୋଇଛନ୍ତି। ଜିଏସ୍‌ଟି କର୍ତ୍ତୃପକ୍ଷ ୨,୨୦୦ ମାମଲା ତଦନ୍ତ ପରିସରଭୁକ୍ତ କରିଥିବା ବେଳେ ୬,୬୦୦ରୁ ଊର୍ଦ୍ଧ୍ୱ ଜାଲିଆତି କମ୍ପାନୀ ଠାବ କରିଛନ୍ତି। ମାମଲା ଗୁଡିକରେ ୭୦୦ କୋଟି ଟଙ୍କା ଅସୁଲ କରାଯାଇଥିବା ଜଣାପଡିଛି।



**OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA**

Order No. 32 **1ST CORRIGENDUM TO BID IDENTIFICATION NO-11/2020-21** Date: 07.01.2021

**No. B-630:-** The tender invited vide Bid Identification No. SE. Khordha (R&B) Circle No. 11/2020-21 dt. 28.12.2020. Value of work at Row No.3 is changed to Rs.2,44,73,472.00 in place of Rs.3,34,14,519.00, Security amount at Row No.6 is changed to Rs.2,45,000.00 in place of Rs.3,15,000.00 and Period of completion at Row No. 9 is changed to 4 (Four) calendar months in place of (11) calendar months.

| Sl. No. | Name of work | Value of work (In ₹) | Concerned T.I.A. | Concerned (R&B) Division | Security Amount (In ₹) (On-line) | Cost of Bid document (In ₹) (On-line) | Class of bidder | Period of completion |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Balance work for repair and renovation to Rajbhawan Building at Puri. | Rs.2,44,73,472.00 | Superintending Engineer, Khordha (R&B) Circle, Khordha | Executive Engineer, Puri (R&B) Division | Rs.2,45,000.00 (On-line) | 10000.00 (On-line) | B Class/ A Class | 04 (Four Calendar Months) |

**All other terms and conditions remain unchanged.**

OIPR-34127/11/0016/2021 Sd./- **Superintending Engineer, Khordha (R&B) Circle, Khordha**

E-mail: eerwssnpd@rediffmail.com

**OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA**

**1st Corrigendum to Bid Identification No. RWS&S_13/2020-21**

**No. O-871:-** Remaining unaltered of all terms and conditions, the following changes are hereby made to Bid Identification No. RWS&S_13 /2020-21 of the Executive Engineer, RWS&S Division, Nuapada by virtue of this corrigendum as mentioned below:

| As per Original NIT | As per Corrigendum |
|---|---|
| Date and Time of availability of bid document in the portal : 31.12.2020 at 10.00 A.M. | Date and Time of availability of bid document in the portal : 15.01.2021 at 10.00 A.M. |
| Last date /Time for receipt of bids in the portal : 15.01.2021 up to 5.00 P.M. | Last date /Time for receipt of bids in the portal : 22.01.2021 up to 5.00 P.M. |
| Date of Opening of bid: 18.01.2021 at 11.00 A.M. | Date of Opening of bid: 25.01.2021 at 11.00 A.M. |

**Sd./- Executive Engineer, RWSS Division, Nuapada**
OIPR-25043/11/0009/2021

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, KESHARI NAGAR, UNIT- V, BHUBANESWAR - 751001**
**2nd Corrigendum to RFP Identification No. CE-WBP - 12 /2020-21**

**File No- PIM - Misc.- 10/2008 (Pt)**

**No. B-634:-** Following changes are made to the Invitation for qualification / proposal for the work "Construction of H L Bridge over River Mahanadi on Jaipur - Katikata Road at Ch.0/550 km in the District of Jagatsinghpur under NABARD Assistance RIDF-XXVI" vide RFP Identification No. CE-W.B.P. (0) 12 / 2020-21.

| Sl. No. | As per 1st Corrigendum | | As per 2nd Corrigendum |
|---|---|---|---|
| 01 | The Last date of submission of RFP Application is extended upto 5.00 PM of dt.04.01.2021 | : | The Last date of submission of RFP Application is extended upto 5.00 PM of dt.11.01.2021 |
| 02 | The last date of submission of hard copy of uploaded application to the Chief Engineer (World Bank Project), Odisha is 5.00 P.M. of dt.11.01.2021 | : | The last date of submission of hard copy of uploaded application to the Chief Engineer (World Bank Project), Odisha is 5.00 P.M. of dt.15.01.2021 |
| 03 | The application received online shall be opened at 12.30 PM on 12.01.2021 | : | The application received online shall be opened at 12.30 PM on 18.01.2021 |

All other conditions remain unchanged.

**Sd./- Chief Engineer, World Bank Projects, Odisha**
**OIPR-34003/11/0028/2021**

**No. CAD-1057:-**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No. IDCO:H.O./P&C/EST/E-1626/01/2020 198, Dated:- 06.01.2021

**NOTICE INVITING THE REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

1. **Name of the Work** :- Providing out sourced services of skilled (Security officers) & semi-skilled (Security guard) for watch and ward of IDCO Tower & other Infrastructures developed by IDCO.
2. **Estimated cost** :- Rs.400.59 lakhs (Approx.)
3. **Period of completion** :- 03 (Three) years.
4. **Other details** :-

| Procurement Officer | Bid/Tender reference No. | Availability of Tender on-line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid/Tender Reference No. PC/ EST/ E-58/ 2020-21 | 15.01.2021 at 17.00 hrs. | 30.01.2021 up to 17.00 hrs. |

Further details can be seen from the e-Procurement Portal **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tendersodisha.gov.in** and **www.idco.in**.

**OIPR-14003/11/0099/2021** **Sd./- Chief General Manager (P&C), IDCO, Bhubaneswar**

**ବିହନ ବିଶୋଧନ କାର୍ଯ୍ୟକ୍ରମ, ରବି ୨୦୨୦-୨୧**

**କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାର**

No. L-52:- ଚଳିତ ବର୍ଷ ରବି ୨୦୨୦-୨୧ରେ ରାଜ୍ୟ ଯୋଜନା-ଉନ୍ନତ ଚାଷ ପଦ୍ଧତି ଅନ୍ତର୍ଭୁକ୍ତ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା 'ବିହନ ବିଶୋଧନ କାର୍ଯ୍ୟକ୍ରମ' ସମସ୍ତ ଜିଲ୍ଲାରେ କୋଭିଡ୍-୧୯ ନିୟମାବଳୀ ଅନୁସରଣ କରି କାର୍ଯ୍ୟକାରୀ ହେଉଅଛି । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ଲକର ନିର୍ଦ୍ଦିଷ୍ଟ ଗ୍ରାମରେ ଚାଷୀମାନଙ୍କ ଧାନ, ମୁଗ, ବିରି ଓ ତୈଳବୀଜ ଆଦି ବିହନ ବିଶୋଧନ ପାଇଁ ମାଗଣାରେ ବିହନ ବିଶୋଧକ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି ଏବଂ ବିହନ ବିଶୋଧନ ପ୍ରଣାଳୀ ପ୍ରଦର୍ଶନ ମାଧ୍ୟମରେ ଦର୍ଶାଇ ଦିଆଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ବିହନ ବିଶୋଧନର ଉପକାରିତା, ପ୍ରଣାଳୀ ଓ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି । ବିହନ ବିଶୋଧନ ଦ୍ୱାରା ପ୍ରାଥମିକ ଅବସ୍ଥାରେ ବିହନ ଓ ମୃତ୍ତିକାବାହୀ ରୋଗ ନିୟନ୍ତ୍ରଣ ହେଉଥିବାରୁ ଫସଲ ସୁସ୍ଥ ରହେ ଏବଂ ଚାଷୀମାନଙ୍କର ଚାଷଜନିତ କମ୍ ଖର୍ଚ୍ଚ ହୁଏ। ତେଣୁ ପ୍ରତ୍ୟେକ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ନିକଟସ୍ଥ ଅଞ୍ଚଳର କୃଷି କର୍ମଚାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ଓ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ ।

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**
**OIPR-01034/11/0027/2021**

**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ବ୍ରହ୍ମପୁର ବନଖଣ୍ଡ**

**ବ୍ରହ୍ମପୁର ବନଖଣ୍ଡର କାଜୁ ମଞ୍ଜି (୨୦୨୦-୨୧ ପାଇଁ) ସଂଗ୍ରହ ନିମନ୍ତେ ଠିକା ପଦ୍ଧତି ଇସ୍ତାହାର**

No. MM-126: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବ୍ରହ୍ମପୁର ବନଖଣ୍ଡ ଅଧୀନରେ ବିଭିନ୍ନ ଜଙ୍ଗଲରେ (Lot) ଥିବା କାଜୁ ମଞ୍ଜି (Cashew Nut) ସଂଗ୍ରହ ନିମନ୍ତେ ଜଉମୁଦିଆ ଟେଣ୍ଡର ନିର୍ଦ୍ଧାରିତ ଫର୍ମରେ ଆହ୍ୱାନ କରାଯାଉଅଛି। କାଜୁ ମଞ୍ଜି ସଂଗ୍ରହ ସମ୍ବନ୍ଧୀୟ ସବିଶେଷ ବିବରଣୀ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ କୋର୍ଟପେଟା, ବ୍ରହ୍ମପୁରସ୍ଥିତ କାର୍ଯ୍ୟାଳୟରେ ନିମ୍ନଲିଖିତ କାର୍ଯ୍ୟଦିବସମାନଙ୍କରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୨.୦୦ଘଟିକା ସମୟରେ ମିଳିପାରିବ। ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଖୋଲିବାର ନିର୍ଦ୍ଧାରିତ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କର କାର୍ଯ୍ୟାଳୟରେ ଅଂଶଗ୍ରହଣ କରିପାରିବେ କିମ୍ବା ତାଙ୍କର ମନୋନୀତ ପ୍ରତିନିଧିଙ୍କୁ ପ୍ରମାଣପତ୍ର ଦେଇ ହାଜର କରାଇପାରିବେ। ନିର୍ଦ୍ଧାରିତ ଫର୍ମରେ ଅମାନତ ଜମା ସହ ନିଜର ଗୋଟିଏ ସଦ୍ୟ ଫଟୋଗ୍ରାଫ, ସଲଭେନ୍ସି ପ୍ରମାଣପତ୍ର ଓ GST Clearance Certificate ତା୦୪।୦୨।୨୦୨୧ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ମଧ୍ୟରେ ଜଉମୁଦ ଦିଆ ଲଫାପାରେ ଭର୍ତ୍ତିକରି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ, କୋର୍ଟପେଟା ବ୍ରହ୍ମପୁରଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବକ୍ସରେ ଦାଖଲ କରିବାକୁ ପଡ଼ିବ।

| | | |
|---|---|---|
| ୧) ଟେଣ୍ଡରଫର୍ମ ବିକ୍ରୟ ତାରିଖ/ସମୟ | : | ତା୨୮।୦୧।୨୦୨୧ଠାରୁ ୦୩।୦୨।୨୦୨୧ଦିନ (ସମସ୍ତ କାର୍ଯ୍ୟ ଦିବସରେ) ଦିବା ଘ୧୧.୦୦ଠାରୁ ଅପରାହ୍ନ ଘ.୦୨.୦୦। |
| ୨) ଟେଣ୍ଡର ଫର୍ମ ଦାଖଲର ଶେଷ ତାରିଖ | : | ତା୦୪।୦୨।୨୦୨୧ ପୂର୍ବାହ୍ନ ଘ୧୧.୩୦ ମଧ୍ୟରେ। |
| ୩) ଟେଣ୍ଡର ଫର୍ମ ଖୋଲିବା ସମୟ | : | ତା୦୪।୦୨।୨୦୨୧ ମଧ୍ୟାହ୍ନ ଘ୧୨.୩୦ ମିନିଟ୍। |
| ୪) ଟେଣ୍ଡର ଫର୍ମ ମୂଲ୍ୟ | : | ଟ.୧୦୦ (ଏକଶହ) ବ୍ୟକ୍ତିଗତ ଭାବେ। |

ସମୟ ସତ୍ୟାଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ନିକଟରେ ସଂରକ୍ଷିତ ରହିବ। କୌଣସି କାରଣ ନ ଦର୍ଶାଇ ଯେକୌଣସି ଟେଣ୍ଡରକୁ ଦରକାର ହେଲେ ନିମ୍ନସ୍ୱାକ୍ଷରକାରୀ ଅଧିକାରୀ ଖାରଜ ବା ପରିବର୍ତ୍ତନ କରିପାରିବେ।

ସ୍ୱା./- ବନଖଣ୍ଡ ଅଧିକାରୀ, ବ୍ରହ୍ମପୁର ବନଖଣ୍ଡ
**OIPR-08038/11/0006/2021**

**CONDUCT OF ARMY RECRUITMENT RALLIES IN ODISHA WITH COVID-19 PRECAUTIONS**

**No. D-142:-**

1. Please refer the following letters:-
   (a) This office letter No. D/4012/RR dt. 10 July 2020.
   (b) Your office letter No. 27360/HOME-POLT-MISC-0048-2020 dt. 18 August 2020.
2. **Schedule of Recruitment Rallies in Odisha.** Due to current operational situation and to maximize COVID-19 precautions, three recruitment rallies will be conducted in continuation in close proximity of Military Station at Gopalpur, Odisha, as given below. Coordination for all three rallies will be done by Army Recruiting Office, Gopalpur with district administrative of Ganjam District

| Ser No. | Date | Responsibility | Venue | Districts |
|---|---|---|---|---|
| (a) | 02-11 March 2021 | Army Recruiting Office, Sambalpur | Gopalpur, Ganjam District | Angul, Balangir, Bargarh, Dhenkanal, Deogarh, Jharsuguda, Keonjhar, Sambalpur, Subarnapur & Sundargarh |
| (b) | 12-24 March 2021 | Army Recruiting Office, Cuttack | | Puri, Bhadrak, Cuttack, Khordha, Balasore, Mayurbhanj, Jajpur, Jagatsinghpur, Kendrapara & Nayagarh. |
| (c) | 25 March - 06 Apr 2021 | Army Recruiting Office, Gopalpur | | Ganjam, Gajapati, Kandhamal, Boudh, Malkangiri, Nabarangpur, Rayagada, Kalahandi, Nuapada & Koraput |

COVID-19 Precautions

3. **Social Distancing.** Following measures will be instituted:-
   (a) Recruitment Rallies will be conducted within close proximity of Military Stations, for better management of candidates, with assistance from Odisha Police.
   (b) Adequate social distancing will be ensured at all stages of the recruitment process.
   (c) Regular sanitisation of Rally premises.
4. **Mandatory Requirements for Candidates.** Candidates will be required to be in possession of the following:-
   (a) Face Mask, gloves and sanitizer.
   (b) COVID-19 free certificate from a Government hospital, issued not earlier than 48 hours before the Rally date.
   (c) COVID-19 declaration form.
   (d) Candidates will be screened for body temperature and COVID-19 symptoms at Recruitment Rally entry point. Suspected cases will be segregated and will not be allowed to participate in the Rally on that day. Such candidates will be given a fresh date, when they will be screened again and will be allowed to participate in Recruitement Rally only if found fit. Assistance of Medical teams from District administration will be required for COVID-19 screening of candidates.
5. **Precautionary Actions for Conducting Staff.**
   (a) Segregation of conducting staff in three levels of COVID-19 threat, as per their tasking and provision of PPE items as given below:-
   (i) Level-I - Face Mask and Face Shield
   (ii) Level-II - Face Mask, Face Shield, Nitrile Gloves and Medical Gown.
   (iii) Level-III - Face Mask, Face Shield, Nitrile Gloves, PPE Overalls, Shoe Cover.
   (b) Quarantine of conducting persons after the rally.
6. 1022 young men were recruited into Indian Army from Odisha state last year. Many young boys have approached Recruiting Offices in Odisha since March, 2020, eagerly inquiring about conduct of Recruitment Rallies. We look forward to an enthusisastic participation from youth of Odisha to select maximum deserving boys for service to the nation in the Army.
7. It is requested that necessary directions be given to District Administrations to provide required administrative support to the Army for conduct of Recruitment Rallies. It is also requested that necessary funds as per Directorates of Employment Orissa, Bhubaneswar letter No. OSFMS No. 8/09-10 (A) dated 17 Apr 2010 (Copy attached) be provided to District Administration for the purpose.

**Sd./- (Salam Satyajit)**
**Colonel, Director Recruiting (States)**
**For Deputy Director General Recruiting (States)**
OIPR-12001/11/0015/2021

ସୌନ୍ଦର୍ଯ୍ୟ



# ବଢ଼ାନ୍ତୁ ତ୍ୱଚାର ଚମକ

ତ୍ୱଚାର ଚମକ ବଢାଇବାକୁ ହେଲେ କେବଳ ଯେ ମେକ୍‌ଅପ୍ ଏକମାତ୍ର ବିକଳ୍ପ ତା' ନୁହେଁ, ବରଂ ଏଥିପାଇଁ ସବୁ ଦିଗପ୍ରତି ଦୃଷ୍ଟି ଦେବାକୁ ହେବା ତେଣୁ ଏଥିପାଇଁ ଜାଣି ରଖନ୍ତୁ କିଛି ଟିପ୍ସ...

- ସବୁବେଳେ ଚିନ୍ତା ମୁକ୍ତ ରୁହନ୍ତୁ। ଚିନ୍ତା ରହିବା ଫଳରେ ଚେହେରା ଉପରେ ବିପରୀତ ପ୍ରଭାବ ପଡ଼ିଥାଏ।
- ସପ୍ତାହକୁ ଅତି କମ୍‌ରେ ୫ଦିନ ୨୦ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବା ଅଭ୍ୟାସ କରନ୍ତୁ। ଏପରି କରିବା ଫଳରେ ଚିନ୍ତା କମ୍ ହେବା ସହିତ ରକ୍ତ ସଞ୍ଚାଳନ ବୃଦ୍ଧି ପାଇବ ଏବଂ ତ୍ୱଚାର ଚମକ ବଢ଼ିବ।
- ସାବୁନ ଲଗାଇବା ବଦଳରେ ଫେସ୍‌ୱାଶ୍ ଲଗାନ୍ତୁ ଏବଂ ରାତିରେ ଶୋଇବା ପୂର୍ବରୁ ମୁହଁକୁ ଭଲଭାବେ ସଫା କରନ୍ତୁ।
- ରାତିରେ ମୁହଁକୁ ସଫା କରି ଆଣ୍ଟି ଅକ୍ସିଡାଣ୍ଟ ଥିବା ଏକ ମଶ୍ଚରାଇଜର ଲଗାନ୍ତୁ। ମଶ୍ଚରାଇଜରରେ ଭିଟାମିନ୍ ଏ, ସି, ଇ ଏବଂ ବି-୩ ଥିଲେ ତାହା ତ୍ୱଚା ପାଇଁ ବହୁତ ଭଲ।
- ରାସାୟନିକ ପ୍ରସାଧନ ସାମଗ୍ରୀ ଯଥାସମ୍ଭବ କମ୍ ବ୍ୟବହାର କରନ୍ତୁ। କୌଣସି ପ୍ରକାରର ରାସାୟନିକ ସାମଗ୍ରୀ ବ୍ୟବହାର କରିବା ପୂର୍ବରୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।
- ଅତ୍ୟଧିକ ଝାଳ ବୋହୁଥିଲେ ମୁହଁ ତଥା କେଶରେ ପ୍ରବଳ ଧୂଳି ଲାଗି ଯାଇଥାଏ। ତେଣୁ ତ୍ୱଚାକୁ ଭଲଭାବେ ସଫା କରନ୍ତୁ ଏବଂ କେଶକୁ ମଧ୍ୟ ପ୍ରତିଦିନ ସାମ୍ପୁ କରନ୍ତୁ। ସାମ୍ପୁ କରିବା ପରେ କେଶରେ କଣ୍ଡିସନର ନିଶ୍ଚୟ ଲଗାନ୍ତୁ।



# ଗର୍ଭାବସ୍ଥାରେ ଖାଆନ୍ତୁ ନାହିଁ

ଗର୍ଭାବସ୍ଥାରେ ଖାଦ୍ୟପେୟରେ ସମ୍ପୂର୍ଣ୍ଣ ଧ୍ୟାନ ରଖିବାକୁ ହୋଇଥାଏ। ଏ ସମୟରେ ସାମାନ୍ୟ ଅବହେଳା ବି ଗର୍ଭସ୍ଥ ଶିଶୁ ଉପରେ ଖରାପ ପ୍ରଭାବ ପକାଇଥାଏ। ତେଣୁ ଏହି ସମୟରେ କେଉଁ ଖାଦ୍ୟ ସବୁ ଖାଇବା ଉଚିତ ନୁହେଁ ସେ ସମ୍ପର୍କରେ ଜାଣି ରଖନ୍ତୁ...

**ସେଲ ଫିସ୍–** ଗର୍ଭବତୀମାନେ କଦାପି ହେଲେ ସେଲ୍‌ଫିସ୍ ଖାଇବା ଉଚିତ ନୁହେଁ। ଏହି ମାଛ ଖାଇଲେ ବିଭିନ୍ନ ପ୍ରକାରର ବ୍ୟାକ୍ଟେରିଆଜନିତ ସଂକ୍ରମଣ ହୋଇଥାଏ। ତେଣୁ ଗର୍ଭସ୍ଥ ଶିଶୁର ଇନଫେକ୍‌ସନ୍ ହେବାର ସମ୍ଭାବନା ରହିଥାଏ।

**ପ୍ରୋସେସ୍‌ଡ ମିଟ୍–** ଗର୍ଭବତୀଙ୍କ ପାଇଁ ପ୍ରୋସେସ୍‌ଡ ମିଟ୍ ବି ଖାଇବା ଉଚିତ ନୁହେଁ। ଏହାକୁ ଖାଇବା ଫଳରେ ଟେକ୍ସୋପ୍ଲାଜମା, ଲିଷ୍ଟେରିଆ ଏବଂ ସେଲ୍‌ମୋଲେନା ଭଳି ବିଭିନ୍ନ ପ୍ରକାରର ବ୍ୟାକ୍ଟେରିଆଲ ଇନ୍‌ଫେକସନ୍ ହୋଇଥାଏ। ତେଣୁ ପେଟିସ୍ କିମ୍ବା ବର୍ଗରରେ ଥିବା ମାଂସ କିମ୍ବା ଅଧା ସିଝା ମାଂସ ଖାଆନ୍ତୁ ନାହିଁ।

**କଞ୍ଚା ଅଣ୍ଡା–** ଗର୍ଭବତୀମାନେ କଞ୍ଚା ଅଣ୍ଡା ଖାଇଲେ ବିଭିନ୍ନ ପ୍ରକାରର ଇନ୍‌ଫେକସନ୍ ସହିତ ଜ୍ୱର, ବାନ୍ତି ଆଦି ବହୁ ସମସ୍ୟା ଦେଖାଦେଇଥାଏ। ବଜାରରେ ମିଳୁଥିବା ବିଭିନ୍ନ ଖାଦ୍ୟରେ କଞ୍ଚା ଅଣ୍ଡା ମିଶା ଯାଇଥାଏ, ସେସବୁ ଖାଆନ୍ତୁ ନାହିଁ।

**କଫି–** ଗର୍ଭାବସ୍ଥାରେ ଖୁବ୍ କମ୍ ମାତ୍ରାରେ କଫି ପିଇବା ଉଚିତ। କାରଣ ଏହା ଖୁବ୍‌ଶୀଘ୍ର ରକ୍ତରେ ମିଶି ପ୍ଲେସେଣ୍ଟାରେ ପହଞ୍ଚି ଯାଇଥାଏ। ତେଣୁ ଶିଶୁର ବିକାଶ ହୋଇ ନ ଥାଏ।

**କଞ୍ଚା ସ୍ପ୍ରାଉଟ୍–** ସ୍ପ୍ରାଉଟ୍ ଖାଇବା ଶରୀର ପାଇଁ ଭଲ କିନ୍ତୁ ଗର୍ଭବତୀଙ୍କ ପାଇଁ ଏହା ଆଦୌ ଭଲ ନୁହେଁ। ଗଜା ମୁଗ କିମ୍ବା ଅନ୍ୟ କୌଣସି କଞ୍ଚା ସ୍ପ୍ରାଉଟ୍ ଖାଇବା ଫଳରେ ବ୍ୟାକ୍ଟେରିଆ ସୃଷ୍ଟି ହେବାର ସମ୍ଭାବନା ରହିଥାଏ। ତେଣୁ ସେସବୁକୁ ସିଝାଇ ଖାଆନ୍ତୁ।

**ଅନ୍‌ପାଶ୍ଚରାଇଜ୍ ମିଲ୍କ–** କଞ୍ଚା କ୍ଷୀର ଏବଂ ଅନ୍‌ପାଶ୍ଚରାଇଜ୍ଡ କ୍ଷୀର କିମ୍ବା ଲହୁଣି ଖାଇବା ଫଳରେ ବହୁ ଇନ୍‌ଫେକସନ୍ ହୋଇଥାଏ। ତେଣୁ ଏସବୁ ଖାଆନ୍ତୁ ନାହିଁ।

**ଜଙ୍କ ଫୁଡ୍–** ଏହି ସମୟରେ ଜଙ୍କ ଫୁଡ୍ ମଧ୍ୟ ଖାଇବା ଉଚିତ ନୁହେଁ। ଏସବୁ ଖାଇବା ଫଳରେ ପୋଷକ ତତ୍ତ୍ୱ କମ୍ ହୋଇଥାଏ ଏବଂ ଫ୍ୟାଟ ଅଧିକ ହୋଇଥାଏ ତେଣୁ ଡେଲିଭରି ସମୟରେ ବହୁ ସମସ୍ୟା ସୃଷ୍ଟି ହୋଇଥାଏ।



ଖାଦ୍ୟ ରୁଚି

# ଟମାଟୋ ପୁଦିନା ଚଟଣି

**ଆବଶ୍ୟକ ସାମଗ୍ରୀ:** ପିଆଜ– ୧ଟି (କଟା), ହେଙ୍ଗୁ– ଅଳ୍ପ, ଭୃସୁଙ୍ଗପତ୍ର– ଅଳ୍ପ, ଶୁଖିଲା ଲଙ୍କା– ୪ଟି, ରସୁଣ– ୬ ପାଖୁଡ଼ା, ଛୋଟ ଛୋଟ କଟା ଅଦା– ୧ ଚାମଚ, ଜିରା– ୧ ଚାମଚ, ପୁଦିନାପତ୍ର– ୧ କପ୍ (କଟା), ଧନିଆପତ୍ର– ଅଧା କପ୍ (କଟା), ମେଥି– ଅଳ୍ପ, ତେନ୍ତୁଳି ରସ– ୧ ଚାମଚ, ସୋରିଷ– ଅଧା ଚାମଚ, ବୁଟ ଡାଲି– ୨ ଚାମଚ, ବିରିଡାଲି– ୧ ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ତେଲ।

**ପ୍ରଣାଳୀ:** ପ୍ରଥମେ ଗ୍ୟାସରେ କଡେଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ବୁଟ ଡାଲି, ବିରି ଡାଲି, ମେଥି, ଜିରା ଓ ଲଙ୍କା ପକାଇ ଅଳ୍ପ ଭାଜି ଦିଅନ୍ତୁ। ଏହାପରେ ସେଥିରେ ପିଆଜ ଓ ରସୁଣ ପକାଇ ହାଲକା ଭାଜନ୍ତୁ। ଏଥିରେ ଟମାଟୋ, ତେନ୍ତୁଳି ଓ ଲୁଣ ପକାଇ ଭାଜନ୍ତୁ। ଟମାଟୋ ନରମ ହୋଇଗଲେ ସେଥିରେ ପୁଦିଆ ଓ ଧନିଆପତ୍ର ପକାଇ ଓହ୍ଲାଇ ଦିଅନ୍ତୁ। ମିଶ୍ରଣ ଥଣ୍ଡା ହୋଇଯିବା ପରେ ତାହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହାପରେ ମଧ୍ୟମ ଆଞ୍ଚରେ ପୁଣି ଥରେ ତେଲ ଗରମ କରି ସେଥିରେ ସୋରିଷ, ହେଙ୍ଗୁ ଓ ମେଥି ଫୁଟାଇ ବଟା ହୋଇଥିବା ପେଷ୍ଟ ଉପରେ ପକାଇ ମିଶାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଟମାଟୋ ପୁଦିନା ଚଟଣି।



# ବନ୍ଧୁତାର ଅନ୍ୟ ନାଁ ମକର



ସୀମା ଓ ସ୍ମିତାଞ୍ଜଳି



ସଂଯୁକ୍ତା ଓ ସଂଗୀତା





ବିଳାସିନୀ ଓ ସୁରଭିବାଳା

ସଙ୍ଗାତ, ମିତ, ସାଙ୍ଗ, ସହି ଏମିତି କିଏ କେତେ ପ୍ରକାରରେ ଡାକନ୍ତି ବନ୍ଧୁମାନଙ୍କୁ। ଆତ୍ମୀୟତା ଆଉ ଆପଣାପଣର ଏକ ଭିନ୍ନ ପରିଭାଷା ରହିଥାଏ ବନ୍ଧୁତାରେ। ଠିକ୍ ଏମିତି ଢଙ୍ଗରେ କିଛି ମହିଳା ପରସ୍ପରକୁ ଡାକନ୍ତି ମକର...

ପରକୁ ଆପଣା କରିବାର ଆଉ ନିବିଡ଼ ବନ୍ଧୁତାର ଇଏ ବି ଏକ ରୂପ। ଆଗରୁ ମକର ସଂକ୍ରାନ୍ତିରେ ମହିଳାମାନେ ଏମିତି ସ୍ୱତନ୍ତ୍ର ଢଙ୍ଗରେ ମକର ବସୁଥିଲେ। ଆଧୁନିକ ସମୟରେ ଏବେ ଯଦିଓ ମକର ବସିବା ପରମ୍ପରା କମି ଆସିଲାଣି ତଥାପି ଗାଁ ଗହଳିରେ ଅନେକ ମହିଳା ମକର ସଂକ୍ରାନ୍ତିରେ ମକର ବସି ସମ୍ପର୍କର ମଧୁରତାକୁ ବଢେଇ ଚାଲିଛନ୍ତି।

**ମକର ଚାଉଳ ସାକ୍ଷୀ:** ମକର ସଂକ୍ରାନ୍ତି ଦିନ ମକର ଚାଉଳକୁ ପରସ୍ପରକୁ ଦେଇ ଝିଅ କି ବୋହୂମାନେ ମକର ବସନ୍ତି। ସମ୍ପର୍କକୁ ଆହୁରି ଅଧିକ ମଧୁର କରିବା ନିମନ୍ତେ ମହିଳାମାନେ ବିଶେଷକରି ଏମିତି ମକର ବସିବାର ପରମ୍ପରା ଦେଖିବାକୁ ମିଳିଥାଏ। ଅର୍ଥାତ୍ ସମ୍ପର୍କର ସାକ୍ଷୀ ହୋଇଥାଏ ମକର ଚାଉଳ। ଭଗବାନଙ୍କର ଏହି ପ୍ରସାଦକୁ ସାକ୍ଷୀ ରଖି ସବୁ ବର୍ଗର ମହିଳାମାନେ ମକର ବସନ୍ତି। ଏମିତି କି କେବଳ ସାଙ୍ଗମାନେ ନୁହନ୍ତି ଅନେକ ସମୟରେ ଅଧିକ ବୟସର ମହିଳା ଅର୍ଥାତ୍ ଜେଜେମା, ମାଉସୀମାନେ ମଧ୍ୟ ସେମାନଙ୍କ ନାତୁଣୀ କି ଝିଆରୀଙ୍କ ସହିତ ମକର ବି ବସିଥାନ୍ତି। ଅବଶ୍ୟ ଗାଁ ଗହଳିରେ ବେଳେବେଳେ ପୁଅମାନେ ବି ମଜାରେ ମକର ବସିଥାନ୍ତି।



**ଆଧୁନିକତାରେ ଫିକା :** ଆଧୁନିକ ସମୟରେ ଏବେ ଆଉ ମକର କେହି ବସୁନାହାନ୍ତି। କାହିଁକି ନା ଏହି ନାଁରେ ପରସ୍ପରକୁ ଡାକିବା ପୁରୁଣାକାଳିଆ ହୋଇଯାଇଛି। ତା'ଛଡ଼ା ବର୍ତ୍ତମାନ ସମୟରେ ଲୋକଙ୍କର ସମୟର ଏତେ ଅଭାବ ଯେ ସେମାନେ ବନ୍ଧୁବାନ୍ଧବଙ୍କ ପାଖରେ କିଛି ମୁହୂର୍ତ୍ତ ବି କଟାଇ ପାରୁନାହାନ୍ତି। ଏବେ ହୋଟେଲ, ପବ୍ କି ପାର୍କରେ ବନ୍ଧୁମାନେ ପରସ୍ପର ଏକାଠି ହୋଇ ସମୟ କଟାଉଛନ୍ତି, କିନ୍ତୁ ମକର ଚାଉଳ ଖାଇ ସେମାନେ ଆଉ ବନ୍ଧୁ ବାନ୍ଧି ପାରୁ ନାହାନ୍ତି। ହେଲେ ଗାଁ ଗହଳିରେ ଏବେ ବି ଏହି ପରମ୍ପରା ରହିଛି ଆଉ ଏବେ ବି ମକର ଚାଉଳ ଦେଇ ସାଙ୍ଗମାନେ ମକର ବସୁଛନ୍ତି।

**ଭିନ୍ନ ଅନୁଭୂତି:** ଏକାଠି ପଢିବା, ଏକାଠି ବୁଲିବା ଆଉ କଥାବାର୍ତ୍ତା ହେଲେ ପରସ୍ପର ମଧ୍ୟରେ ବନ୍ଧୁତାର ସମ୍ପର୍କ ଗଢ଼ି ଉଠିଥାଏ। କିନ୍ତୁ ବନ୍ଧୁମାନଙ୍କ ଭିତରେ ମକର ବସିବାର ଏକ ଭିନ୍ନ ଅନୁଭୂତି ରହିଥାଏ। ସାଙ୍ଗମାନଙ୍କ ଭିତରେ ଜଣେ କି ଦୁଇଜଣ ମକର ହୋଇଥାନ୍ତି। ତେଣୁ ସେମାନେ ନିଶ୍ଚିତଭାବେ ମକର ପାଖରେ ବନ୍ଧୁତାର ଭାବ ଟିକିଏ ଗାଢ଼ା ରହିଥାଏ। ସେଥିପାଇଁ ସାଙ୍ଗକୁ ନାଁ ଧରି ଡାକିବା ବଦଳରେ ମକର ଡାକିଲେ ଟିକିଏ ଅଲଗା ଲାଗିଥାଏ।

## ଏମାନେ ଯାହା କୁହନ୍ତି

**ଗାଁ ମନ୍ଦିରରେ ମକର ବସିଥିଲୁ:** ଆମେ ଦିଜଣ ଛୋଟବୋଳରୁ ସାଙ୍ଗ। ଏକାଠି ପିଲାବେଳରୁ ପାଠ ପଢିଚୁ। ଆମ ଦୁଇ ସାଙ୍ଗଙ୍କର ଘର ପାଖ ହୋଇଥିବାରୁ ସକାଳୁ ଉଠିଲେ ସବୁ କାମ ଏକାଠି କରୁ। ଏମିତିକି ଅଧିକାଂଶ ସମୟ ଆମେ ଏକାଠି ଖିଆପିଆ ବି କରୁ। ଆମର ବନ୍ଧୁତା ଦେଖି ମୋ ଭାଉଜ ଆମକୁ ମକର ବସିବା ପାଇଁ କହିଥିଲେ। ଆମେ ହାଇସ୍କୁଲରେ ପଢିବା ବେଳରୁ ଥରେ ମକର ସଂକ୍ରାନ୍ତିରେ ଗାଁ ମନ୍ଦିର ଯାଇ ଭୋଗ କରି ପରସ୍ପରକୁ ମକର ଚାଉଳ ଖୁଆଇ ମକର ବସିଥିଲୁ। ସେଇଦିନରୁ ଆମ ବନ୍ଧୁତାର ନିବିଡତା ଆହୁରି ଅଧିକ ହୋଇ ଯାଇଥିଲା। ଏବେ ଆମ ଦୁଇଜଣଙ୍କର ବାହାଘର ହୋଇ ସାରିଲାଣି ସିନା ଏବେ ବି ଆମେ ପରସ୍ପରକୁ ଦେଖା କରୁଛୁ। ଏମିତିକି ଆମ ଶାଶୁ ଘର ସହିତ ମଧ୍ୟ ଦୁଇଜଣଙ୍କର ଭଲ ସମ୍ପର୍କ ରହିଛି। ଯେତେ ସମ୍ପର୍କ ହେଲେ ବନ୍ଧୁତାକୁ ଭୁଲିହୁଏନି।

*–ସୀମା ପାଣି,* ଚକେଇସିହାଣି, ଭୁବନେଶ୍ୱର

**କାଳେ ଭୁଲିଯିବୁ ବୋଲି ମକର ବସିଥିଲୁ:** ମୋ ମକର ସଙ୍ଗୀତା ଆଉ ମୋର ଘର ବ୍ରହ୍ମପୁରରେ, କିନ୍ତୁ ଆମେ ଦୁଇଜଣ ଭୁବନେଶ୍ୱରରେ କିଛି ଦିନ ପାଖାପାଖି ରହିବା ପରେ ଆମ ଦୁଇଜଣଙ୍କ ଭିତରେ ଘନିଷ୍ଠ ବନ୍ଧୁତା ହୋଇ ଯାଇଥିଲା। ଆମେ ଦୁଇଜଣ ଏକା ଭଳି ଦେଖାଯାଉ ବୋଲି ପ୍ରାୟ ସମସ୍ତେ କହନ୍ତି। ବାହାଘର ପରେ ଅଲଗା ହେବା ଆଗରୁ ଆମେ ମକର ବସିଥିଲୁ। କିନ୍ତୁ ବାହାଘର ପରେ ବି ଆମ ସମ୍ପର୍କ ଆଦୌ କମ୍ ହୋଇନି। ଏବେ ଆମେ ପାଖାପାଖି ରହୁଛୁ ଆଉ ଆମ ଦୁଇଜଣଙ୍କର ପିଲା ବି ଗୋଟିଏ ସ୍କୁଲରେ ପଢୁଛନ୍ତି। ତେଣୁ ଭଗବାନଙ୍କ ଦୟାରୁ ଆମ ବନ୍ଧୁତା ପୂର୍ବପରି ରହିଛି।

*–ସଂଯୁକ୍ତା ଦାସ,* ଇରମ୍, ଭଦ୍ରକ

**ଗୋଟିଏ କ୍ୟାମ୍ପସରେ ରହି ସମ୍ପର୍କ ନିବିଡ଼ ହୋଇଥିଲା:** ମୁଁ ବିଳାସିନୀ ସାଙ୍ଗରେ ମକର ବସିବା ବେଳକୁ ଆମ ଦୁଇଜଣଙ୍କର ବିବାହ ହୋଇ ସାରିଥିଲା। ଆମ ଦୁଇଜଣଙ୍କର ସ୍ୱାମୀ ଗୋଟିଏ ସ୍କୁଲରେ ଶିକ୍ଷକ ଥିଲେ। ସେଥଇପାଇଁ ଆମେ ସ୍କୁଲ କ୍ୟାମ୍ପସରେ ରହୁଥିଲୁ। ସେଇଠାରୁ ପରସ୍ପର ସହ ଦେଖା ପରେ ଘନିଷ୍ଠତା ବଢ଼ିଥିଲା ଆଉ ଆମେ ଥରେ ମକର ଚାଉଳ ଖୁଆଇ ମକର ବସିଥିଲୁ। ସେଇଦିନରୁ ଆଜିଯାଏ ଆମ ଦୁଇ ପରିବାର ମଧ୍ୟରେ ବନ୍ଧୁସମ୍ପର୍କ ଆରମ୍ଭ ହୋଇଥିଲା। ଆମର ପ୍ରତି ପର୍ବପର୍ବାଣୀ ଆଉ ଭୋଜିଭାତରେ ମକର ଆଉ ତା ପିଲାମାନେ ତ ନିଶ୍ଚୟ ଆସନ୍ତି।

**–ସୁରଭୀବାଳା ମହାନ୍ତି,** ଧାମରା, ଭଦ୍ରକ

# ପିଲାଙ୍କ ଡାଏପର ଦାଗ ଦୂର କରନ୍ତୁ

ଅଧିକ ସମୟ ଡାଏପର ପିନ୍ଧିବା ଫଳରେ ପିଲାଙ୍କ ତ୍ୱଚାରେ ଦାଗ ପଡ଼ି ଯାଇଥାଏ। ପିଲାଙ୍କର ଏହି ଦାଗକୁ ଦୂର କରିବା ପାଇଁ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...

**୧୫ ମିନିଟ୍:** ସବୁ ସମୟରେ ଡାଏପର ପିନ୍ଧୁଥିବା ପିଲାଙ୍କୁ ମଝିରେ ମଝିରେ କିଛି ସମୟ ଖୋଲା ଛାଡନ୍ତୁ। ୨–୪ ଘଣ୍ଟା ପରେ ଅତି କମ୍‌ରେ ୧୫ ମିନିଟ୍ ପର୍ଯ୍ୟନ୍ତ ପିଲାଙ୍କୁ ଡାଏପର ନ ପିନ୍ଧାଇ ଢିଲା ପ୍ୟାଣ୍ଟ ପିନ୍ଧାନ୍ତୁ। ଫଳରେ ପିଲାଙ୍କ ତ୍ୱଚାରେ ଦାଗ ପଡ଼ିବା କିମ୍ବା ଲାଲ୍ ଦେଖାଯିବା ଭଳି ସମସ୍ୟା ରହିବ ନାହିଁ।

**ପାଉଡର ଲଗାନ୍ତୁ:** ପ୍ରତିଥର ପିଲାଙ୍କୁ ଡାଏପର ପିନ୍ଧାଇବା ସମୟରେ ପ୍ରଥମେ ପାଉଡର ଲଗାନ୍ତୁ। ଏହା ଫଳରେ ତ୍ୱଚା ଶୁଖିଲା ରହିବ ଏବଂ ସଂକ୍ରମଣର ଭୟ ନ ଥିବ।

**ନଡିଆ ତେଲ:** ଡାଏପର ପିନ୍ଧିବା ଫଳରେ ଯଦି ଶିଶୁର ତ୍ୱଚାରେ ଲାଲ୍ ଦାଗ ହୋଇଥାଏ ତେବେ ଡାଏପର ବଦଳାଇବା ପରେ ତ୍ୱଚାକୁ ଉଷୁମ ପାଣିରେ ଭଲଭାବେ ପୋଛି ନଡ଼ିଆ ତେଲ ଲଗାଇ ଦିଅନ୍ତୁ। ନଡିଆ ତେଲରେ ଆଣ୍ଟିବ୍ୟାକ୍ଟେରିଆ ଏବଂ ଆଣ୍ଟି ଫଙ୍ଗଲ ରହିଛି। ତେଣୁ ଏହା ତ୍ୱଚାର ଏହି ସମସ୍ୟା ଦୂର କରିପାରିବ।

**ବେକିଂ ସୋଡା:** ଅଧିକ ସମୟ ଡାଏପର ପିନ୍ଧିବା ଫଳରେ ଶିଶୁର ତ୍ୱଚାରେ ଯଦି ଲାଲ୍ ଦାଗ ହେବା ସହ କିଛି ଫଳି ଯିବା ପରି ହୋଇଥାଏ ତେବେ ବେକିଂ ସୋଡା ଲଗାଇ ଏହାକୁ ଭଲ କରିପାରିବେ। ଏଥିପାଇଁ ୧୫ କପ୍ ପାଣି ଆଣି ସେଥିରେ ୨ ଚାମଚ ବେକିଂ ସୋଡା ପକାନ୍ତୁ। ସେହି ପାଣିରେ ଶିଶୁର ଡାଏପର ଖୋଲି ତ୍ୱଚାକୁ ଧୀରେ ଧୀରେ କପଡାରେ ସଫା କରନ୍ତୁ। ଏହାପରେ ତ୍ୱଚା ଶୁଖିଗଲା ପରେ ପୁଣି ଡାଏପର ପିନ୍ଧାନ୍ତୁ।

**ଆଲୋବେରା ଓ ନିମ୍ବ:** ଆଲୋବେରା ଜେଲ୍‌କୁ ମଧ୍ୟ ଶିଶୁର ହିପ୍ସରେ ଲଗାଇଲେ ଡାଏପରଜନିତ ଦାଗ ଦୂର ହୋଇଥାଏ। ହାଲ୍‌କା ଦାଗ ହୋଇଥିଲେ ନିମ୍ବ ପାଉଡର କିମ୍ବା ତେଲ ଲଗାଇପାରିବେ। କିନ୍ତୁ ଦାଗ ଘା'ଭଳି ହୋଇଥିଲେ ନିମ୍ବ ବ୍ୟବହାର କରନ୍ତୁ ନାହିଁ। ଏସବୁ ଘରୋଇ ଉପାୟରେ ଯଦି ଦାଗ ଭଲ ହୋଇ ନ ଥାଏ ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।



## ପେନ୍‌ସନ ପାଇ ନ ଥିବା କର୍ମଚାରୀଙ୍କ ଲାଗି ୨ ଦିନିଆ ପ୍ରକୋଷ୍ଠ

ଭୁବନେଶ୍ୱର (ବ୍ୟୁରୋ) : କରୋନା ସମୟରେ ବିଭିନ୍ନ କାର୍ଯ୍ୟାଳୟ ବନ୍ଦ ରହିବା ଯୋଗୁ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ସେମାନଙ୍କ ପେନ୍‌ସନ ଓ ଭବିଷ୍ୟନିଧି ପ୍ରାପ୍ୟ ଠିକ୍ ସମୟରେ ପାଇପାରିନାହାନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଧାନ ମହାଲେଖାକାର(ଏଜି)ଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୩ ଏବଂ ୨୦ ତାରିଖ ୨ଦିନ ସ୍ୱତନ୍ତ୍ର ପେନ୍‌ସନ ଓ ଭବିଷ୍ୟନିଧି ପ୍ରକୋଷ୍ଠ ଖୋଲାଯିବ। ସେହିଦିନ ୧୧ଟା ୩୦ରୁ ୧୨ଟା ୩୦ ପର୍ଯ୍ୟନ୍ତ ଏ.ଜି ସମ୍ମିଳନୀ କକ୍ଷରେ ରାଜ୍ୟର ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଅଭିଯୋଗ ଶୁଣାଣି ହେବ। ଅଭିଯୋଗକାରୀମାନେ ନିଜର ଆବେଦନ ଉପସ୍ଥାପିତ କରିପାରିବେ ବୋଲି ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ସ୍କୁଲ, କଲେଜରେ ଉପସ୍ଥାନ ବାଧ୍ୟତାମୂଳକ ନୁହେଁ : ମନ୍ତ୍ରୀ

ନୟାଗଡ଼ ଅଫିସ,୧୧।୧


ନୟାଗଡ଼ ଗସ୍ତ ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ।

ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ଦାଶ ସୋମବାର ନୟାଗଡ଼ ଜିଲା ଗସ୍ତରେ ଆସି ଇଟାମାଟିର ବାମନ ଅବକାଶ ହାଇସ୍କୁଲ ଓ ନାରାୟଣୀ ନୋଡାଲ ଗାଲର୍ସ ସ୍କୁଲ, ରାଜପାଟଣା ନିକଟସ୍ଥ ଆଙ୍କୁଲାଇ ନୋଡାଲ ହାଇସ୍କୁଲ ଏବଂ ନୟାଗଡ଼ ଜୁନିୟର କଲେଜ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଦାଶ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏସ୍‌ଓପି ନିର୍ଦ୍ଦେଶ ଅନୁସାରେ ସ୍କୁଲ, କଲେଜ ପରିଚାଳନା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଏ ନେଇ ମନ୍ତ୍ରୀ ଦାସ ଗଣମାଧ୍ୟମକୁ କହିଛନ୍ତି, ସ୍କୁଲ, କଲେଜରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବାଧ୍ୟତାମୂଳକ ନୁହେଁ। ଛାତ୍ରୀଛାତ୍ରଙ୍କୁ ସ୍କୁଲ ଓ କଲେଜକୁ ଛାଡିବା ଅଭିଭାବକଙ୍କ ଉପରେ ନିର୍ଭର କରେ। ୮ରୁ ସେକେଣ୍ଡାରୀ କଲେଜ ଓ ସ୍କୁଲ ଖୋଲିଛି। ୯ମାସ ପରେ ଛାତ୍ରୀଛାତ୍ରମାନେ ପାଠ ପଢ଼ିବାକୁ ଆସୁଛନ୍ତି। ରବିବାର ସୁଦ୍ଧା ରାଜ୍ୟରେ ୬୦ ପ୍ରତିଶତ ଛାତ୍ରୀଛାତ୍ର ସ୍କୁଲ ଓ କଲେଜକୁ ଆସିଲେଣି। ପାଠପଢ଼ା ନେଇ ପିଲାଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ଅଛି। ଅଭିଭାବକମାନେ ବି ଖୁସି ଅଛନ୍ତି। ଆମେ ଭାବୁଥିଲୁ ରବିବାର ଛୁଟିଦିନରେ କାଳେ ଛାତ୍ରୀଛାତ୍ର ଚାପରେ ରହିବେ। କିନ୍ତୁ ସେପରି ବ୍ୟତିକ୍ରମ ଦେଖିବାକୁ ମିଳିନାହିଁ । ପିଲାଙ୍କୁ ଅନ୍‌ଲାଇନ ପାଠପଢ଼ା ନେଇ ପଚାରିଥିଲି। ଦେଖିଲି ୫୦ ପ୍ରତିଶତ ପିଲା ଅନ୍‌ଲାଇନ ପାଠପଢ଼ାରେ ସାମିଲ ହୋଇ ପାରି ନାହାନ୍ତି। ଏସ୍‌ଓପି ନିର୍ଦ୍ଦେଶ ଅନୁସାରେ ଏକ ସମୟରେ ଖେଳ ଛୁଟି କଲେ ଅସୁବିଧା ହେଉଛି। ଏଣୁ ଖେଳଛୁଟି ପର୍ଯ୍ୟାୟ କ୍ରମେ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି ବୋଲି ସେ କହିଛନ୍ତି । ନୟାଗଡ଼ କଲେଜରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସନ୍ତୋଷଜନକ ନ ଥିଲା। ଏନେଇ ଅଭିଭାବକ ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି। ସ୍କୁଲ କଲେଜ ଆସିବା ସମସ୍ତ ପାଇଁ ବାଧ୍ୟତାମୂଳକ ନୁହେଁ। ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସ୍ୱାସ୍ଥ୍ୟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏସଓପି କାର୍ଯ୍ୟକାରୀ କିପରି ହେଉଛି ଓ ପିଲା ପାଠପଢ଼ାକୁ କିପରି ଗ୍ରହଣ କରୁଛନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଉଛି ବୋଲି ସେ କହିଛନ୍ତି । ପର୍ସେଣ୍ଟେଜ୍ ନ ଥିଲେ ପରୀକ୍ଷା ଦେଇ ହେବ ନାହିଁ ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ। ୧୦୦ ଦିନ ମଧ୍ୟରେ ସିଲାବସ୍‌ର ୭୦ ପ୍ରତିଶତ ପାଠପଢ଼ା ହେବ। ପାଠପଢ଼ାକୁ ଆଧାର କରି ପ୍ରଶ୍ନପତ୍ର କରାଯିବ ବୋଲି ସେ କହିଛନ୍ତି। କମ୍ ଛାତ୍ରୀଛାତ୍ର ଥିବା ସ୍କୁଲକୁ ବନ୍ଦ ସଂକ୍ରାନ୍ତରେ ସେ କହିଛନ୍ତି, ସ୍କୁଲ ବନ୍ଦ ଆମେ କରୁ ନାହୁଁ। ୨୦ରୁ କମ୍ ପିଲା ଥିଲେ ପାଖ ସ୍କୁଲରେ ସେହି ସ୍କୁଲକୁ ମିଶ୍ରଣ କରାଉଛୁ। ଏସମ୍ପର୍କରେ ବିଧାନସଭାରେ ବିସ୍ତୃତ ଆଲୋଚନା ହୋଇ ସହମତି ଭିତ୍ତିରେ କରାଯାଉଛି। ପ୍ରତି ପିଲାଙ୍କୁ କ୍ଲାସ୍‌ରୁମ୍ ଓ କ୍ଲାସ ଟିଚର ଦେବା ନେଇ ସରକାର ପଦକ୍ଷେପ ନେଇଛନ୍ତି। ପାହାଡ, ଜଙ୍ଗଲ, ଜୋର, ନାଳ, ହାତୀ, ହିଂସ୍ରଜନ୍ତୁ ଓ ଜାତୀୟ ରାଜପଥ ସମସ୍ୟା ଥିଲେ ଭୌଗଳିକ ବାଉଣ୍ଡରୀକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯାଉଛି। ଜିଲାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଅଛି। ସେହି କମିଟି ଯାହା ପ୍ରସ୍ତାବ ଦେବ ସେ ନେଇ ସ୍କୁଲ ମିଶ୍ରଣ ହେଉଛି। ସ୍କୁଲ ମିଶ୍ରଣ ହେଲେ ଏସ୍କର୍ଟ ପାଇଁ ଆଲାଉନ୍ସ ପ୍ରତିମାସରେ ୬୦୦ ଟଙ୍କା ଦିଆଯାଉଛି। ଏକା ସମୟରେ ମଧ୍ୟ ସେହି ପରିବାରକୁ ୩ ହଜାର ଟଙ୍କା ଦିଆଯାଉଛି। ୧୦ କମ ପିଲା ଥିବା ୯୬୩ ସ୍କୁଲ ଗତ ବର୍ଷ ଥିଲା। ଏଥିରୁ ୭୦୦ସ୍କୁଲ ବନ୍ଦ ହୋଇଛି। ସ୍କୁଲ ମିଶ୍ରଣ ନେଇ ଜିଲାପାଳ ଯେଉଁ ନିଷ୍ପତ୍ତି ନେବେ ତାହା ଲାଗୁ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

- ପରୀକ୍ଷାରେ ବାଧକ ସାଜିବ ନାହିଁ ପର୍ସେଣ୍ଟେଜ
- ପର୍ଯ୍ୟାୟ କ୍ରମେ କରାଯିବ ଖେଳ ଛୁଟି
- ଭୌଗୋଳିକ ବାଉଣ୍ଡରିକୁ ଲକ୍ଷ୍ୟ କରି ସ୍କୁଲ ମିଶ୍ରଣ
- ୫୦%ପିଲା ଅନ୍‌ଲାଇନ ପାଠପଢ଼ାରେ ସାମିଲ ହୋଇ ପାରି ନାହାନ୍ତି

## ସଂକ୍ଷେପରେ

### ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

କୁଜଙ୍ଗ,୧୧।୧(ଡି.ଏନ୍.ଏ.) କୁଜଙ୍ଗ ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ୧୫ ନଂ ଗଡ଼ା ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଆଶ୍ରମପାଟଣା ଗ୍ରାମର ଶ୍ରୀରାମ ସାହୁଙ୍କ ପୁଅ ଶ୍ରୀକାନ୍ତ କିଶୋର ସାହୁ(୩୩)। ସେ ଓ ତାଙ୍କ ସ୍ତ୍ରୀ କାଞ୍ଚନବାଳା ସାହୁ (୨୮) ଏକ କାର୍‌ରେ ପାରାଦୀପ ଅଭିମୁଖେ ଯାଉଥିଲେ। ୧୫ ନଂ ଗଡ଼ାରେ ଏହି କାର ଭାରସାମ୍ୟ ହରାଇ ରାସ୍ତାରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ କାର୍‌ର ଆଗପଟ ଟ୍ରକ୍ ଭିତରେ ପଶିଯାଇଥିଲା। ଖବରପାଇ କୁଜଙ୍ଗ ପୋଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶ୍ରୀକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଏଥିସହ କାଞ୍ଚନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହ ଥାନାରେ ମାମଲା (ନଂ ୧୫/୨୧)ରୁଜୁ କରିଛି।

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ମାଲକାନଗିରି, ୧୧।୧ (ଡି.ଏନ୍.ଏ.)- ମାଲକାନଗିରି ଜିଲା ଉପ କାରାଗାରରେ କଏଦୀଙ୍କ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ଡିସେମ୍ବର ୨୭ରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ପୁଣି ଜଣେ କଏଦୀଙ୍କ ମୃତ୍ୟୁ ଘଟିଛି। ରବିବାର ରାତିରେ ରାମା ମାଡକାମି ନାମକ ଜଣେ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଛି। ତାଙ୍କ ଘର ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ପର୍ସନପାଲି ଗ୍ରାମରେ। ରାମା ଦେଢବର୍ଷ ହେଲା ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ଏହି ଉପ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଦଣ୍ଡ ଭୋଗୁଥିଲେ। ୫ତାରିଖରେ ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ହୋଇ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ରାମାଙ୍କ ମୃତ୍ୟୁ ହୋଇଥିବା ସୁପରିଣ୍ଟେଣ୍ଡେଣ୍ଟ ସଞ୍ଜୟ ବର୍ମା କହିଛନ୍ତି। ଏନେଇ ମାଲକାନଗିରି ଥାନାରେ ୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରାମପ୍ରସାଦ ନାଗ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇ ଏହି କାରାଗାରରେ ବିଚାରାଧୀନ କଏଦୀ ରୂପେ ଦଣ୍ଡ ଭୋଗୁଥିବା ଅନ୍ୟ ଜଣେ କଏଦୀ ଧନଗଲରି ଗତ ଡିସେମ୍ବର ୨୭ରେ ଏକ ଧାରୁଆ ଅସ୍ତ୍ରରେ ନିଜ ବେକ କାଟି ଆତ୍ମହତ୍ୟା କରିଥିଲେ। ଏହି ଘଟଣାର କିଛି ଦିନ ପରେ ମାଥିଲି ଜନ୍ତ୍ରାଗୁଡା ଗ୍ରାମର ବାମନ କୁଞ୍ଜାମିଙ୍କ ମଧ ଉପକାରାଗାରରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା।

## କାର୍ଯ୍ୟରେ ଯୋଗଦେଲେ ଅସିତ

ଭୁବନେଶ୍ୱର,୧୧।୧(ବ୍ୟୁରୋ)



ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସୋମବାର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଏବଂ ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ରାଜୀବ ଭବନଠାରେ ଡବ୍ଲ୍ୟୁଓଡିସି କାର୍ଯ୍ୟର ସମୀକ୍ଷା କରି କହିଛନ୍ତି, ଆଞ୍ଚଳିକ ଉନ୍ନୟନକୁ ସମାନ କରିବା ପରିଷଦର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ। ପ୍ରକଳ୍ପଗୁଡିକ ନିର୍ଦ୍ଧାରିତ ସମୟରେ ଶେଷ କରିବା ଏବଂ ଲୋକମାନଙ୍କୁ ତୁରନ୍ତ ସେବା ଯୋଗାଇ ଦିଆଯିବା ଉଚିତ୍। ଏହି ଅବସରରେ ଅସିତ ତୃଣମୂଳ ସ୍ତରରୁ ସର୍ଭେ କରି ଜଟିଳ ବିକାଶମୂଳକ ଉପାଦାନଗୁଡିକ ପାଇଁ ଡାଟାବେସ ପ୍ଲାଟଫର୍ମ ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫାଇଲଗୁଡିକ ତ୍ୱରିତ ବେଗରେ ଯିବା ଓ ସ୍ୱଚ୍ଛତା ରକ୍ଷା ଲାଗି ୫-ଟି ନୀତିକୁ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ଫାଇଲକୁ କମ୍ପ୍ୟୁଟରୀକରଣ କରିବା ସହ ସେଗୁଡିକୁ ଓଡିଶା ସେକ୍ରେଟାରୀଏଟ ୱାର୍କଫ୍ଲୋ ଅଟୋମେଶନ ସିଷ୍ଟମ (ଓସୱାସ)ସହିତ ସଂଯୋଗ କରିବାକୁ ପରିଷଦର ସିଇଓ ସରୋଜ ପଟେଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ହେଲେ କର୍ମଚାରୀଙ୍କର ଦକ୍ଷତା ବୃଦ୍ଧି ପାଇଁ ତାଲିମ ବ୍ୟବସ୍ଥା କରାଯିବ। କୌଣସି ଫାଇଲ ନ ରଖି ସେହିଦିନ ପଠାଇବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ୩ ହଜାରରୁ ଉର୍ଦ୍ଧ୍ୱ ସୂକ୍ଷ୍ମ ଓ କ୍ଷୁଦ୍ର ପ୍ରକଳ୍ପ ୧୦ଟି ଜିଲା ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେବଗଡ, କଳାହାଣ୍ଡି, ନୂଆପଡା, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ ଏବଂ ଆଠମଲ୍ଲିକ ସବ୍‌ଡିଭିଜନରେ କାର୍ଯ୍ୟକାରୀ ହେଉଛି।

## କୋଇଲା ଉତ୍ପାଦନ ବୃଦ୍ଧି ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୧।୧(ବ୍ୟୁରୋ)

କୋଇଲା ଖଣିର ସଞ୍ଚାଳନ ସହଜ କରିବା ପାଇଁ ଭାରତ ସରକାର କୋଇଲା କ୍ଷେତ୍ର ନିମନ୍ତେ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଏବଂ କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଧର୍ମେନ୍ଦ୍ର କହିଛନ୍ତି, କୋଇଲା କ୍ଷେତ୍ର ପାଇଁ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ପୋର୍ଟାଲର ଶୁଭାରମ୍ଭ ହେବା ଫଳରେ ଖଣି ଲିଜ୍ ପ୍ରକ୍ରିୟାକରଣ ଶୀଘ୍ର ହେବ । କୋଇଲା ଖଣିର କାର୍ଯ୍ୟକାରିତା ସହଜ ହେବ। ଓଡ଼ିଶା ସମେତ ଭାରତବର୍ଷରେ କୋଇଲା ଉତ୍ପାଦନରେ ବୃଦ୍ଧି ହେବା ସହ ଇଜ୍ ଅଫ୍ ଡୁଇଂ ବିଜ୍‌ନେସକୁ ମଧ୍ୟ ପ୍ରାଥମିକତା ଦେବ। ମୋଦି ସରକାରରେ ବିଗତ କିଛିବର୍ଷ ମଧ୍ୟରେ କୋଇଲା କ୍ଷେତ୍ରରେ ଅନେକ ସଂସ୍କାର ଅଣାଯାଇଛି। କ୍ଲିୟରାନ୍ସର ଶୀଘ୍ର ଅନୁମୋଦନ କୋଇଲା କ୍ଷେତ୍ରକୁ ଲାଭ ଦେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଆଉ ଜଣେ ଅଭିଯୁକ୍ତ ଗିରଫ

**ବାଙ୍କୀ ଡବଲ ମର୍ଡର ଘଟଣା**

ବାଙ୍କୀ,୧୧।୧(ସ୍ୱ.ପ୍ର.) ବାଙ୍କୀର ବହୁ ଚର୍ଚ୍ଚିତ ଖଜୁରିପଦା ଡବଲ ମର୍ଡର ଘଟଣାରେ ରବିବାର ବିଳମ୍ବିତ ରାତିରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଖଜୁରିପଦା ଗ୍ରାମର ରଞ୍ଜିତ ପ୍ରଧାନ(୩୮)। ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ଆଲୋକ ରଞ୍ଜନ ରାୟଙ୍କ ନେତୃତ୍ୱରେ ଏକ ଦଳ ତାଙ୍କୁ ବଡ଼ମ୍ବା ଅଞ୍ଚଳରୁ ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜାମିନ ଆବେଦନ ଖାରଜ କରିଦେବାରୁ ରଞ୍ଜିତଙ୍କୁ ବାଙ୍କୀ ଉପକାରାଗାରକୁ ପଠାଇ ଦିଆଯାଇଛି। ଏହାକୁ ମିଶାଇ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୩ରେ ପହଞ୍ଚିଛି।

ସୂଚନାଯୋଗ୍ୟ, ୧୫ ଫେବୃୟାରୀ ୨୦୨୦ ଅପରାହ୍ନରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲ୍ଲୀ ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଏହି ଡବଲ ମର୍ଡର ହୋଇଥିଲା। ନୂଆଗାଁ ପଞ୍ଚାୟତ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖଜୁରିପଦା ଗ୍ରାମର ଖବରଦାତା ଆଦିତ୍ୟ କୁମାର ରଣସିଂହଙ୍କୁ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ଗୋଡ଼େଇ ଗୋଡ଼େଇ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ଘଟିଥିବାବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଆଦିତ୍ୟଙ୍କ କକାପୁଅ ଭାଇ ତଥା ଘଟଣାର ପ୍ରତ୍ୟକ୍ଷଦର୍ଶୀ ମାନସ ରଞ୍ଜନ ସିଂ ବାଙ୍କୀ ଥାନାରେ ଅଭିଯୋଗ କରିବାପରେ ମାମଲା (୩୯/୨୦)ରୁଜୁ ହୋଇଛି।

## ପୋଡ଼ିହୋଇ ୪ ଗୁରୁତର

ବ୍ରଜରାଜନଗର, ୧୧।୧ (ଡି.ଏନ.ଏ.)



ଆହତ ପରିବାର ସଦସ୍ୟ।

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ହରିଓମ୍ ବିହାର କଲୋନିରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗି ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପରିବାର ମୁଖ୍ୟ ମହିଳା ବଲ୍‌ଜିତ କୌର (୬୧), ବଡ଼ପୁଅ ରାଜେନ୍ଦ୍ର ସିଂ (୩୨), ଝିଅ ମନ୍‌ଜିତ କୌର (୩୬) ଓ ନାତୁଣୀ ଇସ୍‌ମିତ କୌର (୭)। ସମସ୍ତଙ୍କ ଶରୀରର ୩୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୋଡ଼ିଯାଇଛି। ଏମାନଙ୍କୁ ଚିକିତ୍ସା ଲାଗି ରାଉରକେଲାସ୍ଥିତ ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି। ସୌଭାଗ୍ୟକ୍ରମେ ଅନ୍ୟ କୋଠରିରେ ଶୋଇଥିବା ସାନପୁଅ ରବୀନ୍ଦ୍ର ସିଂ ଓ ନାବାଳକ ଚାକର ବର୍ତ୍ତିଯାଇଛନ୍ତି। ଖବର ପାଇ ଝାରସୁଗୁଡ଼ା ଏସ୍‌ପି ବିକାଶ ଚନ୍ଦ୍ର ଦାଶ, ଏସ୍‌ଡିପିଓ କୈଳାସ ଚନ୍ଦ୍ର ଆଚାର୍ଯ୍ୟ, ବ୍ରଜରାଜନଗର ଥାନା ଅଧିକାରିଣୀ ନଳିତା ମୋଦି ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ତଦନ୍ତ ଆରମ୍ଭ କରିଛନ୍ତି।

- ରାତିରେ ଶୋଇଥିବାବେଳେ ଲାଗିଲା ନିଆଁ
- ଘଟଣାସ୍ଥଳରେ ଏସ୍‌ପିଙ୍କ ତଦନ୍ତ

ସୂଚନା ଅନୁଯାୟୀ, ଗୋଟିଏ କୋଠରିରେ ଉପରୋକ୍ତ ୪ଜଣ ଶୋଇଥିବାବେଳେ ରାତି ପ୍ରାୟ ସାଢ଼େ ୩ଟାରେ ନିଆଁ ଲାଗିଥିଲା। ଚିତ୍କାର ଶୁଣି ପଡ଼ୋଶୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ରବୀନ୍ଦ୍ରଙ୍କ ସହ ପଡ଼ୋଶୀମାନେ ମିଶି ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ମଣ୍ଡଳିଆ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଘର ଭିତରେ ୩ ଜାରକିନ୍‌ରେ ପେଟ୍ରୋଲ ରହିଥିବାରୁ ଏହାକୁ ଢାଳି ପୋଡ଼ି ମାରିବାକୁ ଚେଷ୍ଟା କରାଯାଇଥିବା ଆଲୋଚନା ହେଉଛି। ପାରିବାରିକ କଳହ ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ଏସ୍‌ପି ଦାଶ ପ୍ରକାଶ କରିଛନ୍ତି। ଶେଷ ଖବର ଅନୁଯାୟୀ ଆହତମାନଙ୍କ ସହ ଆଇଜିଏଚ୍ ଯାଇଥିବା ସାନପୁଅ ରବୀନ୍ଦ୍ରଙ୍କୁ ପୋଲିସ ପଚରାଉଚୁରା ପାଇଁ ସାଙ୍ଗରେ ନେଇଯାଇଛି।

## ୭.୫୮ କୋଟିର ଲାଭାଂଶ ଦେଲା ଓଏସ୍‌ବିସିଏଲ୍

ଭୁବନେଶ୍ୱର,୧୧।୧(ବ୍ୟୁରୋ): ଓଡ଼ିଶା ରାଜ୍ୟ ମଦ ନିଗମ (ଓଏସ୍‌ବିସିଏଲ୍) ରାଜ୍ୟ ସରକାରଙ୍କୁ ୭.୫୮ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛି। ଲୋକସେବା ଭବନଠାରେ ଅବକାରୀ ବିଭାଗର ପ୍ରମୁଖ ସଚିବ ଏବଂ ଓଏସ୍‌ବିସିଏଲ୍ ଅଧ୍ୟକ୍ଷ ସୁଶୀଲ କୁମାର ଲୋହାନୀ ସୋମବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ୭ କୋଟି ୫୮ ଲକ୍ଷ କୋଟି ୧ ହଜାର ୩୨୬ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ଉନ୍ନୟନ କମିଶନର ପ୍ରଦୀପ ଜେନା, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା ଉପସ୍ଥିତ ଥିଲେ। ପ୍ରମୁଖ ସଚିବ ଲୋହାନୀ ଏହି ଅବସରରେ କହିଛନ୍ତି, ନିଗମର ବାର୍ଷିକ ସାଧାରଣ ବୈଠକର ନିଷ୍ପତ୍ତି ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷର ଲାଭାଂଶ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଏହି ରାଶି ବ୍ୟତୀତ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ବ୍ୟବସ୍ଥା ଥିବା ଆମ୍ବୁଲାନ୍ସ କିଣିବା ପାଇଁ ଓଏସ୍‌ବିସିଏଲ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୫ କୋଟି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ୧ କୋଟି ୪୩ ଲକ୍ଷ ଟଙ୍କା ପ୍ରଦାନ କରିଛି। ପରିଚାଳନା ନିର୍ଦ୍ଦେଶକ ସରୋଜ ସେଠୀ କହିଛନ୍ତି, କୋଭିଡ୍-୧୯ ମହାମାରୀ ବିରୋଧୀ ଲଢ଼େଇ ଲାଗି ଓଏସ୍‌ବିସିଏଲ୍ ପକ୍ଷରୁ ଦିବ୍ୟାଙ୍ଗ ଏବଂ କିନ୍ନର ସଂପ୍ରଦାୟଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି।

## ନାବାଳିକା ମୃତ,୪ ଗୁରୁତର

**ଘନ କୁହୁଡ଼ି କାଳ ହେଲା**

ନିଶ୍ଚିନ୍ତକୋଇଲି, ୧୧।୧(ସ୍ୱ.ପ୍ର.)

ଘନ କୁହୁଡ଼ିରେ ଟ୍ରକ୍ ବ୍ରେକ୍ ଫେଲ୍ ହୋଇ କାର ସହ ପିଟି ହୋଇଗଲା। ଫଳରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। କାର୍ ଚାଳକଙ୍କ ସମେତ ୪ଜଣ ଗୁରୁତର ହୋଇଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକେଟା ବଜାରରେ ସୋମବାର ଭୋର ୪ଟାରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଜରି ଗ୍ରାମର ନାବାଳିକା ସରିତା ମଲ୍ଲିକ (୧୭)। ସରିତାଙ୍କ ମା’ ସନ୍ଧ୍ୟାରାଣୀ (୫୦), ଭାଇ ବିଶ୍ୱଜିତ୍ (୩୦), ସମ୍ପର୍କୀୟ ବାବାଜୀ ମଲ୍ଲିକ (୫୦) ଏବଂ କାର ଚାଳକ ଦେବାଶିଷ ମହାନ୍ତି ଗୁରୁତର ହୋଇଛନ୍ତି। ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ସମସ୍ତଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। କାର ମାଲିକ ରଥ ସାମଲଙ୍କ ଅଭିଯୋଗକ୍ରମେ ମାମଲା (ନଂ.୩/୨୧) ରୁଜୁ ହୋଇଛି। ଅସୁସ୍ଥ ସରିତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପରିବାର ଲୋକେ କଟକ ନେଉଥିଲେ। ଏହି ସମୟରେ ଘନକୁହୁଡି ହୋଇଥିଲା। କଟିକେଟା ବଜାର ନିକଟରେ କେନ୍ଦ୍ରାପଡା ଅଭିମୁଖେ ଆସୁଥିବା ଉକ୍ତ ଟ୍ରକ୍‌ର ବ୍ରେକ୍ ଫେଲ୍ ହୋଇଯିବାରୁ ଦୁର୍ଘଟଣା ଘଟିଥିଲା।

## ବିମାନବନ୍ଦର ପ୍ରତିଷ୍ଠା ଦାବିକଲା ଫୋରମ୍ ଫର୍ ବ୍ରହ୍ମପୁର


ବ୍ରହ୍ମପୁର ଏମ୍‌ପି ଓ ବିଧାୟକଙ୍କୁ ଦାବିପତ୍ର।

ବ୍ରହ୍ମପୁର ଅଫିସ୍,୧୧।୧

ବ୍ରହ୍ମପୁରଠାରେ ବିମାନବନ୍ଦର ପ୍ରତିଷ୍ଠା ନେଇ ଓଡ଼ିଶା ଡେଭଲପ୍‌ମେଣ୍ଟ ଫୋରମ୍ ଓ ଫୋରମ୍ ଫର୍ ବ୍ରହ୍ମପୁର ଦାବି କରିଛି। ଏ ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାର ଆର୍ଯ୍ୟପଲ୍ଲୀ ଓ ଶୀତଳାପଲ୍ଲୀଠାରେ ରହିଥିବା ସରକାରୀ ଜମିରେ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଫୋରମ୍ ପକ୍ଷରୁ ବ୍ରହ୍ମପୁର ଏମ୍‌ପି ଓ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ଏହି ବିମାନବନ୍ଦର ପ୍ରତିଷ୍ଠା ଦ୍ୱାରା ଜିଲାବାସୀ ଉପକୃତ ହୋଇପାରିବେ ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି। ବିମାନବନ୍ଦର ପ୍ରତିଷ୍ଠା ନେଇ ଯୋଜନା ରହିଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ବ୍ରହ୍ମପୁର ଏମ୍‌ପି ଓ ବିଧାୟକ କହିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା ଜାରି ରହିଥିବା ସେମାନେ କହିଥିଲେ। ଏହି ଆଲୋଚନାରେ ରାମ ପ୍ରସାଦ ତ୍ରିପାଠୀ, ବବିତା ପାତ୍ର, ଲକ୍ଷ୍ମୀ ନାରାୟଣ ପାଢୀ, ମାନସ ପାତ୍ର, ସରୋଜ ପଟ୍ଟନାୟକ, ବି.ସୋମେଶ୍ୱର ରାଓ, ଚୁନା ମହାରଣା, ଅଜୟ ସାହୁ ଓ ବାଳକୃଷ୍ଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ତୀରବିଦ୍ଧ ଅସୁସ୍ଥ ଦନ୍ତାର ମୃତ୍ୟୁ

ବାରିପଦା ଅଫିସ,୧୧।୧


ମୃତ ଦନ୍ତା

ମୟୂରଭଞ୍ଜ ଜିଲା ଦକ୍ଷିଣ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନ ପୋଡ଼ାଡ଼ିହା ରେଞ୍ଜ ଅଞ୍ଚଳରେ ପୁଣି ଏକ ଦନ୍ତାର ମୃତ୍ୟୁ ଘଟିଛି। ସୋମବାର ବନ କର୍ମଚାରୀମାନେ ତା’ର ମୃତଦେହ ଠାବ କରିଛନ୍ତି। କିଛି ଦିନ ପୂର୍ବରୁ ଶିକାରୀଙ୍କ ଦ୍ୱାରା ଏହାକୁ ତୀରବିଦ୍ଧ କରାଯାଇଥିଲା। ଅସୁସ୍ଥ ଅବସ୍ଥାରେ ହାତୀଟି ଚଳପ୍ରଚଳ କରୁଥିବା ବେଳେ ବନ କର୍ମଚାରୀମାନେ ତା’ର ଗତିବିଧି ଉପରେ ନଜର ରଖିଥିଲେ। ମାତ୍ର ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ ନ କରିବାରୁ ହାତୀଟିର ମୃତ୍ୟୁ ଘଟିଲା ବୋଲି ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଦକ୍ଷିଣ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଡେପୁଟି ଡାଇରେକ୍ଟର ଯଜ୍ଞଦତ୍ତ ପତିଙ୍କୁ ପଚାରିବାରୁ ହାତୀଟି ଗତ ଅକ୍ଟୋବର ମାସରୁ ଅସୁସ୍ଥ ଥିଲା। ବିଭାଗ ପକ୍ଷରୁ ତା’ର ଚିକିତ୍ସା କରାଯାଉଥିଲା। କପ୍ତିପଦା ଓ ପୋଡ଼ାଡ଼ିହା ରେଞ୍ଜ ମଧ୍ୟରେ ଏହି ହାତୀଟି ବିଚରଣ କରୁଥିବା ବେଳେ ତାର ମୃତ୍ୟୁ ଘଟିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ତେବେ ହାତୀର ଚିକିତ୍ସା ନିମନ୍ତେ କେଉଁ ଡାକ୍ତର ନିଯୁକ୍ତ ହୋଇଥିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବୈତନିକ ପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି ଶିକାରୀଙ୍କ ଅବାଧ ପ୍ରବେଶ ଯୋଗୁ ଦିନକୁ ଦିନ ଗଜରାଜଙ୍କ ମୃତ୍ୟୁ ଘଟୁଥିବା ବେଳେ ଶିମିଳିପାଳ ଅସୁରକ୍ଷିତ ହୋଇ ପଡୁଛି। ହାତୀ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ସମ୍ମୁଖକୁ ଆସିବ ବୋଲି ପରିବେଶବିତମାନେ ମତ ପ୍ରକାଶ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ ୭ ତାରିଖରେ କପ୍ତିପଦା ରେଞ୍ଜ ଶାରୀଶୁଆ ବିଟ କଳମଗଡ଼ିଆ ପଞ୍ଚାୟତର ରାମକୁଣ୍ଡା ଜଙ୍ଗଲରେ ଏକ ଦନ୍ତାକୁ ମାରି ଦୁର୍ବୃତ୍ତମାନେ ତା’ର ଦାନ୍ତ କାଟି ନେଇଥିଲେ। ଏହି ଘଟଣାକୁ ନେଇ କାର୍ଯ୍ୟରେ ଅବହେଳା ପାଇଁ ଡିଏଫ୍‌ଓ ସନ୍ତୋଷ ଯୋଶୀ ବୁଧବାର ଶାରୀଶୁଆ ଫରେଷ୍ଟର ଚିନ୍ତାମଣି ମହାପାତ୍ର ଓ ବନରକ୍ଷୀ ପ୍ରମିଳା ସେଣଙ୍କୁ କାର୍ଯ୍ୟର ନିଲମ୍ବିତ କରିଛନ୍ତି।

**ଭାବପ୍ରବଣ ହେଲେ ରାକ୍ଷୀ**

**ମୁମ୍ବାଇ:** ବିଗ୍‌ବସ୍ ସିଜନ ୧୪ରେ ବଲିଉଡ୍ ଅଭିନେତ୍ରୀ ରାକ୍ଷୀ ସାୱନ୍ତ ଭାବପ୍ରବଣ ହୋଇଥିବା ଦେଖିବାକୁ ମିଳିଥିଲା। ସମସ୍ତ ପ୍ରତିଯୋଗୀଙ୍କ ପରିବାର ସଦସ୍ୟ କିମ୍ବା ଘନିଷ୍ଠ ସମ୍ପର୍କୀୟ ସେମାନଙ୍କୁ ଭେଟିବାକୁ ଆସିଥିଲେ। ହେଲେ ରାଖୀଙ୍କ ମା' ଜୟା ସାୱନ୍ତ ତାଙ୍କ ସହ ଭିଡିଓ କଲ ମାଧମରେ କଥା ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ତାଙ୍କ ମା'ଙ୍କୁ ଦେଖି ରାକ୍ଷୀ ଭାବପ୍ରବଣ ହୋଇଯାଇଥିଲେ।

# ବିଚିତ୍ର ସ୍ତନ୍ୟପାୟୀ 'ପ୍ଲାଟିପସ୍'

**ଅଣ୍ଡା ଦିଏ। ଦେଖିବାକୁ ପକ୍ଷୀ ଭଳି। କିନ୍ତୁ ପକ୍ଷୀ ନୁହେଁ। ଚଞ୍ଚୁରେ ଶାବକକୁ ଦିଏ ନାହିଁ ଖାଦ୍ୟ, ବରଂ ସ୍ତନ୍ୟପାନ କରାଏ। ନିଜର ଗୁଣ, ଶାରୀରିକ ସମୀକରଣ ଲାଗି ସବୁବେଳେ ରହସ୍ୟମୟ ଲାଗୁଥିବା ଏହି ଚର୍ଚ୍ଚିତ ପ୍ରାଣୀ ହେଲା 'ପ୍ଲାଟିପସ୍'। ନିକଟରେ ଜୀବବିଜ୍ଞାନୀମାନେ ଏହାର ଜେନୋମ ମ୍ୟାପିଂ କରିଛନ୍ତି, ଯେଉଁଥିରୁ ଆହୁରି ଅନେକ ରହସ୍ୟ ପଦାକୁ ଆସିଛି।**



**କାନ୍‌ବେରା:** ବିବିଧ ପ୍ରଜାତିର ଜୀବରେ ଭରପୂର ଅଷ୍ଟ୍ରେଲିଆ ପୃଥିବୀର ନନ୍ଦନକାନନ ଭାବେ ପରିଚିତ। ଏଠାରେ ଦେଖାଯାଉଥିବା 'ପ୍ଲାଟିପସ୍' ଏକ ରହସ୍ୟମୟ ପ୍ରାଣୀ। ବତକ ଭଳି ଥଣ୍ଟ, ଶାରୀରିକ ଗଠନ ସରୀସୃପ ଭଳି ହୋଇଥିଲେ ମଧ୍ୟ ଏହା ସ୍ତନ୍ୟପାୟୀ ପ୍ରଜାତିର। ତେବେ ସଂରକ୍ଷଣ ଅଭାବରୁ ଏମାନେ ଏବେ ବିଲୁପ୍ତ ସ୍ଥିତିରେ। ନିକଟରେ ବୈଜ୍ଞାନିକମାନେ 'ପ୍ଲାଟିପସ୍'ର ସମ୍ପୂର୍ଣ୍ଣ ଜେନୋମ ମ୍ୟାପିଂ କରିଛନ୍ତି। ଏଥିରୁ ଏହି ପ୍ରାଣୀ ଏଭଳି ରହସ୍ୟମୟ ହେବାର କାରଣ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି।

ପ୍ଲାଟିପସ୍ ପୃଥିବୀର ଏଭଳି ହାତଗଣତି ଜୀବଙ୍କ ମଧ୍ୟରେ ତାଲିକାଭୁକ୍ତ, ଯେଉଁମାନଙ୍କ ଜୀବାଶ୍ମ ଆଜି ବି ମିଳୁଛି। ଏହାକୁ ଲକ୍ଷ୍ୟ କଲେ ଏହା ପୃଥିବୀର ସବୁଠାରୁ ପୁରାତନ ଜୀବଙ୍କ ମଧ୍ୟରେ ଅନ୍ୟତମ। ଏମାନଙ୍କ ଶରୀରରେ ୧୦ ସେକ୍ସ କ୍ରୋମୋଜୋମ୍ ରହିଛି। ବିଷାକ୍ତ ଦାନ୍ତ, ତୈଳାକ୍ତ ତଥା ଚମକୁଥିବା ଶରୀରର ଆବରଣ ଏବଂ ସ୍ତନ୍ୟପାନ ଗ୍ରନ୍ଥି ଏହାକୁ ସ୍ୱତନ୍ତ୍ର କରିଛି। ମାଈ ପ୍ଲାଟିପସ୍ ଅଣ୍ଡା ଦେବାସହ ଶାବକଙ୍କୁ ସ୍ତନ୍ୟପାନ କରାଇଥାଏ। ତେଣୁ ଏହାକୁ ଉଭୟ ଅଣ୍ଡା ଦେଉଥିବା ପ୍ରାଣୀ ଏବଂ ସ୍ତନ୍ୟପାୟୀ ତାଲିକାରେ ରଖାଯାଇପାରେ। ଜିନ୍‌ଗତ ସଂରଚନାରୁ ପ୍ଲାଟିପ୍‌ସ ପୁରାତନ ଏବଂ ଆଧୁନିକ ଜୀବଙ୍କ ସମନ୍ୱୟ ବୋଲି ଜଣାପଡ଼ିଛି। ପକ୍ଷୀ, ସରୀସୃପ ଏବଂ ସ୍ତନ୍ୟପାୟୀ ଜୀବଙ୍କ ମିଳିତ ପ୍ରକୃତି ଏହା ମଧ୍ୟରେ ରହିଛି। ପ୍ରାଣୀଙ୍କ ଭିତରେ କିଛିଟା ସାମଞ୍ଜସ୍ୟ ରହିଥିଲେ ହେଁ ଆଭ୍ୟନ୍ତରୀଣ ଗଠନରେ ସେମାନେ ବେଶ୍ ଅଲଗା। ଜେନୋମ ମ୍ୟାପିଂ ଦ୍ୱାରା ମନୁଷ୍ୟ ସମେତ ପୃଥିବୀ ଯେ କୌଣସି ପ୍ରାଣୀ, ଉଦ୍ଭିଦଙ୍କ ସଂରଚନାଗତ ଢାଞ୍ଚା, ବିକାଶଗତ ପରିବର୍ତ୍ତନ ଜାଣିହେବ ବୋଲି ବୈଜ୍ଞାନିକମାନେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ସ୍ତନ୍ୟପାୟୀଙ୍କ କ୍ଷେତ୍ରରେ ଅନେକ ପରିବର୍ତ୍ତନ ହୋଇଛି। ପୂର୍ବରୁ ଅଣ୍ଡା ଦେଉଥିବା ଏହି ପ୍ରଜାତିର ଜୀବ କେଉଁ କାରଣରୁ ସିଧାସଳଖ ସନ୍ତାନ ପ୍ରସବ କରିବା ଆରମ୍ଭ କଲେ ତାହା ଜାଣିବାକୁ ଅହରହ ପ୍ରୟାସ ଜାରି ରଖିଛନ୍ତି ବିଶେଷଜ୍ଞ। କୋପେନହାଗେନ ବିଶ୍ୱବିଦ୍ୟାଳୟରେ ବିବର୍ତ୍ତନବାଦ ଉପରେ ଗବେଷଣା କରୁଥିବା ଗ୍ୟୋଜି ହ୍ୟାଙ୍ଗ୍ କହିଛନ୍ତି, ସମ୍ପୂର୍ଣ୍ଣ ଜେନୋମ ବିଶ୍ଳେଷଣ ଦ୍ୱାରା ପ୍ଲାଟିପସଙ୍କ ବିଷୟରେ ଅନେକ ରହସ୍ୟମୟ ବିଶେଷତ୍ୱ ପଦାକୁ ଆସିଛି। ପ୍ଲାଟିପସ୍‌ର ଜେନୋମ ମ୍ୟାପିଂରୁ ମଣିଷ ସମେତ ସ୍ତନ୍ୟପାୟୀ ପ୍ରାଣୀଙ୍କ ଉଦ୍ଭବ, ବିକାଶକୁ ବୁଝିବା ସହଜ ହେବ। ପୂର୍ବରୁ ମାଈ ପ୍ଲାଟିପସ୍‌ଙ୍କ ଜେନୋମ ସେକ୍ୱେସିଙ୍ଗ୍ କରାଯାଇଥିଲା। ହେଲେ ଏଥିରେ ବାୟୋ କ୍ରୋମୋଜୋମ୍‌କୁ ସାମିଲ କରାଯାଇ ନ ଥିଲା। ତେଣୁ ଅନେକ ସୂଚନା ଜଣାପଡ଼ି ନ ଥିଲା।

## ଚର୍ଚ୍ଚାରେ ହୀନାଙ୍କ ଫଟୋଶୁଟ୍



**ନୂଆଦିଲ୍ଲୀ:** ଟେଲିଭିଜନ ଧାରାବାହିକରୁ ନେଇ ୱେବସିରିଜ୍ ଏବଂ ମୁଭିରେ ନିଜର ଦମ୍‌ଦାର ଅଭିନୟ କରି ଅଭିନେତ୍ରୀ ହୀନା ଖାନ୍ ପ୍ରଶଂସକଙ୍କ ହୃଦୟ କିଣିନେଇଛନ୍ତି। ତାଙ୍କ ଷ୍ଟାଇଲିଶ୍ ଅନ୍ଦାଜ୍‌କୁ ନେଇ ସେ ଏବେ ଚର୍ଚ୍ଚାରେ। ଖାସ୍ କରି ତାଙ୍କ ଲୁକ୍ସର ଲୋକ ଦିୱାନା। ଦେଖିବାକୁ ଭାରି ସୁନ୍ଦରୀ ହୋଇଥିବାବେଳେ ଫିଗର୍ ମଧ୍ୟ ସେମିତି। ହୀନା ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ୍। କିଛି ନା କିଛି ଫଟୋ ଏବଂ ଭିଡିଓ ଶେୟାର କରି ଫ୍ୟାନ୍‌ମାନଙ୍କ ସହ ଜଡ଼ିତ ରହିଥାନ୍ତି। ଏବେ ତାଙ୍କର ଫଟୋ ଗୁଡ଼ିକ ଇନ୍‌ଷ୍ଟାରେ ବେଶ୍ ଭାଇରାଲ ହେବାରେ ଲାଗିଛି। ନିକଟରେ ହୀନା ପର୍ପଲ କଲର୍ ଆଉଟ୍‌ଫିଟ୍ ପିନ୍ଧି 'ବସ୍' ପୋଜ୍‌ରେ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ତାଙ୍କ ଲୁକ୍‌ରେ ଫ୍ୟାନ୍‌ମାନେ ପାଗଳ ହୋଇଯାଇଛନ୍ତି। ଏହି ଫଟୋକୁ ବର୍ତ୍ତମାନ ସୁଦ୍ଧା ୪ଲକ୍ଷରୁ ଅଧିକ ଲୋକ ଲାଇକ୍ କରିସାରିଲେଣି। ତେବେ ଏହା ପ୍ରଥମ ଥର ନୁହେଁ ଏମିତି ଅନେକଥର ହୀନା ନିଜ ଷ୍ଟାଇଲିଶ୍ ଅନ୍ଦାଜ୍ ପାଇଁ ଚର୍ଚ୍ଚାରେ ଆସିଛନ୍ତି। ଏହାପୂର୍ବରୁ ସେ ସୁଇମିଂପୁଲରେ ଗ୍ଲାମର୍ସ ପୋଜ୍‌ରେ ନଜର୍ ଆସିଥିଲେ। ୱାର୍କ ଫ୍ରଣ୍ଟ କଥା କହିଲେ ହୀନାଙ୍କୁ ଶେଷ ଥର ବିଗ୍‌ବସ୍ ୧୪ରେ ଦେଖିବାକୁ ମିଳିଥିଲା। ଏହାପୂର୍ବରୁ ହୀନା ନାଗୀନ-୫ ସିରିଏଲ୍‌ରେ ନିଜର ଅଭିନୟରେ ପ୍ରଶଂସା ସାଉଁଟିଥିଲେ। ସେହିପରି ଚଳିତବର୍ଷ ହୀନାଙ୍କୁ 'ହ୍ୟାକ୍ଡ' ଫିଲ୍ମରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା।

## କନ୍ୟା ସନ୍ତାନର ମା' ହେଲେ ଅନୁଷ୍କା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଘରକୁ ଲକ୍ଷ୍ମୀ ଆସିଛନ୍ତି। ଅନୁଷ୍କା ସୋମବାର ଅପରାହ୍ନରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଯାହାର ସୂଚନା ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ନିଜ ଇନ୍‌ଷ୍ଟା ଆକାଉଣ୍ଟରେ ଶେୟାର କରି ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। କିଛି ଦିନ ତଳେ ଅନୁଷ୍କା ବିରାଟଙ୍କ ସହ ଫଟୋ ଟୁଇଟ କରି ଗର୍ଭବତୀ ଥିବା କଥା କହିଥିଲେ। ବିରାଟ ଇନ୍‌ଷ୍ଟାରେ ଲେଖିଛନ୍ତି, ଆମେ ଦୁହେଁ ଏହି ଖବର ଜଣାଇ ବହୁତ ଖୁସି ଅଛୁ ଯେ, ଆମର ଏକ ଝିଅ ହୋଇଛି। ଆମେ ଦୁହେଁ ମାତା ପିତା ହୋଇଯାଇଛୁ। ଫ୍ୟାନ୍‌ମାନଙ୍କ ଭଲ ପାଇବା ଏବଂ ମଙ୍ଗଳକାମନା ଆମ ସାଥିରେ ଥିବାରୁ ଆମେ ବହୁତ ଖୁସି। ମା' ଝିଅ ଦୁହେଁ ଏବେ ସୁସ୍ଥ ଅଛନ୍ତି। ଏବେ ଆମ ଜୀବନରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିହେବାକୁ ଯାଉଛି। ଆଶା କରୁଛୁ, ଏହି ଆରମ୍ଭରେ ଫ୍ୟାନ୍‌ମାନେ ଆମକୁ ସପୋର୍ଟ କରିବେ ଏବଂ ଏହି ସମୟରେ ଆମର ଗୋପନୀୟତାକୁ ସମ୍ମାନ କରିବେ। ବିରାଟ ଏହି ପୋଷ୍ଟ କରିବା ପରେ ଫ୍ୟାନ୍‌ମାନେ ଶୁଭେଚ୍ଛା ଜଣାଇବା ସହିତ ଭାରତୀୟ କ୍ରିକେଟ୍ ଟିମ୍‌ର ଖେଳାଳି ଯୁଜବେନ୍ଦ୍ର ଚହଲ ଏବଂ ତାଙ୍କ ସ୍ତ୍ରୀ ଧନଶ୍ରୀ ବର୍ମା ଦୁହିଁଙ୍କୁ ଶୁଭକାମନା ଜଣାଇଛନ୍ତି। ସେପଟେ ବଲିଉଡ୍ ଅଭିନେତ୍ରୀ ରକୁଲପ୍ରୀତ ସିଂ ଅନୁଷ୍କାଙ୍କୁ ଢେର ସାରା ଶୁଭକାମନା ଜଣାଇଛନ୍ତି। ଉଲ୍ଲେଖନୀୟ ଯେ, ୨୦୧୭ ମସିହାରେ ଅନୁଷ୍କା ବିରାଟ ଇଟାଲୀରେ ବିବାହ କରିଥିଲେ।

## ୪୧୦ ଦେଶର ନୋଟ୍

**ନୂଆଦିଲ୍ଲୀ:** ସବୁ ଦେଶର ନୋଟ୍ ଦେଖିବାକୁ ଭିନ୍ନ। ତେଣୁ ଅନ୍ୟ ଦେଶର ନୋଟ୍ ଦେଖିବା ପାଇଁ ସମସ୍ତଙ୍କ ମନରେ ରହିଥାଏ ସ୍ୱତନ୍ତ୍ର ଉତ୍ସାହ। ହେଲେ ସବୁ ଦେଶର ନୋଟ୍‌କୁ ଦେଖିବାର ସୁଯୋଗ ମିଳି ନ ଥାଏ। କିନ୍ତୁ ଜଣେ ବ୍ୟକ୍ତି ଅଛନ୍ତି ଯିଏ ୪୧୦ଟି ଦେଶର ନୋଟ୍ ସଂଗ୍ରହ କରି ରେକର୍ଡ କରି ପାରିଛନ୍ତି। ଏହି ବ୍ୟକ୍ତିଜଣକ ହେଉଛନ୍ତି ଚେନ୍ନାଇର ସଫ୍ଟୱେୟାର ଇଞ୍ଜିନିୟର ଆନ୍ନାମଲାଇ ରାଜେନ୍ଦ୍ରନ। ସର୍ବାଧିକ ଦେଶର ନୋଟ୍ ସଂଗ୍ରହ କରି ଏସିଆ ବୁକ୍ ଅଫ୍ ରେକର୍ଡ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ କରିଛନ୍ତି ରାଜେନ୍ଦ୍ରନ। ୩୪ ବର୍ଷୀୟ ଏହି ବ୍ୟକ୍ତିତ୍ୱଜଣକ ପେସାରେ ଜଣେ ସଫ୍ଟୱେୟାର ଇଞ୍ଜିନିୟର। କିନ୍ତୁ ବିଭିନ୍ନ ଦେଶର ନୋଟ୍ ସଂଗ୍ରହ କରିବା ତାଙ୍କର ଏକ ହବି। ପ୍ରାୟ ୧୦ ବର୍ଷ ହେଲାଣି ସେ ଏହି ନୋଟ୍ ସଂଗ୍ରହ କାମ ଜାରି ରଖିଥିଲେ। ବାହାରେ ରହୁଥିବା ବନ୍ଧୁ ତଥା ମୁଦ୍ରାତତ୍ତ୍ୱବିତ୍‌ଙ୍କ ନିଲାମରୁ ଏହି ସବୁ ନୋଟ୍ ସଂଗ୍ରହ କରିଛନ୍ତି। ସେ ସଂଗ୍ରହ କରିଥିବା ୪୧୦ ଦେଶର ନୋଟ୍ ମଧ୍ୟରେ ଜାତିସଂଘର ସଦସ୍ୟ ଥିବା ୧୮୯ଟି ଦେଶ ଏବଂ ୨୭ଟି ଦ୍ୱୀପର ନୋଟ୍ ମଧ୍ୟ ରହିଛି। ୧୭ଶହ ଶତାବ୍ଦୀରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ନୋଟ୍ ତାଙ୍କ ପାଖରେ ରହିଛି। ନିକଟରେ ରାଜେନ୍ଦ୍ରନ ତାଙ୍କର ସଂଗୃହୀତ ନୋଟ୍‌ଗୁଡ଼ିକୁ ନେଇ ଏକ ପ୍ରଦର୍ଶନୀ କରିବା ପରେ ତାଙ୍କୁ ଏହି ରେକର୍ଡ ମିଳିପାରିଛି। ସର୍ବାଧିକ ଦେଶର ନୋଟ୍ ସଂଗ୍ରହ କରିପାରିଥିବାରୁ ଏବେ ସେ ଦୁଇଟି ରେକର୍ଡର ଅଧିକାରୀ ହେବା ସହିତ ଭିନ୍ନ ଏକ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ପୂର୍ବରୁ ସର୍ବାଧିକ ଦେଶର ନୋଟ୍ ସଂଗ୍ରହ କରିବା କ୍ଷେତ୍ରରେ କୋଏମ୍ବାଟୁରର ଜୟେଶ କୁମାରଙ୍କ ନାମ ହିଁ ରହିଥିଲା।



## ପଥରକୁ ଥାପୁଡ଼ାଇଲେ ଶୁଭୁଛି ଡମ୍ବରୁ ଶବ୍ଦ



ନୂଆଦିଲ୍ଲୀ: ଭାରତରେ ଅନେକ ରହସ୍ୟମୟ ମନ୍ଦିର ରହିଛି। ଏମାନଙ୍କ ମଧ୍ୟରେ ଅନ୍ୟତମ ହିମାଚଳ ପ୍ରଦେଶର ସୋଲାନ୍‌ଠାରେ ଥିବା ଏସିଆର ସବୁଠାରୁ ଉଚ୍ଚତମ ଜଟୋଲି ଶିବମନ୍ଦିର। ଦ୍ରାବିଡ ଶୈଳୀରେ ନିର୍ମିତ ଏହି ମନ୍ଦିରର ଉଚ୍ଚତା ପ୍ରାୟ ୧୧୧ ଫୁଟ। ପୌରାଣିକ ଯୁଗରେ ଭଗବାନ ଶିବ ଏଠାକୁ ଆସିଥିବା ଏବଂ କିଛିଦିନ ରହିଥିବା ମଧ୍ୟ ମାନ୍ୟତା ରହିଛି। ତେବେ ସୋଲାନ୍‌ଠାରୁ ମାତ୍ର ୭କି.ମି. ଦୂରରେ ଦେବଠି ରୋଡ୍‌ସ୍ଥିତ ପଚ୍ଚାଘାଟ ନିକଟ ଶିବ ଢାଙ୍କଠାରେ ରହିଛି ଏକ ପ୍ରାଚୀନ ଶିବ ଗୁମ୍ଫା। ଏଠାରେ ମହାଶିବରାତ୍ରିରେ ଶିବଲିଙ୍ଗ ପୂଜା ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। ଏହି ଗୁମ୍ଫାର ମଧ୍ୟଦ୍ୱାରରେ ଏକ ବଡ଼ ପଥର ରହିଛି। ଏହି ପଥରକୁ ଥାପୁଡ଼ାଇଲେ ଡମ୍ବରୁ ବାଜୁଥିବା ଭଳି ଶବ୍ଦ ଶୁଣିବାକୁ ମିଳେ। ଦୁର୍ଗମ ଅଞ୍ଚଳର ଏହି ଗୁମ୍ଫା ଛାତରେ ରହିଥିବା ଦୁଇ ପଥର ସ୍ଥାନରୁ ଶିବଲିଙ୍ଗ ଉପରେ ଅହରହ ପାଣି ପଡୁଛି। ଏଠାରେ ଭଗବାନ ଶିବଙ୍କୁ ଲୋକେ ବହୁତ ବିଶ୍ୱାସ କରନ୍ତି। ଶିବରାତ୍ରିରେ ଏଠାରେ ବିଶାଳ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ ହୋଇଥାଏ।

## କୁକୁର ଦେଉଛି ଆଶୀର୍ବାଦ



**ମୁମ୍ବାଇ:** ଏବେ ସୋସିଆଲ ମିଡ଼ିଆରେ ଏକ ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି। ଏଥିରେ ମହାରାଷ୍ଟ୍ରର ସିଦ୍ଧଟେକ ସ୍ଥିତ ସିଦ୍ଧି ବିନାୟକ ମନ୍ଦିର ପ୍ରସ୍ଥାନ ଦ୍ୱାରରେ ବସିଥିବା କୁକୁର ଶ୍ରଦ୍ଧାଳୁଙ୍କ ସହିତ କରମର୍ଦ୍ଦନ କରିବା ସହିତ ସେମାନଙ୍କୁ ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଛି। ଅରୁଣ ଲିମାଦିନ ନାମକ ଜଣେ ୟୁଜର ନିଜ ଫେସବୁକ ଆକାଉଣ୍ଟରେ ରବିବାର ୭ ସେକେଣ୍ଡ ଏବଂ ୧୫ ସେକେଣ୍ଡର ୨ଟି ଭିଡ଼ିଓ ଅପଲୋଡ କରିଛନ୍ତି। ଏହାକୁ ନେଇ ବିଭିନ୍ନ ୟୁଜର ଭିନ୍ନ ଭିନ୍ନ ମତ ଦେଇଛନ୍ତି। ପ୍ରଥମ ଭିଡ଼ିଓରେ କୁକୁରଟି ପ୍ରଭୁ ଗଣେଶଙ୍କୁ ଦର୍ଶନ କରି ଫେରୁଥିବା ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଉଛି। ସେହିପରି ଦ୍ୱିତୀୟ ଭିଡ଼ିଓରେ ଶ୍ରଦ୍ଧାଳୁଙ୍କ ସହିତ କୁକୁର କରମର୍ଦ୍ଦନ କରୁଥିବାର ଦେଖିବାକୁ ମିଳୁଛି।

## ଗୋଟିଏ ଗୋଡ଼ରେ ୩,୮୦୦ କି.ମି. ସାଇକେଲିଂ

**ଭୋପାଳ:** ଦୁର୍ଘଟଣାରେ ହରାଇଥିଲେ ଗୋଡ ହେଲେ ବର୍ତ୍ତମାନ ପାରା ସାଇକ୍ଲିଂରେ ରେକର୍ଡ ସୃଷ୍ଟି କରିଛନ୍ତି ଜଣେ ଯୁବତୀ। ସେ ହେଲେ ମଧ୍ୟପ୍ରଦେଶର ରାଜଗଡ ଜିଲାର ବିୟୋରା ସହରରୁ ଆସିଥିବା ତାନ୍ୟା ଡାଗା। ତାନ୍ୟା ଗୋଟିଏ ଗୋଡ଼ରେ ୩,୮୦୦ କିଲୋମିଟର ସାଇକେଲ ଚଳାଇ ନାମ ଅର୍ଜନ କରିଛନ୍ତି। ୧୯ ନଭେମ୍ବରରୁ ସେ ଏହି ଯାତ୍ରା ଆରମ୍ଭ କରିଥିଲେ। ଏହି ଯାତ୍ରା ସମାପ୍ତ କରିବାକୁ ୪୩ ଦିନ ଲାଗିଥିଲା। ୨୦୧୮ରେ କାର ଦୁର୍ଘଟଣାରେ ତାଙ୍କର ଏକ ଗୋଡ କାଟି ଦିଆଯାଇଥିଲା। ଚିକିତ୍ସା ୬ ମାସ ପର୍ଯ୍ୟନ୍ତ ଚାଲିଥିଲା। ପ୍ରତ୍ୟେକ ଅସ୍ତ୍ରୋପଚାରରେ ମୋଟ ୩୦୦୦ ସିଲେଇ ଥିଲା। ପରେ ତାନ୍ୟା ଆଦିତ୍ୟ ମେହେଟ୍ଟା ଫାଉଣ୍ଡେଶନରେ ଯୋଗ ଦେଇ ଗୋଟିଏ ଗୋଡରେ ସାଇକେଲ ଚଳାଇବା ଆରମ୍ଭ କରିଥିଲେ।




## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରଭାବତୀ ପଟ୍ଟନାୟକ**
ଆଚାର୍ଯ୍ୟ ବିହାର, L-3-90, ଭୁବନେଶ୍ୱର
ଆବିର୍ଭାବ: ୧୯।୦୭।୧୯୪୬
ତିରୋଧାନ: ୦୧।୦୧।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ
-:ଶୋକସନ୍ତପ୍ତ:-
ଭାଇ: ଅଚ୍ୟୁତାନନ୍ଦ, ଉମାଚରଣ, ଅରୁଣ, ଭାଉଜ: ବୁଲୁ, ଗୀତା, ମିନୁ, ପିଇସା: ବିମଳେନ୍ଦୁ, ପିଇସୀ: ଉମି, ଝିଅନାନୀ ଓ ବେଦବତୀ, ପୁତୁରା, ଝିଆରୀ, ନାତି, ନାତୁଣୀମାନେ, ସହପାଠୀ, ସହକର୍ମୀ ଓ ବନ୍ଧୁଗଣ।
ଧ-୬୫୯୦୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ହେମଲତା ମହାନ୍ତି**
୩୮, ବାପୁଜୀନଗର, ଭୁବନେଶ୍ୱର, କୋକିଳ ନିବାସ
ଆବିର୍ଭାବ: ୩୦।୧୦।୧୯୫୨
ତିରୋଧାନ: ୨୪।୧୨।୨୦୧୯
ଚାହୁଁଚାହୁଁ ବର୍ଷଟିଏ ବିତିଗଲା। ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ମା' ଶ୍ରୀଦୁର୍ଗା, ଶ୍ରୀ ରାଧାରମଣ ଦେବ ଓ ଶ୍ରୀ ସଦ୍‌ଗୁରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଚରଣ କମଳରେ ଆମ୍ଭର ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଡା. ଦୁର୍ଗା ପ୍ରସାଦ ମହାନ୍ତି, ଦିଅର, ଜା, ନଣନ୍ଦ, ଝିଅ, ଜ୍ୱାଇଁ, ପୁଅ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ନାତି, ନାତୁଣୀ ଓ ବନ୍ଧୁ ପରିଜନ।
ଧ-୭୦୩୦୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗୋଲକ ପ୍ରସାଦ ରାୟ**
ବିଶିଷ୍ଟ ଆଇନଜୀବୀ
ସତ୍ୟଭାମା ନିବାସ, ବୁଦ୍ଧବିହାର, ଭଦ୍ରକ
ଆବିର୍ଭାବ: ତା ୩୦।୦୧।୧୯୨୯ରିଖ
ତିରୋଧାନ: ତା ୦୨।୦୧।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ହେ ସୁପୁରୁଷ, ଆପଣଙ୍କ ଅବର୍ତ୍ତମାନରେ ଆମେ ସମସ୍ତେ ଗଭୀର ଶୋକ ପ୍ରକାଶ କରୁଅଛୁ। ଆପଣଙ୍କର ଆଦର୍ଶ ପଣିଆ, ତ୍ୟାଗପୂତ ଜୀବନ ଓ ନିଷ୍ଠାପରତା ଆମ୍ଭମାନଙ୍କୁ ସବୁଦିନେ ଦିଗ୍‌ଦର୍ଶନ ଦେଉଥାଉ। ଆଜିର ଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ତିନି ପୁତ୍ର/ ପୁତ୍ରବଧୂ: ପ୍ରଫୁଲ୍ଲ-ସ୍ନେହ, ପ୍ରସନ୍ନ-ପ୍ରତିମା, ପ୍ରଦୀପ୍ତ-ପ୍ରୀତିରେଖା, ଝିଅ/ଜ୍ୱାଇଁ: ଝାନ୍‌ସୀ-ରମେଶ, ନାତି/ନାତୁଣୀ: ନାତୁଣୀ ଜ୍ୱାଇଁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୯୫୫୧

**ପ୍ରଥମ ଶ୍ରାଦ୍ଧବାର୍ଷିକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ମିନତୀ ବାରିକ**
Minati Niwas, Plot No.- 3761/ 14463, Palasuni, BBSR- 751025
ଆବିର୍ଭାବ: ୦୭।୦୫।୧୯୬୩
ତିରୋଧାନ: ୨୪।୧୨।୨୦୧୯
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-:ଶୋକସନ୍ତପ୍ତ:-
ବନ୍ଧୁବାନ୍ଧବ ଓ ପରିବାରବୃନ୍ଦ।
ଧ-୩୮୫୭୩

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
**HTL TOWER CO.**
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
**4G/5G** ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍ T&C
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

**TCF FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଞ୍ଚଟି କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396732814

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା**
ବାବା ମୟୂର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସିଡ୍‌ନୀ ପରୀକ୍ଷାରେ ଭାରତ ଉତ୍ତୀର୍ଣ୍ଣ

- ବିହାରୀ-ଅଶ୍ୱିନଙ୍କ ସ୍ମରଣୀୟ ବ୍ୟାଟିଂ
- ମ୍ୟାଚ ଡ୍ର, ଉଭୟ ଦଳକୁ ୧୦ ପଏଣ୍ଟ
- ଷ୍ଟିଭ୍ ସ୍ମିଥ୍ ମ୍ୟାନ ଅଫ ଦି ମ୍ୟାଚ

ସିଡ୍‌ନୀ, ୧୧।୧

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କର ହୋଇଥିଲା କଡ଼ା ପରୀକ୍ଷା। ବିଜୟ ଲକ୍ଷ୍ୟ ୪୦୭ ଥିବାବେଳେ ୪ର୍ଥ ଦିବସ ଶେଷସୁଦ୍ଧା ଭାରତ ୯୮ ରନ ମଧ୍ୟରେ ୨ ଉଇକେଟ ହରାଇ ସାରିଥିଲା। ରବୀନ୍ଦ୍ର ଜାଡେଜା ଆହତ ଥିବାରୁ ୫ମ ଦିନରେ ଅବଶିଷ୍ଟ ୭ ବ୍ୟାଟ୍ସମ୍ୟାନ ଅଷ୍ଟ୍ରେଲୀୟ ବୋଲିଂ ଆକ୍ରମଣକୁ ସମ୍ମୁଖୀନ ହେବା କଷ୍ଟସାଧ୍ୟ ମନେ ହେଉଥିଲା। ଟାର୍ଗେଟରେ ପହଞ୍ଚିବା ସହଜ ନ ଥିବାରୁ ପୂରା ଦିନ କ୍ରିଜରେ ତିଷ୍ଠି ରହି ମ୍ୟାଚକୁ ଡ୍ର ରଖିବା ଗୁରୁତ୍ୱପୂର୍ଣ୍ଣ ଥିଲା। ଠିକ୍ ସମୟରେ ଧୈର୍ଯ୍ୟର ପରୀକ୍ଷା ଦେଲା ଟିମ୍ ଇଣ୍ଡିଆ। ଚେତେଶ୍ୱର ପୂଜାରା ଓ ରିଷଭ ପନ୍ତଙ୍କ ଦୃଢ଼ ବ୍ୟାଟିଂ ପରେ ହନୁମା ବିହାରୀ ଓ ରବିଚନ୍ଦ୍ରନ ଅଶ୍ୱିନ ଆତ୍ମବିଶ୍ୱାସର ସହ ଖେଳି ଗଢ଼ିଲେ ସ୍ମରଣୀୟ ଭାଗୀଦାରି। ଏହି ଭାଗୀଦାରିରେ କୌଣସି ରେକର୍ଡ ହୋଇ ନ ଥିଲେ ମଧ୍ୟ ଭାରତକୁ ମ୍ୟାଚ ଡ୍ର ରଖିବାରେ ବିଶେଷ ସହାୟକ ହୋଇଥିଲା। ଭାରତ ୫ ଉଇକେଟ ହରାଇ ୩୩୪ ରନ କରିଥିବାବେଳେ ପଞ୍ଚମ ଦିବସ ଶେଷ ହୋଇଥିଲା। ଭାରତୀୟ ଖେଳାଳିଙ୍କ ଆହତ ସମସ୍ୟା ଏବଂ ଅଷ୍ଟ୍ରେଲିଆ ଦର୍ଶକଙ୍କ ବର୍ଣ୍ଣ ବୈଷମ୍ୟ ଆକ୍ଷେପ ଘରୋଇ ଦଳକୁ ବିଶେଷ ସହାୟକ ହେଲା ନାହିଁ। ଫଳରେ ମ୍ୟାଚ ଜିତିବା ସ୍ୱପ୍ନରେ ବିଭୋର ଥିବା ଅଷ୍ଟ୍ରେଲିଆକୁ ଶେଷରେ ନିରାଶ ହେବାକୁ ପଡ଼ିଲା। ଅନ୍ୟପକ୍ଷରେ 'ଦି ୱାଲ୍'ଭାବେ ବିଶେଷ ପରିଚିତ ରାହୁଲ ଦ୍ରାବିଡଙ୍କୁ ଜନ୍ମଦିନରେ ଏହା ଟିମ୍ ଇଣ୍ଡିଆର ଉପଯୁକ୍ତ ଭେଟି।


ମ୍ୟାଚ୍ ଡ୍ର' ରଖିବା ପରେ ଫେରୁଛନ୍ତି ରବିଚନ୍ଦ୍ରନ ଅଶ୍ୱିନ ଓ ହନୁମା ବିହାରୀ।

### ଡ୍ର ଟେଷ୍ଟର ୪ର୍ଥ ଇନିଂସରେ ଭାରତର ସର୍ବାଧିକ ଓଭର ବ୍ୟାଟିଂ

- ୧୫୦.୫ ବନାମ ଇଂଲଣ୍ଡ, ଓଭାଲ, ୧୯୭୯
- ୧୩୬.୦ ବନାମ ୱେଷ୍ଟଇଣ୍ଡିଜ, କୋଲକାତା, ୧୯୪୮-୪୯
- ୧୩୨.୦ ବନାମ ୱେଷ୍ଟଇଣ୍ଡିଜ ମୁମ୍ବାଇ, ୧୯୫୮-୫୯
- ୧୩୧.୦ ବନାମ ପାକିସ୍ତାନ, ନୂଆଦିଲ୍ଲୀ, ୧୯୭୯-୮୦
- ୧୩୧.୦ ବନାମ ଅଷ୍ଟ୍ରେଲିଆ, ସିଡ୍‌ନୀ, ୨୦୨୦-୨୧

## ରିଷଭ ଶତକରୁ ବଞ୍ଚିତ

୪ର୍ଥ ଦିବସର ଅସମାପ୍ତ ସ୍କୋର ୯୮/୨ରୁ ଖେଳ ଆରମ୍ଭ କରିଥିବା ଭାରତ ସୋମବାର ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ଉଇକେଟ ଶୀଘ୍ର ହରାଇ ବିପଦରେ ପଡ଼ିଥିଲା। ରାହାନେ ନିଜ ପୂର୍ବଦିନର ସ୍କୋର ୪ ରନରେ ପ୍ୟାଭିଲିୟନ ଫେରିଥିଲେ। ମାତ୍ର ପୂଜାରାଙ୍କ ସହ ପନ୍ତ କ୍ରିଜରେ ଯୋଗଦେଇ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ଉଭୟ ଖେଳାଳି ସତର୍କତାର ସହିତ ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରି ଭାରତୀୟ ଇନିଂସକୁ ଆଗେଇ ନେଇଥିଲେ। ଇତିମଧ୍ୟରେ ପନ୍ତ ଶତକର ନିକଟତର ହୋଇଥିଲେ। ମାତ୍ର ସେ ୯୭ ରନ କରିଥିବାବେଳେ ନାଥାନ ଲିୟନଙ୍କ ବଲ୍‌ରେ ପ୍ୟାଟ୍ କୁମିନ୍ସଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦୁର୍ଭାଗ୍ୟ ଜନକଭାବେ ଶତକରୁ ବଞ୍ଚିତ ହୋଇଥିବା ପନ୍ତ ଓ ପୂଜାରା ୪ର୍ଥ ଉଇକେଟରେ ୧୪୮ ରନର ପାର୍ଟନରଶିପ୍ ଗଢ଼ିଥିଲେ। ୧୧୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପନ୍ତ ନିଜ ଇନିଂସ ମଧ୍ୟରେ ୧୨ ଚୌକା ଓ ୩ ଛକା ମାରିଥିଲେ। କିଛି ସମୟ ପରେ ପୂଜାରା ବ୍ୟକ୍ତିଗତ ୭୭ (୨୦୫ ବଲ,୧୨ ଚୌକା) ରନ କରି ଜୋଶ୍ ହାଜେଲ୍‌ଉଡ୍‌ଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହେବାରୁ ଅଷ୍ଟ୍ରେଲିଆ ଶିବିରରେ ଉତ୍ସାହ ଖେଳି ଯାଇଥିଲା। ଏହିଠାରୁ ଆରମ୍ଭ ହୋଇଥିଲା ଅସଲ ପରୀକ୍ଷା। ମାତ୍ର ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରୀରେ ପୀଡ଼ିତ ହୋଇଥିଲେ ହେଁ ବିହାରୀ ଓ ଅଶ୍ୱିନ ନିରାଶ କରି ନ ଥିଲେ। ଦୁହେଁ ଅଷ୍ଟ୍ରେଲୀୟ ରଣନୀତିକୁ ସଫଳତାର ସହ ପ୍ରତିହତ କରି ଅସମାପ୍ତ ୬ଷ୍ଠ ଉଇକେଟରେ ୬୨ ରନ ଯୋଗକରି ମ୍ୟାଚ ବଞ୍ଚାଇଥିଲେ। ଆହତଜନିତ ଯନ୍ତ୍ରଣା ସତ୍ତ୍ୱେ ବିହାରୀ ୧୬୧ଟି ବଲ୍‌ର ସମ୍ମୁଖୀନ ହୋଇ ୨୩ ଓ ୧୨୮ ବଲ୍ ଖେଳିଥିବା ଅଶ୍ୱିନ ୩୯ ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ହାଜେଲଉଡ୍ ଓ ଲିୟନ ୨ଟି ଲେଖାଏ ଏବଂ କୁମିନ୍ସ ଗୋଟିଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ୧୩୧ ରନ କରିଥିବା ଷ୍ଟିଭ୍ ସ୍ମିଥ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ଡ୍ର ହୋଇଥିବାରୁ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଉଭୟ ଦଳକୁ ୧୦ ପଏଣ୍ଟ ଲେଖାଏ ମିଳିଛି।

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୩୮**
**ଭାରତ ପ୍ରଥମ ଇନିଂସ: ୨୪୪**
**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୩୧୨/୬ (ଘୋଷଣା)**
**ଭାରତ ଦ୍ୱିତୀୟ ଇନିଂସ**
ରୋହିତ-କ-ଷ୍ଟାର୍କ-ବୋ-କୁମିନ୍ସ-୫୨
ଶୁବମନ-କ-ପେନ୍-ବୋ-ହାଜେଲଉଡ୍-୩୧
ପୂଜାରା-ବୋ-ହାଜେଲଉଡ୍-୭୭
ରାହାନେ-କ-ୱାଡେ-ବୋ-ଲିୟନ-୪
ପନ୍ତ-କ-କୁମିନ୍ସ-ବୋ-ଲିୟନ-୯୭
ବିହାରୀ-ନଟଆଉଟ-୨୩
ଅଶ୍ୱିନ-ନଟ୍ଆଉଟ-୩୯
ଅତିରିକ୍ତ-୧୧
ମୋଟ ୫ ଉଇକେଟ, ୧୩୧ ଓଭର) ୩୩୪
ଉଇକେଟ ପତନ:୧/୭୧, ୨/୯୨, ୩/୧୦୨, ୪/୨୫୦, ୫/୨୭୨।
ବୋଲିଂ(ଅଷ୍ଟ୍ରେଲିଆ)
ଷ୍ଟାର୍କ ୨୨-୬-୬୬-୦
ହାଜେଲଉଡ ୨୬-୧୨-୩୯-୨
କୁମିନ୍ସ ୨୬-୬-୭୨-୧
ଲିୟନ ୪୬-୧୭-୧୧୪-୨
ଗ୍ରୀନ୍ ୭-୦-୩୧-୦
ଲାବୁସେନ ୪-୨-୯-୦।


ସିଡ୍‌ନୀରେ ହନୁମା ବିହାରୀଙ୍କ ବିପକ୍ଷରେ ଅଷ୍ଟ୍ରେଲିଆର ପଡ଼ିଆସଜ୍ଜା।

# ଭାରତୀୟ ଦଳକୁ ସବୁଆଡୁ ପ୍ରଶଂସା

ନୂଆଦିଲ୍ଲୀ, ୧୧।୧(ପି.ଟି.)

ଚାପରେ ଥିବାସତ୍ତ୍ୱେ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ସିଡ୍‌ନୀ ଟେଷ୍ଟକୁ ଡ୍ର ରଖିପାରିଥିବାରୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ଭାରତୀୟ ଖେଳାଳିଙ୍କ ଲଢୁଆ ମନୋବୃତ୍ତି ଏବଂ ଦୃଢ଼ତାକୁ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଭୂୟସି ପ୍ରଶଂସା କରିଛନ୍ତି। ଚେତେଶ୍ୱର ପୂଜାରା ଓ ରିଷଭ ପନ୍ତଙ୍କ ୧୪୮ ରନର ଭାଗୀଦାରିପରେ ହନୁମା ବିହାରୀ ଓ ରବିଚନ୍ଦ୍ରନ ଅଶ୍ୱିନ ୪୨ରୁ ଊର୍ଦ୍ଧ୍ୱ ଓଭର ଖେଳି ଅଷ୍ଟ୍ରେଲିଆର ବିଜୟ ଆଶାରେ ପାଣିଭରି ଦେଇଥିଲେ। ପ୍ରକୃତରେ ଟିମ୍ ଇଣ୍ଡିଆର ପ୍ରଦର୍ଶନରେ ମୁଁ ଗର୍ବିତ। ବିଶେଷ କରି ପନ୍ତ, ପୂଜାରା, ଅଶ୍ୱିନ ଓ ବିହାରୀ ଚମତ୍କାର ଖେଳିଲେ। ଏହି ପ୍ରଦର୍ଶନ ଭାରତୀୟ ଡ୍ରେସିଂରୁମ୍‌ରେ ଖେଳାଳିଙ୍କ ମନୋବଳ ବଢ଼ାଇବ ବୋଲି ସଚିନ ନିଜ ଟୁଇଟର ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି। ଏହି ମ୍ୟାଚ ଖେଳାଳିଙ୍କ ଗୁରୁତ୍ୱକୁ ପ୍ରତିପାଦିତ କରିଛି ବୋଲି ପୂର୍ବତନ ଭାରତୀୟ ଅଧିନାୟକ ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଛନ୍ତି। ପୂଜାରା, ପନ୍ତ ଓ ଅଶ୍ୱିନଙ୍କ ଗୁରୁତ୍ୱକୁ ସମସ୍ତେ ବୁଝି ପାରିଥିବେ। ଭାରତ ସିରିଜ ଜିତିବା ସମୟ ଆସିଛି ବୋଲି ଗାଙ୍ଗୁଲି ଟୁଇଟ୍ କରିଛନ୍ତି। ଭାରତୀୟ ଦଳ ଯେପରି ଦୃଢ଼ତା ଦେଖାଇ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କଲା ତାହା ଦେଖିବାକୁ ଭଲ ଲାଗିଲା। ଅଷ୍ଟ୍ରେଲିଆ ଅଧିକାଂଶ ସମୟ ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲେ ହେଁ ପନ୍ତଙ୍କଠାରୁ ଆରମ୍ଭ କରି ପୂଜାରା, ଅଶ୍ୱିନ ଓ ବିହାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏକାଗ୍ରତା ପ୍ରଦର୍ଶନ କଲେ ବୋଲି ପଣ୍ଟିଂ ଲେଖିଛନ୍ତି।

କ୍ରିକେଟର ସର୍ବୋଚ୍ଚ ପରିଚାଳନା ସଂସ୍ଥା ଆଇସିସି ମଧ୍ୟ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛି। ଜନ୍ମଦିନରେ ରାହୁଲ ଦ୍ରାବିଡଙ୍କୁ ଏହା ଉପଯୁକ୍ତ ଭେଟି ବୋଲି ଆଇସିସି କହିଛି। ଭାରତର ଲଢୁଆ ମନୋବୃତ୍ତି ଅବିଶ୍ୱସନୀୟ ବୋଲି ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ କହିଛନ୍ତି। ପୂର୍ବତନ ବ୍ୟାଟ୍ସମ୍ୟାନ ୱାସିମ ଜାଫର ମଧ୍ୟ ପ୍ରଶଂସା କରିଛନ୍ତି। ଆହତ ସମସ୍ୟା ଏବଂ ବର୍ଣ୍ଣବୈଷମ୍ୟ ଆକ୍ଷେପ ସତ୍ତ୍ୱେ ଭାରତୀୟ ଦଳର ପ୍ରଦର୍ଶନ ଉଲ୍ଲେଖନୀୟ ବୋଲି ସେ ଲେଖିଛନ୍ତି। ଭାରତୀୟ ଦଳର ପ୍ରଦର୍ଶନ ପାଇଁ ଆମେ ଗର୍ବିତ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ଲେଖିଥିବାବେଳେ ପୂର୍ବତନ ନ୍ୟୁଜିଲାଣ୍ଡ ପେସ୍ ବୋଲର ସାଇମନ ଡୁଲ୍ ମଧ୍ୟ ଭାରତୀୟ ଖେଳାଳିଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି।


ଶତକୀୟ ଭାଗୀଦାରି ଅବସରରେ ଚେତେଶ୍ୱର ପୂଜାରା ଓ ରିଷଭ ପନ୍ତ।

# ସ୍ଥାନ ବଜାୟ ରଖିଲେ ଅଷ୍ଟ୍ରେଲିଆ, ଭାରତ

ସିଡ୍‌ନୀ, ୧୧।୧ (ପି.ଟି.)

### ଟେଷ୍ଟ ଚାମ୍ପିୟନଶିପ୍ ଷ୍ଟାଣ୍ଡିଂ

ଏଠାରେ ତୃତୀୟ ଟେଷ୍ଟ ଡ୍ର' ପରେ ଉଭୟ ଅଷ୍ଟ୍ରେଲିଆ ଓ ଭାରତ ସୋମବାର ପ୍ରକାଶିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଷ୍ଟାଣ୍ଡିଂରେ ଶୀର୍ଷ ଦୁଇ ସ୍ଥାନ ବଜାୟ ରଖିଛନ୍ତି। ଷ୍ଟାଣ୍ଡିଂର ତୃତୀୟ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ବ୍ୟବଧାନ ମାତ୍ର ୦.୨ ପ୍ରତିଶତ ରହିଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏହାର ଟୁଇଟର ହ୍ୟାଣ୍ଡେଲରେ ଉଲ୍ଲେଖ କରିଛି। ସୂଚନାଯୋଗ୍ୟ, ପୂର୍ବରୁ ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ଲିନ୍ ସୁଇପ୍ ପରେ ନ୍ୟୁଜିଲାଣ୍ଡ ପ୍ରଥମଥର ପାଇଁ ଆଇସିସି ଟେଷ୍ଟ ଟିମ୍ ର୍ୟାଙ୍କିଙ୍ଗରେ ପ୍ରଥମଥର ନମ୍ବର ୱାନ୍ ସ୍ଥାନ ଅଧିକାର କରିଥିଲା। ଡ୍ର' ପରେ ଉଭୟ ଅଷ୍ଟ୍ରେଲିଆ ଓ ଭାରତ ୧୦ ପଏଣ୍ଟ ଲେଖାଏଁ ଅର୍ଜନ କରିଛନ୍ତି। ତେବେ ଭ୍ରମଣକାରୀ ଦଳ ପ୍ରଥମ ଦଳ ଭାବେ ଡବ୍ଲ୍ୟୁଟିସି ଟେବୁଲ୍‌ରେ ୪୦୦ ପଏଣ୍ଟ ଅର୍ଜନ କରିପାରିଛି। ତେବେ କେଉଁ ଦଳ କେତେ ପ୍ରତିଶତ ପଏଣ୍ଟ ହାସଲ କରିଛି ତାହାକୁ ଭିତ୍ତି କରି ଅଷ୍ଟ୍ରେଲିଆ ପଛକୁ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି।

# ଅନ୍ତିମ ଟେଷ୍ଟ ଖେଳିବେନି ହନୁମା

**ନୂଆଦିଲ୍ଲୀ, ୧୧।୧ (ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଇଞ୍ଜୁରି ସମସ୍ୟା ଭାରତର ଚିନ୍ତା ବଢ଼ାଇ ଦେଇଛି। ସିଡ୍‌ନୀ ଡ୍ର ମ୍ୟାଚର ହିରୋ ହନୁମା ବିହାରୀ ସୋମବାର ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇଛନ୍ତି। ସେ କିଛିଦିନ ଧରି ଖେଳି ପାରିବେନାହିଁ। ଅର୍ଥାତ ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟେଷ୍ଟରୁ ସେ ବାଦ୍ ପଡ଼ିବେ। ଖବର ଅନୁସାରେ ମ୍ୟାଚ୍ ପରେ ବିହାରୀଙ୍କର ସ୍କାନ ହୋଇଛି। ମଙ୍ଗଳବାର ସକାଳେ ସ୍କାନ୍ ରିପୋର୍ଟ ଆସିବା ଆଶା କରାଯାଉଛି। ଆନ୍ଧ୍ରର ଏହି ଖେଳାଳି ସିଡ୍‌ନୀ ଟେଷ୍ଟରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ସେ ୧୧୬ ବଲ୍‌ରେ ୨୩ ରନ କରିଥିଲେ। ହନୁମା ଓ ରବିଚନ୍ଦ୍ରନ ଅଶ୍ୱିନ କ୍ରିଜ୍‌ରେ ଅଧିକ ସମୟ ଧରି ମହଜୁଦ ରହିବା ଦ୍ୱାରା ଭାରତ ମ୍ୟାଚକୁ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ହନୁମାଙ୍କର ଯଦି ଗ୍ରେଡ୍-୧ ଟିଅର ହୋଇଥାଏ ତେବେ କେବଳ ବ୍ରିସ୍‌ବେନ୍ ଟେଷ୍ଟ ନୁହେଁ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ମଧ୍ୟ ନ ଖେଳିପାରନ୍ତି।

# ପୁକୋଭସ୍କି ଆହତ

**ସିଡ୍‌ନୀ, ୧୧।୧ (ପି.ଟି.):** ଭାରତ ବିପକ୍ଷ ତୃତୀୟ ଡ୍ର' ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆର ପଦାର୍ପଣକାରୀ ବ୍ୟାଟ୍ସମ୍ୟାନ ୱିଲ୍ ପୁକୋଭସ୍କି ଆହତ ହୋଇଛନ୍ତି। ସ୍କାନ ପାଇଁ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲକୁ ନିଆଯାଇଥିଲା। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ ଚତୁର୍ଥ ଦିବସ ଖେଳ ବେଳେ ଭାରତ ଇନିଂସର ୮୬ତମ ଓଭରରେ ମିଡ୍‌ଉଇକେଟ ଅଞ୍ଚଳରେ ବଲ୍ ପାଇଁ ଡାଇଭ୍ ମାରୁଥିବାବେଳେ ଏହି ୨୨ବର୍ଷୀୟ ଖେଳାଳିଙ୍କ ଡାହାଣ କାନ୍ଧରେ ଆଘାତ ଲାଗିଛି। ଡାଇଭ୍ ମାରି ଆହତ ହେବା ପରେ ପୁକୋଭସ୍କି କିଛି ସମୟ ତାଙ୍କ କାନ୍ଧକୁ ଚାପି ଧରିଥିଲେ। ଓଭର ଶେଷରେ ଏହି ଯୁବ ଖେଳାଳି ପଡ଼ିଆ ଛାଡ଼ିଥିଲେ। ଫଳରେ ତାଙ୍କର ଅନ୍ତିମ ଟେଷ୍ଟ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୁକୋଭସ୍କି ତାଙ୍କ ପଦାର୍ପଣ ମ୍ୟାଚର ପ୍ରଥମ ଇନିଂସରେ ୬୨ ରନ ସଂଗ୍ରହ କରି ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଦ୍ୱିତୀୟ ଇନିଂସରେ ମାତ୍ର ୧୦ରନ କରି କଟ୍ ବିହାଇଣ୍ଡ ହୋଇଥିଲେ। ଅନ୍ୟପକ୍ଷରେ ପୁକୋଭସ୍କିଙ୍କ ଫିଟ୍‌ନେସ୍ ଉପରେ କୌଣସି ବିଧିବଦ୍ଧ ସୂଚନା ମିଳିନାହିଁ।

# ଟେନିସ କ୍ରିକେଟରେ ଡବଲ ରେକର୍ଡ



ଓଡ଼ିଶାରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଚାମ୍ପିୟନ ଟ୍ରଫି ସହିତ ଅତିଥି ଓ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

ଦେଶରେ ଟେନିସ କ୍ରିକେଟର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଜୋରଦାର ହୋଇଛି। ବିଶେଷ କରି ଓଡ଼ିଶାର ରିଣ୍ଟୁ ମିତ୍ର ଜାତୀୟ ସଂଘର ସମ୍ପାଦକ ହେବାପରେ ଏହାକୁ ଅଧିକ ଲୋକପ୍ରିୟ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ରବିବାର ଦେଶର ୮୫ଟି ଭେନ୍ୟୁରେ ପାଖାପାଖି ୨୫୦୦ ପିଲା ଏକାବେଳେ ଖେଳି ଥିଲେ। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଓଡ଼ିଶାରେ ବିଭିନ୍ନ ଜିଲାର ୧୨ଟି ଭେନ୍ୟୁରେ ପାଖାପାଖି ୬୦୦ ପିଲା ଏଥିରେ ଅଂଶଗ୍ରହଣ କରିଥିଲେ। ଫଳସ୍ୱରୂପ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ' ଏବଂ 'ଏସିଆ ବୁକ୍ ଅଫ୍ ରେକର୍ଡ୍ସ'ର ଅଧିକାରୀ ହୋଇଛି ଟେନିସ କ୍ରିକେଟ। ଆସୋସିଏଶନକୁ ଉଭୟ ପ୍ରମାଣପତ୍ର ମଧ୍ୟ ମିଳିଛି। ଦେଶବ୍ୟାପୀ ପ୍ରତିଭା ଅନ୍ୱେଷଣ ଏହି କାର୍ଯ୍ୟକ୍ରମର ଅଂଶବିଶେଷ ବୋଲି ରିଣ୍ଟୁ କହିଛନ୍ତି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ମୁଖ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଠାରେ ୧୬ଟି ଦଳକୁ ନେଇ ଏକ ଟୁର୍ନାମେଣ୍ଟ କରାଯାଇଥିଲା। ଶେଷରେ ଶ୍ରେଷ୍ଠ ୨୨ ପ୍ରତିଯୋଗୀଙ୍କୁ ଏମ୍‌ବିଏସ୍ ଇଲେଭେନ ଏବଂ ଟ୍ୟାଲେଣ୍ଟ ହଣ୍ଟ ନାମରେ ୨ ଦଳରେ ବିଭକ୍ତ କରାଯାଇ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଟ୍ୟାଲେଣ୍ଟ ହଣ୍ଟ ନିର୍ଦ୍ଧାରିତ ୧୫ ଓଭରରେ ୧୧୫ ରନ କରିଥିବାବେଳେ ଏମ୍‌ବିଏସ୍ ଇଲେଭେନ ୧୧୬ ରନ କରି ବିଜୟୀ ହୋଇଥିଲା। ଭି.କେ. ବର୍ମା, ଚଣ୍ଡିପ୍ରସାଦ ମହାପାତ୍ର, ବିଲୁ ଜେନା, ରାଜ୍ୟ ସଂଘ ସଭାପତି ଅବିନାଶ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ଏବଂ ଜାତୀୟ ସଂଘର ସମ୍ପାଦକ ରିଣ୍ଟୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆୟୋଜକ କମିଟି ସମ୍ପାଦକ ବାମଦେବ ଓଝା, ବଦ୍ରି ନାରାୟଣ ପାତ୍ର, ସୁଧାକର ମୁଦୁଲି, ସେକ୍ କୁତୁବୁଦ୍ଦିନ, ଦୀପକ ମଲିକ, ଉମାକାନ୍ତ ବେହେରା, ପ୍ରଶାନ୍ତ ସାହୁ, ସୁଧାଂଶୁ ଜେନା, ମୃତ୍ୟୁଞ୍ଜୟ ପାତ୍ର, ସମୀର ବାରିକ, ସନ୍ତୋଷ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ଏସ୍‌ଆର ଅନ୍‌ଲାଇନ୍ ଚେସ୍: ତନ୍ମୟ ଚାମ୍ପିୟନ

**ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି):** ଏସ୍‌ଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ସୋମବାର ଅନୁଷ୍ଠିତ ୨୫ତମ ଅନ୍‌ଲାଇନ୍ ଚେସ୍ ଚାମ୍ପିୟନଶିପ୍‌ରେ ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲର ତନ୍ମୟ ତ୍ରିପାଠୀ ଚାମ୍ପିୟନ ହୋଇଛନ୍ତି। ୬ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ସେ ୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ରବୀନ୍ଦ୍ର କୁମାର ଓଝା (୪.୫) ରନର୍ସଅପ୍ ଏବଂ ତେଜାସ ଲୋହାନି (୪.୫) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆରିନ ଅନ୍ୱେଷ ସ୍ୱାଇଁ, ପ୍ରତୀକ ଚୌରାସିଆ, ସଞ୍ଜୟ ପଟ୍ଟନାୟକ, ଶିବାଂଶ ମିଶ୍ର, ସାଇ ଅମୃତ ପରିଜା, ରିଶିତ ଦେବନାଥ, ଅଦିତି ମହାରଣା ପୁରସ୍କୃତ ହୋଇଛନ୍ତି। ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଡ. ମାନସ ରଞ୍ଜନ ମିଶ୍ର ଓ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା।


ତନ୍ମୟ ତ୍ରିପାଠୀ

**ପ୍ରଶିକ୍ଷଣ ଆରମ୍ଭ:** କୋଭିଡ ମହାମାରୀ କାରଣରୁ ବନ୍ଦଥିବା ଚେସ୍ ସେଣ୍ଟରରେ ଚଳିତମାସ ୧ ତାରିଖରୁ ପୁଣି ଟ୍ରେନିଂ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ କୋଭିଡ ଗାଇଡଲାଇନ୍ ଅନୁସାରେ ଭୁବନେଶ୍ୱରର ସହିଦ ନଗରରେ ଶନିବାର ଓ ରବିବାର, କଟକ ବାଦାମବାଡ଼ିରେ ସୋମବାର ଓ ମଙ୍ଗଳବାର ଏବଂ ସିଡିଏଠାରେ ରବି, ସୋମ ଓ ମଙ୍ଗଳବାର ଚେସ୍‌ର ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି ବୋଲି ସତ୍ୟରଞ୍ଜନ ପ୍ରକାଶ କରିଛନ୍ତି।

# ଉଲ୍ଲେଖନୀୟ ପ୍ରଦର୍ଶନ

ଭି.ଭି.ଏସ୍ ଲକ୍ଷ୍ମଣ

କ୍ରମାଗତ ଦୁଇଟି ଟେଷ୍ଟ ମ୍ୟାଚରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ବାସ୍ତବିକ୍ ଉଲ୍ଲେଖନୀୟ। ମେଲବୋର୍ନରେ ବିଜୟ ଯଦି ରୋମାଞ୍ଚକ ଥିଲା ସିଡ୍‌ନୀ ଟେଷ୍ଟର ଅନ୍ତିମ ଦିନର ପ୍ରଦର୍ଶନ ମଧ୍ୟ ପ୍ରଶଂସାଯୋଗ୍ୟ। ସର୍ବୋଚ୍ଚ ବିଜୟ ଲକ୍ଷ୍ୟ ଚେଜ୍ ବେଳେ ବ୍ୟାଟିଂ ଅର୍ଡରରେ ରିଷଭ ପନ୍ତଙ୍କୁ ୫ମ ସ୍ଥାନକୁ ପଦୋନ୍ନତି ନିଷ୍ପତ୍ତି ଯଥାର୍ଥ ଥିଲା। ମାତ୍ର ସେ ଓ ଚେତେଶ୍ୱର ପୂଜାରାଙ୍କ ଆଉଟ ପରେ ମ୍ୟାଚକୁ ବଞ୍ଚାଇ ରଖିବା ଜରୁରୀ ହୋଇପଡ଼ିଥିଲା। ବାମ ବୃଦ୍ଧାଙ୍ଗୁଳି ହାଡ଼ ଭାଙ୍ଗି ଯାଇଥିବାରୁ ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତିରେ ହନୁମା ବିହାରୀ ଓ ଆର୍. ଅଶ୍ୱିନଙ୍କ ଦାୟିତ୍ୱ ବଢ଼ିଯାଇଥିଲା। ଏହି ଦୁଇ ଖେଳାଳି ଦଳର ଇନିଂସକୁ ଯେପରି ସମ୍ଭାଳିଲେ ବାସ୍ତବିକ୍ ଖୁବ୍ ଚମତ୍କାର ଥିଲା। ଇନିଂସ ଆରମ୍ଭରେ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇଥିବାରୁ ବ୍ୟାଟିଂ ବେଳେ ମୁଭମେଣ୍ଟ ପାଇଁ ହନୁମା ବିହାରୀଙ୍କୁ ଅସୁବିଧା ହେଉଥିଲା। ଏହାକୁ ଭ୍ରୂକ୍ଷେପ ନ କରି ସେ ଲଢୁଆ ପ୍ରଦର୍ଶନ କରିଥିଲେ। ଅଶ୍ୱିନ ଶର୍ଟ ଡେଲିଭରିର ଉଚିତ ମୁକାବିଲା କଲେ। ଟେଷ୍ଟ ମ୍ୟାଚରେ ବୋଲିଂ ସହ ବ୍ୟାଟିଂରେ ମଧ୍ୟ ତାଙ୍କର ଅବଦାନ ରହୁଛି। ମ୍ୟାଚ ଡ୍ର ରହିବା ଦ୍ୱାରା ସିରିଜ ୧-୧ ବରାବର ସ୍ଥିତିରେ ରହିଛି। ସିଡ୍‌ନୀରେ ପହଞ୍ଚିବା ପୂର୍ବରୁ ଅତିରିକ୍ତ ଚାପରେ ରଖାଯାଇଥିଲା। ଷ୍ଟାଡିୟମରେ ଦର୍ଶକଙ୍କ ଜାତିଆଣ ଟିପ୍ପଣୀ ଦଳ ପାଇଁ ଆଉ ଏକ ସମସ୍ୟା ସୃଷ୍ଟି କରିଥିଲା। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଏହା ପ୍ରଥମ ଦୃଷ୍ଟାନ୍ତ ନ ଥିଲା। କିନ୍ତୁ ଏଥର ଅସହ୍ୟ ଥିଲା। ଘଟଣାସ୍ଥଳରେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରୀ ଥିଲା। ବିଭିନ୍ନ ଦୃଷ୍ଟିରୁ ବିଶ୍ଳେଷଣ କଲେ ମ୍ୟାଚ ଜିତିବା ଲାଗି ଭାରତ ପାଇଁ ସୁଯୋଗ ରହିଥିଲା। ଟପ୍ ଥ୍ରିରେ ରୋହିତ ଶର୍ମା ଓ ଶୁବମନ ଗିଲଙ୍କ ଭଳି ଖେଳାଳି ରହିଛନ୍ତି। ଉଭୟ ଇନିଂସରେ ଗୋଟିଏ ଲେଖାଏ ଶତକ ହୋଇପାରିଥିଲେ ଭାରତ ପାଇଁ ଅଧିକ ସମ୍ଭାବନା ରହିଥାନ୍ତା। ଭାରତକୁ ଗୋଟିଏ କ୍ଷେତ୍ରରେ ଉନ୍ନତି ଆଣିବାକୁ ପଡ଼ିବ। ତାହା ହେଲା ଇଞ୍ଜୁରି ସମସ୍ୟା। ପରବର୍ତ୍ତୀ ମ୍ୟାଚ ଗାବାରେ ଖେଳାଯିବ। ଏଥର କିନ୍ତୁ ଅଷ୍ଟ୍ରେଲିଆ ଚାପରେ ରହିବ। ଏହା ମଧ୍ୟ ଭୁଲିବାର ନୁହେଁ ଯେ ମେଲବୋର୍ନଠାରୁ ଭାରତ ବିରାଟ କୋହଲିଙ୍କ ବିନା ଖେଳି ଆସୁଛି।

-(**ଗେମ୍‌ପ୍ଲାନ୍**)



DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୨/୨୦୨୧ | Bhubaneswar, Tuesday, January 12/ 2021

# ମୁମ୍ବାଇର ଅଷ୍ଟମ ବିଜୟ

**ଫତୋର୍ଦା, ୧୧।୧**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ)ର ସୋମବାର ଅନୁଷ୍ଠିତ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୧-୦ ଗୋଲରେ ଏଟିକେ ମୋହନବାଗାନକୁ ପରାସ୍ତ କରିଛି। ମ୍ୟାଚର ୬୯ତମ ମିନିଟରେ ମାର୍ଚ୍ଚେଲୋମ୍ୟୁ ଓଗ୍‌ବେଚେ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ବିଜୟୀ ଦଳର ହ୍ୟୁଗୋ ବୌମସ ପାସ୍ ଅଫ୍ ଦି ମ୍ୟାଚ ଏବଂ ଓଗ୍‌ବେଚେ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଟୁର୍ନାମେଣ୍ଟରେ

**ଇଣ୍ଡିଆନ ସୁପରଲିଗ୍**

ଏହାଥିଲା ମୁମ୍ବାଇର ୮ମ ବିଜୟ। ୧୦ ମ୍ୟାଚ ଖେଳିଥିବା ମୁମ୍ବାଇ ୮ ବିଜୟ ବ୍ୟତୀତ ଗୋଟିଏ ଲେଖାଏ ଡ୍ର ଏବଂ ପରାଜୟ ସହ ୨୫ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ନିଜର ସ୍ଥାନକୁ ଦୃଢ଼ କରିଛି। ଦଳ ୧୭ଟି ଗୋଲ ଦେଇଥିବାବେଳେ ମାତ୍ର ୪ଟି ବରଣ କରିଛି। ଫଳରେ ଗୋଲ ବ୍ୟବଧାନରେ ଦଳ +୧୩ରେ ରହିଛି। ଏହା ବ୍ୟତୀତ ଦଳ କ୍ରମାଗତ ୯ ମ୍ୟାଚରେ ଅପରାଜେୟ ରହିଛି। ଏହା ମଧ୍ୟରେ ୮ ବିଜୟ ଓ ଗୋଟିଏ ଡ୍ର ସାମିଲ। ଦ୍ୱିତୀୟ ସ୍ଥାନରେ ଥିବା ଏଟିକେଠାରୁ ମୁମ୍ବାଇ ୫ ପଏଣ୍ଟ ବ୍ୟବଧାନରେ ଆଗୁଆ ରହିଛି। ଏଟିକେ ୧୦ଟି ମ୍ୟାଚ ଖେଳି ସାରିଥିବାବେଳେ ୬ ବିଜୟ ଏବଂ ୨ଟି ଲେଖାଏ ଡ୍ର ଓ ପରାଜୟ ସହ ୨୦ ପଏଣ୍ଟରେ ସ୍ଥିର ରହିଛି। ଏହି ଦଳ ୧୦ଟି ଗୋଲ ଦେଇଥିବାବେଳେ ୪ଟି ବରଣ କରିଛି। ଗୋଲ ବ୍ୟବଧାନ +୬ ରହିଛି। କ୍ରମାଗତ ୫ ମ୍ୟାଚରେ ଅପରାଜେୟ ରହିବାପରେ ଏଟିକେର ଏହା ପ୍ରଥମ ପରାଜୟ। ପ୍ରଥମାର୍ଦ୍ଧରେ ମୁଖ୍ୟତଃ ମୁମ୍ବାଇର ଆକ୍ରମଣ ଏବଂ ଏଟିକେର ରକ୍ଷଣାତ୍ମକ ବିଭାଗ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଗୋଲ ଦେଇ ହିରୋ ସାଜିଥିଲେ ମୁମ୍ବାଇର ଓଗ୍‌ବେଚେ।


ସୋମବାର ମୁମ୍ବାଇ ସିଟି ଏଫ୍‌ସି ଓ ଏଟିକେ ମୋହନବାଗାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# କେନିନ୍‌ଙ୍କୁ ହରାଇଲେ ସାକାରି

**ଆବୁଧାବି, ୧୧।୧ (ଏପି)**

ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ସୋଫିଆ କେନିନ୍ ସିଜନ ଆରମ୍ଭ ଆବୁଧାବି ଓପନ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ଗ୍ରୀକ୍ ଖେଳାଳି ତଥା ୯ମ ସିଡ୍ ମାରିଆ ସାକାରି ୨-୬, ୬-୨, ୬-୦ ସେଟ୍‌ରେ କେନିନ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। କେନିନଙ୍କ କ୍ୟାରିୟରର ଏହା ୧୪ତମ ଟୁର୍ କ୍ୱାର୍ଟରଫାଇନାଲ ମ୍ୟାଚ ଥିବାବେଳେ ତୃତୀୟ ପରାଜୟ ଥିଲା। ସାକାରି ପରବର୍ତ୍ତୀ ରାଉଣ୍ଡରେ ଚତୁର୍ଥ ସିଡ୍ ଆରିନା ସାବାଲେଙ୍କାଙ୍କୁ ଭେଟିବେ। ସେମିଫାଇନାଲରେ ଏକ ସ୍ଥାନ ପାଇଁ ସେ ଏଲିନା ରିବାକିନାଙ୍କୁ ୬-୪, ୪-୬, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଏହା ହେଉଛି ତାଙ୍କର କ୍ରମାଗତ ୧୩ତମ ଟୁର୍ ବିଜୟ। ସାବାଲେଙ୍କା ଗତ ସିଜନରେ ଓଷ୍ଟ୍ରାଭା ଓ ଲିଞ୍ଜ୍ ଇନ୍‌ଡୋରରେ ଟାଇଟଲ ଜିତିଥିଲେ। ଆବୁଧାବିରେ ୪ ବିଜୟ ସହ ସେ ୨୦୨୧ ସିଜନ ଆରମ୍ଭ କରିଛନ୍ତି। ସାକାରିଙ୍କ ବିପକ୍ଷରେ ସେ ଏପର୍ଯ୍ୟନ୍ତ ଖେଳିଥିବା ୪ ମ୍ୟାଚରୁ ୩ଟିରେ ବିଜୟ ହାସଲ କରିଛନ୍ତି। ଏହି ସମସ୍ତ ମ୍ୟାଚ୍ ହାର୍ଡକୋର୍ଟରେ ଖେଳାଯାଇଥିଲା।


ରିଟର୍ନ ଶଟ୍ ଖେଳିବା ଅବସରରେ ମାରିଆ ସାକାରି।

## ଏଆଇଏଫ୍ଏଫ୍ 'ଡି' ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର, ୧୧।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ଜିଲା ଆଥଲେଟିକ୍ ଆସୋସିଏଶନ ସୁନ୍ଦରଗଡ଼ର ମିଳିତ ସହଯୋଗରେ ସୋମବାଠାରୁ ଏଆଇଏଫ୍ଏଫ୍ 'ଡି' ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨୬ ଜଣ ପ୍ରାର୍ଥୀ ଯୋଗ ଦେଇଛନ୍ତି। ରଘୁବୀର ଖାନୋଲକର (ଏଏଫ୍‌ସି ଏ' ଲାଇସେନ୍ସ କୋଚ୍ ଓ ଏଆଇଏଫ୍ଏଫ୍-ଡି ଲାଇସେନ୍ସ ଇନ୍‌ଷ୍ଟ୍ରକ୍ଟର) ଏବଂ ଅକ୍ଷୟ ଦାସ (ଏଏଫ୍‌ସି ଏ' ଲାଇସେନ୍ସ କୋଚ୍ ଓ ଏଆଇଏଫ୍ଏଫ୍-ଡି କୋ ଇନଷ୍ଟ୍ରକ୍ଟର) ପ୍ରମୁଖ ଏହି ପାଠ୍ୟକ୍ରମର ଇନଷ୍ଟ୍ରକ୍ଟର ରହିଛନ୍ତି। ଅଭିମନ୍ୟୁ ବେହେରା (ଉପଜିଲାପାଳ, ସୁନ୍ଦରଗଡ଼) ମୁଖ୍ୟ ଅତିଥି, ଜିଲା କ୍ରୀଡ଼ା ଅଧିକାରୀ ତେଜକୁମାର ଖେସ୍ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ଜିଲା ଆଥଲେଟିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ଏବଂ କୋଷାଧ୍ୟକ୍ଷ ଦୁର୍ଗାମାଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କେଦାରକଣ୍ଠ ଶିଖରରେ ହରିଶ



କେଦାରକଣ୍ଠ ଶିଖରରେ ପହଞ୍ଚିବା ପରେ ହରିଶ ବଗର୍ତ୍ତି।

**କେସିଙ୍ଗା, ୧୧।୧ (ଡି.ଏନ.ଏ.)**

ଗତ ୨୬ ଡିସେମ୍ବରରେ ଇଣ୍ଡିଆ ଆଡଭେନଚର୍ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ କେଦାରକଣ୍ଠ (ଉଚ୍ଚତା ୧୨, ୫୦୦ ଫୁଟ) ପର୍ବତାରୋହଣ ଟ୍ରେକିଂ ଅଭିଯାନରେ ଓଡ଼ିଶା ରାଜ୍ୟ କଳାହାଣ୍ଡି ଜିଲା କେସିଙ୍ଗାର ପର୍ବତାରୋହୀ ହରିଶ ବଗର୍ତ୍ତି ଭାଗ ନେଇଥିଲେ। ସେ ପ୍ରଥମେ ଉତ୍ତରାଖଣ୍ଡ ରାଜ୍ୟ ଡେରାଡୁନଠାରେ ରିପୋର୍ଟ କରିଥିଲେ। ପରେ ପର୍ବତାରୋହୀ ହରିଶ ୨୨ ଜଣିଆ ଟିମ ସହିତ ମିଶି ସାଙ୍କରି କ୍ୟାମ୍ପରୁ (୮୦୦୦ ଫୁଟ ଉଚ୍ଚତା), ପରେ ସାଙ୍କରି କ୍ୟାମ୍ପରୁ କ୍ୟାମ୍ପ ୧ (୯୫୦୦ ଫଟ ଉଚ୍ଚତା)କୁ ଚଢ଼ି ସେଠାରେ ଦୁଇ ଦିନ ହିମାଳୟନ ପରିବେଶ ସହିତ ଖାପଖୁଆଇବା ପରେ ସଫଳତାର ସହିତ କ୍ୟାମ୍ପ ୧ରୁ ଦୁଃସାହସିକ ପର୍ବତାରୋହଣ ଆରମ୍ଭ କରି ଶେଷରେ ୨୯ ଡିସେମ୍ବର ୨୦୨୦ରେ ୧୨, ୫୦୦ ଫୁଟ ଉଚ୍ଚତା ବିଶିଷ୍ଟ କେଦାରକଣ୍ଠା ପର୍ବତ ଶିଖରରେ ଅପରାହ୍ନ ୩ଟାରେ ପହଞ୍ଚି ଜାତୀୟ ପତାକା ଉଡାଇବା ଥିଲେ। ଏହା ସହିତ କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହି ସମୟରେ ଶିଖରରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଥିଲା। ପ୍ରକାଶ ଥାଉକି ଯେ, ଏହି ପର୍ବତାରୋହଣ ଟ୍ରେକିଂ ଅଭିଯାନରେ ଓଡ଼ିଶା ସମେତ ରାଜସ୍ଥାନ, ଛତିଶଗଡ, ଉତ୍ତରାଖଣ୍ଡ ଆଦି ରାଜ୍ୟର ଦୁଃସାହସିକ କ୍ରୀଡାବିତମାନେ ସାମିଲ ହୋଇଥିଲେ। ଏହି ସଫଳତା ପାଇଁ ଏଭରେଷ୍ଟ ବିଜେତା ଯୋଗବ୍ୟାସ ଭୋଇ ତାଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ତତ୍‌ସଙ୍ଗେ ତାଙ୍କୁ ବିଭିନ୍ନ ମହଲ ବ୍ୟକ୍ତିବିଶେଷ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଖେଲୋ ଇଣ୍ଡିଆ ପ୍ରତିଭା ଅନ୍ୱେଷଣ କମିଟିରେ ରାଜେଶ

**ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି):** କେନ୍ଦ୍ର ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଓଡ଼ିଶାର ରାଜେଶ ହାଁସଦା। ସମ୍ପ୍ରତି କିଟ୍ ଓ କିସ୍‌ରେ ଆର୍ଚେରୀ କୋଚ୍‌ଭାବେ କାର୍ଯ୍ୟରତ ରାଜେଶ ଇଷ୍ଟଜୋନ୍ (ଆର୍ଚେରୀ) ପାଇଁ ଗଠିତ ଜୋନାଲ କମିଟିରେ ସ୍ଥାନ ପାଇଛନ୍ତି। ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଉତ୍ତର ପ୍ରଦେଶକୁ ନେଇ ଗଠିତ ଜୋନ୍‌ର ଆର୍ଚେରୀ ପ୍ରତିଭାଙ୍କୁ ଅନ୍ୱେଷଣ କରିବାର ଗୁରୁଦାୟିତ୍ୱ ରାଜେଶଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏପରି ଏକ ଦାୟିତ୍ୱ ପାଇଥିବାରୁ ରାଜେଶଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


ରାଜେଶ ହାଁସଦା

## ୩ ଥର ଡାକାର ରାଲି ବିଜେତା ହୁବର୍ଟଙ୍କ ପରଲୋକ

**ପ୍ୟାରିସ, ୧୧।୧ (ଏପି):** ତିନିଥର ଡାକାର ରାଲି ବିଜେତା ହୁବର୍ଟ ଅରିଓଲଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ଉଭୟ ବାଇକ୍ ଓ କାର୍‌ରେ ଡାକାର ରାଲି ଜିତିବାରେ ସେ ଥିଲେ ପ୍ରଥମ ପ୍ରତିଯୋଗୀ। ଫ୍ରେଞ୍ଚ ଡ୍ରାଇଭର ବହୁ ବର୍ଷ ହେଲା ହୃଦ୍‌ଜନିତ ରୋଗରେ ପୀଡ଼ିତ ଥିଲେ। ପୂର୍ବରୁ ଡାକାର ରାଲିର ନାମ ପ୍ୟାରିସ ଡାକାର ରାଲି ଥିଲା। ସେତେବେଳେ ଅରିଓଲ ୧୯୮୧ରେ ଏକ ମୋଟରବାଇକ୍ ଏବଂ ୧୯୯୨ରେ ଏକ କାର୍ ପ୍ରତିଯୋଗିତାରେ ବିଜୟ ଲାଭ କରିଥିଲେ। ପରେ ସେ ରେସ୍‌ର ନିର୍ଦ୍ଦେଶକ ହୋଇଥିଲେ। ଏହି ପଦବୀରେ ସେ ପାଖାପାଖି ଏକ ଦଶନ୍ଧି ଧରି ରହିଥିଲେ। ନିକଟ ଅତୀତରେ କିଛିବର୍ଷ ହେଲା ସେ ପ୍ୟାରିସ୍‌ରେ ଜଣେ ଅଟୋ ରେସିଂ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। ରାଲି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହି ପିଢ଼ି ପିଢ଼ି ଧରି ରାଇଡର ଓ ଡ୍ରାଇଭରମାନଙ୍କୁ ପ୍ରେରଣା ଦେଇ ଆସୁଥିଲେ।











## ବାବରଙ୍କ ଅନୁପସ୍ଥିତି ଓ କ୍ୱାରାଣ୍ଟାଇନ୍ ପରାଜୟର କାରଣ

**କରାଚୀ, ୧୧।୧ (ପି.ଟି.):** ନ୍ୟୁଜିଲାଣ୍ଡରେ କ୍ୱାରାଣ୍ଟାଇନ୍ ପିରିୟଡ ବୃଦ୍ଧି ଏବଂ ଆଘାତପ୍ରାପ୍ତ ଅଧିନାୟକ ବାବର ଆଜାମ୍‌ଙ୍କ ଅନୁପସ୍ଥିତି ଯୋଗୁ ଗତ ଟୁର୍‌ରେ ଜାତୀୟ ଦଳ ଖରାପ ପ୍ରଦର୍ଶନ କରିଛି। ପାକିସ୍ତାନ କ୍ରିକେଟ ଦଳର ମୁଖ୍ୟ କୋଚ୍ ମିସ୍‌ବା ଉଲ୍ ହକ୍ ସୋମବାର ସଫେଇ ଦେଇ କହିଛନ୍ତି। ନ୍ୟୁଜିଲାଣ୍ଡ ଟୁର୍‌ରେ ପାକିସ୍ତାନ ଉଭୟ ଟେଷ୍ଟରେ ପରାଜିତ ହୋଇଥିଲା। ଅନ୍ତର୍ଜାତୀୟ ଟି୨୦ ସିରିଜରେ ମଧ୍ୟ ୧-୨ରେ ପରାସ୍ତ ହୋଇଥିଲା। ପୁନଶ୍ଚ ମିସ୍‌ବାଙ୍କ ଅଧୀନରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷ ବିଦେଶ ସିରିଜରେ ପରାଜୟ ବରଣ କରିଛି। ଲାହୋରଠାରେ ଏକ ଖବରଦାତା ସମ୍ମିଳନୀରେ ସେ ଆହୁରି ମଧ୍ୟ କହିଛନ୍ତି ଯେ, ନ୍ୟୁଜିଲାଣ୍ଡରେ ୧୮-୧୯ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ଦ୍ୱାରା ପ୍ରଦର୍ଶନରେ ବଡ଼ ଫରକ ଆସିଥିଲା। କାରଣ ଏହାଦ୍ୱାରା ଖେଳାଳିମାନେ ଟ୍ରେନିଂ ଓ ପ୍ରସ୍ତୁତି ପାଇଁ ଯଥେଷ୍ଟ ସମୟ ପାଇଲେ ନାହିଁ। କେନ୍ ୱିଲିୟମସନଙ୍କ ବିନା ନ୍ୟୁଜିଲାଣ୍ଡ ଯାହା ବାବରଙ୍କ ବିନା ପାକିସ୍ତାନ ତାହା ବୋଲି ମିସ୍‌ବା କହିଛନ୍ତି। ଦଳ ସହ ଓପନର ଫଖର ଜମାନ ନ ଯିବା ମଧ୍ୟ ଅନ୍ୟ ଏକ କାରଣ ବୋଲି ସେ କହିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### କୋଣାର୍କ ଜଗନ୍ନାଥ ମନ୍ଦିର ମୁଖ୍ୟ ଟ୍ରଷ୍ଟି ନିର୍ବାଚିତ

କୋଣାର୍କ,୧୧।୧(ଡି.ଏନ୍.ଏ.)- କୋଣାର୍କସ୍ଥିତ ଜଗନ୍ନାଥ ଟ୍ରଷ୍ଟ ବୋର୍ଡ ରାଜରାମ ମଠର ମୁଖ୍ୟ ଟ୍ରଷ୍ଟି ନିର୍ବାଚିତ ହୋଇଛନ୍ତି। ଏ ନେଇ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଥମେ ପୂର୍ବତନ ଟ୍ରଷ୍ଟି ସ୍ୱର୍ଗତ ସାହୁଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ପ୍ରକାଶ ଯେ ପୂର୍ବତନ ଟ୍ରଷ୍ଟି ସୂର୍ଯ୍ୟନାରାୟଣ ସାହୁଙ୍କ ଦେହାନ୍ତ ପରେ ଦୀର୍ଘଦିନ ଧରି ଟ୍ରଷ୍ଟି ପଦବୀ ଖାଲି ରହିଥିଲା। ଦେବୋତ୍ତର ବିଭାଗ ନିର୍ଦ୍ଦେଶକ୍ରମେ ୧୫ଜଣ ସଭ୍ୟଙ୍କୁ ନେଇ ଏକ କମିଟି ଗଠନ ହୋଇଥିଲା। ଏହି କମିଟି ସଭ୍ୟମାନେ କୋଣାର୍କ ନିକଟ କାଇମାଟି ଗ୍ରାମର ତଥା ଅବସରପ୍ରାପ୍ତ ବିଚାରପତି ବିଜୟ କୁମାର ନାୟକଙ୍କ ଜ୍ୟେଷ୍ଠ ଭ୍ରାତା ଅମରେଶ୍ୱର ନାୟକଙ୍କୁ ନୂତନ ଟ୍ରଷ୍ଟି ଭାବେ ମନୋନୀତ କରି ନିର୍ବାଚିତ କରିଛନ୍ତି। ବୈଠକରେ ବିଜୟ ନନ୍ଦି, ଗୋପାଳ ଦାଶ, ସୁମନ୍ତ ବେଉରା, ବଟକୃଷ୍ଣ ବିଶ୍ୱାଳ, ପବିତ୍ର ନାୟକ, ଗଗନ ପାତ୍ର, ଦୁଃଶାସନ ନାୟକ, ରବୀନ୍ଦ୍ର ସାହୁ, ଶରତ କୁମାର ନାୟକ, ବାବୁ ପ୍ରଧାନ, ଅମରେଶ୍ୱର ବିଶ୍ୱାଳ, ପପିଞ୍ଜନ ନାୟକ, ଭିକାରୀ ଚରଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟ ପରିଚାଳକ ନିରଞ୍ଜନ ବାରିକ ପରିଚାଳନା କରିଥିଲେ।

### ୩ ପଞ୍ଚାୟତରେ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

କାକଟପୁର,୧୧।୧(ଡି.ଏନ୍.ଏ.)- କାକଟପୁର ବ୍ଲକର କାଦୁଆ ନୂଆଗାଁ, କୁରୁଜଙ୍ଗ ଓ ଅବଦାନ ପଞ୍ଚାୟତର ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ବାଲିଦୋକାନ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା କରିଛନ୍ତି। ୩ଟି ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା କିଭଳି କାର୍ଯ୍ୟକାରୀ କରାଯାଉଛି, ସେନେଇ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। କୁରୁଜଙ୍ଗ ପଞ୍ଚାୟତ ବାଲିଦୋକାନରେ ଥିବା ମାର୍କେଟ କମ୍ପ୍ଲେକ୍ସକୁ ତୁରନ୍ତ ବ୍ୟବସାୟୀମାନଙ୍କୁ ହସ୍ତାନ୍ତର କରିବାକୁ ବିଡିଓ ସୁଧୀର କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା, ରାଶନ କାର୍ଡ, ସ୍ୱଚ୍ଛ ପାନୀୟ ଜଳ, ସ୍ୱଚ୍ଛ ଭାରତ ଅନ୍ତର୍ଗତ ପାଇଖାନା, ଅଙ୍ଗନୱାଡି କେନ୍ଦ୍ର, ରାସ୍ତାଘାଟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହଗୁଡିକରେ ତୁରନ୍ତ ହିତାଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରି ସମୟସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ ଅଧିକାରୀମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। କାକଟପୁର ବ୍ଲକ ଅଧକ୍ଷା ମନୋରମା ସ୍ୱାଇଁ, ମନ୍ତ୍ରୀଙ୍କ ପ୍ରତିନିଧି କବିରାଜ ବିଶ୍ୱାଳ,କୁରୁଜଙ୍ଗ ସରପଞ୍ଚ ନିଗମାନନ୍ଦ ପରିଡା, ଅବଦାନ ସମିତି ସଭ୍ୟ ମହେଶ୍ୱର ସାହୁ, ଗ୍ରାମ୍ୟ ଜଳଯୋଗାଣ ଉପନିର୍ବାହୀ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, କାକଟପୁର ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ କୁମାର ପ୍ରଧାନ ଓ ଅନିତା ରାଜ ପଣ୍ଡା, ସାମ୍ବାଦିକ ସୁରକ୍ଷା ଅଧିକାରୀ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ୧୯୭୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ସାକ୍ଷୀଗୋପାଳ,୧୧।୧(ଡି.ଏନ.ଏ.)- ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ୧୯୭୫ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଙ୍ଗତ ସାଥୀଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଆଲୁମିନ ଆସୋସିଏଶନର ପାଣ୍ଠି ବୃଦ୍ଧି ନିମନ୍ତେ 'ମୋ ସ୍କୁଲ ଅଭିଯାନ' ରେ ଖୋଲାଯାଇଥିବା ବ୍ୟାଙ୍କ ଜମାଖାତାରେ ସହାୟତା ରାଶି ପାଇଁ ସୂଚନା ଦିଆଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭବମ୍ ପ୍ରଧାନ, ଆଲୁମୁନି ଆସାସିଏଶନ ସଭାପତି କିଶୋରଚନ୍ଦ୍ର ମହାପାତ୍ର, ଶିକ୍ଷକ ସତ୍ୟବାଦୀ ଦାସ ପ୍ରମୁଖ ଯୋଗଦେଇଥିଲେ।

# ହେରିଟେଜ୍ କରିଡର କାର୍ଯ୍ୟର ସମୀକ୍ଷା

ପୁରୀ ଅଫିସ,୧୧।୧:

ଶ୍ରୀମନ୍ଦିର ହେରିଟେଜ୍ କରିଡର କାର୍ଯ୍ୟର ସମୀକ୍ଷା କରିଛନ୍ତି ଜିଲାପାଳ ସମର୍ଥ ବର୍ମା। ସୋମବାର ଜିଲାପାଳ ବର୍ମା ହେରିଟେଜ୍ କରିଡର କାର୍ଯ୍ୟ ଅନୁଧ୍ୟାନ କରିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଶ୍ରୀମନ୍ଦିର ଚାରିପାଖ ବୁଲି ଦେଖିବା ସହ ଜମି ଅଧିଗ୍ରହଣ ଓ ରାସ୍ତା ନିର୍ମାଣ ସମ୍ବନ୍ଧିତ କାର୍ଯ୍ୟର ଅଗ୍ରଗତି ପରଖିଛନ୍ତି। ସେହିଭଳି ବାହାର କରିଡରରେ ନିର୍ମାଣ ହେବାକୁ ଥିବା ୨୦ ମିଟର ଓସାରର ରାସ୍ତା କାମ ଖୁବଶୀଘ୍ର ଆରମ୍ଭ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହାବ୍ୟତୀତ ଉତ୍ତରପାର୍ଶ୍ୱରେ ଥିବା ମଠଗୁଡ଼ିକର ମହନ୍ତମାନଙ୍କ ସହ ଜିଲାପାଳ ଆଲୋଚନା କରିଛନ୍ତି। କରିଡର ନିର୍ମାଣ ପରିପ୍ରେକ୍ଷୀରେ ମଠର ଗାଦି ସୁରକ୍ଷାକୁ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ଗାଦି, ସମାଧି ଓ ପ୍ରାର୍ଥନା ପୀଠକୁ ଛାଡ଼ି ମଠର ଅନ୍ୟ ଭିତ୍ତିଭୂମିକୁ



ଜିଲାପାଳ ସମର୍ଥ ବର୍ମା ହେରିଟେଜ୍ କରିଡର କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

### ମଠ ମହନ୍ତଙ୍କ ସହ ଆଲୋଚନା

ଭାଙ୍ଗିଦିଆଯାଇଥିବାବେଳେ କେବଳ ମୂଳତତ୍ତ୍ୱ ସହ ଜଡ଼ିତ ଥିବା ସ୍ଥାନଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ନୂଆ ମଠ ନିର୍ମାଣ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାପାଳ ପ୍ରସ୍ତାବ ଦେଇଥିଲେ। ତେବେ ସରକାର ଜାଗା ଦିଅନ୍ତୁ, ଆମେ ନିଜ ତତ୍ତ୍ୱାବଧାନରେ ମଠ ନିର୍ମାଣ କରିବୁ ବୋଲି ମଠ ମହନ୍ତମାନେ କହିଥିଲେ। ଏ ନେଇ ସରକାରଙ୍କୁ ଅବଗତ କରାଇବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ କହିଛନ୍ତି। ଏହି ପରିଦର୍ଶନ ଅବସରରେ ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ କମିଶନର ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୮ ଏମ୍‌ପିଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



ଏମ୍‌ପି ମନୋଜ ତିୱାରି ଓ ଅନ୍ୟମାନେ ସୂର୍ଯ୍ୟମନ୍ଦିର ବୁଲି ଦେଖୁଛନ୍ତି ।

କୋଣାର୍କ,୧୧।୧(ଡି.ଏନ୍.ଏ.)

ସଂସଦ ରାଜଭାଷା ସମିତିର ଏମ୍‌ପି ମନୋଜ ତିୱାରୀଙ୍କ ନେତୃତ୍ୱରେ ୮ଜଣ ଏମ୍‌ପି ସୋମବାର ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଅପରାହ୍ନରେ ମନ୍ଦିରରେ ପହଞ୍ଚିବା ପରେ ପ୍ରଥମେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ ସେମାନଙ୍କୁ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ୮ଜଣ ଏମ୍‌ପି ତାଙ୍କଠାରୁ ମନ୍ଦିର ଇତିହାସ ସମ୍ପର୍କରେ କିଛିକିଛି ବୁଝିଥିଲେ। ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସେମାନେ ବିମୋହିତ ହୋଇପଡ଼ିଥିଲେ। ପରେ ଏମ୍‌ପିମାନେ ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖିଥିଲେ। ଏହି ସମୟରେ କୋଣାର୍କ ସୁରକ୍ଷା ସମିତିର ସମ୍ପାଦକ ରାମକୃଷ୍ଣ ମହାନ୍ତି ଓ ଆବାହାକ ଭାଗୀରଥି ସ୍ୱାଇଁ ପ୍ରତି ଶନିବାର ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ ପାଇଁ ଏକ ଦାବିପତ୍ର ଏମ୍‌ପି ମନୋଜ ତିୱାରୀଙ୍କୁ ପ୍ରଦାନ କରିଛନ୍ତି। ଏହି ଗସ୍ତ ସମୟରେ କୋଣାର୍କ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ,ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ଓ ମ୍ୟୁଜିୟମ ଅଧିକାରୀ ପ୍ରତାପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।



ବ୍ରହ୍ମଗିରି ରୋଡ ପାର୍ଶ୍ୱସ୍ଥ ଏକ ଜମିରେ ସୋମବାର ବିଦେଶୀ ପକ୍ଷୀ ବସିଛନ୍ତି ।

# ବିଭିନ୍ନ ଲଜ୍‌ରେ ପୋଲିସ ଚଢ଼ାଉ

କୋଣାର୍କ,୧୧।୧(ଡି.ଏନ୍.ଏ.)

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ କୋଣାର୍କକୁ ଦୈନିକ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ପର୍ଯ୍ୟଟକଙ୍କ ପାଇଁ ଲଜ ଓ ହୋଟେଲ ଜରୁରୀ ଥିବାବେଳେ ପ୍ରାୟ ସମୟ ସେଠାରେ ଅନୈତିକ କାର୍ଯ୍ୟକଳାପ ବଢୁଥିବାରୁ ଏଠାରେ କଳୁଷିତ ବାତାବରଣ ସୃଷ୍ଟି ହେବାରେ ଲାଗିଛି। ତେଣୁ ସୋମବାର କୋଣାର୍କ ଥାନା ପୋଲିସ ପକ୍ଷରୁ କୋଣାର୍କର ବିଭିନ୍ନ ଅଞ୍ଚଳରେ ଥିବା ଲଜ୍ ଓ ହୋଟେଲଗୁଡ଼ିକରେ ଚଢ଼ାଉ କରିବା ସହ ଅନୈତିକ କାର୍ଯ୍ୟ ନ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ। କରୋନା ସମୟରେ ହୋଟେଲ, ଲଜଗୁଡ଼ିକ ବନ୍ଦ ଥିବାରୁ କିଛିଦିନ ଦେହ ବେପାର ବନ୍ଦ ରହିଥିଲା। ହେଲେ କରୋନା କଟକଣା ଉଠିବା ପରେ କୋଣାର୍କରେ ଦେହ ଦଲାଲ ସକ୍ରିୟ ହୋଇପଡିଛନ୍ତି। ନିର୍ଦ୍ଦିଷ୍ଟ କେତେକ ଲଜ ଓ ହୋଟେଲରେ ଖୁଲମ୍‌ଖୁଲା ସେକ୍ସ କାରବାର ହେଉଥିବା ଅଭିଯୋଗ ହେଉଛି। ସୋମବାର କୋଣାର୍କ ଆଇଆଇସି ରଞ୍ଜନ କୁମାର ମଲ୍ଲିକ ବିଭିନ୍ନ ଲଜରେ ପଶି ଚଢ଼ାଉ କରିଥିଲେ। କେତେକ ଲଜ ନିୟମାବଳୀ ପାଳନ କରୁ ନ ଥିବା ଜଣାପଡିଛି। ଗ୍ରାହକଙ୍କଠାରୁ ପରିଚୟପତ୍ର ଓ ଫଟୋ ନ ରଖି ଲଜ ଓ ହୋଟେଲରେ ରହିବା ପାଇଁ ମାଲିକମାନେ ଅନୁମତି ଦେଉଥିବା ଜଣାଯାଇଛି। କୌଣସି ପ୍ରକାର ଅନୈତିକ କାର୍ଯ୍ୟକଳାପ ଦୃଷ୍ଟିକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ମଲ୍ଲିକ ସୂଚନା ଦେଇଛନ୍ତି।

### କଣାସ ବ୍ଲକରେ ଧାନମଣ୍ଡି ଉଦ୍‌ଘାଟିତ

**କଣାସ,୧୧।୧(ସ୍ୱ.ପ୍ର.)–** କଣାସ ବ୍ଲକରେ ସୋମବାର ପ୍ରଥମ ଧାନମଣ୍ଡି ଖୋଲାଯାଇଛି। କଣାସରେ ଥିବା ମା କୁଶେଶ୍ୱରୀ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡିକୁ ବ୍ଲକ ଯୋଗାଣ ଅଧିକାରୀ ଅକ୍ଷୟ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସମବାୟ ସମିତିର ସଭାପତି ସୁକାନ୍ତ କିଶୋର ସାମନ୍ତରାୟ, ଏରିଆ ଅଫିସର ଲିୟାକତ ଅଲି, ପୁରୀ-ନିମାପଡା ସମବାୟ ବ୍ୟାଙ୍କ ଶାଖା ପରିଚାଳକ ବିକାଶ ରଞ୍ଜନ ପରିଡା, କ୍ଷେତ୍ରରକ୍ଷକ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ସମ୍ପାଦକ ଧୀରେନ୍ଦ୍ର କୁମାର ମାନସିଂହ, ସମିତି ପରିଚାଳନା କମିଟିର ସଭ୍ୟ ଶ୍ରୀକାନ୍ତ କୁମାର ପଞ୍ଚକୋଷୀ, ଭାସ୍କର ସେଠୀ, ଦୁର୍ଯ୍ୟୋଧନ ଜେନା ଉପସ୍ଥିତ ଥିଲେ। ୭ଜଣ ଚାଷୀଙ୍କଠାରୁ ୨୧୮କୁଇଣ୍ଟାଲ ୩୭କେଜି ଧାନ କ୍ରୟ କରିଥିଲେ। କୁଇଣ୍ଟାଲ ପିଛା ୪କେଜି ଧାନ କଟାଯାଉଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

### ଆନନ୍ଦ ବଜାରରେ ପାଲଟଣାକୁ ନେଇ ବିବାଦ

ପୁରୀ ଅଫିସ,୧୧।୧:

ଆନନ୍ଦ ବଜାରରେ ପାଲଟଣାକୁ ନେଇ ବିବାଦ ଦେଖାଦେଇଛି। ସେଠାରେ ଅବଢ଼ା ବିକୁଥିବା ସୁଆର ସେବକମାନଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ସେମାନେ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୁଆର ସେବକମାନେ ଖରାରୁ ବର୍ତ୍ତିବା ପାଇଁ ଆନନ୍ଦ ବଜାରରେ ପାଲ ବାନ୍ଧି ଅବଢ଼ା ବିକ୍ରି କରନ୍ତି। କିଛିଦିନ ତଳେ ଶ୍ରୀମନ୍ଦିରର ଜଣେ ସୁପରଭାଇଜର ୩ ଜଣ ମନ୍ଦିର ପୋଲିସଙ୍କୁ ସାଙ୍ଗରେ ଆଣି ପାଲ କାଢ଼ିବା ପାଇଁ କହିଥିଲେ। ତାଙ୍କୁ ବୁଝାଇବା ସତ୍ତ୍ୱେ ସେ ମନ୍ଦିର ପୋଲିସଙ୍କୁ ଲଗାଇ ପାଲ କାଟିଦେଇଥିଲେ। ସ୍ଥାୟୀ ପିଣ୍ଡି ନିର୍ମାଣ ନ ହେବା ପର୍ଯ୍ୟନ୍ତ ସୁପରଭାଇଜର ସେମାନଙ୍କୁ ଖରାରେ ବସାଇବା କେତେ ଦୂର ଯଥାର୍ଥ ବୋଲି ସୁଆର ସେବକମାନେ ପ୍ରଶ୍ନ କରିଛନ୍ତି।

# ଆର୍‌ଟିଆଇ ତଥ୍ୟ ଦେବାରେ ବିଳମ୍ବ, ୫ ହଜାର ଜରିମାନା

ନିମାପଡ଼ା,୧୧।୧(ଡି.ଏନ୍.ଏ.)

ସୂଚନା ଅଧିକାରୀ ଆଇନ (ଆର୍‌ଟିଆଇ)ରେ ନିମାପଡ଼ାର ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ତଥ୍ୟ ପ୍ରଦାନରେ ଅବହେଳା ଓ କମିଶନଙ୍କ ନିକଟରେ ମିଛ ବୟାନ ଦେଇଥିବା ଅଭିଯୋଗରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର ପୁରୀ ପୂର୍ତ୍ତ ବିଭାଗର ତତ୍‌କାଳୀନ ପିଇଓ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ୫ ହଜାର ଜରିମାନା ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଜରିମାନା ଆସନ୍ତା ୧ ମାସ ମଧ୍ୟରେ ସରକାରୀ ଟେଜେରିରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଏଥିରେ ଅବହେଳା ପ୍ରଦର୍ଶନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ନିମାପଡ଼ାର ଗଣମାଧ୍ୟମ ପ୍ରତିନିଧି ଅକ୍ଷୟ କୁମାର ନାୟକ ନିମାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କିଛି ତଥ୍ୟ ପାଇଁ ଆରଟିଆଇରେ ଗତ ୨୯/୫/୧୭ରେ ପୁରୀ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ମାତ୍ର ସୂଚନା ଅଧିକାର ଆଇନର ସମୟ ସୀମା ମଧ୍ୟରେ ତଥ୍ୟ ନ ମିଳିବାରୁ ଅକ୍ଷୟ ଓଡ଼ିଶା ସୂଚନା କମିଶନର ଭୁବନେଶ୍ୱରଙ୍କ ନିକଟରେ ଅପିଲ୍ କରିଥିଲେ। ଏହି ମାମଲାକୁ ସୂଚନା କମିଶନର ଗୁରୁତର ଭାବେ ବିଚାର କରି ତଥ୍ୟ ଦେବାରେ ବିଳମ୍ବ ପ୍ରଦର୍ଶନ ପାଇଁ ପୁରୀ ପୂର୍ତ୍ତ ବିଭାଗର ତତ୍‌କାଳୀନ ପିଇଓଙ୍କୁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ସମାବେଶ

କଣାସ,୧୧।୧(ସ୍ୱ.ପ୍ର.)

କୃଷି ଆଇନ ପ୍ରତ୍ୟାହାର ଦାବି ଓ ଦିଲ୍ଲୀ ଚାଲ ଆନ୍ଦୋଳନ ପାଇଁ ସୋମବାର କଣାସ ବ୍ଲକ ଅନ୍ତର୍ଗତ ବଡ଼ାସ ପଞ୍ଚାୟତର ବଡ଼ାସ ଗ୍ରାମରେ ଠାକୁର ପଞ୍ଚମୁଖୀଙ୍କ ମନ୍ଦିର ପରିସରରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଯୋଜକ ଶେଷଦେବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କମିଟି ସଭ୍ୟ ନିରଞ୍ଜନ ପ୍ରଧାନ, କଣାସ ବ୍ଲକ ସଂଯୋଜକ ଗୌରାଙ୍ଗ ଜେନା ଯୋଗଦେଇ କେନ୍ଦ୍ର ସରକାରଙ୍କ କଳାଭୁକ୍ତ କୃଷି ଆଇନକୁ ସମାଲୋଚନା କରିବା ସହିତ ଚାଷୀ ଓ ଖାଉଟିଙ୍କର ସର୍ବନାଶ କରିବାକୁ ଯାଉଥିବା ଦର୍ଶାଇଥିଲେ। ଛତିଶଗଡ଼ ସରକାର ଚାଷୀମାନଙ୍କୁ କୁଇଣ୍ଟାଲ ପିଛା ୭୦୦ରୁ ୯୦୦ଟଙ୍କା ଦେଉଥିବା ବେଳେ ପଞ୍ଜାବ ସରକାର ମାଗଣାରେ ଚାଷୀମାନଙ୍କୁ ବିଦ୍ୟୁତ୍ ସଂଯୋଗ ଯୋଗାଉଥିବା ଅତିଥିମାନେ ସୂଚନା ଦେଇଥିଲେ। ଆଗାମୀ ଦିନରେ ଦିଲ୍ଲୀଠାରେ ହେବାକୁ ଥିବା ଚାଷୀ ସମାବେଶରେ କଣାସ ବ୍ଲକରୁ ୩୦୦ଚାଷୀ ଯୋଗଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ବିଜୟ କୁମାର ହରିଚନ୍ଦନ, ବାସୁଦେବ ପାତାଳସିଂହ, ବାଳକୃଷ୍ଣ ପାତ୍ର, ପୀତବାସ ପାଇକରାୟ, ରେଣୁବାଳା ଛୋଟରାୟଙ୍କ ସମେତ ବିଭିନ୍ନ ଗ୍ରାମର ଶତାଧିକ ଚାଷୀ ଯୋଗଦେଇଥିଲେ।



ଚାଷୀ ସମାବେଶରେ ଯୋଗଦେଇଥିବା ଚାଷୀ ଓ ଗ୍ରାମବାସୀ ।

### ଦିଲ୍ଲୀ ଚାଲ ଆନ୍ଦୋଳନ ପାଇଁ ପ୍ରସ୍ତୁତି

# ଜିଲା ଶିକ୍ଷାଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

କାକଟପୁର,୧୧।୧(ଡି.ଏନ୍.ଏ.)

୧୦ମ ଓ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ଆରମ୍ଭ ହୋଇଛି। କୋଭିଡ୍ କଟକଣା ମଧ୍ୟରେ କାକଟପୁର ବ୍ଲକରେ ୨୩ଟି ଉଚ୍ଚ ବିଦ୍ୟାଳୟରେ ମୋଟ ୧୩୨୯ ମାଟ୍ରିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶତକଡା ୭୫ଭାଗ ଉପସ୍ଥାପନ ରହିଥିବା ଜଣାପଡ଼ିଛି। ବିଦ୍ୟାଳୟ ପ୍ରବେଶ ପୂର୍ବରୁ ଛାତ୍ରୀଛାତ୍ରଙ୍କ ହାତକୁ ସାନିଟାଇଜ କରି ମାସ୍କ ପରିଧାନ କରିବାକୁ କୁହାଯାଇଥିଲା। ଏହି ପ୍ରସ୍ତୁତିକୁ ଅନୁଧ୍ୟାନ କରିବା ପାଇଁ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କାକଟପୁର ବ୍ଲକ ଗସ୍ତ କରି ବିଭିନ୍ନ ବିଦ୍ୟାଳୟ ବୁଲି ଦେଖିଛନ୍ତି। ବ୍ଲକର ଥିବା ଅଧିକାଂଶ ବିଦ୍ୟାଳୟ ଜିଲା ଶିକ୍ଷାଧିକାରୀ ସାହୁ ବୁଲି ଛାତ୍ରୀଛାତ୍ରଙ୍କ ସହ ପାଠ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଜିଲା ଶିକ୍ଷାଧିକାରୀ ଆସିଥିବା ସମୟରେ ବ୍ଲକ ଶିକ୍ଷା ଅଧିକାରୀ ସରୋଜିନୀ ହାଁସଦା ଓ ଏବିଇଓ ପ୍ରଶାନ୍ତ କୁମାର ଜେନା ତାଙ୍କ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଗସ୍ତ କରି ଶିକ୍ଷା ଓ ପରିମଳ ଉପରେ ତଦାରଖ କରିଥିଲେ।

# ସଭାପତି ସୋମନାଥ, ସମ୍ପାଦକ ଅମିୟ

ନିମାପଡ଼ା,୧୧।୧(ଡି.ଏନ୍.ଏ.)

ନିମାପଡ଼ା ବ୍ଲକର ବିଭିନ୍ନ ଶିଳ୍ପୀ ଓ କାରିଗରମାନଙ୍କୁ ନେଇ ଏକ ନୂତନ ବ୍ଲକସ୍ତରୀୟ, ନିମାପଡ଼ା ଶିଳ୍ପୀସଂଘ ଗଠନ ହୋଇଥିବାବେଳେ ସୋମବାର ନିମାପଡ଼ାରେ ଏହାର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ଶିଳ୍ପୀ ସୋମନାଥ ନାୟକ, ମନୋଜ ପାଣି, ସଞ୍ଜୟ ସାହୁ, ବିପ୍ରଚରଣ ମୁଦୁଲି, ମୁକୁନ୍ଦଚନ୍ଦ୍ର ବାରିକ, ଦୈତାରୀ ଚମ୍ପତି, ସଞ୍ଜୟ ବାରିକ ପ୍ରମୁଖ ଯୋଗଦେଇ ସଂଘର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହାସହ ସଂଘକୁ ମଜଭୁତ କରିବାକୁ ପ୍ରତି ପଞ୍ଚାୟତରେ କାରିଗର କର୍ମଶାଳା, କାରିଗର ହାଟ ପ୍ରତିଷ୍ଠା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହିଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ନୂତନ ସଭାପତି ଭାବେ ସୋମନାଥ ନାୟକ, ଉପସଭାପତି ଭରତଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅମିୟ ପୌଦାର, ସହସମ୍ପାଦକ ଶାନ୍ତିଲତା ମୁଦୁଲି, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ସାହୁ ନିର୍ବାଚିତ ହୋଇଛନ୍ତି। ଏହି ସମାରୋହରେ ସ୍ଥାନୀୟ ବ୍ଲକର ୧ଶହ ପଟଚିତ୍ର, ଚାନ୍ଦୁଆ, କତା, ଟେରାକୋଟା, ପଥର ଖୋଦେଇ, କାଠ କାରିଗର ଓ ଶିଳ୍ପୀ ଯୋଗଦେଇଥିଲେ।



ଶିଳ୍ପୀ ସଂଘ ବୈଠକରେ ଉପସ୍ଥିତ ଶିଳ୍ପୀ ଓ କାରୀଗରମାନେ ।

# ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ, ୩ ଗିରଫ

ବଳଙ୍ଗା,୧୧।୧(ଡି.ଏନ୍.ଏ.)

ବଳଙ୍ଗା ପୋଲିସ ଏକ ପେସାଦାର ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ କରି ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ସମ୍ଭୁଭାରତିପାଟଣା ଗ୍ରାମର ଜଗନ୍ନାଥ ସାହୁ, ବଳରାମ ସାହୁ ଓ ନିରଞ୍ଜନ ମହାପାତ୍ର। ସେମାନଙ୍କଠାରୁ ବିପୁଳ ପରିମାଣର ଚୋରି ସାମଗ୍ରୀ ଓ ଟଙ୍କା ଜବତ କରାଯାଇଥିବା ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ବଳଙ୍ଗା ଥାନାଧିକାରୀ ସମରେନ୍ଦ୍ର ପାଇକରାୟ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଏହି ୩ ଅଭିଯୁକ୍ତ ଭଗତୀପୁର ଜୟନ୍ତ ମହାପାତ୍ରଙ୍କ ଘରୁ ସୁନା ରୁପା ଅଳଙ୍କାର ସହ ୨୦ ହଜାର ଟଙ୍କା ଚୋରି କରିନେଇଥିଲେ। ସେହିଭଳି ସମ୍ଭୁଭାରତି ପାଟଣା ରବୀନ୍ଦ୍ର ବେହେରାଙ୍କ ଘରୁ ୧ ଲକ୍ଷ ୮୦ ହଜାର ଟଙ୍କା, ଏଲ୍‌ଇଡି ଟିଭି, ଅଳଙ୍କାର ଚୋରି କରିଥିଲେ। ବଳଙ୍ଗା ବଜାର ସେକ ମୁସରଫ ଦୋକାନରୁ ୧୮୩୭୦ ଟଙ୍କା ଓ ଗଣେଶ ବାରିକଙ୍କ ସେଲୁନରୁ ମୂଲ୍ୟବାନ ସାମଗ୍ରୀ ଚୋରି କରିଥିଲେ। ଏ ନେଇ ପୋଲିସ ୪ଟି ମାମଲା(ନଂ.୯୨/୨୦, ୧୫୩/୨୦,୧୬୦/୨୦,୭/୨୧) ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇ ନ ଥିଲା। ପରେ



ଜବତ ହୋଇଥିବା ଚୋରି ସାମଗ୍ରୀ ।

### ୭୦ ମୋବାଇଲ, ଟଙ୍କା, ସୁନା ଅଳଙ୍କାର ଜବତ

ପିପିଲି ଏସ୍‌ଡିପିଓ ବରାଳଙ୍କ ନିର୍ଦ୍ଦେଶ ଓ ତଦାରଖରେ ବଳଙ୍ଗା ଥାନାଧିକାରୀ ସମରେନ୍ଦ୍ର ପାଇକରାୟ,ଏସ୍‌ଆଇ ତଅପୋଇ ନାୟକ ଏକ ସ୍ୱତନ୍ତ୍ର ଟିମ୍ କରି ତଦନ୍ତ କରିବାରୁ ଏହି ୩ଜଣ ଚୋରି କରିଥିବା ବିଶେଷ ସୂତ୍ରରୁ ଜାଣିପାରିଥିଲେ। ୨ଦିନ ତଳେ ପୋଲିସ ଟିମ ସେମାନଙ୍କ ଘରେ ଚଢ଼ାଉ କରି ୩ଜଣଙ୍କୁ ଧରି ପଚରାଉଚରା ପରେ ଗିରଫ କରିଥିଲେ। ସେମାନଙ୍କଠାରୁ ୬୬ ହଜାର ଟଙ୍କା, ସୁନାଚେନ (୧), ସୁନାମୁଦି (୧),ଏଲଇଡି ଟିଭି (୧), ମୋବାଇଲ (୭୦), ସେଲୁନ ସାମଗ୍ରୀ, ଜାଲ (୧), ଗୃହର ତାଲାଭଙ୍ଗା ଯନ୍ତ୍ରପାତି ଜବତ କରିଛନ୍ତି।

## ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

**ଖୋର୍ଦ୍ଧା ଅଫିସ:** ମା’ ଦୁଲଣା କ୍ଲବ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୫ମ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବ କ୍ଲବ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଯୁବ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ଯୋଗଦେଇ ସିନିୟରରେ ଦିପକ ରଞ୍ଜନ ଜେନା ଓ ଶାଶ୍ୱତ ସ୍ୱାଇଁ ଏବଂ ଜୁନିୟରରେ ରଶ୍ମିକାନ୍ତ ସୁନ୍ଦରାୟ ଏବଂ ନିରଞ୍ଜନ ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ଆୟୋଜକ ଟିମ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ପାଇକ ସ୍ମାରକୀ ସ୍ଥାନ ଅନୁଧ୍ୟାନ କଲେ ଜିଲାପାଳ

**ଖୋର୍ଦ୍ଧା ଅଫିସ,୧୧।୧**

- ଜବରଦଖଲ ଉଚ୍ଛେଦ ଲାଗି ପ୍ରକ୍ରିୟା ଆରମ୍ଭ
- ନୋଟିସ ଜାରିକଲେ ତହସିଲଦାର

ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଅବସରରେ ଖୋର୍ଦ୍ଧାର ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ୨୦୧୯ ଡିସେମ୍ବର ୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ପାଇକ ସ୍ମାରକୀ ନିର୍ମାଣ ଲାଗି ରାଜ୍ୟ ସରକାର ୧୦ଏକର ଜମି ଯୋଗାଇଦେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ତେବେ ୪ଏକର ଜମି ଏକ ଘରୋଇ କମ୍ପାନୀ ଏବଂ କଲେଜ ଅଧୀନରେ ଜବରଦଖଲ ଯୋଗୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଏନେଇ ବିଭିନ୍ନ ପାଇକ ସଙ୍ଗଠନ, ସାମାଜିକ ଅନୁଷ୍ଠାନ ଜିଲା ପ୍ରଶାସନଠାରୁ ରାଜ୍ୟ ସରକାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣସ୍ଥଳରେ ଜିଲାପାଳ ସନତ ମହାନ୍ତି, ଉପଜିଲାପାଳ ଅଶୋକ ବେହୁରିଆ ଏବଂ ତହସିଲଦାର ପଦ୍ମଚରଣ ସାହୁ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତହସିଲଦାର ସାହୁଙ୍କ ନେତୃତ୍ୱରେ ଏକ ରାଜସ୍ୱ ଟିମ୍ ନିର୍ମାଣସ୍ଥଳ ମାପଚୁପ କରିଥିଲେ। ଜବରଦଖଲରେ ଥିବା ଜମି ଉଚ୍ଛେଦ ଲାଗି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ସମ୍ପୃକ୍ତ କମ୍ପାନୀ ଏବଂ ଘରୋଇ କଲେଜ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ୩ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ ନ ହେଲେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି। ଏନେଇ ତହସିଲଦାର ସାହୁ କହିଛନ୍ତି, ନିର୍ମାଣ ସ୍ଥଳରେ ୨୫୫ ଡେସିମିଲି ଏକ ଘରୋଇ କମ୍ପାନୀ ଏବଂ ୨୩୫ ଡେସିମିଲ କଲେଜ ଅକ୍ତିଆରରେ ରହିଛି। ଉଭୟଙ୍କୁ ନୋଟିସ କରାଯାଇଛି। ଜବରଦଖଲ ଜମିରୁ ନ ହଟିଲେ, ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଅଗ୍ନିକାଣ୍ଡ, ୫ ବଖରା ଭସ୍ମୀଭୂତ

**କୃଷ୍ଣପ୍ରସାଦ,୧୧।୧(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନଅଁଳ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋଲଖ ଚନ୍ଦ୍ର ଗୌଡ଼ୁ, ଭିକାରୀ ଗୌଡ଼ୁ, ଧନେଶ୍ୱର ଗୌଡ଼ୁ ଏବଂ ବିଭୂତି ଗୌଡୁଙ୍କ ୫ବଖରା ଭସ୍ମୀଭୂତ ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଅଳଙ୍କାର, ଟଙ୍କା, ବାଇକ୍, ଧାନ ଓ ବହି ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ମାଲୁଦ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୋମବାର ତହସିଲଦାର ଉଲ୍ଲାସ କୁମାର ସେଠୀ ପହଞ୍ଚି ତଦନ୍ତ କରିଥିବା ବେଳେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ବିପନ୍ନ ପରିବାରଙ୍କୁ ୫ହଜାର ଟଙ୍କା, ପଲିଥିନ ଏବଂ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଦାସବର୍ମାଙ୍କ ଗସ୍ତ ସମୟରେ ବିଡିଓ ଅଭିମନ୍ୟୁ ମାଝି, ତିତିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଚରଣ ସିଂହ, ବିଜୟ ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।

### ବିଜୟ ଜଟଣୀ ନଗର ଭାଜପା ପ୍ରଭାରୀ

**ଜଟଣୀ,୧୧।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଭାଜପା ପକ୍ଷରୁ ବିଜୟ କୁମାର ସ୍ୱାଇଁଙ୍କୁ ଜଟଣୀ ନଗର ପ୍ରଭାରୀଭାବେ ଦାୟିତ୍ୱ ଦିଆଯାଇଛି। ସଙ୍ଗଠନକୁ ସୁଦୃଢ଼ କରିବା ସହ ଦଳକୁ ମଜଭୁତ କରିବା ଲାଗି ତୃଣମୂଳସ୍ତରରୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ଏନେଇ ବିଜୟ ଜିଲା ସଭାପତି ଓ ଦଳୀୟ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନଗର ପ୍ରଭାରୀ ଭାବେ ବିଜୟ ଦାୟିତ୍ୱ ନେବା ପରେ କର୍ମୀ ଏବଂ ନେତାମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି।

### ରୋଗୀ ନେବାକୁ ଦୁଇ ଆମ୍ବୁଲାନ୍ସ ଚାଳକ ମୁହାଁମୁହିଁ

**ଖୋର୍ଦ୍ଧା ଅଫିସ,୧୧।୧ :** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଘରୋଇ ଆମ୍ବୁଲାନ୍ସ ମାଲିକଙ୍କ ଦାଦାଗିରି ବଢିବାରେ ଲାଗିଛି। ମେଡିକାଲ ପକ୍ଷରୁ ପର୍ଯ୍ୟାପ୍ତ ମାତ୍ରାରେ ଆମ୍ବୁଲାନ୍ସ ନ ଥିବାରୁ ବାହାରୁ ଆସୁଥିବା ରୋଗୀ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଛନ୍ତି। ଆମ୍ବୁଲାନ୍ସ ମାଲିକମାନେ ରୋଗୀଙ୍କ ଠାରୁ ଅଧିକ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ମଙ୍ଗଳବାର ରୋଗୀ ନେବାକୁ କେନ୍ଦ୍ରକରି ଦୁଇ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ପରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ମଡିକାଲକୁ ଆସିଥିବା ରୋଗୀ ଏଣେତେଣେ ଦୌଡିବାକୁ ଲାଗିଥିଲେ। ଏନେଇ ମୁଖ୍ୟ ଚିକିତ୍ସାଧିକାରୀ(ଡିଏମଓ)ଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### କ୍ରିକେଟ: କାଶୀପୁର ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୧୧।୧:** ଖୋର୍ଦ୍ଧା ଉପକଣ୍ଠ ସିଆଳିଆଠାରେ ଚାଲିଥିବା ୧୨ତମ ଟୁବୁଲି ଓ ରାଜା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଯଦୁପୁର ଟିମ୍‌କୁ ହରାଇ କାଶୀପୁର ଟିମ୍ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଯୁବ ଉଦ୍ୟୋଗପତି ସଞ୍ଜୟ ପଟ୍ଟନାୟକ, ସରପଞ୍ଚ ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ଏବଂ ରନର୍ସ ଅଫ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଟିମ୍‌ର ସମସ୍ତ କର୍ମକର୍ତ୍ତା ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

### କଳାକାର ନରୋତ୍ତମଙ୍କ ବିୟୋଗରେ ସ୍ମୃତିସଭା

**ବୋଲଗଡ,୧୧।୧(ଡି.ଏନ.ଏ.):** କଳାକାର ନରୋତ୍ତମ ସାହୁଙ୍କର ଏକାଦଶାହରେ ସୋମବାର ବୋଲଗଡ଼ ମହୋତ୍ସବ କମିଟି ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ କମିଟିର ବରିଷ୍ଠ ଉପଦେଷ୍ଟା କୃଷ୍ଣ ମୋହନ ପାଲଟାସିଂହ, ଐତିହାସିକ ରବୀନ୍ଦ୍ର ପରିଡା, ଶିକ୍ଷାବିତ ହରିବନ୍ଧୁ ସାହୁ, ବୀର କିଶୋର ଦାସ, ପ୍ୟାରି ମୋହନ ଦାସ, ରବୀନ୍ଦ୍ର ସୁବୁଦ୍ଧ, ରଘୁନାଥ ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସେହିପରି ମହୋତ୍ସବ କମିଟିର କର୍ମକର୍ତ୍ତା ମନୋଜ ପଣ୍ଡା, ମୀନକେତନ ପାଟ୍ଟଶାଣୀଙ୍କ ସମେତ ସମସ୍ତ ସଦସ୍ୟମାନେ ନରୋତ୍ତମଙ୍କ ଫଟୋଚିତ୍ର ପୁଷ୍ପମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ।



କୋଭିଡ୍ ସହାୟତା ଦାବିରେ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ।

# ଅଙ୍ଗନୱାଡି କେନ୍ଦ୍ର ନାମଫଳକରେ ତ୍ରୁଟି

**ଜଟଣୀ,୧୧।୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳରେ ଥିବା ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନର ସୂଚନା ଓ ନାମଫଳକରେ ତ୍ରୁଟି ଥିବା ଦେଖିବାକୁ ମିଳିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଏହି ପୌରାଞ୍ଚଳ ଅଧୀନ ଲୋକସେଟେଲମେଣ୍ଟ ସ୍କୁଲ ପରିସର ମଧ୍ୟରେ ୨୦ନଂ. ୱାର୍ଡର ପିଲାମାନଙ୍କ ପାଇଁ ୨ଟି ଅଙ୍ଗନୱାଡି କେନ୍ଦ୍ର ୨୦(ଖ) ଏବଂ ୨୦(ଗ) ନିର୍ମାଣ କରାଯାଇଥିଲା। ତେବେ ନିର୍ମାଣର ଦୀର୍ଘଦିନ ପରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ ପିଲାଙ୍କ ପାଠପଢ଼ା ପାଇଁ ହସ୍ତାନ୍ତର କରାଯାଇଛି। ଉକ୍ତ ଶିକ୍ଷାକେନ୍ଦ୍ରର ସୂଚନା ଓ ନାମଫଳକରେ ଓଡ଼ିଆ ଭାଷାରେ ଲେଖାହୋଇଥିବା ତ୍ରୁଟିକୁ ନେଇ ବୁଦ୍ଧିଜୀବୀ ଏବଂ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଖୁବ୍‌ଶୀଘ୍ର ଏହି ତ୍ରୁଟିକୁ ସଂଶୋଧନ କରାଯିବ ବୋଲି ଜଟଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ କହିଛନ୍ତି।

# କଳାବ୍ୟାଜ୍ ପିନ୍ଧିବେ ସ୍ୱାସ୍ଥ୍ୟକର୍ମୀ, ପରିଦର୍ଶକ

**ବେଗୁନିଆ,୧୧।୧(ଡି.ଏନ୍.ଏ.)**

**ମିଳିତ ମହାସଂଘର ଦାବିପତ୍ର ପ୍ରଦାନ**

ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ୨୦୧୯ରେ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ କାର୍ଯ୍ୟରତ ୪ବର୍ଗର ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏବଂ ପରିଦର୍ଶକମାନେ ଆନ୍ଦୋଳନକୁ ଓହ୍ଲାଇବେ। ବେଗୁନିଆ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୩୪ଜଣ ସ୍ୱାସ୍ଥ୍ୟକର୍ମୀ ଏବଂ ପରିଦର୍ଶକମାନେ ସୋମବାର ଏକ ଦାବିପତ୍ର ଖୋର୍ଦ୍ଧା ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ବୋଡଲମା ମୁଖ୍ୟ ଚିକିତ୍ସାଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କୁ ପ୍ରଦାନ କରିଛନ୍ତି। ଆସନ୍ତା ୧୫ ତାରିଖରୁ କଳା ବ୍ୟାଜ୍ ପିନ୍ଧିବେ, କରୋନା ଟିକାକରଣ କାର୍ଯ୍ୟରେ ସହଯୋଗ କରିବେ, କିନ୍ତୁ ସେମାନେ କୌଣସି ଟିକା ନେବେ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କଳା ବ୍ୟାଜ୍ ପିନ୍ଧି ସରକାରୀ କାର୍ଯ୍ୟ କରିବେ ବୋଲି ସ୍ୱାସ୍ଥ୍ୟ ପରିଦର୍ଶକ ଯୁଧିଷ୍ଠିର ଦେବତା, ଗୋଲକ ଚନ୍ଦ୍ର ପରିଡ଼ା, ବାଙ୍କନିଧି ବେହେରା, ସନ୍ତୋଷ ସାହୁ ପ୍ରମୁଖ କହିଛନ୍ତି। ପ୍ରକାଶ ଯେ, ସରକାରୀ କର୍ମଚାରୀ ଚାକିରି ସମୟରେ ୪ରୁ ୭ଟି ପଦୋନ୍ନତି ପାଉଛନ୍ତି। ହେଲେ ୪ବର୍ଗ ଯଥା ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏବଂ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକଙ୍କୁ ଅବହେଳା କରାଯାଉଛି। ଚାକିରି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଦବୀ ପରିବର୍ତ୍ତନ କରାଯାଉ ନାହିଁ ବୋଲି ସେମାନେ କହିଛନ୍ତି।

# ସ୍କୁଲ ମିଶ୍ରଣ ବିରୋଧ ଆନ୍ଦୋଳନ ସ୍ଥଗିତ

**ବୋଲଗଡ଼,୧୧।୧(ଡି.ଏନ.ଏ.)**

ବୋଲଗଡ ବ୍ଲକ ମଣ୍ଡଳସିଂହ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଦିଘିରି ଗ୍ରାମସ୍ଥିତ ବିଦ୍ୟାଧର ଉ.ପ୍ରା. ବିଦ୍ୟାଳୟରେ ମିଶାଇବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ବାତିଲ ଦାବିରେ ଗ୍ରାମବାସୀ ରାଜପଥ ଅବରୋଧ କରି ମଙ୍ଗଳବାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ସୋମବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ କନଫରେନ୍ସ ହଲରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ଦାବିକୁ ଜିଲାପାଳଙ୍କୁ ଅବଗତ କରାଯାଇ ୧୫ଦିନ ମଧ୍ୟରେ ନିଷ୍ପତ୍ତି ଜଣାଇ ଦିଆଯିବ ବୋଲି ପ୍ରଶାସନିକ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ୧୫ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରହିଥିଲା। ବୈଠକରେ ସରପଞ୍ଚ ବ୍ରଜ କିଶୋର ପାତ୍ରଙ୍କ ସମେତ କେତଜଣ ଗ୍ରାମବାସୀ, ବିଡିଓ ଧୋବେଇ ନାଏକ, ତହସିଲଦାର ମୋହନ ସାହୁ, ବ୍ଲକ ଶିକ୍ଷାଧିକାରୀ ବୈଦ୍ୟନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ବିରୋଧରେ ମେଳି ବାନ୍ଧିଲେ ଦଳୀୟ କର୍ମୀ

**ଖୋର୍ଦ୍ଧା ଅଫିସ,୧୧।୧**

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ବିରୋଧରେ ମେଳି ବାନ୍ଧିଛନ୍ତି ଶାସକ ଦଳ କର୍ମୀ। ବିଧାୟକଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରିଛନ୍ତି ଭେଟେଶ୍ୱର ପଞ୍ଚାୟତର ଶତାଧିକ ଗ୍ରାମବାସୀ। ମଙ୍ଗଳବାର ଭେଟେଶ୍ୱର ଗ୍ରାମ ଦୁଃଖୀଶ୍ୟାମ ମଠ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋଚିରାମ ଦଲାଇଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଯୋଗଦେଇ ବିଧାୟକଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରିଥିଲେ। ଏହି ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ବିଧାୟକ ଦଳୀୟ କର୍ମୀଙ୍କୁ ଅଣଦେଖା କରି ସ୍ଥାନୀୟ ଅନ୍ୟ ଦଳ ସରପଞ୍ଚଙ୍କୁ ହାତବାରିସି କରି ବିଭିନ୍ନ କାର୍ଯ୍ୟ କରୁଛନ୍ତି। ଦଳୀୟ କର୍ମୀଙ୍କୁ କୌଣସି କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉନାହିଁ। କୌଣସି ଦଳୀୟ କର୍ମୀ ଅସୁବିଧାରେ ପଡିଲେ ବିଧାୟକ ସହଯୋଗ କରୁନାହାନ୍ତି। ଆଗାମୀ ଦିନରେ ଦଳରୁ ସମୂହ ଇସ୍ତଫା ଦେବାକୁ ସ୍ଥିର କରିଥିବା ଜଣାପଡିଛି। ଏନେଇ ବିଧାୟକ ଜଗଦ୍ଦେବଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।


ଦୁଃଖୀଶ୍ୟାମ ମଠ ନିକଟରେ ଗ୍ରାମବାସୀ ଆଲୋଚନା କରୁଛନ୍ତି।

# ପାଠପଢ଼ା ସ୍ଥିତି ପରଖିଲେ ଗଣଶିକ୍ଷାମନ୍ତ୍ରୀ

**ଖୋର୍ଦ୍ଧା ଅଫିସ/ଯାଁଳା/ବେଗୁନିଆ, ୧୧।୧(ଡି.ଏନ୍.ଏ.)**

ରାଜ୍ୟ ସରକାର ଦୀର୍ଘ ୯ମାସ ପରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ କୋଭିଡ୍ କଟକଣାରେ ସ୍କୁଲ ଖୋଲିଛନ୍ତି। ପାଠପଢ଼ା କିପରି ଚାଲିଛି, ଏନେଇ ସୋମବାର ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଖୋର୍ଦ୍ଧାର ବିଭିନ୍ନ ବିଦ୍ୟାଳୟର ସ୍ଥିତି ପରଖିଛନ୍ତି। ପୂର୍ବାହ୍ନ ୧୧ଟାରେ ମନ୍ତ୍ରୀ ଦାଶ ସରକାରୀ ବାଳିକା ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷୟିତ୍ରୀ କମଳାରାଣୀ ଆଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ। ଦଶମରେ ୧୮୭ ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୮୭ଜଣ ଛାତ୍ରୀ ସ୍କୁଲକୁ ଆସୁଛନ୍ତି ବୋଲି ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। ପରେ ମନ୍ତ୍ରୀ ଦାଶ ଶ୍ରେଣୀଗୃହରେ ପିଲାଙ୍କ ସହ ଆଲୋଚନା କରିଥିଲେ। ପାଠପଢା ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲକୁ ଯାଇଥିଲେ। ପ୍ରଧାନଶିକ୍ଷକ ଏସ୍‌କେ ଗୋହର ଅଲ୍ଲୀଙ୍କ ସହ ପିଲାଙ୍କ ପାଠପଢ଼ା କିପରି ଚାଲିଛି ପଚାରି ବୁଝିଥିଲେ। ସେହିପରି ଯାଁଳା ପଞ୍ଚାୟତର କୃଷ୍ଣଚନ୍ଦ୍ର ବିଦ୍ୟାପୀଠକୁ ବିଇଓ ନିରୁପା ବେହେରାଙ୍କ ସହ ମନ୍ତ୍ରୀ ଦାଶ ଯାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ୍‌ମାଝିଙ୍କ ସହ ପିଲାଙ୍କ ପାଠପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ ବିଦ୍ୟାଳୟ ମନ୍ତ୍ରୀ ଦାଶ ପରିଦର୍ଶନ କରିଥିଲେ। ସ୍କୁଲର ଅର୍ଦ୍ଧନିର୍ମିତ ପାଚେରିକୁ ପୂର୍ଣ୍ଣାଙ୍ଗ କରିବା ଏବଂ ପରିସରରେ ଆବଶ୍ୟକ ଫୁଲ ଓ ଚାରାରୋପଣ ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ ୬୦ପ୍ରତିଶତ ଛାତ୍ରୀଛାତ୍ର ବର୍ତ୍ତମାନ ବିଦ୍ୟାଳୟକୁ ଆସୁଛନ୍ତି। ସ୍ୱାଭାବିକ ସ୍ଥିତିକୁ ଫେରିବା ଲାଗି ସମୟ ଲାଗିବ। ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଲେ, ଏକ ଆଦର୍ଶ ବିଦ୍ୟାଳୟ ଗଠନ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।


ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ପିଲାଙ୍କୁ ପାଠପଢ଼ା ସମ୍ପର୍କରେ ପଚାରି ବୁଝୁଛନ୍ତି।

### ବିଜେବିରେ ଯୁକ୍ତ ୨ ଖୋଲିବାକୁ ପ୍ରସ୍ତାବ

ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଜେବି ହାଇସ୍କୁଲ ପରିଦର୍ଶନ ସମୟରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ପହଞ୍ଚି ମନ୍ତ୍ରୀଙ୍କ ସହ ବିଦ୍ୟାଳୟ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟରେ ସର୍ବ ପୁରାତନ ଏହି ହାଇସ୍କୁଲରେ ଯୁକ୍ତ ୨ ଖୋଲିବା ଲାଗି ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏ ଦିଗରେ ମନ୍ତ୍ରୀ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ବିଧାୟକ ମିତ୍ର କହିଛନ୍ତି। ଯୁକ୍ତ ୨ ପାଠ୍ୟକ୍ରମ ଖୋଲିଲେ, ଏହାର ଗୌରବ ବୃଦ୍ଧି ପାଇବ ବୋଲି ପ୍ରଧାନଶିକ୍ଷକ ଏସ୍‌କେ ଗୋହର ଅଲ୍ଲି କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଅଜୟ


@ ବିଜୟଲକ୍ଷ୍ମୀ


@ ସୌଦାମିନୀ


@ ନିହାର


@ ସୁଜିତ୍


@ ମନୋରଞ୍ଜନ


@ ଆଶୁତୋଷ


@ ସୁଭେନ୍ଦ୍ର